# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୪/୨୦୨୨ (୧୬ ପୃଷ୍ଠା) | Bhubaneswar, Friday, June 24/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


# ଶିବସେନା ବିଭାଜନମୁହାଁ, ବିଦ୍ରୋହୀ ମଜଭୁତ

ମୁମ୍ବାଇ/ଗୁଆହାଟୀ/ନୂଆଦିଲ୍ଲୀ,୨୩।୬

ମହାରାଷ୍ଟ୍ର ରାଜନୀତି ଚଳଚଞ୍ଚଳ। ଶିବସେନାର ଅସନ୍ତୁଷ୍ଟ ନେତା ଏକନାଥ ସିନ୍ଦେଙ୍କ ବିଦ୍ରୋହ ଦିନକୁ ଦିନ ମଜଭୁତ ହେବାରେ ଲାଗିଛି। ଏଥିସହ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ପତନ ଆଡ଼କୁ ମୁହାଁଇଛି। ଇତିମଧ୍ୟରେ ସହଯୋଗୀ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ କଂଗ୍ରେସ ଉଦ୍ଧବଙ୍କ ପ୍ରତି ସମର୍ଥନ ଜାରି ରହିବ ବୋଲି ଘୋଷଣା କରିଛନ୍ତି। ତେବେ କ୍ଷମତା ରାଜନୀତିରେ ସଂଖ୍ୟାବଳର ସର୍ବାଧିକ ମହତ୍ତ୍ୱ ଥିବାରୁ ସିନ୍ଦେଙ୍କ ପଲା ଭାରି ରହିଛି। ସିନ୍ଦେ ଗୁଆହାଟୀରେ ଥିବା ତାଙ୍କ ଅନୁଗତ ବିଧାୟକମାନଙ୍କୁ ଧରି ନିଜକୁ ଶିବସେନାର ଏକ ଭିନ୍ନ ଗୋଷ୍ଠୀ ରୂପେ ସ୍ୱୀକୃତି ଦେବା ପାଇଁ ବିଧାନସଭା ବାଚସ୍ପତି ଓ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇପାରନ୍ତି। ଏପରି ହେଲେ ସିନ୍ଦେ ଗୋଷ୍ଠୀ ସମର୍ଥନରେ ମହାରାଷ୍ଟ୍ରରେ ଭାଜପା ପୁନର୍ବାର ସରକାର ଗଠନ କରିପାରେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କୁ ମୁଖ୍ୟମନ୍ତ୍ରୀ ଓ ସିନ୍ଦେଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇପାରେ ବୋଲି ଆଲୋଚନା ହେଉଛି।

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ଶିବସେନାର ୫୫ ସଦସ୍ୟ ରହିଛନ୍ତି। ଗୁଆହାଟୀ ହୋଟେଲରେ ବିଦ୍ରୋହୀ ନେତା ଏକନାଥ ସିନ୍ଦେଙ୍କ ସହ ମୋଟ ୪୪ ବିଧାୟକ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩୭ ଶିବସେନାର ହୋଇଥିବାବେଳେ ୭ ହେଉଛନ୍ତି

## ମହାରାଷ୍ଟ୍ର ସଙ୍କଟ


ଏକନାଥ ସିନ୍ଦେ


ଉଦ୍ଧବ ଠାକ୍‌ରେ

- ଗୁଆହାଟୀ ହୋଟେଲରେ ୪୪ ବିଧାୟକଙ୍କ ସହ ଏକନାଥ ସିନ୍ଦେଙ୍କ ଶକ୍ତି ପ୍ରଦର୍ଶନ
- ଗଣତନ୍ତ୍ର ଉପରେ ବୁଲ୍‌ଡୋଜର ଚଢ଼ାଯାଉଛି: ମମତା

ସ୍ୱାଧୀନ ବିଧାୟକ। ଦଳବଦଳ ନିରୋଧୀ ଆଇନ ବଳରେ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ସିନ୍ଦେଙ୍କୁ ୩୭ ଶିବସେନା ବିଧାୟକଙ୍କ ସମର୍ଥନ ଥିବାବେଳେ ଆବଶ୍ୟକ ସମର୍ଥନ ହାସଲ କରିଥିବା ତାଙ୍କ ଶିବିର ପକ୍ଷରୁ କୁହାଯାଇଛି। ଏଥିସହ ମୁମ୍ବାଇରୁ ଆଉ କେତେଜଣ ଶିବସେନା ବିଧାୟକଙ୍କୁ ମଧ୍ୟ ଗୁଆହାଟୀକୁ ନେବା ପାଇଁ ଉଦ୍ୟମ ଚାଲିଥିବା ଜଣାପଡ଼ିଛି। କେବଳ ବିଧାୟକ ନୁହନ୍ତି, ଶିବସେନାର ୪୦୦ରୁ ଊର୍ଦ୍ଧ୍ୱ ପୂର୍ବତନ କର୍ପୋରେଟର ଓ କେତେଜଣ ଏମ୍‌ପି ମଧ୍ୟ ସିନ୍ଦେଙ୍କୁ ସମର୍ଥନ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ସିନ୍ଦେଙ୍କ ପୁଅ ତଥା ଲୋକ ସଭା ସଦସ୍ୟ ☞ପୃଷ୍ଠା-୪

## ୧୨ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ଦାବି କଲା ଶିବସେନା

ମୁମ୍ବାଇ,୨୩।୬

ଯେଉଁ ବିଦ୍ରୋହୀ ବିଧାୟକମାନଙ୍କୁ ଯୋଗୁ ମହା ବିକାଶ ଅଘାଡ଼ି ସରକାର ପତନ ଆଡ଼କୁ ଗତି କରୁଛି, ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଶିବସେନା ଦାବି କରିଛି। ଶିବସେନାର ନବନିଯୁକ୍ତ ବିଧାୟକ ଦଳ ନେତା ଅଜୟ ଚୌଧରୀ ଗୁରୁବାର ମହାରାଷ୍ଟ୍ର ବିଧାନସଭା ଉପବାଚସ୍ପତି ନରହରି ଝିରୱାଲଙ୍କୁ ଭେଟି ବିଦ୍ରୋହୀ ନେତା ଏକନାଥ ସିନ୍ଦେଙ୍କ ଶିବରରେ ଥିବା ୧୨ ବିଧାୟକଙ୍କ ସଦସ୍ୟତା ରଦ୍ଦ ପାଇଁ ଆବେଦନ କରିଛନ୍ତି। ଏନେଇ ଶିବସେନା ଏମ୍‌ପି ଅରବିନ୍ଦ ସାୱନ୍ତ କହିଛନ୍ତି, ଆମେ ଜୁନ୍ ୨୨ରେ ଦୁଇଟି ବୈଠକ ଡାକିଥିଲୁ। ବୈଠକରେ ଉପସ୍ଥିତ ରହିବା ପାଇଁ ସୁନୀଲ ପ୍ରଭୁ ହୁଇପ୍ ଜାରି କରିଥିଲେ। ଅନୁପସ୍ଥିତ ରହିଥିବା ବିଧାୟକମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। କେତେଜଣ ମିଛ ସ୍ପଷ୍ଟୀକରଣ ଦେଇଥିଲେ। ତେଣୁ ସେମାନଙ୍କ ସଦସ୍ୟତା ରଦ୍ଦ ପାଇଁ ଉପବାଚସ୍ପତିଙ୍କୁ ଅନୁରୋଧ କରିଛୁ।

## ପାଣିଭର୍ତ୍ତି ଗାତରେ ବୁଡ଼ି ୪ ଶିଶୁ ମୃତ

- ଭାରତମାଳା ଯୋଜନାରେ ଖୋଳାଯାଇଥିଲା
- ଗାଧୋଇବା ବେଳେ ଜଣକ ପରେ ଜଣେ ବୁଡ଼ିଗଲେ

କୋରାପୁଟ/ଦଶମନ୍ତପୁର,୨୩।୬(ସ୍ୱ.ପ୍ର./ଡି.ଏନ.ଏ.): କୋରାପୁଟ ସଦର ଥାନା ଅନ୍ତର୍ଗତ ମାଝିଗୁଡ଼ା ଗ୍ରାମ ନିକଟରେ ଗୁରୁବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ରାସ୍ତାକଡ଼ରେ ଖୋଳାଯାଇଥିବା ଗାତରେ ପଡ଼ି ୪ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୩ ଜଣ ନାବାଳିକା ଏବଂ ଜଣେ ନାବାଳକ ରହିଛନ୍ତି। ମୃତ ଶିଶୁମାନେ ହେଲେ ସମରା ଶୁକିଙ୍କ ଝିଅ ବିମଳା ଶୁକି (୬), ରାଇତା ଶୁକି (୪), ରବି ହନ୍ତାଳଙ୍କ ପୁଅ ମଧୁସୂଦନ ହନ୍ତାଳ (୬), ସୁନିଆ ଅନ୍ତରଙ୍କ ଝିଅ ପୂର୍ଣ୍ଣି ଅନ୍ତରା। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଦଶମନ୍ତପୁର ବ୍ଲକ ଅଧୀନ ମାଝିଗୁଡ଼ା ଗ୍ରାମ ନିକଟରେ ଭାରତମାଳା ଯୋଜନାରେ ରାସ୍ତାରେ ବିରାଟକାୟ ଗାତ ଖୋଳାଯାଇଥିଲା। ବର୍ଷା ହେବାରୁ ଉକ୍ତ ଗାତରେ ପୋଖରୀ ସଦୃଶ ପାଣି ଜମି ରହିଥିଲା। ସମ୍ପୃକ୍ତ ୪ ଶିଶୁ ଅପରାହ୍ନରେ ସେଠାକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଜଣକ ପରେ ଜଣେ ପାଣିରେ ବୁଡ଼ିଯାଇଥିଲେ। ସୂଚନା ପାଇ ଗ୍ରାମବାସୀ ଏବଂ କୋରାପୁଟ ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତଙ୍କୁ ପାଣିରୁ ବାହାର କରିଥିଲେ। ସମସ୍ତଙ୍କୁ ସ୍ଥାନୀୟ ମେଡିକାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ କେତେଜଣ ଗ୍ରାମବାସୀ କୁହନ୍ତି, ଗାଁ ଦେଇ ଯାଉଥିବା ଭାରତମାଳା ରାସ୍ତା କାର୍ଯ୍ୟ ଲାଗି ଗାତ ଖୋଳାଯାଇଥିଲା। ଡାଇଭର୍ସନ ପାଇଁ ବିକଳ୍ପ ରାସ୍ତା ନ ଥିଲା। ବୁଧବାର ପ୍ରବଳ ବର୍ଷା ହୋଇ ଗାତରେ ପାଣି ଜମିରହି ପୋଖରୀ ସଦୃଶ ହୋଇଛି। ପିଲାମାନେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସଙ୍କଟଗ୍ରସ୍ତ ଶିଶୁ ଓ ଶିକ୍ଷା**








ନୂଆଦିଲ୍ଲୀରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରୁଛନ୍ତି ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ।

# ଆଜି ନାମାଙ୍କନ କରିବେ ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

**ରାଷ୍ଟ୍ରପତି ନିର୍ବାଚନ**

**ପ୍ରସ୍ତାବକ ହେଲେ ୨ ବିଜେଡି ମନ୍ତ୍ରୀ**

ଏନ୍‌ଡିଏ ତରଫରୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ନାମାଙ୍କନ ଦାଖଲ କରିବେ। ଗୁରୁବାର ବିଜେଡିର ୨ କ୍ୟାବିନେଟ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଟୁକୁନି ସାହୁ ନାମାଙ୍କନ ପତ୍ରରେ ପ୍ରସ୍ତାବକ ଭାବେ ସ୍ୱାକ୍ଷର କରିଛନ୍ତି। ଶୁକ୍ରବାର ନାମାଙ୍କନପତ୍ର ଦାଖଲ ସମୟରେ ବିଜେଡିର ଏହି ୨ କ୍ୟାବିନେଟ ମନ୍ତ୍ରୀ ଉପସ୍ଥିତ ରହିବେ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ଆସନ୍ତାକାଲି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପଦ ପାଇଁ ନାମାଙ୍କନ ଦାଖଲ କରିବେ। ଏ ନେଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ମୋ' ସହ କଥା ହୋଇଛନ୍ତି। ଏହି ସମୟରେ ବିଜେଡି ତରଫରୁ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଟୁକୁନି ସାହୁ ଉପସ୍ଥିତ ରହିବେ। ଉଭୟ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ସେଠାରେ ସେମାନେ ନାମାଙ୍କନପତ୍ରରେ ସ୍ୱାକ୍ଷର କରିବା ସହ ଆସନ୍ତାକାଲି ଦିଲ୍ଲୀରେ ଉପସ୍ଥିତ ରହିବେ।

ସୂଚନାଯୋଗ୍ୟ, ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବା ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ସବୁ ଦଳକୁ ଟୁଇଟ କରି ଅପିଲ କରିଥିଲେ। ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ସର୍ବସମ୍ମତି କ୍ରମେ ମୁର୍ମୁଙ୍କୁ ସମର୍ଥନ କରିବାକୁ ସେ କହିଛନ୍ତି।

# ଥାନା ପରିସରରେ ଦେହରେ ନିଆଁ ଲଗାଇଦେଲେ

କଟକ ସଦର ୨୩।୬(ଡି.ଏନ୍.ଏ.)

- ପୋଲିସ ଉପରୁ ଭରସା ନ ପାଇ ଚରମ ପଦକ୍ଷେପ
- ଜମିବାଡ଼ି ବିବାଦକୁ ନେଇ ଥାନାରେ ହୋଇଥିଲା ଅଭିଯୋଗ
- ଶରୀରର ୯୦ରୁ ଊର୍ଦ୍ଧ୍ୱ ଭାଗ ପୋଡ଼ିଯାଇଛି
- ପୁତୁରା ସାଗର ଗିରଫ

ପୁଣି ସନ୍ଦେହ ଘେରକୁ ଆସିଛି ପୋଲିସର କାର୍ଯ୍ୟ। ନ୍ୟାୟ ପାଇବାକୁ ଥାନାକୁ ଆସୁଥିବା ଲୋକେ ଯେପରି ନିରାଶ ହୋଇ ନ ଫେରିବେ ସେଥିପାଇଁ ପୋଲିସ ବ୍ୟବସ୍ଥାକୁ ୫-ଟି ଅନ୍ତର୍ଭୁକ୍ତ କରାଯାଇଛି। ହେଲେ କିଛି କିଛି କାର୍ଯ୍ୟ ପୋଲିସର ଛବି ମଳିନ କରୁଛି। ଯାହାକି ଗୁରୁବାର କଟକ ଜିଲା କିଶନନଗର ଥାନା ପରିସରରେ ଘଟିଥିବା ଏକ ଅଭାବନୀୟ ଘଟଣାରୁ ସ୍ପଷ୍ଟ ହେଉଛି। ଜମିବାଡ଼ି ବିବାଦକୁ ନେଇ ଥାନାରେ ଅଭିଯୋଗ କରିଥିବା ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ପୋଲିସ ନିକଟରୁ ନ୍ୟାୟ ନ ପାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଥାନା ପରିସରରେ



ଗୁରୁବାର ପୂର୍ବାହ୍ନ ୧୧ଟାରେ ଗୁଣନିଧି ବିଶୋୟୀ ନାମକ ଜଣେ ବ୍ୟକ୍ତି ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଥାନା କର୍ମଚାରୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ☞ପୃଷ୍ଠା-୪




# ପାଶ୍ୱାନଙ୍କ ବଙ୍ଗଳାରେ ରହିବେ କୋବିନ୍ଦ

ନୂଆଦିଲ୍ଲୀ,୨୩।୬

ଆଉ ଦିନ କେଇଟା ବାକି ରହିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅବସର ନେବେ। ଦେଶର ପ୍ରଥମ ନାଗରିକରୁ ସାଧାରଣ ନାଗରିକ ପାଲଟିବା ପରେ କୋବିନ୍ଦଙ୍କୁ ରାଇସିନା ହିଲ୍ ଛାଡ଼ିବାକୁ ପଡ଼ିବ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଦେଶର ଏହି ସର୍ବୋଚ୍ଚ ସାମ୍ବିଧାନିକ ପଦ ପାଇଁ ହେବାକୁ ଥିବା ନିର୍ବାଚନରେ ବିଜୟୀ ହେବା ପରେ ରାଷ୍ଟ୍ରପତି ଭବନରେ ରହିବେ। ତେଣୁ କୋବିନ୍ଦଙ୍କ ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ରାମବିଳାସ ପାଶ୍ୱାନ ପୂର୍ବରୁ ରହୁଥିବା ବଙ୍ଗଳାରେ ବ୍ୟବସ୍ଥା କରାଯାଇଛି।

ରାଜନୈତିକ ପାଣିପାଗ ବିଶେଷଜ୍ଞ ରୂପେ ପରିଚିତ ରାମବିଳାସ ପାଶ୍ୱାନ ଉଭୟ ଏନ୍‌ଡିଏ ଏବଂ ପୂର୍ବରୁ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଅମଳରେ ମନ୍ତ୍ରୀ ଥିଲେ। ଏହି ସମୟରେ ସେ ୩ ଦଶନ୍ଧି ଧରି ନୂଆଦିଲ୍ଲୀର ୧୨ ଜନପଥ ବଙ୍ଗଳାରେ ରହୁଥିଲେ। ୨୦୨୦ ଅକ୍ଟୋବରରେ ୭୪ ବର୍ଷୀୟ ଦଳିତ ନେତା ପାଶ୍ୱାନଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଚିରାଗ ପାଶ୍ୱାନଙ୍କ ଦଖଲରେ ସେହି ବଙ୍ଗଳା ରହିଥିଲା। ସେଠାରେ ସେ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ର ଦଳୀୟ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ। ଦାଦା ପଶୁପତି କୁମାର ପାରସଙ୍କ ସହ ମତଭେଦ ପରେ ଏଲ୍‌ଏଜପିରେ ବିଭାଜନ ହୋଇଥିଲା। ବାରମ୍ବାର ନୋଟିସ କରାଯିବା ପରେ ଗତ ଏପ୍ରିଲରେ ଚିରାଗ ଉକ୍ତ ବଙ୍ଗଳା ଖାଲି କରିଥିଲେ। ଲୁଟିଏନ୍ସ ଦିଲ୍ଲୀର ବଡ଼ ବଙ୍ଗଳାଗୁଡ଼ିକ ମଧ୍ୟରୁ ଅନ୍ୟତମ ଏହି ଘର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ବୈଷ୍ଣବଙ୍କୁ ପୃଥ୍ୱୀରାଜ ରୋଡ୍‌ରେ ଏକ ବଙ୍ଗଳା ଦିଆଗଲା, ଯେଉଁଠି ସେ ଏବେ ରହୁଛନ୍ତି। ରାଷ୍ଟ୍ରପତି କୋବିନ୍ଦଙ୍କ କାର୍ଯ୍ୟକାଳ ଜୁଲାଇ ୨୪ରେ ଶେଷ ହେବ। ଅବସର ନେବା ପରେ କୋବିନ୍ଦ ସେହି ବଙ୍ଗଳାରେ ରହିବେ। ରହଣି ପାଇଁ ସେଠାରେ ବ୍ୟବସ୍ଥା କରାଯାଉଥିବାବେଳେ କୋବିନ୍ଦଙ୍କ ଝିଅ ଉକ୍ତ ବଙ୍ଗଳାକୁ ପରିଦର୍ଶନରେ ଯାଇଥିଲେ।


ରାଷ୍ଟ୍ରପତି ରାମନାଥ କୋବିନ୍ଦ




# ଦ୍ରୌପଦୀଙ୍କୁ ସମର୍ଥନ ଦେବନି କଂଗ୍ରେସ: ନରସିଂହ

ଭୁବନେଶ୍ୱର/ବଲାଙ୍ଗୀର ଅଫିସ, ୨୩।୬(ବ୍ୟୁରୋ)

ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ଯାହାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମର୍ଥନ କରିସାରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ୨ ମନ୍ତ୍ରୀ ଟୁକୁନି ସାହୁ ଏବଂ ଜଗନ୍ନାଥ ସାରକାଙ୍କୁ ମଧ୍ୟ ଦ୍ରୌପଦୀଙ୍କ ପ୍ରାର୍ଥୀପତ୍ର ଦାଖଲ ସମୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ମିଳିବା ପରେ ସେମାନେ ଦିଲ୍ଲୀ ଗସ୍ତ କରିଛନ୍ତି। ଏ ବାବଦରେ ରାଜ୍ୟ କଂଗ୍ରେସ କୌଣସି ନିଷ୍ପତ୍ତି ସ୍ପଷ୍ଟ ଭାବେ ନେଇପାରି ନ ଥିଲା। ଯେହେତୁ ଦ୍ରୌପଦୀ ଓଡ଼ିଆ ଝିଅ ତେଣୁ ଏହାକୁ ନେଇ ରାଜ୍ୟ କଂଗ୍ରେସ ମଧ୍ୟ ଦ୍ୱନ୍ଦ୍ୱରେ ରହିବା ସ୍ୱାଭାବିକ କଥା। ହେଲେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ଗୁରୁବାର ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରିଛି। ଦ୍ରୌପଦୀ ମୁର୍ମୁଙ୍କୁ କଂଗ୍ରେସ ସମର୍ଥନ ଦେବ ନାହିଁ ବୋଲି କଂଗ୍ରେସ ଘୋଷଣା କରିଛି।

କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ର କହିଛନ୍ତି, ଦ୍ରୌପଦୀ ମୁର୍ମୁ ଜଣେ ଭଲ ମଣିଷ ଓ ଭଲ ବିଧାୟିକା। ତାଙ୍କୁ ସେ ବ୍ୟକ୍ତିଗତ ଭାବେ ଜାଣନ୍ତି ଏବଂ ଉଭୟଙ୍କ ମଧ୍ୟରେ ସମ୍ପର୍କ ବହୁତ ଭଲ। ହେଲେ ଭାଜପା ନୀତି ଆଦର୍ଶରେ ବିଶ୍ୱାସ କରୁଥିବାରୁ କଂଗ୍ରେସ ତାଙ୍କୁ ସମର୍ଥନ ଦେବ ନାହିଁ। ତାଙ୍କ ପ୍ରାର୍ଥୀତ୍ୱ ଘୋଷଣା ହେବା ପୂର୍ବରୁ ବିରୋଧୀ ନିଜ ପ୍ରାର୍ଥୀ ଚୂଡ଼ାନ୍ତ କରିସାରିଛି। ଜଣଙ୍କୁ ପ୍ରାର୍ଥୀ ଭାବେ ଛିଡ଼ା କରିବା ପରେ ଅନ୍ୟ ଜଣଙ୍କୁ ସମର୍ଥନ କରିବା ଠିକ୍ କଥା ନୁହେଁ ବୋଲି ନରସିଂହ କହିଛନ୍ତି। ଅନ୍ୟପଟେ ଦ୍ରୌପଦୀଙ୍କୁ ସମର୍ଥନ ଲାଗି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଆମନ୍ତ୍ରଣକୁ ନରସିଂହ କଟାକ୍ଷ କରି କହିଛନ୍ତି, ଯଦି ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଆ ପ୍ରୀତି ଅଛି ବୋଲି କହୁଛନ୍ତି ତେବେ ଜଣେ ଅଣଓଡ଼ିଆଙ୍କୁ କାହିଁକି ରାଜ୍ୟ ସଭା ପଠାଇଛନ୍ତି। ରାଜ୍ୟରେ ଓଡ଼ିଆ ପ୍ରାର୍ଥୀ ନ ଥିଲେ କି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି।


ନରସିଂହ ମିଶ୍ର

# ଗୋପାଳପୁର ବିଜେଡି ବିଧାୟକ ଅଛି: ପ୍ରଦୀପ

■ ବିଧାନସଭା ଟ୍ରେଜେରି ବେଞ୍ଚର ୨୬ନଂ. ସିଟ୍ ରହିଛି
■ ୱେବ୍‌ସାଇଟ ତଥ୍ୟରେ ଦର୍ଶାଯାଇଛି

ବ୍ରହ୍ମପୁର ଅଫିସ/ଗୋପାଳପୁର,୨୩।୬

ଦଳରୁ ବହିଷ୍କୃତ ବିଷୟ ଗଣମାଧ୍ୟମରେ ପ୍ରସାରଣ ହୋଇଛି ଓ ନିଜେ ଶୁଣିଛି। ତେବେ ଏବେ ମଧ୍ୟ ମୁଁ ବିଜେଡିର ବିଧାୟକ ଅଛି। ବିଧାନସଭା ୱେବ୍‌ସାଇଟରେ ଶାସକ ଦଳ ତଥା ଟ୍ରେଜେରି ବେଞ୍ଚରେ ୨୬ନଂ. ସିଟ୍ ମୋ ପାଇଁ ଉଦ୍ଦିଷ୍ଟ ଅଛି। ଏହା କହିଛନ୍ତି, ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ। ଦୀର୍ଘଦିନ ପରେ ସେ ନିଜ ନିର୍ବାଚନମଣ୍ଡଳୀର ସିନ୍ଧିଗାଁକୁ ଗୁରୁବାର ଆସି ନୂତନ ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଦୀପ କହିଥିଲେ ଯେ, ବିଭିନ୍ନ କାରଣରୁ ସେ ନିର୍ବାଚନମଣ୍ଡଳୀକୁ ଆସିପାରି ନ ଥିଲେ। ବିଶେଷ କରି ବ୍ଲକ, ଏନ୍‌ଏସି ଓ ଅନ୍ୟ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ତାଙ୍କୁ ଅବଗତ କରାଯାଉ ନାହିଁ। ତେବେ ଏଣିକି ରୀତିମତ ନିର୍ବାଚନ ମଣ୍ଡଳୀ ଆସିବାକୁ ପାଣିଗ୍ରାହୀ ସ୍ପଷ୍ଟ କରିଛନ୍ତି।


ବିଧାୟକ ପ୍ରଦୀପ ପାଣିଗ୍ରାହୀ

## ‘ପ୍ରଦୀପ ବିଜେଡିରେ ନାହାନ୍ତି’

### ରଙ୍ଗେଇଲୁଣ୍ଡା ବ୍ଲକ ବିଜେଡି ସଭାପତିଙ୍କ ପ୍ରତିକ୍ରିୟା

ଗୋପାଳପୁର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ହଠାତ୍ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା। ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ବ୍ଲକ ସଭାପତି ଅଜିତ ଦାସ ନିଜ ବିବୃତିରେ ଗୋପାଳପୁର ବିଧାୟକ ଆସି ଯେଉଁ ବିବୃତି ଦେଇଛନ୍ତି ସେ ମାନସିକ ଭାରସାମ୍ୟ ହରାଇଛନ୍ତି। ଗୋପାଳପୁର ଶାନ୍ତ ବାତାବରଣକୁ ଭଙ୍ଗ କରିବା ନିମନ୍ତେ ବକ୍ତବ୍ୟ ଦେଇଥିଲେ। ସେ ବିଜେଡିରେ ନାହାନ୍ତି କି କୌଣସି କାର୍ଯ୍ୟରେ ଯୋଗଦେଉ ନାହାନ୍ତି। ବିଜେଡିରେ ସଦସ୍ୟତା କିମ୍ବା ସଦସ୍ୟ ଅଛନ୍ତି କୌଣସି ଚିଠି ଥିଲେ ଗଣମାଧ୍ୟମକୁ ପ୍ରଦାନ କରନ୍ତୁ। ଯଦି ତାଙ୍କର ୨୬ ନମ୍ବର ସିଟ୍ ତେବେ ସେ ସେଠାରେ କାହିଁକି ବସୁନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ବ୍ଲକ ଓ ଏନ୍‌ଏସି ବୈଠକରେ ବିଧାୟକଙ୍କୁ ଡକା ଯାଉନଥିବା ଅଧ୍ୟକ୍ଷଙ୍କର ଇଚ୍ଛାଧୀନ ବୋଲି ସେ କହିଥିଲେ। ଏଥି ସହ ଗତ ୨ ବର୍ଷ ହେଲା ବିଧାୟକ ନିର୍ବାଚନ ମଣ୍ଡଳୀକୁ ଆସୁନାହାନ୍ତି, ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଅଛନ୍ତି। ବହିଷ୍କାର ହୋଇଥିବା ବିଧାୟକଙ୍କର କାର୍ଯ୍ୟକ୍ରମରେ ଜନ ପ୍ରତିନିଧିମାନେ ନ ଯିବା ପାଇଁ କୁହାଯାଇଛି। ଯଦି ଯିବେ ତ ଦଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାସ ଖବରଦାତାଙ୍କ ଆଗରେ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଉପସଭାନେତ୍ରୀ ଏସ୍.ରାଜେଶ୍ୱରୀ ଦୋରା, ୫୪ ନମ୍ବର ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ୫୫ ନମ୍ବର ଜିଲା ପରିଷଦ ସଭ୍ୟ ତଅପୋଇ ଦାସ, ଅଧ୍ୟକ୍ଷଙ୍କ ପ୍ରତିନିଧି ସି.ଏଚ୍. ନରେଶ, ଉପାଧ୍ୟକ୍ଷଙ୍କ ପ୍ରତିନିଧି ଓ ବ୍ଲକ ଯୁବ ସଭାପତି ବିନୋଦ ମହାଙ୍କୁଡ଼, ଛାତ୍ର ସଭାପତି ମିଳେନ୍ଦ୍ର ପ୍ରଧାନ, ଡି.ଶୋଭା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ନାମାଙ୍କନ ସମୟରେ ରହିବେ ଓଡ଼ିଶାର ୯ ଭାଜପା ବିଧାୟକ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ମୁର୍ମୁଙ୍କ ପ୍ରାର୍ଥୀତ୍ୱକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସମର୍ଥନ କରିସାରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ୨ ମନ୍ତ୍ରୀ ଟୁକୁନି ସାହୁ ଏବଂ ଜଗନ୍ନାଥ ସାରକାଙ୍କୁ ମଧ୍ୟ ଦ୍ରୌପଦୀଙ୍କ ପ୍ରାର୍ଥୀପତ୍ର ଦାଖଲ ସମୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ମିଳିବାପରେ ସେମାନେ ଦିଲ୍ଲୀ ଗସ୍ତ କରିଛନ୍ତି। ସେହିପରି ଭାଜପାର ୯ ଜଣ ବିଧାୟକ ମଧ୍ୟ ଏହି ଅବସରରେ ଦିଲ୍ଲୀ ଗସ୍ତ କରିଛନ୍ତି। ତେବେ ନାମାଙ୍କନ ସମୟରେ ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଆଉ କେତେଜଣ ଏମ୍‌ପି ରହିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଦିଲ୍ଲୀରେ ରହୁଥିବା ଓଡ଼ିଶାର କେତେଜଣ ପରିଚିତ ଚେହେରାଙ୍କୁ ମଧ୍ୟ ଏହି ସମୟରେ ଉପସ୍ଥିତ ରହିବାକୁ କୁହାଯାଇଥିବା ଆଲୋଚନା ହେଉଛି।



ଶିବସେନାର ବିଦ୍ରୋହୀ ନେତା ଏକନାଥ ସିନ୍ଧେଙ୍କ ସମର୍ଥକମାନେ ଠାଣେ ହନୁମାନ ମନ୍ଦିର ପାର୍ଟି ଅଫିସ୍‌ରୁ ଶୋଭାଯାତ୍ରାରେ ବାହାରିଛନ୍ତି। ସେମାନେ ଧରିଥିବା ବ୍ୟାନରରେ ସିନ୍ଧେଙ୍କ ସହ ତାଙ୍କ ରାଜନୈତିକ ଗୁରୁ ଧର୍ମବୀର ଆନନ୍ଦ ଦିଘେ ଓ ଦଳର ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ଫଟୋ ରହିଛି। ସେଥିରୁ ଉଦ୍ଧବ ଓ ତାଙ୍କ ପୁଅ ଆଦିତ୍ୟ ଠାକ୍‌ରେଙ୍କୁ ବାଦ୍ ଦିଆଯାଇଛି।

# ପନିରସେଲଭାମ୍‌ଙ୍କୁ ବୋତଲ ଫିଙ୍ଗିଲେ

## ସମର୍ଥକଙ୍କ ସହ ଏଆଇଏଡିଏମ୍‌କେ କୋର୍ଡିନେଟରଙ୍କ କକ୍ଷତ୍ୟାଗ

ଚେନ୍ନାଇ,୨୩।୬

ଚେନ୍ନାଇ ଉପକଣ୍ଠ ବନଗରାମଠାରେ ଗୁରୁବାର ଏଆଇଏଡିଏମ୍‌କେ ସାଧାରଣ ପରିଷଦ ବୈଠକରେ ଉତ୍ତେଜନା ଦେଖାଦେଇଛି। ଦଳର କୋର୍ଡିନେଟର ଓ. ପନିରସେଲଭାମ (ଓପିଏସ୍) ଏବଂ ତାଙ୍କର କେତେଜଣସମର୍ଥକବୈଠକଅଧାରୁପଳାଇଯାଇଛନ୍ତି। କକ୍ଷତ୍ୟାଗ ବେଳେ ସେମାନଙ୍କ ଉପରକୁ ପାଣି ବୋତଲ ଫିଙ୍ଗାଯିବା ସହ ସେମାନଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା। ଦଳରେ ପନିରସେଲଭାମ ଏବଂ ଯୁଗ୍ମ କୋର୍ଡିନେଟର ଇ.କେ. ପାଲାନିସ୍ୱାମୀଙ୍କ ମଧ୍ୟରେ କ୍ଷମତା କନ୍ଦଳ ଲାଗିରହିଥିବାବେଳେ ସାଧାରଣ ପରିଷଦ ବୈଠକରେ ଏକକ ନେତୃତ୍ୱ ଉପରେ ସଦସ୍ୟମାନେ ଦାବି ଉଠାଇବାରୁ ୨୩ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇପାରି ନ ଥିଲା। ଦଳର ପ୍ରେସିଡିୟମ ଅଧ୍ୟକ୍ଷ ତାମିଲମଗାନ ହୁସେନ୍ ପରବର୍ତ୍ତୀ ସାଧାରଣ ପରିଷଦ ବୈଠକ ଜୁଲାଇ ୧୧ରେ ହେବ ବୋଲି ଘୋଷଣା କରିଛନ୍ତି।

ବୈଠକ ଆରମ୍ଭ ହେବାର ୪୦ ମିନିଟ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଯାଇଥିଲା। ସମର୍ଥକମାନେ ପାଲାନିସ୍ୱାମୀଙ୍କୁ ଏକ ମୁକୁଟ ଓ ଖଣ୍ଡା ଦ୍ୱାରା ସମ୍ମାନିତ କରିବା ସହ ତାଙ୍କ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ଏଥିରେ ଅପମାନିତ ଅନୁଭବ କରି ଓପିଏସ୍, ଉପସମ୍ପାଦକ ଆର୍. ବୈଥିଲିଙ୍ଗମ୍‌ଙ୍କ ସମେତ ସେମାନଙ୍କ ସମର୍ଥକମାନେ ବୈଠକ ଅଧାରୁ ଚାଲିଯାଇଥିଲେ।


ପନିରସେଲଭାମ

# ଜାତୀୟ ଦଳ ଭରସା ଦେଇଛି: ସିନ୍ଧେ


ଗୁଆହାଟୀର ରେଡିସିଅନ୍ ବ୍ଲୁ ହୋଟେଲରେ ଏକନାଥ ସିନ୍ଧେ ଚେସ୍ ଖେଳୁଛନ୍ତି।

## ଆସ୍ଥାଭୋଟ କହିବ କାହାର କେତେ ବଳ: ପାୱାର



ଶିବସେନା ବିଦ୍ରୋହୀ ଏକନାଥ ସିନ୍ଧେଙ୍କ ଯୋଗୁ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିବାବେଳେ ଏନ୍‌ସିପି ମୁଖ୍ୟ ଶରଦ ପାୱାର କହିଛନ୍ତି, ମହା ବିକାଶ ଅଘାଡ଼ି ସପକ୍ଷରେ ଏବେ ବି ସଂଖ୍ୟାଗରିଷ୍ଠତା ରହିଛି। କାହା ସପକ୍ଷରେ କେତେ ବିଧାୟକଙ୍କ ସମର୍ଥନ ଅଛି ତାହା ବିଧାନସଭାରେ ଆସ୍ଥାଭୋଟ କରାଗଲେ ସ୍ପଷ୍ଟ ହୋଇଯିବ। ଶିବସେନା ବିଧାୟକମାନଙ୍କୁ ଗୁଜରାଟରୁ ଆସାମ (ଉଭୟ ରାଜ୍ୟ ଭାଜପା ଶାସିତ)କୁ ନିଆଯାଇଛି। ସେମାନଙ୍କୁ କିଏ ନେଇଛନ୍ତି ତାଙ୍କ ନାମ ମୁଁ ପ୍ରକାଶ କରିବାକୁ ଚାହୁଁନାହିଁ ବୋଲି ପାୱାର କହିଛନ୍ତି।

## ମୋତେ କିଛି ଜଣାନାହିଁ: ବିଶ୍ୱଶର୍ମା



ଶିବସେନାର ବିଦ୍ରୋହୀ ବିଧାୟକମାନଙ୍କୁ ଗୁଆହାଟୀର ଏକ ପଞ୍ଚତାରକା ହୋଟେଲରେ ରଖାଯାଇଥିବା ବିଷୟରେ ଦେଶବାସୀ ଅବଗତ। କିନ୍ତୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏନେଇ କିଛି ଜାଣି ନ ଥିବା କହିଛନ୍ତି। ହିମନ୍ତ କହିଛନ୍ତି, ମହାରାଷ୍ଟ୍ରରେ ଚାଲିଥିବା ରାଜନୈତିକ ଉଠାପକା ସମ୍ପର୍କରେ ସେ କିଛି ଜାଣିନାହାନ୍ତି। ଆସାମରେ ଅନେକ ଭଲ ହୋଟେଲ ଅଛି। କିନ୍ତୁ କୌଣସି ହୋଟେଲରେ ମହାରାଷ୍ଟ୍ରର ବିଧାୟକମାନେ ରହୁଥିବା ନେଇ ସେ କିଛି ଜାଣିନାହାନ୍ତି। ଅନ୍ୟ ରାଜ୍ୟର ବିଧାୟକମାନେ ମଧ୍ୟ ଆସି ରହିପାରିବେ ବୋଲି ବିଶ୍ୱଶର୍ମା କହିଛନ୍ତି।

ମୁମ୍ବାଇ/ଗୁଆହାଟୀ,୨୩।୬

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ସବୁଠୁ ବଡ଼ ଚ୍ୟାଲେଞ୍ଜର ସାଜିଥିବା ଶିବସେନାର ବିଦ୍ରୋହୀ ନେତା ଏକନାଥ ସିନ୍ଧେ ଭାଜପା ଶାସିତ ଆସାମ ରାଜଧାନୀ ଗୁଆହାଟୀର ରେଡିସିଅନ୍ ବ୍ଲୁ ହୋଟେଲରେ ଅବସ୍ଥାନ କରୁଛନ୍ତି। ତାଙ୍କ ସହ ଶିବସେନାର ଅଧିକାଂଶ ବିଧାୟକ ଅଛନ୍ତି। ସିନ୍ଧେ ସେମାନଙ୍କୁ ବୁଝାଉଛନ୍ତି ଯେ, ଏକ ଜାତୀୟ ଦଳ (ମହାଶକ୍ତି) ତାଙ୍କ ବିଦ୍ରୋହକୁ ଐତିହାସିକ ବୋଲି ଅଭିହିତ କରିବା ସହ ସବୁ ପ୍ରକାର ସାହାଯ୍ୟ କରିବାକୁ ଭରସା ଦେଇଛି। ଶିବସେନାର ବିଦ୍ରୋହୀ ବିଧାୟକମାନଙ୍କୁ ସିନ୍ଧେ ଏହି ବିଷୟ ବୁଝାଉଥିବା ବେଳର ଭିଡିଓ ମୁମ୍ବାଇସ୍ଥିତ ତାଙ୍କ ବାସଭବନରୁ ଜାରି ହୋଇଛି। ଭିଡିଓରେ ସିନ୍ଧେ ଆହୁରି କହିଛନ୍ତି, ମିଳିମିଶି ରହିଲେ ଆମର ବିଜୟ ସୁନିଶ୍ଚିତ। ସର୍ବସମ୍ମତିକ୍ରମେ ଆଗକୁ ନିଷ୍ପତ୍ତି ନେବା। ପ୍ରକାଶ ଯେ, ସିନ୍ଧେଙ୍କ ଶିବିରରେ ୩୭ ଶିବସେନା ବିଦ୍ରୋହୀଙ୍କ ସହ ୯ ସ୍ୱାଧୀନ ବିଧାୟକ ଡେରା ପକାଇଛନ୍ତି।


ଶିବସେନା ଏମ୍‌ପି ସଞ୍ଜୟ ରାଉତ୍‌ଙ୍କ ସହ ବିଦ୍ରୋହୀ ଶିବିରରୁ ଫେରିଆସିଥିବା ୨ ବିଧାୟକ କୈଳେଶ ପାଟିଲ ଓ ନୀତିନ ଦେଶମୁଖ ମୁମ୍ବାଇରେ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୬୯,୪୭,୧୫୮ | ୬୩,୪୬,୩୧୦ | ୫୨,୨୪,୪୩,୧୯୮ |
| ଭାରତ | ୪,୩୩,୪୭,୫୯୭ | ୫,୨୪,୯୪୧ | ୪,୨୭,୩୬,୦୨୭ |
| ଓଡ଼ିଶା | ୧୨,୮୯,୦୬୮ | ୯୧୨୬(+୫୩) | ୧୨,୭୯,୫୫୯ |

ଗୁରୁବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଓଡ଼ିଶା ପାଇବ ଏମ୍‌ଏସ୍‌ଏମ୍‌ଇ-୨୦୨୨ ପୁରସ୍କାର

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ଭାରତ ସରକାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ପାଦନ ଉଦ୍ୟୋଗ, ସେବା ଉଦ୍ୟୋଗ, ସ୍ୱତନ୍ତ୍ର ଉଦ୍ୟୋଗ ଏବଂ ପ୍ରତିଷ୍ଠାନ ସହାୟତା କ୍ଷେତ୍ର ଭଳି ସର୍ବମୋଟ ୪୪ଟି କ୍ଷେତ୍ରକୁ ପୁରସ୍କାର ନିମନ୍ତେ ଚୟନ କରାଯାଇଛି। ଏଥିରେ ଓଡ଼ିଶା ଜାତୀୟ ଏମ୍‌ଏସ୍‌ଏମ୍‌ଇ ଆୱାର୍ଡ-୨୦୨୨ ପୁରସ୍କାର ପାଇ ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ବିବେଚିତ ହୋଇଛି। ଏହା ରାଜ୍ୟର

## ଦେଶର ପ୍ରଥମ ରାଜ୍ୟ

ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଦିଗରେ ନେଇଥିବା ପଦକ୍ଷେପ ପାଇଁ ପୁରସ୍କୃତ କରାଯିବ। ସେହିଭଳି ଆକାଂକ୍ଷୀ ଜିଲାଗୁଡ଼ିକ ମଧ୍ୟରେ କଳାହାଣ୍ଡିକୁ ୩ୟ ଜିଲା ଭାବେ ବିବେଚିତ ହୋଇଛି। ଏଥିସହିତ ସେବା ଉଦ୍ୟୋଗ ବର୍ଗରେ ଭୁବନେଶ୍ୱରର ମେସର୍ସ ସେଫେରିକ୍ ଇନ୍ସ୍ୟୁରାନ୍ସ ବ୍ରୋକରସ୍ ପ୍ରାଇଭେଟ୍ ଲିମିଟେଡ୍ ପ୍ରଥମ ପୁରସ୍କାର ଏବଂ କଟକର ମେସର୍ସ ଅମରନାଥ ପେଷ୍ଟ ମ୍ୟାନେଜ୍‌ମେଣ୍ଟ ଟେକ୍‌ନୋଲୋଜି ୩ୟ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଏହି ପୁରସ୍କାର ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଯଥା ନୂଆ ଉଦ୍ୟୋଗକୁ ସୁଯୋଗ ପ୍ରଦାନ କରିବା, ଅଭିଯୋଗ ଶୁଣାଣି, ବଜେଟ ବୃଦ୍ଧି, ଋଣ ପ୍ରଦାନ ଅଭିବୃଦ୍ଧି, କ୍ଲଷ୍ଟର ଆପ୍ରୋଚ୍ କାର୍ଯ୍ୟକାରିତା, ଉଦ୍ୟମ ପଞ୍ଜୀକରଣ, ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଏବଂ ସଚେତନତା ସୃଷ୍ଟି ଭଳି କ୍ଷେତ୍ର ଅନ୍ତର୍ଭୁକ୍ତ ।






# କରୋନା: ୭ ଦିନରେ ୩ ଗୁଣ ବଢ଼ିଲା

**ଭୁବନେଶ୍ୱର, ୨୩।୬ (ବ୍ୟୁରୋ)**

- ରାଜ୍ୟରୁ ୨୪ ଘଣ୍ଟାରେ ୭୩ ଆକ୍ରାନ୍ତ ଚିହ୍ନଟ
- ମାସ୍କ ପିନ୍ଧିବା, ଟିକା ନେବାକୁ ପରାମର୍ଶ ଦେଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ପୁଣି ବ୍ୟାପିଲାଣି କରୋନା। ଅନ୍ୟ ରାଜ୍ୟରେ ସଂକ୍ରମଣ ବଢ଼ିବା ପରେ ଏବେ ଓଡ଼ିଶାରେ ମଧ୍ୟ ସେପରି ସ୍ଥିତି ଉପୁଜିଛି। ୭ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୩ ଗୁଣ ବଢ଼ିଥିବାରୁ ଚିନ୍ତା ବଢ଼ିଛି। ଗତ ୧୬ ତାରିଖରେ ରାଜ୍ୟରୁ ମୋଟ୍ ୨୫ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୭ରେ ୩୮ଜଣ, ୧୮ରେ ୫୧ଜଣ, ୧୯ରେ ୪୬ଜଣ, ୨୦ରେ ୫୩ଜଣ, ୨୧ରେ ୪୫ ଜଣ ଏବଂ ୨୨ ତାରିଖରେ ୭୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ବର୍ଦ୍ଧିତ ମାମଲାକୁ ନଜରରେ ରଖି ସ୍ୱାସ୍ଥ୍ୟ ବିଭାଗ ସତର୍କ କରାଇଛି। ରାଜ୍ୟରେ ଧୀରେ ଧୀରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଆଗକୁ ଆହୁରି ବଢ଼ିବ। ଯେଉଁମାନଙ୍କର ଲକ୍ଷଣ ଦେଖା ଦେଉଛି, ସେମାନେ ତୁରନ୍ତ ଟେଷ୍ଟ କରାଇବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ପ୍ରିକଶନ ଠିକ ଭାବରେ ନ ନେଲେ ସ୍ଥିତି ବିଗିଡିପାରେ। ତେଣୁ ଟିକା ନେବା ସହ ମାସ୍କ ପିନ୍ଧିବାକୁ ସେ ଅନୁରୋଧ କରିଛନ୍ତି। ସର୍ଭିଲାନ୍ସ କରାଯାଉଥିବାରୁ ସଂକ୍ରମଣ ଅଧିକ ଚିହ୍ନଟ ହେଉଛନ୍ତି। ଯଦି ଲଗାତାର ସଂକ୍ରମଣ ବଢେ, ତେବେ ସରକାର ମୁକାବିଲା କରିବାକୁ ପ୍ରସ୍ତୁତ ଅଛନ୍ତି। ଆବଶ୍ୟକ ହେଲେ ଅଧିକ ବେଡ୍ ବ୍ୟବସ୍ଥା ମଧ୍ୟ କରାଯିବ। ଅପରପକ୍ଷେ କଟକ, ପୁରୀ, ଭୁବନେଶ୍ୱରରେ ଟେଷ୍ଟ ବୃଦ୍ଧି ଆରମ୍ଭ ହୋଇଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୪ଘଣ୍ଟାରେ ରାଜ୍ୟରୁ ଚିହ୍ନଟ ୭୩ଜଣ ନୂଆ ସଂକ୍ରମିତଙ୍କ ମଧ୍ୟରେ ୪୪ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୨୯ଜଣ ସ୍ଥାନୀୟ ସଂକ୍ରମିତ ଥିବାବେଳେ ୧୧ଜଣ ୧୮ ବର୍ଷରୁ କମ୍ ଶିଶୁ ଓ କିଶୋର ରହିଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୪୧ଜଣ ଚିହ୍ନଟ ହୋଇଥିବାବେଳେ ନୂଆପଡା ଓ ପୁରୀରୁ ୬ଜଣ ଲେଖାଏ, କଟକରୁ ୪ଜଣ, ସୁନ୍ଦରଗଡରୁ ୩ଜଣ, ବଲାଙ୍ଗୀର, କେନ୍ଦ୍ରାପଡା ଓ ସମ୍ବଲପୁରରୁ ଜଣେ ଲେଖାଏ ଏବଂ ଷ୍ଟେଟ୍‌ପୁଲ୍‌ରୁ ୧୦ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ଏହି ସମୟ ଭିତରେ ୩୬ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଥିବା ବିଭାଗୀୟ ତଥ୍ୟରୁ ଜଣାପଡିଛି।













**ଆଜିର ମନ୍ତବ୍ୟ**

"ଆଇନ ହେଉଛି ପରିବର୍ତ୍ତନ ପାଇଁ ଏକ ମହତ୍ତ୍ୱାକାଂକ୍ଷା ଏବଂ ଜଣେ ଏହା ଉପରେ କିପରି ଚର୍ଚ୍ଚା କରୁଛନ୍ତି, ତା' ଉପରେ ଉତ୍ତର ନିର୍ଭର କରେ ।"
– ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼, ସୁପ୍ରିମକୋର୍ଟ ବିଚାରପତି



## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ଅଭିଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୁଷୁରି କି କାହିଁ ପାଚିଲା କଦଳୀ**
**ଅନ୍ଧ ହସ୍ତେ ରତ୍ନ ମୁଦି**
**ପେଚା ଚଢ଼େଇକି ସୁବର୍ଣ୍ଣ ପଞ୍ଜୁରୀ**
**କୋରଡ ସୁମରି କାନ୍ଦି।**

ଯେମିତି ଘୁଷୁରିକି ପାଚିଲା କଦଳୀ ରୁଚି ନ ଥାଏ ସେମିତି ଅନ୍ଧ ବ୍ୟକ୍ତିକୁ ରତ୍ନ ମୁଦି ଓ ପେଚାକୁ ସୁନା ପଞ୍ଜୁରି ଦେବା ନିରର୍ଥକ ବୋଲି ଜଣାଯାଇଥାଏ । ତେଣୁ ପ୍ରକୃତ ପଦାର୍ଥର ମୂଲ୍ୟ ବୁଝିବାକୁ ଅଯୋଗ୍ୟ ବ୍ୟକ୍ତିଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଗଲେ ମଧ୍ୟ ସେମାନେ ଏସବୁକୁ ବୁଝିବାରେ ଅସମର୍ଥ ହୁଅନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଘାଇ ମୁହଁରେ ଯାଉଛି**
**ବାଲି କଣାକୁ ବୁଜୁଛି।**

ଅନ୍ୟଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ପ୍ରକାଶ କରିବା ମୂର୍ଖାମିର ଲକ୍ଷଣ ହୋଇଥାଏ । ଅଜସ୍ର ଖର୍ଚ୍ଚକୁ ନ ରୋକି ସାମାନ୍ୟ ବ୍ୟୟ ପ୍ରତି କଟକଣା ଜାରି କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲିଃ.

# ୯ରୁ ୨ଟା ଯାଏ ଖୋଲିବ ଅଙ୍ଗନୱାଡ଼ି କେନ୍ଦ୍ର

## ଖରାଦିନେ ସକାଳ ୬ରୁ ୧୧

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ରାଜ୍ୟରେ ଥିବା ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ସ୍ୱାଭାବିକ ଭାବେ ଜୁନ୍ ୨୭ରୁ ମାର୍ଚ୍ଚ ୩୧ ମଧ୍ୟରେ ସକାଳ ୯ଟାରୁ ମଧ୍ୟାହ୍ନ ୨ଟା ଯାଏ ଖୋଲା ରହିବ। ସେହିପରି ଏପ୍ରିଲ ପହିଲାରୁ ଜୁନ୍ ୨୬ ତାରିଖ ମଧ୍ୟରେ ସକାଳ ୬ଟାରୁ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ। ତେବେ ସ୍କୁଲ ସମୟ ସ୍ୱାଭାବିକ ଭାବେ ସକାଳ ୭ଟାରୁ ୧୨ଟା ଓ ଖରାଦିନେ ସକାଳ ୬ଟାରୁ ୧୧ଟା ଧାର୍ଯ୍ୟ କରାଯାଇଛି। ଏ ନେଇ ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଉକ୍ତ ସମୟ ଅନୁଯାୟୀ ଅଙ୍ଗନୱାଡ଼ି କାର୍ଯ୍ୟ ପରିଚାଳନା ହେବ ବୋଲି କୁହାଯାଇଛି।

# କାବୁଲରେ ଭାରତର କୂଟନୈତିକ ଉପସ୍ଥିତି ପୁନଃସ୍ଥାପିତ

**ନୂଆଦିଲ୍ଲୀ,୨୩।୬:** ଆଫଗାନିସ୍ତାନର ଶାସନ ଗତବର୍ଷ ଅଗଷ୍ଟରେ ତାଲିବାନ ହାତକୁ ଯିବା ପରେ ସେଠାରୁ ଭାରତ ଏହାର କୂଟନୀତିଜ୍ଞମାନଙ୍କୁ ଫେରାଇ ଆଣିଥିଲା। ଗୁରୁବାର ସେଠାରେ ନୂଆଦିଲ୍ଲୀ ପୁନର୍ବାର କୂଟନୈତିକ ଉପସ୍ଥିତି ଜାହିର କରିଛି। କାବୁଲସ୍ଥିତ ଭାରତୀୟ ଦୂତାବାସରେ ଏକ ଟେକ୍ନିକାଲ ଟିମ୍‌ଙ୍କୁ ନିୟୋଜିତ କରାଯାଇଛି। ନିକଟରେ ତାଲିବାନ ଶାସକଙ୍କ ସହ ନୂଆଦିଲ୍ଲୀର ଆନୁଷ୍ଠାନିକ ବୈଠକ ଓ ଆଲୋଚନା ପରେ କାବୁଲକୁ ଭାରତୀୟ କୂଟନୀତିଜ୍ଞ ଫେରିବା ଲାଗି ବାଟ ସଫା ହୋଇଥିଲା। ଗୁରୁବାର ସେଠାରେ ଟେକ୍ନିକାଲ ଟିମ୍ ପହଞ୍ଚିଛନ୍ତି। ଆଫଗାନିସ୍ତାନକୁ ଭାରତ ପଠାଉଥିବା ମାନବୀୟ ସହାୟତା ଠିକ୍ ଭାବେ ବଣ୍ଟନ ହେଉଛି କି ନାହିଁ ତାହାର ଅନୁଧ୍ୟାନ କରିବେ।

# ଲାଞ୍ଚ ନେଇ ଧରାପଡ଼ିଲେ ଡିଇଓ ଅଫିସ ଆକାଉଣ୍ଟାଣ୍ଟ

## ତାଙ୍କ ଅଫିସ, ଭଡ଼ାଘର, ପୈତୃକ ବାସଭବନରେ ଚାଲିଛି ଭିଜିଲାନ୍ସ ରେଡ୍

**ନବରଙ୍ଗପୁର,୨୩।୬(ବି.ପ୍ର.)**

ଏକଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆକାଉଣ୍ଟାଣ୍ଟ ତଥା ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଆସିଷ୍ଟାଣ୍ଟ ପ୍ରୋଗ୍ରାମର ବିକାଶ ସାନା। ଅଫିସ ସମେତ ତାଙ୍କ ନବରଙ୍ଗପୁରସ୍ଥିତ ଭଡ଼ାଘର ଓ ଉମରକୋଟସ୍ଥିତ ପୈତୃକ ବାସଭବନରେ ଚଢ଼ାଉ କରାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଚାଲିଥିଲା।



ବିକାଶ ସାନା

ଗୁରୁବାର ନବରଙ୍ଗପୁରର ଏମ୍‌ଡିଏମ୍ କଣ୍ଟ୍ରାକ୍ଟର ମୋହନ କୁମାର ଚୌରାସିଆଙ୍କ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଲ୍ କରାଇଦେବାକୁ ବିକାଶ ୨ ଲକ୍ଷ ଟଙ୍କା ଦାବି କରିଥିଲେ। କିନ୍ତୁ କଥାବାର୍ତ୍ତା ପରେ ଶେଷରେ ଏକ ଲକ୍ଷ ଟଙ୍କା କଣ୍ଟ୍ରାକ୍ଟର ଦେବେ ବୋଲି ସ୍ଥିର ହୋଇଥିଲା। ଏହାପରେ କଣ୍ଟ୍ରାକ୍ଟରଙ୍କ ପ୍ରତିନିଧିଙ୍କଠାରୁ ଗୁରୁବାର ଅପରାହ୍ନ ୫.୪୫ ସମୟରେ ଟଙ୍କା ନେବାବେଳେ ନବରଙ୍ଗପୁର ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଏହି ଚଢ଼ାଉରେ ନବରଙ୍ଗପୁର ଭିଜିଲାନ୍ସର ଭାରପ୍ରାପ୍ତ ଡିଏସ୍‌ପି କଳାବତୀ ବାଗ, ଜୟପୁର ଡିଏସ୍‌ପି ରୂପଧର ନାୟକ, ଇନ୍ସପେକ୍ଟର ଅନୁଭା ଦାସ, ବଙ୍କିମ ବାବାଲିଙ୍କ ସମେତ ଭିଜିଲାନ୍ସ ବିଭାଗର ମୋଟ ୧୨ଜଣ ଅଧିକାରୀ ଉପସ୍ଥିତ ଥିଲେ। କୋରାପୁଟ ଭିଜିଲାନ୍ସରେ ୧୭/୨୨ରେ ଏକ ମାମଲା ରୁଜୁ କରାଯାଇଛି।

# ୪ ଦିନ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ଆସନ୍ତା ୪ ଦିନ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ମୁତାବକ ୨୪ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସୋନପୁର, କନ୍ଧମାଳ, ସମ୍ବଲପୁର, ବରଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୫ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସୋନପୁର, କନ୍ଧମାଳ, ସମ୍ବଲପୁର, ବରଗଡ଼, ନୟାଗଡ଼, ଗଞ୍ଜାମ, ଗଜପତି, ଖୋର୍ଦ୍ଧା ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚାନ୍ଦବାଲିରେ ୧୦.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝର ୫୪, ସମ୍ବଲପୁର ୨୫, କଟକ ୧୯.୬, ଫୁଲବାଣୀ ୧୮, ବୌଦ୍ଧ ୮.୨, ସୋନପୁର ୧୧.୫, ନୟାଗଡ଼ରେ ୩୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।


ପ୍ରଥମ ପୃଷ୍ଠାରୁ...


## ଶିବସେନା ବିଭାଜନମୁହାଁ...

ଶ୍ରୀକାନ୍ତ ସିନ୍ଧେ ଅଛନ୍ତି। ଅନ୍ୟପକ୍ଷେ ଭାଜପାର ୧୦୬ ବିଧାୟକ ଥିବାରୁ ସିନ୍ଧେଙ୍କ ସମର୍ଥନରେ ଗୈରିକ ଦଳ ପୁନର୍ବାର ମହାରାଷ୍ଟ୍ର ଦଖଲ ପାଇଁ ଉଦ୍ୟମ ଜୋର୍‌ଦାର କରିଛି। ଫଡ୍‌ନବିସଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ଦାବିରେ ଭାଜପା ପକ୍ଷରୁ ଅନେକ ସ୍ଥାନରେ ବ୍ୟାନର ପୋଷ୍ଟର ଲଗାଯାଇଛି। ଶିବସେନାର ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଲଗାଯାଇଥିବା ପୋଷ୍ଟରଗୁଡ଼ିକରେ ସିନ୍ଧେଙ୍କ ସହ ତାଙ୍କ ରାଜନୈତିକ ଗୁରୁ ଧର୍ମବୀର ଆନନ୍ଦ ଦିଘେ ଓ ଦଳର ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ଫଟୋ ରହିଛି। ସେଥିରୁ ଉଦ୍ଧବ ଓ ତାଙ୍କ ପୁଅ ଆଦିତ୍ୟ ଠାକ୍‌ରେଙ୍କୁ ବାଦ୍ ଦିଆଯାଇଛି।

ଏନ୍‌ସିପି-କଂଗ୍ରେସ ସହ କରାଯାଇଥିବା ମହା ବିକାଶ ମେଣ୍ଟରୁ ଶିବସେନା ଓହରିଲେଯାଇ ମୁମ୍ବାଇକୁ ଫେରିବେ ବୋଲି ଉଦ୍ଧବଙ୍କ ଆଗରେ ସିନ୍ଧେ ଗୋଷ୍ଠୀ ସର୍ତ୍ତ ବାଢ଼ିଥିବାବେଳେ ଗୁରୁବାର ଶାସକ ମେଣ୍ଟର ବୈଠକ ପରେ ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି, ଏଥିପାଇଁ ସେମାନଙ୍କୁ ୨୪ ଘଣ୍ଟା ଭିତରେ ମୁମ୍ବାଇକୁ ଫେରିବାକୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ପଡ଼ିବ। ତା' ପରେ ଶରଦ ପାୱାରଙ୍କ ଏନ୍‌ସିପି ଏବଂ କଂଗ୍ରେସ ସହ କରିଥିବା ମେଣ୍ଟରୁ ଶିବସେନା ଓହରିବ। ହ୍ୱାଟ୍ସଆପ୍ ଓ ଟୁଇଟର୍‌ରେ ଚିଠି ନ ଲେଖିବାକୁ ସେ ବିଦ୍ରୋହୀ ଗୋଷ୍ଠୀକୁ ପରାମର୍ଶ ଦେଇଛନ୍ତି। ଏମ୍‌ଭିଏ ବୈଠକରେ ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ଆମର ମିଳିତ ଲଢ଼େଇ ଜାରି ରହିବ। ଏମ୍‌ଭିଏ ସହ ରହି ଲଢ଼ିବୁ।

ଗୁଆହାଟୀରେ ଥିବା ବିଦ୍ରୋହୀ ବିଧାୟକମାନେ ଉଦ୍ଧବଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଗତ ଅଢ଼େଇ ବର୍ଷ ମଧ୍ୟରେ ଉଦ୍ଧବ ସେମାନଙ୍କ ପାଇଁ ଦ୍ୱାର ବନ୍ଦ କରିଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ 'ବର୍ଷା' ଗେଟ୍ ବାହାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ସତ୍ତ୍ୱେ ଉଦ୍ଧବଙ୍କ ଦର୍ଶନ ନ ପାଇ ସେମାନେ ନିରାଶ ହୋଇ ଫେରୁଥିଲେ। କିନ୍ତୁ ସିନ୍ଧେଙ୍କ ଦ୍ୱାର ସେମାନଙ୍କ ପାଇଁ ସବୁବେଳେ ଖୋଲା ରହିଥିଲା ବୋଲି ବିଧାୟକ ସଞ୍ଜୟ ଶ୍ରୀସତ୍ କହିଛନ୍ତି। ସେହିପରି ବିଦ୍ରୋହୀ ଶିବିରରେ ସଦ୍ୟ ସାମିଲ ହୋଇଥିବା ଦୀପକ କେସରକାର କହିଛନ୍ତି, ଉଦ୍ଧବ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଚାହୁଁ ନାହାନ୍ତି। ଏହା ପରିବର୍ତ୍ତେ ଭାଜପା ସହ ମିଶି ସରକାର ଗଠନ କରନ୍ତୁ। ବର୍ତ୍ତମାନ ସୁଦ୍ଧା ଶିବସେନାର ୩୭ ବିଧାୟକ ସିନ୍ଧେଙ୍କ ସହ ଅଛନ୍ତି। ଆହୁରି ୨-୩ ଜଣ ବିଧାୟକ ଖୁବ୍‌ଶୀଘ୍ର ଗୁଆହାଟୀ ଯିବେ। ମହାରାଷ୍ଟ୍ରର ଏହି ସଙ୍କଟ ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟ ଉଦ୍ଧବଙ୍କୁ ସମର୍ଥନ କରିଛି। ବିଦ୍ରୋହୀ ବିଧାୟକମାନେ ରହୁଥିବା ଗୁଆହାଟୀର ରେଡିସିଅନ୍ ବ୍ଲୁ ହୋଟେଲ ବାହାରେ ଟିଏମ୍‌ସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆସାମରେ ପ୍ରଳୟଙ୍କରୀ ବନ୍ୟା ଆସିଥିବାବେଳେ ଭାଜପା ବିଧାୟକଙ୍କୁ କିଣିବାରେ ବ୍ୟସ୍ତ ଥିବା ଟିଏମ୍‌ସିର ରାଜ୍ୟ ସଭାପତି ରିପୁନ୍ ବୋରା ସମାଲୋଚନା କରିଛନ୍ତି। ବିକ୍ଷୋଭ ବେଳେ ଟିଏମ୍‌ସି ନେତାମାନଙ୍କୁ ସ୍ଥାନୀୟ ପୋଲିସ ଅଟକ ରଖିଛି। ଏନେଇ ମମତା କହିଛନ୍ତି, ଗଣତନ୍ତ୍ର ଉପରେ ଭାଜପା ବୁଲ୍‌ଡୋଜର ଚଢ଼ାଉଛି।

ପ୍ରକାଶ ଯେ, ୫୬ ବର୍ଷ ତଳେ ବାଲାସାହେବ ଠାକ୍‌ରେ ପ୍ରତିଷ୍ଠା କରିଥିବା ଶିବସେନାର ବର୍ତ୍ତମାନ ଅଧ୍ୟକ୍ଷ ହେଉଛନ୍ତି ତାଙ୍କ ପୁଅ ଉଦ୍ଧବ ଠାକ୍‌ରେ। ସରକାର ତାଙ୍କ ହାତରୁ ଖସିସାରିଲାଣି ଜାଣିବା ପରେ ଉଦ୍ଧବ ବୁଧବାର ରାତିରେ 'ବର୍ଷା' ଛାଡ଼ି ନିଜ ଘର 'ମାତୋଶ୍ରୀ' ଯାଇଥିଲେ। ଉଦ୍ଧବ ଗୁରୁବାର ଡାକିଥିବା ବୈଠକରେ ଶିବସେନାର ମାତ୍ର ୧୩ ବିଧାୟକ ଉପସ୍ଥିତ ଥିଲେ। ତେଣୁ ଦଳରେ ବିଭାଜନ ରୋକିବା ପାଇଁ ଉଦ୍ଧବ ଉଦ୍ୟମ ଚଳାଇଛନ୍ତି। ଏହି ଘଟଣାକ୍ରମ ମଧ୍ୟରେ ଶିବସେନା ମୁଖପତ୍ର 'ସାମ୍‌ନା'ର ଗୁରୁବାର ସମ୍ପାଦକୀୟରେ ରାଜନୈତିକ ସଙ୍କଟ ପାଇଁ ଭାଜପାର ଚାପ କୌଶଳକୁ ଦାୟୀ କରାଯାଇଛି।

## ପାଣି ଭର୍ତ୍ତି ଗାତରେ...

ଗାଧୋଇବା ଲାଗି ଯାଇଥିବାବେଳେ ଏହି ଦୁଃଖଦ ଘଟଣା ଘଟିଥିଲା। ଭାରତମାଳା ଯୋଜନାରେ ରାସ୍ତା କାର୍ଯ୍ୟ ଠିକା ନେଇଥିବା ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁ ଘଟିଥିବା ଏହି ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି। ଏସ୍‌ଡିପିଓ ମନୋଜ ପୂଜାରୀ, ଫୁଲ ବେଢ଼ା ସରପଞ୍ଚ ମହେଶ୍ୱର ଗାଦାବା, ଅଗ୍ନିଶମ କର୍ମଚାରୀ ସଞ୍ଜୀବ କୁମାର ବେହେରା, ହାବିଲଦାର ଜ୍ୟୋତିର୍ମୟୀ ନାୟକ, ଚିତ୍ରସେନ ବେହେରା,ଦୀପକ ବିଡିକା, କିଷାନ ମାଝିଙ୍କ ତତ୍ତ୍ୱାବଧାନରେ ଉଦ୍ଧାର କାର୍ଯ୍ୟ ହୋଇଥିଲା।

## ଥାନା ପରିସରରେ...

ସଙ୍କଟାପନ୍ନ ହେବାରୁ ତାଙ୍କୁ ସ୍ଥାନୀୟ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ପ୍ରାୟ ୯୦%ରୁ ଊର୍ଦ୍ଧ୍ୱ ପୋଡ଼ିଯାଇଥିବାରୁ ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିବା ହସ୍ପିଟାଲ୍ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ଗୁରୁବାର ସନ୍ଧ୍ୟାରେ ପୋଲିସ ଗୁଣନିଧିଙ୍କ ପୁତୁରା ସାଗର ବିଶୋୟୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ କିଶନନଗର ଥାନା ଅନ୍ତର୍ଗତ ଇଶାଣୀ-ବ୍ରହ୍ମପୁର ପଞ୍ଚାୟତ ସାଇକୋରୁଆ ଗ୍ରାମର ଗୁଣନିଧି ଏବଂ ପୁତୁରା ସାଗରଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଏନେଇ ଗତ ୧୯ତାରିଖରେ ଏହି ବିବାଦକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଯାହାକୁ ନେଇ ଗୁଣନିଧି କିଶନନଗର ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ପରେ ଗୁଣନିଧି ବୁଧବାର କଟକ ଗ୍ରାମାଞ୍ଚଳ ଏସ୍‌ପି ବି ଯୁଗଳକିଶୋର କୁମାରଙ୍କ ନିକଟରେ ଏସମ୍ପର୍କରେ ଅଭିଯୋଗ କରିବା ପରେ ତୁରନ୍ତ ପୋଲିସ ଏକ ମାମଲା(ନଂ.୧୦୩/୨୨) ରୁଜୁ କରି ତଦନ୍ତ କରିଥିଲା। ହେଲେ ପୋଲିସ ଉପରୁ ଭରସା ନ ପାଇ ଗୁଣନିଧି ଏଭଳି ଚରମ ପଦକ୍ଷେପ ନେଇଥାଇ ପାରନ୍ତି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଥାନା ପରିସରରେ ଆତ୍ମାହୁତି ଉଦ୍ୟମ ସମ୍ପର୍କରେ ସୂଚନା ପାଇ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି କୃଷ୍ଣଚନ୍ଦ୍ର ପଟ୍ଟନାୟକ ଓ ସାଲେପୁର ଏସ୍‌ଡିପିଓ ବିମଳ ବାରିକ ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରଥମେ ଆହତଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କଟକ ବଡ଼ ଡାକ୍ତରଖାନାରେ ନିଆଯାଇଥିଲା। କେଉଁ ପରିସ୍ଥିତିରେ ମାମଲା ରୁଜୁର ଦିନକ ପରେ ଗୁଣନିଧି ଆତ୍ମହତ୍ୟା ଉଦ୍ୟମ କଲେ ଏବଂ ଏହି ସମୟରେ ସେଠାରେ କିଏ କିଏ ଉପସ୍ଥିତ ଥିଲେ ସେନେଇ ଘଟଣା ବେଳର ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପଟ୍ଟନାୟକ କହିଛନ୍ତି।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** – ଆଜି ଚନ୍ଦ୍ରଙ୍କ ସହ ରାହୁଙ୍କ ସଂଯୋଗ ପରିବାରର କିଛି ବ୍ୟତିକ୍ରମକୁ ନେଇ ଚିନ୍ତା ପ୍ରକଟ କରିବେ। ଦୀର୍ଘ ଦିନରୁ ପରସ୍ପର ପଡୁ ନ ଥିବା ପୁଅ ବୋହୂଙ୍କ କଥା ମନକୁ ଆନ୍ଦୋଳିତ କରିବ। ପରକୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି କିଛି ସମସ୍ୟା ଦେଖାଦେଇପାରେ। ସମ୍ପର୍କରେ ଫାଟ ସୃଷ୍ଟି ହେବା କାରଣରୁ ପରିବାରରେ ପରସ୍ପରକୁ ସନ୍ଦେହ କରିପାରନ୍ତି।

**ବୃଷ** – ବୁଧଙ୍କ ସହ ମଙ୍ଗଳ ହେତୁ ବିଭିନ୍ନ ପ୍ରକାରର ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ସରକାରୀ ସ୍ତରରୁ ଅର୍ଥସମ୍ବନ୍ଧିତ ଖବରଟି ପାଇ ମନ ଖୁସୀ ହୋଇଯିବ। ନିର୍ମାଣ, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମିଥୁନ** – ପାପଯୁକ୍ତ ଚନ୍ଦ୍ର ହେତୁ କାମଗୁଡ଼ିକ ଅଟକିରହିଥିବା କାରଣରୁ ଅନ୍ୟମନସ୍କ ରହିପାରନ୍ତି। କୌଣସି ନୂତନ କାର୍ଯ୍ୟରେ ଯୋଗଦେଇପାରନ୍ତି। ବନ୍ଧୁ ମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ। ଯାନ ବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ** – କର୍ମକ୍ଷେତ୍ରରେ ରାହୁଚନ୍ଦ୍ର ହେତୁ ମାନସିକ ଚାପ ବୃଦ୍ଧି କାରଣରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ଗୃହ, ଯାନବାହନ ତଥା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ଆଜିର ଆନୁଷ୍ଠାନିକ କାମଗୁଡିକ ସଂପୂର୍ଣ୍ଣ ହେବା କଷ୍ଟକର ହୋଇପଡିବ।

**ସିଂହ** – ଏକାଦଶସ୍ଥ ରବିଙ୍କ ଯୋଗୁ ଯେଉଁ କାମରେ ହାତ ଦେବେ ଅବଶ୍ୟ ସଫଳତା ପାଇବେ। ପରିବାର ଭିତରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡାନୁଭବ କରିବେ।

**କନ୍ୟା** – ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ଦୂରେଇଯିବାରୁ ସାମୟିକ ଖୁସୀ ରହିବେ। ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ପୂର୍ବ ଯୋଜନାନୁଯାୟୀ ଆତ୍ମୀୟଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କୀୟ ଆଲୋଚନା ବିଗିଡି ଯାଇପାରେ।

**ତୁଳା** – ପାପଯୁକ୍ତ କର୍ମାଧିପତି ହେତୁ ପ୍ରତିବନ୍ଧକର ମଧ୍ୟ ସମ୍ମୁଖୀନ ହେବାକୁ ପଡିପାରେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବାକୁ ପଡ଼ିପାରେ। ବାଣିଜ୍ୟ, ପରିବହନ, ଫ୍ଲିଙ୍ଗ କାରବାର, ଆଲୋଚନା ଓ କଚେରି ମାମଲାରେ ଶୁଭ ଫଳ ପାଇବେ।

**ବିଛା** – କିଛି ଅସୁବିଧା ନ ଥିଲେ ମଧ୍ୟ ଶନିଙ୍କ ଯୋଗୁ ଘରୋଇ କାମକୁ ନେଇ ମନ ବିଚଳିତ ରହିବ। ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ହୋଇପାରେ, ଯାହା କି ପରକ୍ଷଣରେ ଦରକାରରେ ଆସିବ। ବାରମ୍ବାର ସ୍ୱାସ୍ଥ୍ୟ ଖରାପ ରହୁଥିବାରୁ ତାହାର ସ୍ଥାୟୀ ସମାଧାନ କରିବା ଭଲ ହେବ। ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ।

**ଧନୁ** – ଭୁଲ୍ ନିଷ୍ପତ୍ତି ନେଇ ପରକ୍ଷଣରେ ଅନୁତାପ କରିବାକୁ ପଡିବ। ଛୋଟ ଛୋଟ କଥାକୁ ବୃହଦାକାରରେ ଚିନ୍ତାକରି ସମସ୍ୟାକୁ ବଢାଇ ଦେଇପାରନ୍ତି। ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**ମକର** – ମଙ୍ଗଳ ଓ ବୁଧଙ୍କ ସଂଯୋଗରୁ ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରସ୍ପର ମତପାର୍ଥକ୍ୟ କାରଣରୁ ପାରିବାରିକ ଶାନ୍ତି ପାଇବେ ନାହିଁ।

**କୁମ୍ଭ** – ସ୍ୱଗୃହୀଶନି ହେତୁ ଯେଉଁ କାମ ହାତକୁ ନେଇଛନ୍ତି ତାହା ସମ୍ପନ୍ନ ହେବାରେ ଅସୁବିଧା ହେବନାହିଁ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡିବା ପାଇଁ ଚିନ୍ତା କରିବେ। ଅନ୍ୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ** – ରବିଙ୍କ ସ୍ଥାନ ସ୍ଥିତିଜନିତ ପାରିବାରିକ ସ୍ଥିତିରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରି ପାରନ୍ତି। ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ। ଜମିଜମା କାରବାର, ସଭାସମିତି, ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।


# classifieds Everyday
0674-2580101, 2549302



**SALE**

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 7894433557, 9437607388. D-73268

Plot for Sale, 2000sqft (8nos) per sqft-2000/- Yellowzone Gharabari Plot near Tata-ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-16 to 1km. Contact: -7381564227, 8114744495. D-770

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

ଭୁବନେଶ୍ୱର Sum Hospital ଠାରୁ 6k.m. ଦୂରତାରେ କଣ୍ଟାବାଡ଼ NH 16 ରୁ 50mtr ଦୂରରେ boundary, electricity 30ft. ରୋଡ୍ ଥାଇ ଘରବାରି plot ମିଳୁଛି। 9348444368. D-73261

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଛି। 9439101373, 7735888421. D-718

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481. D-73260

6BHK Triplex finishing 60,00,000/- Hanspal, 3BHK duplex 25,00,000/- corehouse Balianta -8114964769, 9668194157. D-73326

Land for Sale near Adani Dhamra Port, Bhadrak. Area - 4 Acre 10 Decimal, Non Agri. Land (Converted to Gharabari), Clear Title of Land, Single Owner. Rate per Decimal - 2Lakhs, Connected to State Highway. Contact- 9738021978, 8917251410. D-73824

Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452. D-73919



2000sqft. Second Floor hall with lift near Airport on 100ft. wide Bhimatangi Mainroad for Office or Commercial. 9958003695. D-73618



Newly open full body massage ladies and gents. 8327740003, 8093860513. D-73921

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73825

Newly open SPA offer @799/-, positively health benefits, Kalpana. 7846814019. D-73619

Newly open SPA positively health benefit with expert. Contact: 7749976301. D-73829

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73828

Relax, refresh your body, mind at Saikrupa Spa with best therapies. 8984068077. D-805

Mesmerizing, energetic body, mind qualitative relaxing massage experienced therapists. 9668374480. D-73610

**AFFIDAVIT**

By virtue of an affidavit sworn before the Executive Magistrate, Sundargarh, I, Santosh Kumar Biswal, R/o- Vill/ PO. Karamdihi, Dist. Sundargarh declare that in UGB Bank Account my name has been mentioned as Santosh Kumar Biswal, in LIC policy No.593582836 my name has been mentioned as Artatrana Bishwal and in Voter Card, PAN Card, Aadhaar Card my name has been mentioned as Santosh Biswal. That Santosh Kumar Biswal, Artatrana Bishwal and Santosh Biswal is the one and same person. D-809

## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଂ ପୂର୍ଣ୍ଣଚନ୍ଦ୍ର ରଥ
ନୂଆ ମାର୍କେଟ, ଯାଜପୁରରୋଡ୍, ଯାଜପୁର
ଆବିର୍ଭାବ- ୨୯।୦୮।୧୯୩୯
ତିରୋଧାନ- ୨୮।୦୬।୨୦୧୯
ଅନୁଭବେ ବାପା ତୁମେ ସଦା ରହିଥିବ,
ଆମ ସ୍ମୃତି ଅଗଣାରେ
ତୁମ ସ୍ନେହ ସଦା ବର୍ଷୁଥିବ।
ଶ୍ରଦ୍ଧାଞ୍ଜଳି ସହ: ବନ୍ଧୁ ଓ ପରିବାରବର୍ଗ


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୪ ଜୁନ୍, ୨୦୨୨

**ସୁନା, ରୁପା ଦର ହ୍ରାସ**

ନୂଆଦିଲ୍ଲୀ: ବିଶ୍ୱସ୍ତରରେ ସୁନା ଏବଂ ରୁପା ଦର ହ୍ରାସର ପ୍ରଭାବ ଭାରତୀୟ ବଜାର ଉପରେ ଦେଖାଦେଇଛି। ଗୁରୁବାର ଭାରତୀୟ ବଜାରରେ ୧୦ ଗ୍ରାମ୍ ପିଛା ସୁନା ଦରରେ ୧୩୩ ଟଙ୍କା ହ୍ରାସ ଘଟିଥିବା ବେଳେ ରୁପା ଦର କିଲୋଗ୍ରାମ୍ ପିଛା ୬୬୪ ଟଙ୍କା ହ୍ରାସ ହୋଇଛି। ଫଳରେ ଦିଲ୍ଲୀର ସରାଫ ବଜାରରେ ସୁନା ଦର ୧୦ ଗ୍ରାମ୍ ପିଛା ୫୦,୭୧୯ ଟଙ୍କାରେ ବନ୍ଦ ହୋଇଛି। ସେହିପରି ରୁପା କିଲୋଗ୍ରାମ୍ ପିଛା ୫୯,୭୮୧ ଟଙ୍କା ରହିଛି। ପୂର୍ବ କାରବାର ଦିବସରେ ସୁନା ୧୦ ଗ୍ରାମ୍ ପିଛା ଏବଂ ରୁପା କିଲୋଗ୍ରାମ୍ ପିଛା ଦର ଯଥାକ୍ରମେ ୫୦,୮୫୨ ଟଙ୍କା ଏବଂ ୬୦,୪୪୫ ଟଙ୍କାରେ ବନ୍ଦ ହୋଇଥିଲା।



## ସ୍ୱାମୀଙ୍କ କୁରାଢ଼ି ଚୋଟରେ ସ୍ତ୍ରୀ ମୃତ

ପାଟକୁରା,୨୩।୬(ଡି.ଏନ୍.ଏ.): ମାନସିକ ଭାରସାମ୍ୟ ହରାଇଥିବା ଜଣେ ସ୍ୱାମୀଙ୍କ କୁରାଢ଼ି ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ଏଭଳି ସମ୍ବେଦନଶୀଳ ଘଟଣା କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ତେଣ୍ଡାକୁଡ଼ା ମୁସ୍‌ଲିମ ବସ୍ତିରେ ବୁଧବାର ରାତ୍ରିରେ ଘଟିଛି। ତେଣ୍ଡାକୁଡ଼ା ଇଦ୍‌ଘା ପଛପଟ ସେକ୍ ମହଲାର ମନାନ ଅଲ୍ଲୀ(୫୦) ବିଳମ୍ବିତ ରାତିରେ ଶୋଇଥିବା ଅବସ୍ଥାରେ ସ୍ତ୍ରୀ ପ୍ୟାରୁଲ ବିବି (୪୫)ଙ୍କୁ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ଗୁରୁବାର ଏହା ଜଣାପଡିବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲା। ଅଭିଯୁକ୍ତ ସ୍ୱାମୀ ଅଲ୍ଲୀଙ୍କୁ ଗିରଫ କରିଛି। ପୋଲିସ ଘର ମଧ୍ୟରୁ ରକ୍ତଲଗା କୁରାଢ଼ି ସହ ମୃତଦେହକୁ ଜବତ କରିଛି। ଅଭିଯୁକ୍ତ ଅଲ୍ଲୀ ମାନସିକ ବିକୃତ ଥିବା ଆଇଆଇସି ସରୋଜ ସାହୁ କହିଛନ୍ତି। ପଡ଼ୋଶୀମାନେ ମଧ ଅଲ୍ଲୀଙ୍କ ମାନସିକ ବିକୃତି ଥିବା କହିଛନ୍ତି। ପୂର୍ବରୁ ସେ ଆତ୍ମହତ୍ୟା କରିବାକୁ ଦଉଡ଼ି ଦେଇଥିଲେ। ନିଜ ଘରେ ନିଆଁ ଲଗାଇ ଦେଇଥିଲେ ବୋଲି ପଡ଼ୋଶୀମାନେ କହିଛନ୍ତି। ତେବେ ସେ ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ୧୫, ୨୦ ଓ ୨୨ ବର୍ଷର ୩ ପୁଅ ଅଛନ୍ତି। ହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ପ୍ୟାରୁଲଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ଥାନାରେ ନଂ. ୨୫୭/୨୨ରେ ମାମଲା ରୁଜୁ ହୋଇଛି।

# ଦାନ୍ତ ପାଇଁ ହାତୀ ଶିକାର: ଡିଏଫ୍‌ଓ

## ■ ଦେଶୀ ବନ୍ଧୁକ, ଗୁଳି ଜବତ: ୩ ଅଟକ

ସମ୍ବଲପୁର,୨୩।୬(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ଅନ୍ତର୍ଗତ ସାପଲହରା ଗ୍ରାମ ପୋଖରୀରେ ୬ଦିନ ମୃତ୍ୟୁ ସହ ସଂଗ୍ରାମ ପରେ ଚିକିତ୍ସାଧୀନ ଅବସ୍ଥାରେ ଗତ ମଙ୍ଗଳବାର ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ଦନ୍ତାକୁ ଗୁଳିକରି ଶିକାର କରାଯାଇଥିବା ସ୍ପଷ୍ଟ ହୋଇଛି। ଏହି ଘଟଣାରେ ବନ ବିଭାଗ ୩ ଶିକାରୀଙ୍କୁ ଅଟକ ରଖିଛି। ସେମାନଙ୍କଠାରୁ ଦେଶୀ ବନ୍ଧୁକ, ଗୁଳି, ଗୁଳି ତିଆରି ସାମଗ୍ରୀ, ଧନୁ, ତୀର, ଛୁରି, ଲୁହାଛଡ, ବିଦ୍ୟୁତ୍ ତାର ଜବତ ହୋଇଛି ବୋଲି ଡିଏଫ୍‌ଓ ଅଫିସରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବର ସୂଚନା ଦେଇଛନ୍ତି।

ସେ କହିଥିଲେ, ହାତୀ ମୃତ୍ୟୁ ପରେ ବ୍ୟବଚ୍ଛେଦ ହୋଇଥିଲା। ଆଗ ଗୋଡ ଉପରେ ପ୍ରାୟ ୪୦ ସିଏମ୍ ଭିତରକୁ ଗୁଳି ରହିଥିଲା। ଗୁଳିର ଦୈର୍ଘ୍ୟ ୪ ସେମି ଓ ପ୍ରସ୍ଥ ୨ ସେମି



ଜବତ ହୋଇଥିବା ସାମଗ୍ରୀ।

ରହିଥିଲା। ଗୁଳି ବାଜିଥିବାରୁ ଯେତେ ଚିକିତ୍ସା ପରେ ମଧ ହାତୀ ଚାଲିପାରୁ ନ ଥିଲା। ଶେଷରେ ତା'ର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ତେଣୁ ବନ ବିଭାଗ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲା। ଘଟଣାରେ ଏ ପର୍ଯ୍ୟନ୍ତ ୩ ଜଣଙ୍କୁ ଅଟକ ରଖାଯାଇଛି। ଏମାନଙ୍କ ମଧ୍ୟରୁ ଜଣଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଯାଇଛି। ଏହି ଘଟଣାକୁ ଗୁରୁତର ସହ ନେଇ ଚଢାଉ କରାଯାଉଛି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ଅଭିଯୁକ୍ତଙ୍କ ନାମ ଓ ଠିକଣା ଗୁପ୍ତ ରଖାଯାଇଛି। ସ୍ପଷ୍ଟ ହେବା ପରେ ସୂଚନା ଦିଆଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ



ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ସୂଚନା ଦେଉଛନ୍ତି।

ମେ' ୨୯ରେ ଆହତ ଦନ୍ତାକୁ ମୁର୍ଗାବାରି ଗ୍ରାମ୍ୟ ଜଙ୍ଗଲରେ ବନ ବିଭାଗ ଠାବ କରିବା ପରେ ଜୁନ୍ ୨ରୁ ଚିକିତ୍ସା ଆରମ୍ଭ ହୋଇଥିଲା। ଓୟୁଏଟି ଓ ସମ୍ବଲପୁର ବୁର୍ଲାର ଚିକିତ୍ସକ ଦଳ ଚିକିତ୍ସା କରିଥିଲେ। ଦନ୍ତା ଗୋଡରେ ଗଭୀର କ୍ଷତ ରହିଥିଲା। ତାକୁ ଟ୍ରାଙ୍କୁଲାଇଜ କରି ଇଞ୍ଜେକ୍ସନ ଓ ଔଷଧ ଦିଆଯାଇଥିଲା। ଏପରିସ୍ଥଳେ ସାପଲହରା ଗ୍ରାମ ପୋଖରୀରେ ଗତ ୧୫ତାରିଖରେ ହାତୀଟି ଫସି ରହିଥିଲା। ମୃତ୍ୟୁର ୩ଦିନ ପୂର୍ବରୁ ହାତୀ ଖାଇବା ଛାଡି ଦେଇଥିଲା। କେବଳ ସାଲାଇନ ଓ ଔଷଧ ଦିଆଯାଉଥିଲା। ଏପରି କି ସାତକୋଶିଆରୁ ଡାକ୍ତର ଦଳ ଆସି ଚିକିତ୍ସା କରିଥିଲେ। ହାତୀ ମୃତ୍ୟୁ ନେଇ ବନ ବିଭାଗର ଅବହେଳାକୁ ଦାୟୀ କରାଯାଇଥିଲା।

## ବଜ୍ରପାତରେ ୨ ଚାଷୀଙ୍କ ସମେତ ୩ ମୃତ

ଆସିକା/ ଖଲ୍ଲିକୋଟ/ ପାରଳାଖେମୁଣ୍ଡି,୨୩।୬ (ଡି.ଏନ୍.ଏ.)

ଗଞ୍ଜାମ ଓ ଗଜପତି ଜିଲାରେ ଗୁରୁବାର ହୋଇଥିବା ବଜ୍ରପାତରେ ୨ ଚାଷୀଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ଗଞ୍ଜାମ ଜିଲା ଆସିକା ଥାନା ହରିଡ଼ାପଦର ପଞ୍ଚାୟତ ଭେଙ୍କଟରାଇପଲ୍ଲୀ ଗ୍ରାମର ଦେବେନ୍ଦ୍ର ମହାନ୍ତି ଓ ସୁରେନ୍ଦ୍ର ସ୍ୱାଇଁ ଅପରାହ୍ନରେ ବାଘୁଆ ନଦୀ ସଂଲଗ୍ନ ବିଲରେ ଧାନ ତଳି ପକାଇବାକୁ ଯାଇଥିଲେ। ସେ ସମୟରେ ବଜ୍ରପାତ ହେବାରୁ ଉଭୟେ ଗୁରୁତର ହୋଇ ପଡ଼ିଥିଲେ। ନିକଟସ୍ଥ ବିଲରେ ଥିବା ଲୋକେ ସେମାନଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଦେବେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୁରେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଦେବେନ୍ଦ୍ରଙ୍କ ସ୍ତ୍ରୀଙ୍କ ଅଭିଯୋଗ ପ୍ରକାରେ ଆସିକା ଥାନାରେ ନଂ.୧୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ସେହିପରି ଖଲ୍ଲିକୋଟ ଥାନା ଟିକିଲି ଗ୍ରାମର ଜୟରାମ ଗୌଡ ଗାଈ ଚରାଇବାକୁ ଯାଇଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଛି। କଞ୍ଚଣା ଗ୍ରାମର ସୁମତି ସାହୁ ବାରିରେ କାମ କରୁଥିବା ବେଳେ ବଜ୍ରପାତରେ ଆହତ ହୋଇଛନ୍ତି। ବିଏନପୁର ପଞ୍ଚାୟତ ରଘୁନାଥପୁର ଗ୍ରାମରେ ଏନ୍. ପିତାମ୍ବର ପାତ୍ର ଓ ଏସ. ରଘୁ ପାତ୍ର ଛେଳି ଚରାଇବାକୁ ଯାଇଥିବା ବେଳେ ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ଖଲ୍ଲିକୋଟ ମେଡିକାଲ ଚିକିତ୍ସିତ ହେଉଛନ୍ତି। ରଘୁନାଥପୁରରେ ୧୦ରୁ ଊର୍ଦ୍ଧ୍ୱ ଛେଳିଙ୍କ ମୃତ୍ୟୁ ଘଟିଛି। ସେହିପରି ଗଜପତି ଜିଲା ଗୋଷାଣୀ ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ତାଟିପେଟି ଗ୍ରାମର ଚାଷୀ ଡ. ରାମଣାଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ଜମିରେ ଧାନ ବିହନ ବୁଣୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଗରିବ ଶ୍ରେଣୀର ରାମଣାଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ଦାବି ହେଉଛି। ସୂଚନାଯୋଗ୍ୟ, ଜିଲାରେ ଗତ କିଛି ଦିନ ମଧ୍ୟରେ ବଜ୍ରପାତରେ କେତେକ ଗାଈଗୋରୁଙ୍କ ମଧ ମୃତ୍ୟୁ ଘଟିଛି।

**STATE INSTITUTE OF HOTEL MANAGEMENT, BALANGIR**

Titilagarh Road, Balangir - 767001 (Odisha)

(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**ADMISSION OPEN**

**FOR HOTEL MANAGEMENT COURSES**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

FOR FURTHER DETAILS

Visit our website - www.sihmbalangir.org, e-mail: admissions@sihmbalangir.org

Contact No. 8447903803, 9348849484

# ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୨ ସ୍କୁଲ ବସ୍ ଜବତ




ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଉପସ୍ଥିତିରେ ଜବତ କରାଯାଇଥିବା ବସ୍।

ଆନନ୍ଦପୁର,୨୩।୬(ସ୍ୱ.ପ୍ର.)

କ୍ଷମତାଠାରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଦୁଇଟି ସ୍କୁଲ ବସ୍‌କୁ ଘସିପୁରା ପୋଲିସ ଜବତ କରିଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗୁରୁବାର ମନ୍ତ୍ରୀ ଦାଶଙ୍କ କେନ୍ଦୁଝର ଜିଲା ଗସ୍ତ ସମୟରେ ଏଭଳି ନିୟମ ଉଲ୍ଲଘଂନ କରାଯାଇ ପିଲାମାନଙ୍କୁ ବିପଦ ସଙ୍କୁଳ ଭାବେ ନିଆଯାଉଥିବା ଦୃଷ୍ଟିକୁ ଆସିଥିଲା। ସୂଚନା ଅନୁଯାୟୀ, ଗଣଶିକ୍ଷା ମନ୍ତ୍ରୀ ଦାଶ ୪ ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଯାଉଥିବା ବେଳେ ଆନନ୍ଦପୁରସ୍ଥିତ ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲର ଦୁଇଟି ବସ୍ ୨୦ନଂ. ଜାତୀୟ ରାଜପଥରେ ଯାଉଥିବା ଦେଖିବାକୁ ପାଇଥିଲେ। ଏଥିରେ କ୍ଷମତାଠାରୁ ଅଧିକ ଛାତ୍ରୀଛାତ୍ର ଯାଉଥିବା

**କ୍ଷମତାଠାରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନିଆଯାଉଥିଲା**

ଜାଣି ମନ୍ତ୍ରୀ ବସ୍ ଦୁଇଟିକୁ ଅଟକାଇଥିଲେ। ବସ୍ ମଧ୍ୟରେ ଉପସ୍ଥିତ ଥିବା ଶିକ୍ଷୟିତ୍ରୀଙ୍କୁ ଡାକି ତାଗିଦ୍ କରିବା ସହିତ ସ୍କୁଲର ନାମ ପଚାରି ବୁଝିଥିଲେ। ବସ୍ ମଧ୍ୟରେ ଖୁନ୍ଦାଖୁନ୍ଦି ଓ ଠିଆ ହୋଇ ପିଲାମାନେ ପଢ଼ିବାକୁ ଯାଉଥିବାରୁ ପିଲାମାନେ କ'ଣ ଲଗେଜ୍ ବୋଲି ମନ୍ତ୍ରୀ ପ୍ରଶ୍ନ କରିଥିଲେ। ପରେ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଘସିପୁରା ପୋଲିସ ପହଞ୍ଚି ବସ୍ ଦୁଇଟିକୁ ଜବତ କରିଥିଲା। ବସ୍ ଦୁଇଟିକୁ ଥାନାରେ ଅଟକ ରଖାଯାଇଛି। କାଗଜପତ୍ର ଯାଞ୍ଚ ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ଘନଶ୍ୟାମ ବେହେରା କହିଛନ୍ତି।

# ଭୁବନେଶ୍ୱରରୁ ଇଞ୍ଜିନିୟରିଂ ଛାତ୍ରୀ ନିଖୋଜ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ଭୁବନେଶ୍ୱରରୁ ଜଣେ ଇଞ୍ଜିନିୟରିଂ ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜୟପୁର ଅଞ୍ଚଳର ସ୍ୱିଟି ରଏ (୨୦)। ସେ ଖଣ୍ଡଗିରିସ୍ଥିତ ଉତ୍କଳ ଏରୋସ୍ପେଶ୍ ଆଣ୍ଡ ଇଞ୍ଜିନିୟରିଂ କଲେଜର ଦ୍ୱିତୀୟ ବର୍ଷର ଛାତ୍ରୀ। ସ୍ୱିଟି କୋଲକାତାରୁ ଜନଶତାବ୍ଦୀ ଏକ୍ସପ୍ରେସ୍‌ରେ ଆସି ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ହେଲେ ଏହାର କିଛି ସମୟ ପରେ ତାଙ୍କ ମୋବାଇଲ ଫୋନ୍ ସୁଇଚ୍‌ଅଫ୍ ହୋଇଯାଇଥିଲା। ଏହାପରଠାରୁ ତାଙ୍କର ପତ୍ତା ମିଳୁନାହିଁ। ତ୍ରିପୁରାରେ ବିଏସ୍‌ଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିବା ବାପା ବିଜୟ କୁମାର ରଏଙ୍କ ସୂଚନା ଆଧାରରେ ତାଙ୍କ ବନ୍ଧୁ ସୁରେଶ ପଣ୍ଡା ଜିଆର୍‌ପି ଥାନାରେ ଏନେଇ ଅଭିଯୋଗ କରିଛନ୍ତି। ସ୍ୱିଟିଙ୍କୁ ନିଶା ଦେଇ କେହି ଅପହରଣ କରି ନେଇଥିବା ସେ ସନ୍ଦେହ କରୁଥିବା ଗଣମାଧ୍ୟମକୁ କହିଛନ୍ତି। ଏଥିସହ ଗୁରୁବାର ସନ୍ଧ୍ୟାରେ ସ୍ୱିଟିଙ୍କ ମା' ଭୁବନେଶ୍ୱରରେ ପହଞ୍ଚି ପୋଲିସ ସହ ଆଲୋଚନା କରିଛନ୍ତି। ଝିଅର ଜୀବନ ପ୍ରତି ବିପଦ ଥିବା ସେ ଆଶଙ୍କା କରିଛନ୍ତି। ତେବେ ପୋଲିସ ତାଙ୍କ ମା'ଙ୍କ ଉପସ୍ଥିତିରେ ରେଳଷ୍ଟେଶନର ସମସ୍ତ ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ୮ଟା ୧୫ରେ ଜନଶତାବ୍ଦୀ ଏକ୍ସପ୍ରେସ୍ ୬ ନଂ. ପ୍ଲାଟଫର୍ମରେ ଲାଗିଥିଲା। ଏହାପରେ ସ୍ୱିଟି ମେନ୍ ଗେଟ୍ ଦେଇ ରେଳ ଷ୍ଟେଶନରୁ ବାହାରି ଯାଇଥିବା ସିସିଟିଭିରୁ



ସୁଇଟି ରଏ

ଜଣାପଡ଼ିଛି। ତେଣୁ ତାଙ୍କ ମୋବାଇଲର ଶେଷ ଲୋକେଶନ୍‌କୁ ଟ୍ରାକ୍ କରାଯାଇଥିଲା। ଷ୍ଟେସନରୁ ବାହାରିବାର ୫ରୁ ୧୦ ମିନିଟ୍ ପରେ ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଏକ ମଲ୍ ନିକଟରେ ସ୍ୱିଟିଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ହୋଇଛି। ଜିଆର୍‌ପି ଅଧିକାରୀ ଜୟଦେବ ବିଶ୍ୱଜିତ କହିଛନ୍ତି, ଏନେଇ ଏଯାବତ୍ ମାମଲା ରୁଜୁ କରାଯାଇନାହିଁ। ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ମାମଲା ରୁଜୁ କରାଯିବ କି ନାହିଁ ବିଚାର କରାଯାଉଥିବା ସେ କହିଛନ୍ତି।

ତାଙ୍କ ମା'ଙ୍କ କହିବାନୁସାରେ, ସ୍ୱିଟି କିଛିଦିନ ହେବ ପଶ୍ଚିମବଙ୍ଗସ୍ଥିତ ଘରକୁ ଯାଇଥିଲେ। ସେ ଜନଶତାବ୍ଦୀ ଟ୍ରେନର ଡି୪,

■ ବୁଧବାର ସନ୍ଧ୍ୟାରେ ରେଳ ଷ୍ଟେଶନରେ ପହଞ୍ଚିଥିଲେ

■ ଷ୍ଟେଶନ ନିକଟରୁ ଫୋନ୍ ସୁଇଚ୍ ଅଫ୍ ହୋଇଥିବା ସୂଚନା

■ ନିଶା ଦେଇ ଅପହରଣ ସନ୍ଦେହ କଲେ ପରିବାର ଲୋକେ

ଏସ୍‌୩ କୋଚ୍‌ସ୍ଥିତ ୬୪ ନଂ. ସିଟ୍‌ରେ ବସି ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିଥିଲେ। ଏହାପରେ ସେ କଲେଜ ଅଭିମୁଖେ ଯାଉଥିବା ମା'ଙ୍କୁ ଫୋନ କରି ଜଣାଇଥିଲେ। ହେଲେ ଏହାର କିଛି ସମୟ ପରେ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଦେଖାଇଥିଲା। ସେ କଲେଜରେ ପହଞ୍ଚି ନ ଥିବା କର୍ତ୍ତୃପକ୍ଷ କହିଥିଲେ। ତେଣୁ ଭୁବନେଶ୍ୱର ୟୁନିଟ୍-୧ରେ ରହୁଥିବା ସ୍ୱିଟିଙ୍କ ସ୍ଥାନୀୟ ଅଭିଭାବକ ସୁରେଶଙ୍କୁ ପରିବାର ଲୋକେ ଖବର ଦେଇଥିଲେ। ସୁରେଶ ତୁରନ୍ତ ଏନେଇ ପ୍ରଥମେ ନୟାପଲ୍ଲୀ ଥାନାକୁ ଜଣାଇଥିଲେ। ସ୍ଥାନୀୟ ପୋଲିସର ପରାମର୍ଶକ୍ରମେ ସୁରେଶ ଗୁରୁବାର ସକାଳେ ସ୍ୱିଟିଙ୍କ ଫଟୋ ସହ ଲିଖିତ ଅଭିଯୋଗ କରିଥିଲେ।



**ଆମେରିକାର ଆର୍ଥିକ ମାନ୍ଦାବସ୍ଥାରେ ପ୍ରଭାବିତ ହେବ ଭାରତ**

**ନୂଆଦିଲ୍ଲୀ, ୨୩।୬:** ଆମେରିକାର ଆର୍ଥିକ ମାନ୍ଦାବସ୍ଥା ଦ୍ୱାରା ଭାରତର ଅର୍ଥନୀତିକ ଅଭିବୃଦ୍ଧି ପ୍ରଭାବିତ ହୋଇପାରେ। ଚଳିତ ଆର୍ଥିକ ବର୍ଷର ମଧ୍ୟବର୍ତ୍ତୀ ସମୟରେ ଏହି ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ଦେଖିବାକୁ ମିଳିପାରେ। ପୂର୍ବରୁ ହିଁ ଭାରତୀୟ ଅର୍ଥନୀତି ଅନେକ ଚ୍ୟାଲେଞ୍ଜ ଦେଇ ଗତି କରୁଛି। 'ନୋମୁରା ଇଣ୍ଡିଆ ନର୍ମାଲାଇଜେଶନ ଇଣ୍ଡେକ୍ସ'(ଏନ୍‌ଆଇଏନ୍‌ଆଇ)ର ସୂଚନା ଅନୁସାରେ, ଭାରତର ମୋଟ୍ ରପ୍ତାନିର ୧୮% ଆମେରିକାକୁ ହୋଇଥାଏ। ତେଣୁ ଆମେରିକାର ଆର୍ଥିକ ମାନ୍ଦାବସ୍ଥା ଭାରତର ରପ୍ତାନିକୁ ପ୍ରଭାବିତ କରିବ ବୋଲି ନୋମୁରା ପକ୍ଷରୁ କୁହାଯାଇଛି।



# ରୋମ୍‌ରେ ପ୍ରବାସୀ ଓଡ଼ିଆଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

■ ରାଜ୍ୟର ବିକାଶ ଦିଗରେ ସହଭାଗୀ ହେବାକୁ ଆହ୍ୱାନ
■ ୟୁକେରେ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ସବୁ ସହାୟତା ଦେବାକୁ ପ୍ରତିଶ୍ରୁତି

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ରୋମ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରବାସୀ ଓଡ଼ିଆଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ୟୁରୋପର ୧୨ ଦେଶରୁ ଆସିଥିବା ଓଡ଼ିଆଙ୍କ ସହ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍ ଏବଂ ଆବାସିକ କମିଶନର ରବି କାନ୍ତ କଥାବାର୍ତ୍ତା କରିଛନ୍ତି।

ଏହି ଅବସରରେ ସେଠାରେ ରହୁଥିବା ଉଦ୍ୟୋଗୀ, ଗବେଷକଙ୍କ ସମେତ ମେଡିସିନ, ଇଞ୍ଜିନିୟରିଂ, ଆଇଟି ଆଦି ବିଭିନ୍ନ କ୍ଷେତ୍ରର ବିଦ୍ୟାର୍ଥୀ ଏହି ଆଲୋଚନାରେ ସାମିଲ ହୋଇଛନ୍ତି। ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି, ବିପର୍ଯ୍ୟୟ ପରିଚାଳନା, ମହିଳା ସଶକ୍ତୀକରଣ ଆଦି ବିଭିନ୍ନ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରର ସଫଳତାକୁ ନେଇ ପ୍ରବାସୀମାନେ ଗର୍ବିତ ଥିବା ପ୍ରକାଶ କରିଛନ୍ତି। ଓଡ଼ିଶାର ବିକାଶ ପାଇଁ ସେମାନଙ୍କ ପ୍ରତିବଦ୍ଧତାକୁ ପ୍ରବାସୀ ଓଡ଼ିଆ ଦର୍ଶାଇଛନ୍ତି। ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ ପ୍ରବାସୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ୟୁରୋପରେ ଓଡ଼ିଆମାନେ ଭଲ କରୁଥିବା ଦେଖି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଓଡ଼ିଶାରେ ବିଭିନ୍ନ ରୂପାନ୍ତରଣ ପଦକ୍ଷେପ ଉପରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟର ବିକାଶ ଦିଗରେ ସରକାରଙ୍କ ସହ ସହଭାଗୀ ହେବାକୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆହ୍ୱାନ ମଧ୍ୟ ଦେଇଛନ୍ତି। ବ୍ରିଟେନ୍‌ରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ସମ୍ପର୍କରେ ୟୁକେ ଓଡ଼ିଆ ଆସୋସିଏସନ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ତେବେ ଏଥିପାଇଁ ସବୁ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ସେମାନଙ୍କୁ ନବୀନ ପ୍ରତିଶ୍ରୁତି ଦେଇଥିବା କୁହାଯାଇଛି। ସଫଳ କ୍ୟାରିଅର ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସଫଳତାରେ ରାଜ୍ୟ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରଛନ୍ତି। ଆଗାମୀ ଭବିଷ୍ୟତ ପାଇଁ ନବୀନ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ରଘୁରାଜପୁରରୁ ଯାଇଥିଲା ପଟ୍ଟଚିତ୍ର

■ ବିଶ୍ୱବାସୀଙ୍କୁ ବାର୍ତ୍ତା ଦେଲା କଳାକୃତି
■ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଶିଳ୍ପୀ ଅପିନ୍ଦ୍ର

ପୁରୀ ଅଫିସ, ୨୩।୬

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋମ୍ ଗସ୍ତରେ ଖ୍ରୀଷ୍ଟଗୁରୁ ପୋପ୍‌ଙ୍କୁ ସାକ୍ଷାତ କରିବା ଘଟଣା ଏବେ ରାଜ୍ୟ ବ୍ୟାପୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମୁଖ୍ୟମନ୍ତ୍ରୀ ରୋମରେ ଖ୍ରୀଷ୍ଟଗୁରୁ ପୋପ ଫ୍ରାନ୍‌ସିସଙ୍କୁ ଭେଟି ଏକ ସ୍ୱତନ୍ତ୍ର ପଟ୍ଟଚିତ୍ର ପ୍ରଦାନ କରିଥିଲେ। ଏ ନେଇ ପୋପ ବେଶ୍ ଖୁସି ହୋଇଥିଲେ। ତେବେ ଏହି ପଟ୍ଟଚିତ୍ରକୁ ନେଇ ଏବେ ରୋମଠାରୁ ଓଡ଼ିଶା ସବୁଠି ଚର୍ଚ୍ଚା ହେଉଛି। କାରଣ ଏହି ପଟ୍ଟଚିତ୍ରଟି ପୁରୀ ଜିଲା ରଘୁରାଜପୁର ଗ୍ରାମରୁ ଯାଇଥିଲା। ଏଥିସହ ପଟ୍ଟଚିତ୍ରରେ ଥିବା ଗୋଟିଏ ବୃକ୍ଷ ହିଁ ପ୍ରତ୍ୟେକ ଜୀବନ ଉପରେ ଆଧାରିତ ଥିଲା। ବିଶ୍ୱ କିପରି ସବୁଜିମା ହେବ ଏବଂ ସମଗ୍ର ପ୍ରାଣୀ ଜଗତ କିପରି ସବୁଜିମା ମଧ୍ୟରେ ଜୀବନ ନିର୍ବାହ କରୁଛନ୍ତି ତାହା ଦର୍ଶାଯାଇଛି। ୨ଫୁଟ ଓସାର ଓ ୩ ଫୁଟ ଉଚ୍ଚତାର ଏହି ପଟ୍ଟଚିତ୍ରର ବିଷୟ ଥିଲା 'ଟ୍ରି ଅଫ୍ ଲାଇଫ'।

ଏହି ପଟ୍ଟଚିତ୍ରଟି ପୁରୀ ଜିଲା ଐତିହ୍ୟ ଗ୍ରାମ ରଘୁରାଜପୁରର ଜଣେ ପଟ୍ଟଚିତ୍ର ଶିଳ୍ପୀ ଅପିନ୍ଦ୍ର କୁମାର ସ୍ୱାଇଁ ଏବଂ ତାଙ୍କ ପରିବାର ପ୍ରସ୍ତୁତ କରିଥିଲେ। ଏଥିଲାଗି ୧୫ରୁ ୨୦ଦିନ ସମୟ ଲାଗିଥିଲା। ଏଥିରେ ପାରମ୍ପରିକ ରଙ୍ଗ ପ୍ରୟୋଗ କରିବା ସହ ସମୁଦାୟ ୪ ପ୍ରକାର ରଙ୍ଗ ବ୍ୟବହାର କରାଯାଇଛି। ଏ ନେଇ ଅପିନ୍ଦ୍ର କହିଛନ୍ତି, ସେ ଚିତ୍ର ମାଧ୍ୟମରେ ଦର୍ଶାଇଛନ୍ତି ଦିନକୁ ଦିନ ବିଶ୍ୱରୁ ବୃକ୍ଷ ବହୁ ପରିମାଣରେ କଟାଯାଉଛି। ତେଣୁ ବର୍ତ୍ତମାନ ବୃକ୍ଷ ନ କାଟି ରୋପଣ କରାଯାଉ। କାରଣ ବୃକ୍ଷ ଉପରେ ମଣିଷଠାରୁ ପଶୁପକ୍ଷୀ ପର୍ଯ୍ୟନ୍ତ ସମସ୍ତେ ନିର୍ଭର କରିଛନ୍ତି। ପୋପଙ୍କୁ ଦିଆଯାଇଥିବା ପଟ୍ଟଚିତ୍ରଟି ପ୍ରାୟ ୧୨ହଜାର ଟଙ୍କାରେ ବିକ୍ରି କରିଥିବା ଅପିନ୍ଦ୍ର କହିଛନ୍ତି। ଏହି ପଟ୍ଟଚିତ୍ରକୁ ବିଶ୍ୱ ଦରବାରରେ ପହଞ୍ଚାଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ତାଙ୍କୁ ଆହୁରି ଭଲ ପଟ୍ଟଚିତ୍ର ନିର୍ମାଣ କରିବା ପାଇଁ ପ୍ରେରଣା ଦେଇଛି। ସେ କେବେ ମଧ୍ୟ ଭାବି ନ ଥିଲେ ତାଙ୍କ ପଟ୍ଟଚିତ୍ର ରୋମ ଯିବ ଏବଂ ପୋପଙ୍କୁ ପ୍ରଦାନ କରାଯିବ। ତେବେ ତାଙ୍କ ପଟ୍ଟଚିତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୋପଙ୍କୁ ଦେଇ ପଟ୍ଟଚିତ୍ର କଳାକୁ ବିଦେଶ ମାଟିରେ ପହଞ୍ଚାଇଥିବାରୁ ଅପିନ୍ଦ୍ର ଖୁସିବ୍ୟକ୍ତ କରିଛନ୍ତି।



ଶିଳ୍ପୀ ଅପିନ୍ଦ୍ର ପରିବାର ସହ ମିଶି ପଟ୍ଟଚିତ୍ର ନିର୍ମାଣ କରୁଛନ୍ତି।

# ବିପର୍ଯ୍ୟୟ ମୁକାବିଲା ପାଇଁ ପୂର୍ତ୍ତ ବିଭାଗ ଆକ୍ସନ ପ୍ଲାନ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

**କ୍ଷୟକ୍ଷତିର ଫଟୋ ଜିଓ ଟ୍ୟାଗିଂ ହେବ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ବିପର୍ଯ୍ୟୟର ୨୪ ଘଣ୍ଟା ମଧ୍ୟରେ ରାସ୍ତା ସଫା କରି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ପୁନଃ ଥଇଥାନ ପାଇଁ ଜିଲା ପ୍ରଶାସନ, ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅନ୍ୟ ବୈଷୟିକ ବିଭାଗ ସହ ସମନ୍ୱୟ ରଖି କାମ କରାଯିବ। କ୍ଷୟକ୍ଷତିର ଫଟୋକୁ ଜିଓ ଟ୍ୟାଗିଂ କରି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିକଟରେ ରିପୋର୍ଟ ଦାଖଲ କରାଯିବ। ଆବଶ୍ୟକ ସ୍ଥଳେ ପୂର୍ତ୍ତ ବିଭାଗର ତାଲିକାଭୁକ୍ତ ଠିକାଦାରଙ୍କ ସହଯୋଗ ନିଆଯିବ। ଏଥିସହିତ ବିଭାଗ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ କ୍ୱିକ୍ ରେସ୍‌ପନସ୍ ଟିମ୍ ବା କ୍ୟୁଆରଟି ଗଠନ କରାଯିବ। ପ୍ରଥମେ ଅପରେଟିଂ ଗ୍ରୁପ୍ ଟ୍ରି କଟର୍, ଜେସିବି ଓ ସ୍ଥାନୀୟ ଶ୍ରମିକଙ୍କ ଜରିଆରେ ଯାତାୟାତ ଅବରୋଧ କରୁଥିବା ଗଛର ଶାଖା କାଟିବେ। ୨୪ ଘଣ୍ଟା ଭିତରେ ୩ ମିଟର ଓସାର ରାସ୍ତା ସଫା କରି ରିଲିଫ୍ କାମ ଆରମ୍ଭ ହେବ। ପୁରୁଣା ଭଙ୍ଗା ବ୍ରିଜ୍ ନିକଟରେ ହ୍ୟୁମ୍ ପାଇପ୍ ବିଛାଯିବ। ଏଥିରେ ବାଲି ବସ୍ତା କିମ୍ବା ମୋରମ ଆଚ୍ଛାଦିତ କରି ଟ୍ରାଫିକ୍ ପୁନରୁଦ୍ଧାର ହେବ। ସେହିପରି ପାହାଡ଼ ପାଖରେ ସ୍ଲୋପ୍ ପାଇଁ ଅସ୍ଥାୟୀ କାନ୍ଥ ନିର୍ମାଣ କରି ଭୂସ୍ଖଳନର ମୁକାବିଲା କରାଯିବ। ଜଳ ନିଷ୍କାସନ ପମ୍ପ, ଜେନେରେଟର, ଶିଡ଼ି, ଦଉଡ଼ି, ବନ୍ୟା ଲାଇଟ୍, ହାତୁଡ଼ି ସହ ମାନବ ସମ୍ବଳ ଜରୁରିକାଳୀନ ସମୟରେ ବ୍ୟବହାର କରାଯାଇ ପାରିବ। ଜଳମଗ୍ନ ରାସ୍ତାରେ ଯାତାୟାତ ବନ୍ଦ ରହିବ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଷ୍ଟାଫ୍ ପ୍ରଶିକ୍ଷଣ କେନ୍ଦ୍ର
୧୬/ଏ, ଜାଗମରା, ଭୁବନେଶ୍ୱର-୭୫୧୦୩୦,
ଫୋନ ନଂ.: ୦୬୭୪-୨୩୫୩୧୦୯/୧୧୦/୧୧୧

**ଟେଣ୍ଡର ନୋଟିସ୍ ଆହ୍ୱାନ**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏକ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏହାର ଷ୍ଟାଫ୍ ପ୍ରଶିକ୍ଷଣ କେନ୍ଦ୍ର, ସା:୧୬/ଏ, ଜାଗମରା, ଭୁବନେଶ୍ୱର ପାଇଁ କ୍ୟାଣ୍ଟିନ୍ କଣ୍ଟ୍ରାକ୍ଟର ନିମନ୍ତେ ଟେଣ୍ଡର ଆହ୍ୱାନ କରୁଅଛି। ଇଚ୍ଛୁକ କଣ୍ଟ୍ରାକ୍ଟିଙ୍ଗ୍ ଏଜେନ୍ସି ତା୨୨.୦୬.୨୦୨୨ ରୁ ୧୨.୦୭.୨୦୨୨ ରିଖ ମଧ୍ୟରେ ବ୍ୟାଙ୍କର ୱେବସାଇଟ୍ www.unionbankofindia.com ଏବଂ ସରକାରୀ ୱେବସାଇଟ୍ www.eprocure.gov.in ଦେଖିପାରିବେ।

ସ୍ଥାନ: ଭୁବନେଶ୍ୱର
ତାରିଖ : ୨୨.୦୬.୨୦୨୨
ମୁଖ୍ୟ ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଷ୍ଟାଫ୍ ପ୍ରଶିକ୍ଷଣ କେନ୍ଦ୍ର

# ବଦଳି କରାଇବାକୁ କହି ୩୪ଲକ୍ଷ ଠକେଇ

■ ଠକାମିର ଶିକାର ହେଲେ ଶିକ୍ଷକ
■ ଜେଲ ଗଲେ ଅଭିଯୁକ୍ତ

ପଦ୍ମପୁର,୨୩।୬(ଡି.ଏନ.ଏ.)

ନିଜକୁ ଶିକ୍ଷା ବିଭାଗର ସେକ୍ସନ ଅଫିସର ପରିଚୟ ଦେଇ ବଦଳି କରାଇଦେବାକୁ କହି ଶିକ୍ଷକଙ୍କଠାରୁ ୩୪ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣେ ଯୁବକଙ୍କୁ ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ପୋଲିସ ଗିରଫ କରିଛି। ସେ ହେଲେ କୋରାପୁଟ ଜିଲା ଜୟପୁର ଥାନା ଅଞ୍ଚଳର ସଂଗ୍ରାମ କେଶରୀ ବାରିକ। ଗୁରୁବାର ପୂର୍ବାହ୍ନରେ ତାଙ୍କୁ କୋର୍ଟ ଚାଲାଣ ପରେ ଭଦ୍ରକ ଜେଲକୁ ପଠାଇ ଦିଆଯାଇଛି। ତାଙ୍କ ନିକଟରୁ ଏକ କାର୍, ମୋବାଇଲ, ୧୩୦ ଗ୍ରାମ୍ ସୁନା ଓ ନଗଦ ୪୦ ହଜାର ଟଙ୍କା ଜବତ କରାଯାଇଛି।

ସାବରଙ୍ଗ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ ସୂଚନା ଦେଇ କହିଛନ୍ତି, ସାବରଙ୍ଗ ଅଞ୍ଚଳର ସୌଭାଗ୍ୟ ରଞ୍ଜନ ମହାପାତ୍ର ପ୍ରାଥମିକ ଶିକ୍ଷକ ଭାବେ ସୁନ୍ଦରଗଡ଼ ଜିଲାରେ କାର୍ଯ୍ୟରତ ଅଛନ୍ତି। ଗତ ମାର୍ଚ୍ଚରେ ସଂଗ୍ରାମ କୌଣସି ସୂତ୍ରରୁ ସୌଭାଗ୍ୟଙ୍କ ମା'ଙ୍କ ସହ ଫୋନ ମାଧ୍ୟମରେ ଯୋଗାଯୋଗ କରି ନିଜକୁ ଶିକ୍ଷା ବିଭାଗର ସେକ୍ସନ ଅଫିସର ପରିଚୟ ଦେଇଥିଲେ। ସୌଭାଗ୍ୟଙ୍କୁ ନିଜ ଜିଲା ତଥା ଭଦ୍ରକକୁ ବଦଳି କରାଇ ଦେବେ ବୋଲି ତାଙ୍କୁ କହିଥିଲେ। ଏଥିପାଇଁ ବିଭିନ୍ନ କିସ୍ତିରେ ଅନ୍‌ଲାଇନ ଟ୍ରାନ୍ସଫର ମାଧ୍ୟମରେ ୩୪ଲକ୍ଷ ୮ ହଜାର ୧୧୫ ଟଙ୍କା ଠକି ନେଇଛନ୍ତି। ସୌଭାଗ୍ୟଙ୍କ ବାପା ରତ୍ନାକର ମହାପାତ୍ର ସେନାରେ ଯୋଗଦେଇ ଶହୀଦ ହୋଇଥିଲେ। ସରକାରଙ୍କ ପକ୍ଷରୁ ମିଳିଥିବା ଅର୍ଥରାଶି ତାଙ୍କ ସ୍ତ୍ରୀ ସୌଦାମିନୀଙ୍କ ନାଁରେ ଜମା ଥିଲା। ପ୍ରଥମ ପର୍ଯ୍ୟାୟରେ ବଦଳି ପାଇଁ ୫ଲକ୍ଷ ଟଙ୍କା ଆବଶ୍ୟକ ବୋଲି କହିବାରୁ ସୌଦାମିନୀଙ୍କ ଆକାଉଣ୍ଟରୁ ସଂଗ୍ରାମଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିଲା। ପରେ ବିଭିନ୍ନ ବାହାନା କରି ୯୨ଥର ତାଙ୍କଠାରୁ ଅନ୍‌ଲାଇନରେ ଟଙ୍କା ନେଇଛନ୍ତି। ପରେ ବଦଳି ଅର୍ଡର ମାଗିବାରୁ ସଂଗ୍ରାମ ସୌଭାଗ୍ୟ ଓ ତାଙ୍କ ମା'ଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ଗତ ୧୪ ତାରିଖରେ ସୌଭାଗ୍ୟଙ୍କ ଅଭିଯୋଗକ୍ରମେ ସାବରଙ୍ଗ ଥାନାରେ ମାମଲା (ନଂ.୧୧୦/୨୨)ରୁଜୁ ହୋଇଥିଲା। ଅଭିଯୁକ୍ତ ସଂଗ୍ରାମ କୌଣସି କାମରେ ବାସୁଦେବପୁର ଆସିଥିବା ଖବର ପାଇ ସାବରଙ୍ଗ ଥାନାଧିକାରୀ ଶୋଭେନ କୁମାର ସ୍ୱାଇଁ ଓ ଗ୍ରାମାଞ୍ଚଳ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ମିଳିତ ଉଦ୍ୟମରେ ତାଙ୍କୁ ବୁଧବାର ଗିରଫ କରାଯାଇଛି। ସେ ବିଭିନ୍ନ ଠକେଇ ମାମଲାରେ ସମ୍ପୃକ୍ତ ଥିବାବେଳେ ନାମୀଦାମୀ ହୋଟେଲରେ ବିଳାସପୂର୍ଣ୍ଣ ଜୀବନ ଯାପନ କରିବା ସହ ସୁନାଗହଣା କିଣିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।



ଜବତ ହୋଇଥିବା ନଗଦ ଟଙ୍କା ଓ ସୁନାଗହଣା।



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ ସୂଚନା ଦେଉଛନ୍ତି।

**MILK UNION SAMBALPUR**
**VEHICLE REQUIRED ON HIRE**
TATA ACE or similar type of vehicle required on hire for Jharbandh to Nuapada Milk route running covering 105 K.M. only morning shift.
Interested Parties may purchase and submit Tenders by **08.07.2022**,
Tender Paper Cost- **Rs. 200/- + GST, EMD- Rs. 2,000/-**

See Career Appointment on every Wednesday & Saturday

**PARADIP PORT AUTHORITY**
**e-TENDER CALL NOTICE**
**TD/TM/GEN-225(Vol-IV)/22/1094 dtd. 07.06.2022**
Name of the work :- " **Allotment of 07 (Seven) nos. of Manual Iron Ore/Iron Ore Pellet Plots**".
License Fees : **Rs.2,36,09,322/-** .
Wharfage Fees : **Rs.6,83,484/-**
Last date & time of submission of bid : **28.06.2022 up to 16:00 hrs.**
Date and time of opening (technical bid): **28.06.2022 up to 16:00 hrs.**
Refer our website for details : **https://eprocure.gov.in/eprocure/app.**
**Traffic Manager**
**Paradip Port Authority**
PPA/PR/166/22-23, Dtd.23.06.2022

ଓଡ଼ିଶା ସରକାର
**ପ୍ରାଣୀ ସମ୍ପଦ ବିକାଶ ବିଭାଗ**
**କାର୍ଯ୍ୟାଳୟ:ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁର**
କ୍ଷୁଦ୍ର ଟେଣ୍ଡର ବିଜ୍ଞାପନ ସଂଖ୍ୟା–IV/3/2022/୪୮୦୪ ତାରିଖ–୨୧.୦୬.୨୦୨୨
**No.M-18:** ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁର, ଗଞ୍ଜାମ ଜିଲ୍ଲାର ୫ ଗୋଟି ବ୍ଲକରେ (ବେଗୁନିଆପଡା/ପୋଲସରା/ସାନଖେମୁଣ୍ଡି/ପାତ୍ରପୁର/ଦିଗପହଣ୍ଡି) ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ନିମନ୍ତେ (ପ୍ରତି ବ୍ଲକ ପିଛା ଏକ ଗୋଟି) ବିନା–ଶୀତତାପ ନିୟନ୍ତ୍ରିତ ଟିୟୁଭି ୩୦୦ (TUV 300) ବୋଲେରୋ (Bolero)/ ସୁମୋ ଗୋଲ୍ଡ (Sumo Gold)/ ଏର୍ଟିଗା (Ertiga) ଜିପ ଗଠନ ଢଙ୍ଗ ଡିଜେଲ/ପେଟ୍ରୋଲ ପରିଚାଳିତ ଯାନ (ଯାହାକି ସଂଲଗ୍ନକ–ଆଇଆଇ ପ୍ରକାରେ ସର୍ତ୍ତ ଓ ନିୟମାବଳୀ ଗୁଡିକୁ ଦୃଢୀଭୂତ କରୁଥିବ) ମାସିକ ଭଡା ସୂତ୍ରରେ ଯୋଗାଇଦେବା ସକାଶେ ଆଗ୍ରହୀ ପଞ୍ଜୀକୃତ ଭ୍ରମଣ କରାଇବା ସଂସ୍ଥା (Travel Agency)/ ଭ୍ରମଣ ସଂଚାଳକ (Tour Operators) ଓ ବେସରକାରୀ ବ୍ୟକ୍ତି ବିଶେଷ (Private Individuals) ଙ୍କ ଠାରୁ ମୁଦଦିଆ ଦରଖାସ୍ତ ଆହ୍ୱାନ କରିଛନ୍ତି । ଟେଣ୍ଡର ବିଜ୍ଞାପନର ସବିଶେଷ ବିବରଣୀ ଓଡିଶା ସରକାରୀ ୱେବସାଇଟ (www.ganjam.nic.in)ରୁ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁରଙ୍କ କାର୍ଯ୍ୟାଳୟରୁ ପାଇପାରିବେ । ଟେଣ୍ଡର ଦରଖାସ୍ତ ଗ୍ରହଣର ଶେଷ ତାରିଖ– ତା.୨୬.୦୭.୨୦୨୨ ରିଖ ଅପରାହ୍ନ ୫ ଘଟିକା ।
ସ୍ୱା./– ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ
ଗଞ୍ଜାମ, ବ୍ରହ୍ମପୁର
OIPR-06032/11/0004/2223

# ଷ୍ଟାର୍ଟଅପ୍ ଚିଠା ନୀତି ଉପରେ ଆଲୋଚନା

**ଓ-ହବ୍ ଠାରେ ଇନ୍‌କ୍ୟୁବେଟସଙ୍କୁ ନେଇ ବୈଠକ**

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ଓ–ହବ୍‌ଠାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅଧୀନ ଷ୍ଟାର୍ଟଅପ୍–ଓଡ଼ିଶା ଦ୍ୱାରା ଇନ୍‌କ୍ୟୁବେଟର୍ସଗୁଡ଼ିକୁ ନେଇ ଗୁରୁବାର ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ବିଶେଷ ଭାବେ ଷ୍ଟାର୍ଟଅପ୍ ଚିଠା ନୀତି ଉପରେ ଅଧିକ ଆଲୋଚନା କରାଯାଇଛି। ଷ୍ଟାର୍ଟଅପ୍–ଓଡ଼ିଶାର ନିର୍ବାହୀ ଅଧକ୍ଷ ଡ. ଓମ୍‌କାର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଷ୍ଟାର୍ଟଅପ୍–ଓଡ଼ିଶାର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ଶାଦିକ୍ ଆଲାମ୍, ଇଭାନ୍‌ଜେଲିଷ୍ଟ ଡ. ସଂଯୁକ୍ତା ବଡ଼ାଇଙ୍କ ସମେତ ୧୯ଟି ଇନ୍‌କ୍ୟୁବେଟର ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଷ୍ଟାର୍ଟଅପ୍ ଯାତ୍ରା ୨.୦ ଉପରେ ପୂର୍ବ ଅଭିଜ୍ଞତାକୁ ଆଧାରକରି ଆଲୋଚନା କରାଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ଓ ସମୟ ଉପଯୋଗୀ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ରାଜ୍ୟକୁ ୨୦୨୫ ସୁଦ୍ଧା ସର୍ବୋତ୍ତମ ଷ୍ଟାର୍ଟଅପ୍ ହବ୍ ଭାବେ ପରିଣତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେ ଦିଗରେ ସଫଳତା ପାଇବା ନିମନ୍ତେ ସୁସ୍ଥ ଷ୍ଟାର୍ଟଅପ୍ ପରିମଣ୍ଡଳର ସୃଷ୍ଟି, ଆର୍ଥିକ ଋଣ ପ୍ରଦାନ, ପ୍ରୋତ୍ସାହନ, ତଦାରଖ, ବଜାର ସୃଷ୍ଟି ଭଳି କାର୍ଯ୍ୟକ୍ରମଗୁଡ଼ିକୁ ଠିକ୍ ଭାବେ ସଞ୍ଚାଳନ କରାଯାଉଛି। ଇନ୍‌କ୍ୟୁବେଟରଙ୍କୁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ସାଧନ ଦିଗରେ ସଚେତନ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ସମ୍ମିଳନୀରେ କୃଷି କଳିଙ୍ଗ ଇନୋଭେଶନ୍ କାଉନ୍‌ସିଲ୍, ଡିବିଟି–ଆଇଏଲ୍‌ଏସ୍, ସୁଇଟ୍‌ଟେକ୍ ଇନ୍‌କ୍ୟୁବେଟର ଫାଉଣ୍ଡେଶନ ପ୍ରମୁଖ ସଂସ୍ଥା ଯୋଗ ଦେଇଛନ୍ତି।

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E_Mail ID : serwcbaripada@gmail.com Ph-No-06792-261343/261344 Gangraj, Baripada
**No.O-523:** Office Order No.2172/Dt.21.06.2022
**1st Corrigendum to National Competitive Bidding e_Procurement Notice No-1969/ Bridge work dt.13.06.2022.**
Due to unavoidable technical reason the important dates of tendering process for Bridge work are being changed as follows.

| Procurement Officer | Bid Identification No. | Availability of tender On-line for bidding | | | | Last date & Time of seeking Tender Clarification | | Date & Time of Opening of Tender in O/O. C.C.E.,R.W. Circle, Baripada | | |
|---|---|---|---|---|---|---|---|---|---|---|
| | | From | | To | | | | Technical Bid | | Financial Bid |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| | | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | |
| Chief Construction Engineer, Rural Works Circle, Baripada | Bridge Online N.C.B. No.232 | Dt.20.06.2022 at 11.00 AM | Dt.05.07.2022 at 11.00 AM | Dt.05.07.2022 upto 5.00 PM | Dt.20.07.2022 upto 5.00 PM | Dt.04.07.2022 upto 5.00 PM | Dt.19.07.2022 upto 5.00 PM | Dt. 06.07.2022 at 11.00 AM | Dt. 21.07.2022 at 11.00 AM | Will be Intimated Later |

All other terms and conditions are remain unchanged.
Sd/ Er. N.V.H Rao.
Chief Construction Engineer, R.W. Circle, Baripada
OIPR-25181/11/0026/2223

**ତହସିଲଦାରଙ୍କ କାର୍ଯ୍ୟାଳୟ, ଉଲୁଣ୍ଡା**
**ବିଜ୍ଞାପନ ସଂଖ୍ୟା–1391, ତାରିଖ 20.06.2022**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ତହସିଲ ଅଧୀନସ୍ଥ ନିମ୍ନୋକ୍ତ ଲଘୁ ଖଣିଜ (ବାଲି ଉତ୍ସ) କୁ ଆସନ୍ତା ୫ (ପାଞ୍ଚ) ବର୍ଷ ପାଇଁ ଅର୍ଥାତ୍ ୨୦୨୨–୨୩ ଆର୍ଥିକ ବର୍ଷଠାରୁ ୨୦୨୬–୨୭ ପର୍ଯ୍ୟନ୍ତ ଲିଜ୍ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Ammendment Rule 2016 ରେ Form–M ପୂରଣ କରି ଏହାର ତିନି କପି ସହିତ ୧୦୦୦ (ଏକହଜାର) ଟଙ୍କାର ଟ୍ରେଜେରି ଚାଲାଣ ଆବେଦନ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା, ମାଇନିଙ୍ଗ ଦେୟ ବାକି ନ ଥିବା ଏକ ସତ୍ୟପାଠ, ସଲ୍‌ଭେନ୍‌ସି ସାର୍ଟିଫିକେଟ, Income Tax Clearance/ IT returnର ନକଲ, ଅନ୍ୟାନ୍ୟ ଦକ୍ଷତା, ଜ୍ଞାନ ଇତ୍ୟାଦିର ସାର୍ଟିଫିକେଟ ସଂଲଗ୍ନ କରି (Sealed Cover) ରେ ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା.୦୫.୦୭.୨୦୨୨ ରିଖ ଅପରାହ୍ନ ଘ.୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ୍ ବକ୍ସରେ ପକାଇବେ ଏବଂ ସେହିଦିନ ଘ.୩.୩୦ ମି. ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ । ଯେଉଁ ସଇରାତ ଉତ୍ସ ପ୍ରଥମ ଦିନ ଚୂଡାନ୍ତ ହୋଇପାରିବ ନାହିଁ, ସେହି ଉତ୍ସ ପାଇଁ ଦ୍ୱିତୀୟଥର ତା.୧୨.୦୭.୨୦୨୨ ରିଖ ଅପରାହ୍ନ ଘ.୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ୍ ବକ୍ସରେ ପକାଇବେ ଏବଂ ସେହିଦିନ ଘ.୩.୩୦ ମି. ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ । ଯେଉଁ ସଇରାତ ଉତ୍ସ ଦ୍ୱିତୀୟ ଦିନ ଚୂଡାନ୍ତ ହୋଇପାରିବ ନାହିଁ, ସେହି ଉତ୍ସ ପାଇଁ ତୃତୀୟ ଥର ତା.୧୯.୦୭.୨୦୨୨ ରିଖ ଅପରାହ୍ନ ଘ.୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ୍ ବକ୍ସରେ ପକାଇବେ ଏବଂ ସେହିଦିନ ଘ.୩.୩୦ ମି. ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ । ସର୍ତ୍ତାବଳୀ ଓ ସବିଶେଷ ବିବରଣୀ www.subarnapur.nic.in ରେ କିମ୍ବା ଉଲୁଣ୍ଡା ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଉପଲବ୍ଧ ଅଟେ ।
**ସଇରାତର ବିବରଣୀ**
୧.ବ୍ରାହ୍ମଣୀପାଲି ବାଲି ଉତ୍ସ ୨୦୨୨–୨୩ ରୁ ୨୦୨୬–୨୭ (ପାଞ୍ଚ)ବର୍ଷ
ସ୍ୱା./– ତହସିଲଦାର, ଉଲୁଣ୍ଡା

**The Odisha Small Industries Corporation Ltd.**
(A Government of Odisha Undertaking)
(*An ISO:9001:2008 certified Govt. Company*)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-898 OSIC GST No. 21AAACO2101M1Z1
**TENDER CALL NOTICE**
Tender Notice No.2644/RE/OSIC Dt.23.06.2022
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC **for the works** i.e. **1. a)** Shifting of electrical poles for the work "Construction and maintenance of Sardhapur to Sinapali road under MMSY in the District of Nabarangpur" **b)** Shifting of electrical poles for the work "Construction and maintenance of Dhodipani to Phatamunda via Haridapada road under MMSY in the District of Nabarangpur" **c)** Shifting of electrical poles for the work "Construction and maintenance of Bandhakona to Bilijharan road under MMSY in the District of Nabarangpur". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.
OIPR-14073/11/0033/2223 Sd/-GENERAL MANAGER(O)

**The Odisha Small Industries Corporation Ltd.**
(A Government of Odisha Undertaking)
(*An ISO:9001:2008 certified Govt. Company*)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-905 OSIC GST No. 21AAACO2101M1Z1
**e-Procurement Notice for Building works**
Tender Notice No.2645 Date: 23.06.2022
Identification No. On line Building OSIC/Constn./2022-2023/005
(A)1.Name of the work
i) Construction of boundary wall of "Odisha Rajya Talgur Samabaya Sangha ltd. at Bahugram,Cuttack. ii) Construction of Boundary Wall of "Odisha Rajya Talgur Samabaya Sangha Ltd at Bhairpur, Cuttack.iii) Proposed Construction work of MD Quarter & Transit House at Talaguda office complex, Gandamunda, Bhubaneswar.
iv) Proposed Construction work for District office Building at Chheligada, Gajapati. v) Proposed Construction work of 2BHK Staff quarter building at Talaguda office complex, Gandamunda, Bhubaneswar.
2.Total No of works : 05 Nos.
3. Estimated cost :
i) **Rs.31,93,955/-(approx)**, ii)**Rs.13,53,409/-(approx)**
iii)**Rs.80,27,034/-(approx)** iv)**Rs.52,58,657/-(approx)**
v) **Rs.96,56,591/-(approx)**
4.Class of Contractor:
i)C & B Class as per illegibility criteria online. ii)D & C Class as per illegibility criteria online. iii)B & A Class as per illegibility criteria online. iv)B & A Class as per illegibility criteria onlinev)B& A Class as per illegibility criteria online
5.Period of completion:
(i) Six Calendar months., (ii) Six Calendar months. (iii)Twelve Calendar months., (iv) Nine Calendar months. (v)Twelve Calendar months.
B)1.Name of the work :
i) Construction of boundary wall, road & drain at KMRS (Jharanaghati) Nilagiri, Balasore, Odisha. ii) Construction of Boys & Girls Hostel Boundary wall & Road At Banarpal, Angul,Odisha.
2.Total No of works : 02 Nos.
3. Estimated cost : i) Rs.**1,23,22,800/-(approx)** ii) Rs. **39,72,080/-(approx)**
4.Class of Contractor : i)B & A class as per eligibility criteria online. ii)C & B class as per eligibility criteria online
5.Period of completion : (i) Nine Calendar months. (ii) Six Calendar months.
(C)1.Name of the work : i) Repair & Renovation of Branch Office at Balasore, Odisha.
2.Total No of works : 01 No.
3. Estimated cost : i) Rs.**14,87,000/-(approx)**
4.Class of Contractor : D & C class as per eligibility criteria online.
5.Period of completion : Three Calendar months
(D)Other details

| Procurement on line | Bid Identification No | Availability of tender on-line for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 005 of 2022-2023 | 29.06.22 | 18.07.22 | 19.07.22 |

Further details can be seen from the website www.tendersodisha.gov.in . Any amendment corrigendum, cancellation or re-tender may please be referred to the website.
Sd/-
MANAGING DIRECTOR
OSIC Ltd., Cuttack.
OIPR-14073/11/0034/2223

# ରାଜାଙ୍କୁ ଜେରା, ସନ୍ତୋଷଙ୍କୁ ନୋଟିସ

**ଅଭିନେତ୍ରୀ ରଶ୍ମିରେଖା ଆତ୍ମହତ୍ୟା ମାମଲା**

■ ତଦନ୍ତରେ ସହଯୋଗ କରୁନାହାନ୍ତି ପୁରୁଷ ବନ୍ଧୁ ସନ୍ତୋଷ

■ ୨୫ ତାରିଖ ମଧ୍ୟରେ ଥାନାରେ ହାଜର ହେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ଅଭିନେତ୍ରୀ ରଶ୍ମିରେଖା ଓଝା ଓରଫ ସୋନି(୨୨)ଙ୍କ ମୃତ୍ୟୁକୁ ୬ଦିନ ବିତିଛି। ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା ବୋଲି ଦର୍ଶାଯାଇଛି। ହେଲେ କେଉଁ କାରଣ ପାଇଁ ରଶ୍ମିରେଖା ଏଭଳି ପଦକ୍ଷେପ ନେଲେ, ତାହା ଏବେବି ରହସ୍ୟ ଘେରରେ ରହିଛି। ଆତ୍ମହତ୍ୟା ପଛର କାରଣ ଜାଣିବାକୁ ନୟାପଲ୍ଲୀ ଥାନା ପୋଲିସ ଜଣେ ପୁରୁଷ ବନ୍ଧୁ ରାଜାଙ୍କୁ ଗୁରୁବାର ଜେରା କରିଛି। ପ୍ରାୟ ୧ ଘଣ୍ଟା କାଳ ଥାନାରେ ତାଙ୍କୁ ପଚରାଉଚରା କରି ପୋଲିସ କିଛି ନୂଆ ତଥ୍ୟ ପାଇଥିବା ଜଣାପଡିଛି। ତେବେ ରାଜା ଗଣମାଧ୍ୟମକୁ କହିଛନ୍ତି, ତଦନ୍ତରେ ମୁଁ ସହଯୋଗ କରୁଛି। ଆଗକୁ ଆଉଥରେ ପୋଲିସ ପକ୍ଷରୁ ମତେ ଡକାଯିବ। ମୁଁ ମୋ ପକ୍ଷ ରଖିବି ବୋଲି ସେ କହିଛନ୍ତି। ସେପଟେ ରଶ୍ମିରେଖାଙ୍କ ସହ ରହୁଥିବା ପୁରୁଷ ବନ୍ଧୁ ସନ୍ତୋଷ ପାତ୍ର ତଦନ୍ତରେ ସହଯୋଗ କରୁ ନ ଥିବା ଜଣାପଡିଛି। ମୃତ୍ୟୁର ୩ ଦିନ ପୂର୍ବରୁ ସେ ରଶ୍ମିରେଖାଙ୍କୁ ଛାଡ଼ି ପଳାଇଥିଲେ। ତାଙ୍କୁ ଡକାଯାଇଛି, ସେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ପହଞ୍ଚିବେ ବୋଲି ଡିସିପି ପ୍ରତୀକ ସିଂ ଗତ ସୋମବାର ଗଣମାଧ୍ୟମକୁ କହିଥିଲେ। ହେଲେ ଏପର୍ଯ୍ୟନ୍ତ ସନ୍ତୋଷଙ୍କର ଦେଖାମିଳୁ ନାହିଁ। ଏପରିକି ତାଙ୍କ ମୋବାଇଲ ମଧ୍ୟ ସୁଇଚ୍ ଅଫ୍ ଥିବା ସୂଚନା ମିଳିଛି। ତେଣୁ ସନ୍ତୋଷଙ୍କୁ ପୋଲିସ ନୋଟିସ କରିଛି। ଏହି ନୋଟିସ୍‌କୁ ତାଙ୍କ ପରିବାର ଲୋକଙ୍କ ନିକଟକୁ ପଠାଯାଇଛି। ୨୫ ତାରିଖ ମଧ୍ୟରେ ସନ୍ତୋଷ ତୁରନ୍ତ ଥାନାରେ ପହଞ୍ଚି ତଦନ୍ତରେ ସହଯୋଗ କରିବାକୁ ସେଥିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ରଶ୍ମିରେଖାଙ୍କ ମୃତ୍ୟୁ ପାଇଁ ତାଙ୍କ ପରିବାର ଲୋକ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ ସନ୍ତୋଷଙ୍କୁ ହିଁ ଦାୟୀ କରି ଆସୁଛନ୍ତି। ସନ୍ତୋଷ ଏଯାବତ୍ ତଦନ୍ତରେ ସହଯୋଗ ନ କରୁଥିବାରୁ ରଶ୍ମିରେଖାଙ୍କ ଆତ୍ମହତ୍ୟା ପଛରେ ତାଙ୍କର ହାତ ଥିବା ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରୁଛି। ଡିସିପି କହିଛନ୍ତି, ଆତ୍ମହତ୍ୟାର କାରଣ ଜାଣିବାକୁ ତଦନ୍ତକାରୀ ଅଧିକାରୀ ପରିବାର ଲୋକଙ୍କ ସହ ଯୋଗାଯୋଗରେ ଅଛନ୍ତି। ଅନ୍ୟ ସାଙ୍ଗସାଥୀଙ୍କୁ ଡକାଯାଇ ତଦନ୍ତ କରାଯାଉଥିବା ସେ କହିଛନ୍ତି।

## ଚର୍ଚ୍ଚାରେ ରଶ୍ମିରେଖାଙ୍କ ଭାଇରାଲ ଭିଡିଓ

ଅଭିନେତ୍ରୀ ରଶ୍ମିରେଖାଙ୍କ ପ୍ରେମ, ମୃତ୍ୟୁ ଓ ତଦନ୍ତକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ତାଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ସେଥିରେ ରଶ୍ମିରେଖା ଏକ



ବାର୍‌ରେ ଓଡ଼ିଆ ସ୍ୟାଡ୍ (ଦୁଃଖ) ଗୀତରେ ନାଚୁଥିବା ଦେଖିବାକୁ ମିଳୁଛି। ବାର୍‌ରେ ସାଧାରଣତଃ ହିଟ୍, ରୋମାଞ୍ଚ ଗୀତରେ ନୃତ୍ୟ କରାଯାଉଥିବାବେଳେ ରଶ୍ମିରେଖାଙ୍କ ଏହି ନାଚ ପଛରେ ଜୀବନର ସ୍ଥିତି ଯୋଡି ହୋଇଥିବା ଭଳି ମନେହେଉଛି। ସେ ପ୍ରେମଜନିତ ମାନସିକ ଚିନ୍ତାରେ ଥାଇ ଏଭଳି ନାଚୁଥିବା ମଧ୍ୟ ଆଲୋଚନା ହେଉଛି। ଉକ୍ତ ଭିଡିଓ ମୃତ୍ୟୁର କିଛିଦିନ ପୂର୍ବର ବୋଲି କୁହାଯାଉଛି। ହେଲେ ସେହି ସମୟରେ କେଉଁମାନେ ତାଙ୍କ ସହ ଥିଲେ ତାହା ଜଣାପଡ଼ିନାହିଁ। ତେବେ ଏହି ଭିଡିଓକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସଙ୍କେତପାଟଣାର ରଶ୍ମିରେଖା ୨ ମାସ ହେବ ନୟାପଲ୍ଲୀ ଗଡ଼ସାହିସ୍ଥିତ ଏକ ଭଡ଼ାଘରେ ପୁରୁଷ ବନ୍ଧୁ ସନ୍ତୋଷଙ୍କ ସହ ରହୁଥିଲେ। ୧୮ ତାରିଖ ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ସମ୍ପର୍କରେ ଖବର ପାଇ ପରିବାର ଲୋକେ ବିଳମ୍ବିତ ରାତିରେ ଭୁବନେଶ୍ୱରରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ଉକ୍ତ ଘର ତାଲା ଭାଙ୍ଗି ଫ୍ୟାନ୍‌ରେ ଝୁଲୁଥିବା ଅବସ୍ଥାରେ ରଶ୍ମିରେଖାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୩।୬।୨୦୨୨

| ୬୪,୧୭୪ ଟଙ୍କା | |
|---|---|
| ସୁନା | ୧.୧୦୦ ଗ୍ରାମ |
| ରୁପା | ମିଳିନାହିଁ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ଭୁବନେଶ୍ୱରକୁ ସ୍ଥାନାନ୍ତର ଦାବିରେ ଓକିଲ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ, କୋର୍ଟ ପରିସର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଇଞ୍ଜିନିୟର୍ସ ସର୍ଭିସ ଆସୋସିଏଶନ୍‌ର ସାଧାରଣ ପରିଷଦ ବୈଠକ, ଆସୋସିଏଶନ ପରିସର, ପୂର୍ବାହ୍ନ ୧୦ଟା ୩୦।
- ୫ମ ସର୍ବଭାରତୀୟ ସମ୍ମିଳନୀ, କିଟ୍ କ୍ୟାମ୍ପସ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଆଲୁମ୍ନି ମିଟ୍, ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷ, ମଦନପୁର, ପୂର୍ବାହ୍ନ ୧୧ଟା।
- ଉତ୍କଳିକା ପକ୍ଷରୁ ଜାତୀୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଏକାମ୍ର ହାଟ, ଅପରାହ୍ନ ୩ଟା।
- 'ସମଦୃଷ୍ଟି' ପବ୍ଲିକେଶନ୍ ପ୍ରକାଶିତ ବୀରେନ୍ଦ୍ର ନାୟକଙ୍କ ପୁସ୍ତକ 'ଭିନ୍ନ ଏକ ନବକୃଷ୍ଣ', ଲୋହିଆ ଏକାଡେମୀ, ସନ୍ଧ୍ୟା ୬ଟା।
- ପଦମୃତ ନୃତ୍ୟାୟନ ପକ୍ଷରୁ ବିମୁଗ୍ଧା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ସାଧିକା ପକ୍ଷରୁ ମଞ୍ଚ ପ୍ରବେଶ ସେରିମନି, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ୨୦ତମ ଲୋକମେଳା ଏବଂ ୧୩ତମ କୃଷି ମେଳା, ମୁକ୍ତାକାଶ ରଙ୍ଗମଞ୍ଚ, ଶରଧାବାଲି, ସକାଳ ୭ଟା।

## ସାପ କାମୁଡ଼ାରେ ୨ ମହିଳା ମୃତ

**ନରସିଂହପୁର, ୨୩।୬(ସ୍ୱ.ପ୍ର.):** ନରସିଂହପୁର ବ୍ଲକ ଅଞ୍ଚଳର ଦୁଇଟି ଗ୍ରାମରେ ସାପ କାମୁଡାରେ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ବ୍ଲକ ଅନ୍ତର୍ଗତ ବନ୍ଧହୁଡା ଗ୍ରାମର ନୟନା ସାହୁ ଘରେ ଶୋଇଥିବାବେଳେ ବୁଧବାର ରାତି ୧୨ଟାରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଚିକିତ୍ସାଲାଗି ତାଙ୍କୁ ନରସିଂହପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ନିଜିଗଡ଼ ପଞ୍ଚାୟତ ଅଧୀନ ଗୁହାଳସାହି ଗ୍ରାମର ଗୀତାଞ୍ଜଳି ବେହେରା ବୁଧବାର ରାତିରେ ଘରେ ଶୋଇଥିବାବେଳେ ସାପ କାମୁଡି ଦେଇଥିଲା। ଚିକିତ୍ସାଲାଗି ତାଙ୍କୁ ପରିବାର ଲୋକେ ନରସିଂହପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶୈଳବାଳା କଲେଜ ଜମି ଅଧିଗ୍ରହଣ ନିଷ୍ପତ୍ତି ପ୍ରତ୍ୟାହାର କରାଯାଉ

**କଟକ ଅଫିସ,୨୩।୬:** କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଜମି ଅଧିଗ୍ରହଣ ପାଇଁ ନିଆଯାଇଥିବା ସରକାରୀ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରିବାକୁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଦାବି ହୋଇଛି। ଗୁରୁବାର ମିଶନରୋଡ୍‌ସ୍ଥିତ ୱାଇଡବ୍ଲ୍ୟୁସିଏ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକଚଣ୍ଡୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ମହାବିଦ୍ୟାଳୟ ଜମି ଅଧିଗ୍ରହଣକୁ ନାପସନ୍ଦ କରାଯାଇଛି। ଏ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ କହିଛନ୍ତି, ଉକ୍ତ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ଅନେକ ଦିନରୁ ଦାବି ହୋଇଆସୁଛି। ହେଲେ ତାହା କରା ନ ଯାଇ ଉକ୍ତ ଜମିକୁ ଅଧିଗ୍ରହଣ କରାଯାଉଛି। ଏହାକୁ ଐତିହାସିକ ଅନୁଷ୍ଠାନ ଘୋଷଣା କରିବା ପରିବର୍ତ୍ତେ ଉପେକ୍ଷା କରାଯାଉଛି ବୋଲି ସେ କହିଛନ୍ତି। ତୁରନ୍ତ ଉକ୍ତ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିବା ଓ ଐତିହାସିକ ଶିକ୍ଷାନୁଷ୍ଠାନର ମାନ୍ୟତା ଦେବା ପାଇଁ ଦାବି ହେଉଛି। ଏହି ସମ୍ମିଳନୀରେ ମନୀଷା ପଣ୍ଡା, ବୁଲି ସାହୁ, ଉର୍ମିମାଳା ଦାସ, ଇନ୍ଦୁମତି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# 'ଯୁଗ୍‌ଯୁଗ୍ ଜିଓ', 'ଶେରଦିଲ-ଦି ପିଲିଭିଟ୍ ଶାଗା'

ଫିଲ୍ମ ଫ୍ରାଇଡେ



ଫିଲ୍ମ 'ଜୁଗ୍‌ଜୁଗ୍ ଜିଓ'

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ଏଥର ଫ୍ରାଇଡେ'ରେ ରିଲିଜ୍ ହେଉଛି ବଲିଉଡ୍ ଓ ହଲିଓଡ୍‌ର ଏକାଧିକ ଫିଲ୍ମ। ତେବେ ବଲିଉଡ୍ ନିଜ ଦର୍ଶକଙ୍କୁ ଭେଟି ଦେଉଛି ଦୁଇଟି ଭିନ୍ନ ଧରଣର ଫିଲ୍ମ 'ଜୁଗ୍‌ଜୁଗ୍ ଜିଓ' ଏବଂ 'ଶେର୍‌ଦିଲ୍-ଦି ପିଲିଭିଟ୍ ଶାଗା'। କମେଡି ଓ ଡ୍ରାମା ଭିତ୍ତିକ ଫିଲ୍ମ 'ଜୁଗ୍‌ଜୁଗ୍ ଜିଓ' ଧର୍ମା ପ୍ରଡକ୍ସନ ଓ ଭାୟାକମ୍ ୧୮ ଷ୍ଟୁଡିଓ ବ୍ୟାନରରେ ପ୍ରସ୍ତୁତ ହୋଇଛି। ରାଜ୍ ମେହେଟ୍ଟା ନିର୍ଦ୍ଦେଶନା ଦେଇଥିବାବେଳେ କରନ ଜୋହର, ଅପୂର୍ବ ମେହେଟ୍ଟା ଓ ହିରୋ ୟଶ ଜୋହର ଏହାର ପ୍ରଯୋଜନା ଦେଇଛନ୍ତି। ଫିଲ୍ମରେ ବରୁଣ ଧାୱନ, କିଆରା ଆଡୱାନି, ନୀତୁ ସିଂ, ଅନିଲ କପୁର, ମନିଷ ପଲ୍ ଓ ପ୍ରଜକ୍ତା କୋଲି ପ୍ରମୁଖ ଭୂମିକାରେ ନଜରକୁ ଆସିବେ। ପ୍ରଥମଥର ବରୁଣ ଓ କିଆରା ଡେବ୍ୟୁ କରିଥିବାବେଳେ ଦୀର୍ଘବର୍ଷ ପରେ ନୀତୁ ସିଂ ପୁଣିଥରେ ସିନେ ଜଗତକୁ ଫେରିଛନ୍ତି। ତେଣୁ ଅନିଲ ଓ ନୀତୁଙ୍କୁ ଦେଖିବାକୁ ଦର୍ଶକ ଉତ୍ସୁକତାର ସହ ଚାହିଁ ବସିଛନ୍ତି। ଦୁଇଟି ଜେନେରେଶନ ମଧ୍ୟରେ ବିବାହ ବିଚ୍ଛେଦକୁ ନେଇ ଷ୍ଟୋରି ଆରମ୍ଭ ହୋଇଥିବାବେଳେ ଶେଷରେ ସେମାନେ କିଭଳି ପ୍ରେମର ପରିଭାଷା ବୁଝିପାରିଛନ୍ତି ତାହା ଏହି ଫିଲ୍ମର ବିଷୟବସ୍ତୁ ରହିଛି। ୧୫୦ କୋଟି ବ୍ୟୟରେ ଫିଲ୍ମ ପ୍ରସ୍ତୁତ ହୋଇଛି।



'ଶେର୍‌ଦିଲ୍-ଦି ପିଲିଭିଟ୍ ଶାଗା'

ସେହିପରି ଅଭିନେତା ପଙ୍କଜ ତ୍ରିପାଠୀଙ୍କୁ ନେଇ ଫିଲ୍ମ 'ଶେର୍‌ଦିଲ୍-ଦି ପିଲିଭିଟ୍ ଶାଗା' ଶୁକ୍ରବାର ରିଲିଜ୍ ହୋଇଛି। ରିଲିଆନ୍ସ ଏଣ୍ଟରଟେନମେଣ୍ଟରେ ଶ୍ରୀଜିତ ମୁଖାର୍ଜୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ମଣିଷ ଓ ପଶୁର ଦ୍ୱନ୍ଦ୍ୱକୁ ନେଇ କାହାଣୀ ଗତିଶୀଳ ହୋଇଛି। ଉତ୍ତର ପ୍ରଦେଶର ପିଲିଭିଟ ବ୍ୟାଘ୍ର ସଂରକ୍ଷଣ ନିକଟ ଏକ ଗାଁରେ ଶୁଟିଂ କରାଯାଇଛି। ଏଥି ସହ ହଲିଉଡ ଫିଲ୍ମ ଦ ବ୍ଲାକ୍ ଫୋନ୍, ଏଲ୍‌ଭିସ ଆଦି ରିଲିଜ୍ ହୋଇଛି। ପଙ୍କଜଙ୍କ ସହ ଅଭିନେତ୍ରୀ ସାୟୋନି ଗୁପ୍ତା ଓ ନୀରଜ କବି ପ୍ରମୁଖ ନଜର ଆସିବେ। ଏହି ଫିଲ୍ମର ଏକ ଗୀତ 'ଧୁପ୍ ପାନି ବେହେନେ ଦେ'କୁ ଓଡ଼ିଆ ଗାୟକ ରିତୁରାଜ ମହାନ୍ତି ଓ ନିକଟରେ ପରଲୋକଗମନ କରିଥିବା ବଲିଉଡ୍‌ର ପ୍ରସିଦ୍ଧ ଗାୟକ କେକେ ଗାଇଛନ୍ତି। ଏଥିସହ ପଙ୍କଜଙ୍କ ବାସ୍ତବିକ ଅଭିନୟ ଦର୍ଶକଙ୍କୁ ପ୍ରେକ୍ଷାଳୟକୁ ଟାଣି ଆଣିବ ବୋଲି ଆଶା କରାଯାଉଛି।

## ରଥଯାତ୍ରା ପାଇଁ ଓଟିଡିସିର ସ୍ୱତନ୍ତ୍ର ଟୁର୍ ପ୍ୟାକେଜ

**ଭୁବନେଶ୍ୱର,୨୩।୬(ବ୍ୟୁରୋ):** ପୁରୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ଟୁର୍ ପ୍ୟାକେଜ କରାଯାଇଛି। ଏଥିପାଇଁ ସମ୍ବଲପୁର, ଭୁବନେଶ୍ୱର ଓ ପୁରୀ ପାନ୍ଥ ନିବାସରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଯେଉଁମାନେ ସମ୍ବଲପୁରରୁ ଆସି ରଥଯାତ୍ରା ଦେଖିବାକୁ ଚାହୁଁଛନ୍ତି, ସେମାନେ ଜୁନ୍ ୩୦ ରାତି ୯ ଟାରେ ସମ୍ବଲପୁର ପାନ୍ଥନିବାସରୁ ସ୍ୱତନ୍ତ୍ର ଗାଡ଼ିରେ ଆସି ଭୁବନେଶ୍ୱର ପାନ୍ଥନିବାସରେ ସକାଳ ଜଳଖିଆ ଖାଇ ଅନ୍ୟ ଏକ ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଆସିବେ। ରଥଯାତ୍ରା ଦେଖି ସେହିଦିନ ପୁରୀରୁ ଭୁବନେଶ୍ୱର ପାନ୍ଥନିବାସ ଆସି ରାତି ୧୦ଟାରେ ସମ୍ବଲପୁର ଅଭିମୁଖେ ଯାତ୍ରା କରିବେ। ସେହିପରି ଭୁବନେଶ୍ୱର ଓ ପୁରୀ ପାନ୍ଥନିବାସରୁ ମଧ୍ୟ ପୁରୀରେ ରଥଯାତ୍ରା ଦେଖିବା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା କରାଯାଇଛି। ସମସ୍ତ ପ୍ୟାକେଜ୍‌ରେ ଚା', ଜଳଖିଆ ଓ ମଧ୍ୟାହ୍ନଭୋଜନର ସୁବ୍ୟବସ୍ଥା ରହିଛି। ସମ୍ବଲପୁର, ଭୁବନେଶ୍ୱର ଓ ପୁରୀ ପାନ୍ଥନିବାସରୁ ପ୍ୟାକେଜ୍ ଦର ଯଥାକ୍ରମେ ୮୩୦୦/-, ୫୮୦୦/- ଓ ୫୦୦୦/- ରହିଛି। www.panthanivas.comରୁ ରଥଯାତ୍ରା ଟୁର୍ ପ୍ୟାକେଜ୍ ବୁକିଂ ଓ ଅନ୍ୟ ବିଷୟରେ ଅଧିକ ବିବରଣୀ ମିଳିପାରିବ ବୋଲି ସୂଚନା ଦିଆଯାଇଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁନନ୍ଦା



@ କୁନୁ



@ ସୁଶାନ୍ତ



@ ସତ୍ୟ



@ ସନ୍ତୋଷ



@ ସନ୍ତୋଷ

# ଟଙ୍କା ପାଇଁ ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

**କାଜୁ ଜଙ୍ଗଲରୁ ମୃତଦେହ ମିଳିବା ଘଟଣା**

**ବାରଙ୍ଗ,୨୩।୬(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅଧୀନ ନେତଲଗାଁ ନିକଟ ଏକ କାଜୁ ଜଙ୍ଗଲରୁ ବୁଧବାର ଗୋପାଳ ନାୟକଙ୍କ ମୃତଦେହ ମିଳିଥିଲା। ତେବେ ଗୋପାଳଙ୍କ ସ୍ତ୍ରୀ ଓ ତାଙ୍କ ପୁରୁଷବନ୍ଧୁ ମିଶି ଭାଇଙ୍କୁ ହତ୍ୟା କରିଥିବା ନେଇ ଗୋପାଳଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅନ୍ୟପଟେ ଘଟଣାର ୨୪ଘଣ୍ଟା ପରେ ଗୋପାଳଙ୍କ ସ୍ତ୍ରୀ ଝୁମୁରୀ ଗୁରୁବାର ସ୍ଥାନୀୟ ଗୋଡ଼ିସାହି ଫାଣ୍ଡିରେ ଆସି ପହଞ୍ଚିଛନ୍ତି। ସେହିପରି କେହି ଟଙ୍କା ପାଇଁ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବାରଙ୍ଗ ଥାନା ପୋଲିସ ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା ଚଳାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ଗୋପାଳ ଘରୁ ବାହାରି ବାଆଁରା ଗ୍ରାମ ନିକଟସ୍ଥ କାର୍ଯ୍ୟ କରୁଥିବା ଘରୋଇ ହସ୍ପିଟାଲକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି କରିବା ବେଳେ ବୁଧବାର ନେତାଲ ଛକ ରାସ୍ତାରେ ଗୋପାଳଙ୍କ ଗାଡ଼ି ଥିବାବେଳେ ନିକଟସ୍ଥ କାଜୁ ଜଙ୍ଗଲ ଭିତରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ବାରଙ୍ଗ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତେବେ ତଦନ୍ତ ବେଳେ ମୃତଦେହଠାରୁ ଅଳ୍ପ ଦୂରରେ ପଡ଼ିଥିବା ଜଣେ ମହିଳାଙ୍କ ଚପଲ ଓ ପଥରକୁ ଜବତ କରିଥିଲା। ପଡିଥିବା ଚପଲ ତାଙ୍କ ଭାଉଜ ଝୁମୁରୀଙ୍କ ବୋଲି ଗୋପାଳଙ୍କ ଭଉଣୀ ନଳିନୀ ଚିହ୍ନଟ କରିବା ପରେ ନଳିନୀ ଓ ଭାଇ ଗୋବିନ୍ଦ ନାୟକ ଭାଉଜଙ୍କ ବିରୋଧରେ ହତ୍ୟା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହାପରେ ସ୍ୱାମୀଙ୍କ ମୃତ୍ୟୁ ଖବରପାଇ ସିଡିଏ ୧୧ନଂ. ବସ୍ତିରେ ରହୁଥିବା ସ୍ତ୍ରୀ ଝୁମୁରୀ ପ୍ରଥମେ ଘର ଗୟଳବାଙ୍କ ଯିବା ସହ ଗୁରୁବାର ଗୋଡ଼ିସାହି ଫାଣ୍ଡିରେ ପହଞ୍ଚି ପାଲଟା ଅଭିଯୋଗ କରିଛନ୍ତି। ତେବେ ଗୋପାଳକୁ ମାରିଲା କିଏ ବୋଲି ଏଠାରେ ପ୍ରଶ୍ନ ଉଠୁଥିବାବେଳେ କିଏ ସତ କହୁଛି ତାହା ଖୁବଶୀଘ୍ର ଜଣାପଡିବ ବୋଲି ପୋଲିସ କହିଛି।

## ଫାଇବ୍ରୋମାଲଜିଆରେ ୫ ପ୍ରତିଶତ ପୀଡ଼ିତ

**ଭୁବନେଶ୍ୱର, ୨୩।୬ (ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନ ସହ ନୂଆ ଯନ୍ତ୍ରଣାଦାୟକ ତଥା ଜୀବନନାଶକ ରୋଗ ସମାଜକୁ ଗ୍ରାସ କରୁଛି। ଏହା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ଏଥିମଧ୍ୟରେ ସ୍ନାୟବିକ ଯନ୍ତ୍ରଣାଦାୟକ ବ୍ୟାଧି ଫାଇବ୍ରୋମାଲଜିଆ ହେଉଛି ଅନ୍ୟତମ। ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୩ରୁ ୫ ପ୍ରତିଶତ ଏହି ରୋଗରେ ପୀଡିତ ହୋଇଛନ୍ତି। ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କ ଠାରେ ୭ଗୁଣ ଅଧିକ ରିସ୍କ ରହିଛି। ତେବେ ଏଥିରେ ପୀଡ଼ିତଙ୍କ ଯନ୍ତ୍ରଣା ପରିଚାଳନା ପାଇଁ କୌଣସି ସାମୂହିକ ଉଦ୍ୟମ ନାହିଁ। ତେଣୁ ଶହଶହ ଲୋକ ଏହି ବ୍ୟାଧିଜନିତ ଯନ୍ତ୍ରଣାକୁ ସାଥୀ କରି ଜିଉଁଛନ୍ତି। ଏଭଳି ଯନ୍ତ୍ରଣା ଜନମାନସରେ ଲୁଚି ରହି ଯାଉଛି ବୋଲି ଗୁରୁବାର ଅମୃତଧାରା ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ସଂକ୍ରାନ୍ତ ସଚେତନତା କର୍ମଶାଳାରେ ମନୋଚିକିତ୍ସକମାନେ ମତ ଦେଇଛନ୍ତି। ଏଥିପାଇଁ ବିଭାଗୀୟ ଚିକିତ୍ସାବିଜ୍ଞାନୀଙ୍କ ହସ୍ତକ୍ଷେପ ଜରୁରୀ ବୋଲି କହିଛନ୍ତି।

ପ୍ରଫେସର ଡା. ଆମୋଦ ଚନ୍ଦ୍ର ମହାକୁରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାଇବ୍ରୋମାଲଜିଆର ନିରାକରଣ ଓ ଉପଶମ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଟ୍ରଷ୍ଟର ସମ୍ପାଦକ ଧରିତ୍ରୀ ମହାକୁର କାର୍ଯ୍ୟକ୍ରମ ସଂଚାଳନା କରିଥିବାବେଳେ ଅନ୍ୱେଷା ଅଧ୍ୟୟନ ଷ୍ଟ୍ରାଟେଜି ନିର୍ଦ୍ଦେଶକ ଅମଳିନ ପଟ୍ଟନାୟକ ଅଧିବେଶନ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କଟକ ଏସ୍‌ସିବି ମେଡିକାଲର ଆସୋସିଏଟ୍ ପ୍ରଫେସର ଡା. ଅମୀୟ ଗୌଡ, ସ୍ନାୟୁତତ୍ତ୍ୱବିତ୍ ଡା. ଶୁଭଙ୍କର ମିଶ୍ର, ଡା. ପ୍ରିୟବ୍ରତ ନାୟକ, ମନୋଚିକିତ୍ସକ ଡା. ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୁଶ୍ରୀ ଅନ୍ୱିତା ଦିବ୍ୟାଂଶୀ ଧନ୍ୟବାଦ ଦେଇଥିଲେ।



ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଗୁରୁବାର ଭୁବନେଶ୍ୱର ସତ୍‌ସଙ୍ଗ ବିହାର ସମ୍ମୁଖ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଭାଜପା ନେତା ଓ କର୍ମକର୍ତ୍ତା।



ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଆୟୋଜିତ ବିଂଶତମ ଜାତୀୟ ଲୋକମେଳା ଓ ତ୍ରୟୋଦଶ ତମ କୃଷିମେଳାର ଚତୁର୍ଥ ସନ୍ଧ୍ୟାରେ ଗୁରୁବାର କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

# ଚକା ବିଜେ ହେଲେ ମହାପ୍ରଭୁ

ପୁରୀ ଅଫିସ, ୨୩।୬

ଆଷାଢ଼ କୃଷ୍ଣ ପକ୍ଷ ଦଶମୀ ତିଥିରେ ଗୁରୁବାର ଅଣସର ଗୃହରେ ମହାପ୍ରଭୁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ପ୍ରଭୁ ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିଛନ୍ତି। ପବିତ୍ର ସ୍ନାନପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନେ ସ୍ନାନବେଦୀରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ରହି ରାଜବୈଦ୍ୟଙ୍କ ପରାମର୍ଶ କ୍ରମେ ଚିକିତ୍ସିତ ହେଉଛନ୍ତି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ସେବକ ଦଇତାପତି ଓ ପତିମହାପାତ୍ର ଗୁପ୍ତ ସେବା କରୁଛନ୍ତି। ପରମ୍ପରା ଅନୁଯାୟୀ, ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଲାଗି କରାଯାଇଥିଲା। ଷଷ୍ଠୀରୁ ନବମୀ ତିଥି ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥିଲା। ଗୁରୁବାର ଦଶମୀ ତିଥିରେ ଶ୍ରୀବିଗ୍ରହ ସାମାନ୍ୟ ସୁସ୍ଥ ଅନୁଭବ କରିଥିବାରୁ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ଏହି କ୍ରମରେ ଶ୍ରୀମନ୍ଦିରରେ ପଟିଦିଅଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ ଦ୍ୱାର ଏବଂ ଅଣସର ଗୃହ ଦ୍ୱାର ଖୋଲାଯାଇଥିଲା। ଏହାକୁ ପତିମହାପାତ୍ର ଖୋଲିଥିଲେ। ପରେ ଦଇତାପତି ସେବକମାନେ ପ୍ରଭୁ ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭଉଣୀ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ଦାରୁବିଗ୍ରହଙ୍କ ନିକଟରେ ପଣା ଓ ଚକଟା ଭୋଗ ହୋଇ ଅଣସର ଗୃହ ବନ୍ଦ କରାଯାଇଥିଲା। ପରେ ଜୟବିଜୟ ଦ୍ୱାର ଫିଟାଯାଇଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଓ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପଟିଦିଅଁଙ୍କ ବଡ଼ସିଂହାର ଭୋଗ ପରେ ପୁଣି ଅଣସର ଗୃହ ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା। ସେହିପରି ଖଳିଲାଗି ଏକାଦଶୀରେ ଅଣସର ଗୃହରେ ଶ୍ରୀବିଗ୍ରହ ପ୍ରଥମ ତୁଳସୀ ଲାଗି ହେବେ। ମହାପ୍ରଭୁ ଅସୁସ୍ଥ ଥିବାରୁ ଅଣସର ଗୃହରେ ତାଙ୍କ ନିକଟରେ ଖଣ୍ଡୁଆ, ରଙ୍ଗିନ ପୁଷ୍ପ ଏବଂ ତୁଳସୀ ଲାଗି ହେଉନାହିଁ। କେବଳ ଧଳା ବସ୍ତ୍ର ଓ ଧଳା ପୁଷ୍ପ ଲାଗି ହେଉଛି। ଏକାଦଶୀରେ ସର୍ବାଙ୍ଗ ବଢ଼ିବା ପରେ ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗିନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗିକରାଯିବ।

## ଆଜି ଦଶମୂଳ ଲାଗିହେବେ

ପବିତ୍ର ସ୍ନାନପୂର୍ଣ୍ଣିମାରେ ଚତୁର୍ଦ୍ଧାବିଗ୍ରହ ସ୍ନାନବେଦୀରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଅବସ୍ଥାନ କରିଛନ୍ତି। ଅଣସର ଘରେ ମହାପ୍ରଭୁଙ୍କ ସୁସ୍ଥତା ଲାଗି ଗୁପ୍ତସେବା କରାଯାଉଛି। ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଲାଗି ପରେ ତିନିଦିନ ଧରି ଓଷ ଲାଗି କରାଯାଇଥିଲା। ଦଶମୀ ତିଥିରେ ଗୁରୁବାର ବୈଦ୍ୟ ସେବକଙ୍କ ଦ୍ୱାରା ଦଶମୂଳ ମୋଦକ ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିରକୁ ବିଜେ କରାଯାଇଛି। ଏକାଦଶୀରେ ଶୁକ୍ରବାର ମହାପ୍ରଭୁଙ୍କୁ ଏହି ଦଶମୂଳ ଲାଗି କରାଯିବ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ଲାଗିହେଲେ ସୁସ୍ଥ ହେବେ।

ଦଶମୂଳ ପ୍ରସ୍ତୁତ ପାଇଁ ଏକମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡ଼ିଥାଏ। ସ୍ନାନପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପନି, କୃଷ୍ଣପନ୍ନ, ଅଗବଥୁ, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ଅନ୍ୟ ଦ୍ରବ୍ୟକୁ ଶୁଖାଯାଇଥାଏ। ଏହାକୁ ହେମଦସ୍ତାରେ କୁଟି ଗୁଣ୍ଡ କରାଯାଏ। ସେହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ। ନୂତନ କାଠ ଚୁଲିରେ କଡ଼େଇ ବସାଯାଇ ଖୁଆ, ଶର୍କରା, ସର, ମହୁ, ଘିଅ ଇତ୍ୟାଦି ପକାଯାଇ ଦଶମୂଳକୁ ପାଗ କରାଯାଏ। ଏହାପରେ ତାହାକୁ ଅଣ୍ଡାକରି ଗୋଲାକାର ମୋଦକ ପ୍ରସ୍ତୁତ କରାଯାଇଥାଏ। କୁଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କର୍ପୂର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରି ଦଶମୀ ତିଥିରେ ଶ୍ରୀମନ୍ଦିରରେ ଦାଖଲ କରାଯାଏ। ଏକାଦଶୀରେ ମହାପ୍ରଭୁ ବାରଲାଗି ପାଟ ପରିଧାନ କରିବେ। ଶ୍ରୀବିଗ୍ରହଙ୍କୁ ତୁଳସୀ ଲାଗିହେବ। ଏହାପରେ ଜ୍ୱରରୁ ଉପଶମ ଲାଗି ମହାପ୍ରଭୁଙ୍କୁ ଦଶମୂଳ ଲାଗି କରାଯିବାର ବିଧି ରହିଛି ବୋଲି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି।


ବୈଦ୍ୟ ସେବକମାନେ ଦଶମୂଳ ମୋଦକ ପ୍ରସ୍ତୁତ କରୁଛନ୍ତି।

## ବାଇକ୍ ଲୁଟେରାଙ୍କୁ ଧରିଲେ ଲୋକେ

ବାରଙ୍ଗ,୨୩।୬(ଡି.ଏନ୍.ଏ.)

ଗୁରୁବାର ରାତିରେ ଘରକୁ ଫେରୁଥିବାବେଳେ ଜଣେ ଯୁବକଙ୍କଠାରୁ ଗୋଡିସାହି ପାଖରେ ଦୁଇ ଲୁଟେରା ଧମକାଇ ଗାଡ଼ି ନେଉଥିବାବେଳେ ସ୍ଥାନୀୟ ଲୋକଙ୍କ ହାବୁଡରେ ପଡ଼ିଯାଇଥିଲେ। ଲୁଟେରା ଦ୍ୱୟଙ୍କୁ ଉତ୍ତମମଧ୍ୟମ ଦେଇ ସ୍ଥାନୀୟ ଲୋକ ଗୋଡିସାହି ଫାଣ୍ଡି ଜିମା ଦେଇଛନ୍ତି। ପ୍ରକାଶ ଯେ, ଗୋଡିସାହି ଗ୍ରାମର ଓମ୍‌ପ୍ରକାଶ ସାହୁ କଟକରୁ ଘର ଗୋଡିସାହିକୁ ବାଇକ୍ (ନଂ ଓଆର୦୨-ବିଏନ-୧୧୦୬) ଯୋଗେ ଫେରୁଥିଲେ। ବାରଙ୍ଗ-ବାଙ୍କୀ ରାସ୍ତାର ପାଟପୁର ଗାଁପାଖରେ ପହଞ୍ଚି ଥିବାବେଳେ ପଛରୁ ନଂ.ଓଆର୦୨-ସି-୮୬୩୦ ବାଇକ ଯୋଗେ ଦୁଇଜଣ ଯୁବକ ପିଛା କରିଥିଲେ। ଗୋଡିସାହି କେନାଲ ବ୍ରିଜପାଖରେ ସେମାନେ ଓମ୍‌ପ୍ରକାଶଙ୍କୁ ଅଟକାଇ ବିଭିନ୍ନ ଧମକ ଦେଇ ତାଙ୍କ ବାଇକ୍‌କୁ ନେବାକୁ ଉଦ୍ୟମ କରିଥିଲେ। ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ମାରପିଟ ମଧ୍ୟ ହୋଇଥିଲା। ଓମ୍‌ପ୍ରକାଶଙ୍କ ପାଟିଶୁଣି ପାଖ ବଜାରରେ ଥିବା ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଲୁଟେରା ଦ୍ୱୟ ଆଉ ଖସି ଯାଇପାରି ନ ଥିଲେ। ଲୁଟେରା ଦ୍ୱୟଙ୍କୁ ଧରି ନିର୍ଘୂମ ଛେଚିବା ସହ ପୋଲିସକୁ ଦେଇଥିଲେ।

## ସଂକ୍ଷେପରେ

### ଘର ବିକ୍ରି ଆଳରେ ୨୪.୫ ଲକ୍ଷ ଟଙ୍କା ଠକେଇ

ଭୁବନେଶ୍ୱର,୨୩।୬(ବ୍ୟୁରୋ)- ଭରତପୁର ଥାନା ଅଞ୍ଚଳରେ ଏକ ଘର ବିକ୍ରି କରିବା ନାଁରେ ୨୪ ଲକ୍ଷ ୫୦ ହଜାର ଟଙ୍କା ଜଣେ ଦୁର୍ବୃତ୍ତ ଠକି ନେଇଯାଇଥିବା ଡିସିପିଙ୍କ ନିକଟରେ ଅଭିଯୋଗ ହୋଇଛି। ଠକାମିର ଶିକାର ହୋଇଥିବା ବ୍ୟକ୍ତି ହେଲେ ସ୍ଥାନୀୟ ଡେଲ୍‌ଟା କଲୋନୀର ଜଗନ୍ନାଥ ବିହାରର ପ୍ରମୋଦ କୁମାର ସ୍ୱାଇଁ। ଡିସିପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ତଦନ୍ତ ଚଳାଇଛି। ସୂଚନାନୁଯାୟୀ କୋଳଥିଆ ସତ୍ୟସାଇ ଏନକ୍ଲେଭରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ପୈତୃକ ଘର ବିକ୍ରି କରିବା ପାଇଁ ପ୍ରମୋଦଙ୍କ ସହ କଥା ହୋଇଥିଲେ। ଘର ବିକ୍ରି କରିବାକୁ ୨୫ ଲକ୍ଷ ଟଙ୍କା ଦର ଧାର୍ଯ୍ୟ ହୋଇଥିଲା। ଚୁକ୍ତି ଅନୁସାରେ ପ୍ରମୋଦ ବିଭିନ୍ନ କିସ୍ତିରେ ୨୦୧୮ରେ ମୋଟ ୨୪ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। ଅବଶିଷ୍ଟ ୫୦ ହଜାର ଟଙ୍କା ଘର ବିକ୍ରି ଦଲିଲ କରିବା ସମୟରେ ଦେବେ ବୋଲି କହିଥିଲେ। କଥା ଅନୁସାରେ ଯେଉଁ ସବୁ ତାରିଖରେ ପ୍ରମୋଦ ଘର ବିକ୍ରି ଦଲିଲ କରିବାକୁ ଡାକନ୍ତି ଉକ୍ତ ବ୍ୟକ୍ତି ବିଭିନ୍ନ ବାହାନା କରି ଦିନ ପରେ ଦିନ ଗଡାଇ ଚାଲିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ଗତ ୨୦୨୧ ଅଗଷ୍ଟରେ ଘର ବିକ୍ରି ଦଲିଲ୍ କରିବାକୁ ପ୍ରମୋଦ ତାଙ୍କୁ ବାଧ କରିଥିଲେ। କିନ୍ତୁ ସେ ବିଭିନ୍ନ ବାହାନା କରି ଆସି ନ ଥିଲେ। ପ୍ରମୋଦ ଟଙ୍କା ମାଗିବାରୁ ସେ ନାନା ଧମକ ଦେଇଥିଲେ। ଏ ନେଇ ପ୍ରମୋଦ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗସତ୍ତ୍ୱେ ପୋଲିସ ପଦକ୍ଷେପ ନେବାରେ ଅବହେଳା କରିବାରୁ ପ୍ରମୋଦ ଶେଷରେ ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

ନିରାକାରପୁର,୨୩।୬(ଡି.ଏନ୍.ଏ.): ନିରାକାରପୁର ଥାନା ପୋଲିସ ଗୁରୁବାର ଲକ୍ଷ୍ମୀବଜାର ଅଞ୍ଚଳରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଅଞ୍ଚଳର ରାଜେଶ କୁମାର ସାହୁ, ମାନସ ବେହେରା, ମିଲନ ବାରିକ, ଶିବାରାମ ସିଂ ଓ କାଳିଆ ପ୍ରଧାନ। ଏମାନଙ୍କ ନିକଟରୁ ତାସ ସହ ୯,୪୯୦ ଟଙ୍କା ଓ ଅନ୍ୟନ୍ୟା ସାମଗ୍ରୀ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୨୦/୨୨)ରୁଜୁ ହୋଇଛି ବୋଲି ଥାନାଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।

### ୧.୬ କେଜି ଗଞ୍ଜେଇ ଜବତ, ବେପାରୀ ଗିରଫ

ନିରାକାରପୁର,୨୩।୬(ଡି.ଏନ୍.ଏ.): ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ କୁହୁଡ଼ି ଷ୍ଟେଶନ ପରିସରରୁ ଗୁରୁବାର ଟାଙ୍ଗୀ ଅବକାରୀ ବିଭାଗ ୧ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ କୁହୁଡ଼ି ଅଞ୍ଚଳର ଅଜୟ ଭୋଇ(୪୫)। ସୂଚନା ମୁତାବକ, ଷ୍ଟେଶନ ପରିସରରେ ଅଜୟ ଗଞ୍ଜେଇ ଧରି ଗ୍ରାହକଙ୍କୁ ଅପକ୍ଷା କରିଥିଲେ। ବିଶେଷ ସୂତ୍ରରୁ ଖବରପାଇ ଟାଙ୍ଗୀ ଅବକାରୀ ବିଭାଗ ପହଞ୍ଚି ଷ୍ଟେଶନ ପରିସରରୁ ଅଜୟଙ୍କୁ ଧରିଥିଲା। ଏନେଇ ମାମଲା (ନଂ.୩୭/୨୨) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକାରୀ ଆଲୋକ ପ୍ରଧାନ ସୂଚନା ଦେଇଛନ୍ତି।

### ୨ ପିଲାଙ୍କୁ ବାପା ବିକ୍ରି କରିବା ଘଟଣା

### ଭଦ୍ରକ ଯିବ କମିଶନରେଟ ପୋଲିସ

ଭୁବନେଶ୍ୱର,୨୩।୬(ବ୍ୟୁରୋ) - ଭୁବନେଶ୍ୱର ନୀଳାଦ୍ରିବିହାର ଇଶାନେଶ୍ୱର ବସ୍ତିରେ ଜଣେ ବ୍ୟକ୍ତି ତାଙ୍କ ୨ ଶିଶୁପୁତ୍ରଙ୍କୁ ୧୦ ହଜାର ଟଙ୍କାରେ ଭଦ୍ରକ ଧାମନଗର ଅଞ୍ଚଳରେ ବିକ୍ରି କରିଦେଇଥିବା ମା' ରୋଜି ରାଓ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଚାଇଲ୍ଡଲାଇନ୍ ଗୁରୁବାର ଉକ୍ତ ବସ୍ତିକୁ ଯାଇ ତଦନ୍ତ କରିବା ସହ ମା' ରୋଜିଙ୍କଠାରୁ ତଥ୍ୟ ସଂଗ୍ରହ କରିଛନ୍ତି। ଏଥିସହ ଚନ୍ଦ୍ରଶେଖରପୁର ଥାନାକୁ ଯାଇ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ଡିସିପିଙ୍କୁ ଭେଟିଛନ୍ତି। ଦୁଇ ପିଲାଙ୍କୁ ଉଦ୍ଧାର ପାଇଁ ଖୁବ୍‌ଶୀଘ୍ର କମିଶନରେଟ ପୋଲିସର ଏକ ଟିମ ଧାମନଗର ଯିବ ବୋଲି ଚାଇଲ୍ଡ ଲାଇନ ଅଧକ୍ଷ ବେନୁଧର ସେନାପତି କହିଛନ୍ତି। ସୂଚନାନୁଯାୟୀ, ରୋଜି ଶ୍ରମିକ ଭାବେ କାମ କରୁଥିବାବେଳେ ୪ ବର୍ଷ ତଳେ ସେକ ମୁସିବଲ୍‌ଙ୍କୁ ବିବାହ କରିଥିଲେ। ତାଙ୍କର ୨ଟି ପୁତ୍ର ସନ୍ତାନ ଜନ୍ମ ହୋଇଥିଲେ। ଉଭୟଙ୍କ ମଧ୍ୟରେ କୌଣସି କାରଣଙ୍କୁ ନେଇ ଝଗଡା ଲାଗିଥିଲା। ଫଳରେ ସେକ ମୁସିବଲ୍ ୨ ପୁଅଙ୍କୁ ନେଇ ଧାମନଗରରେ ବିକ୍ରି କରିଥିବା ଜାଣିବାକୁ ପାଇବାରୁ ସେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ।



ଦ୍ରୌପଦୀ ମୁର୍ମୁଙ୍କୁ ଏନଡିଏ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥିନୀ ଘୋଷଣା କରାଯିବା ପରେ ତାଙ୍କୁ ଶୁଭେଚ୍ଛା ଜଣାଇ ଗୁରୁବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ସେବାୟତ -ପ୍ରଶାସନ ସମନ୍ୱୟକୁ ଗୁରୁତ୍ୱ

### ରଥଯାତ୍ରା ସୁପରିଚାଳନା ନେଇ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ପୁରୀ ଅଫିସ,୨୩।୬

ଆସନ୍ତା ରଥଯାତ୍ରା ସୁପରିଚାଳନା ପାଇଁ ଗୁରୁବାର ନୀଳାଦ୍ରି ଭକ୍ତନିବାସରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ଓ ବିଭିନ୍ନ ସେବାୟତ ନିଯୋଗର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ଶୃଙ୍ଖଳିତ ନୀତିକାନ୍ତି ସହ ନିର୍ଦ୍ଧାରିତ ସମୟରେ ପହଣ୍ଡି, ରଥଟଣା ସାରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ନୀତିକାନ୍ତି ଓ ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। କରୋନା ମହାମାରୀ କଟକଣା କୋହଳ ଯୋଗୁ ଦୁଇବର୍ଷର ବ୍ୟବଧାନ ପରେ ରଥଯାତ୍ରା ହେଉଥିବାରୁ ପ୍ରବଳ ଭକ୍ତଙ୍କ ସମାଗମ ହେବ। ଏଭଳି ସ୍ଥଳେ ସେବାୟତମାନେ ଶୃଙ୍ଖଳିତ ନୀତିକାନ୍ତି ଉପରେ ଧ୍ୟାନ ଦେବା ଦରକାର। ସବୁ ନୀତିକାନ୍ତି ସଅଳ କରିବାକୁ ଚେଷ୍ଟା କରାଗଲେ, ରଥଯାତ୍ରା ସଫଳ ଭାବେ ପରିଚାଳିତ ହୋଇପାରିବ ବୋଲି ସେ କହିଛନ୍ତି। ପରିଚାଳନା କମିଟି ସଦସ୍ୟମାନେ ମୁଖ୍ୟ ଶାସନ ସଚିବଙ୍କୁ ରଥଯାତ୍ରା ନୀତିକାନ୍ତି ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଛନ୍ତି। ତେବେ ସମ୍ପ୍ରତି ମହାପ୍ରଭୁଙ୍କ ନୀତିକାନ୍ତିରେ ଅନେକ ଦଇତାପତି ସେବାୟତ ବ୍ୟସ୍ତ ଥିବାରୁ ବୈଠକରେ ଯୋଗଦେଇ ପାରି ନ ଥିଲେ। ଏଣୁ ମୁଖ୍ୟ ଶାସନ ସଚିବ ଶ୍ରୀମନ୍ଦିରକୁ ଯାଇ ପଟ୍ଟିଦିଅଁଙ୍କୁ ଦର୍ଶନ କରିବା ସହ ଦଇତାପତି ସେବାୟତମାନଙ୍କ ସହିତ ଆଲୋଚନା କରିଥିଲେ। ରଥଯାତ୍ରାରେ ଦଇତାପତି ସେବାୟତମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବରିଷ୍ଠ ଦଇତାପତି ତଥା ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ଶୃଙ୍ଖଳିତ ନୀତିକାନ୍ତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଆଲୋଚନା କରିଥିଲେ। ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଯେଉଁ ନୀତିନିର୍ଘଣ୍ଟ ସ୍ଥିର କରିଛି, ତଦନୁଯାୟୀ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ କହିଛନ୍ତି। ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

# ଦିଲ୍ଲୀ ଗଲେ ଦ୍ରୌପଦୀ, ବିମାନଯାତ୍ରୀଙ୍କ ନିଆରା ସ୍ୱାଗତ

**ଭୁବନେଶ୍ୱର ବିମାନବନ୍ଦରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା**

- ଭାଜପା ବରିଷ୍ଠ ନେତା, ବ୍ରହ୍ମାକୁମାରୀ, ସାଙ୍ଗମାନେ ଭେଟିଲେ
- ଭୋର ୫ଟାରୁ ଏମ୍‌ସିଏଲ୍ ଗେଷ୍ଟ ହାଉସ ବାହାରେ ଭିଡ଼
- ବିମାନରେ ଥିବା ଯାତ୍ରୀ ତାଳି ମାରି ସ୍ୱାଗତ କଲେ
- ଦିଲ୍ଲୀ ଗସ୍ତ କଲେ ଭାଜପାର ୯ ବିଧାୟକ, ୨ ମନ୍ତ୍ରୀ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ସ୍ଥାନୀୟ ମହାନଦୀ କୋଲ୍ ଫିଲ୍ଡ (ଏମ୍‌ସିଏଲ୍) ଗେଷ୍ଟ ହାଉସ ବାହାରେ ଗୁରୁବାର ଭୋର ୫ଟା ନ ହେଉଣୁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। କାରଣ ଉକ୍ତ ଗେଷ୍ଟ ହାଉସରେ ବୁଧବାର ଏନ୍‌ଡିଏ ନେତୃତ୍ୱାଧୀନ ଭାଜପା ସରକାରର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ରାତ୍ରିଯାପନ କରୁଥିଲେ। ଜଣେ ଓଡ଼ିଆ ତଥା ଆଦିବାସୀ ନେତ୍ରୀ ଭାବେ ସୁପରିଚିତ ମହିଳା ରାଜ୍ୟରୁ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି ସେହି ଖୁସି ସାଧାରଣ ଲୋକଙ୍କ ମଧ୍ୟରେ ବି ଦେଖିବାକୁ ମିଳୁଥିଲା। ଭୋରରୁ ଚାଲିବାକୁ ଯାଉଥିବା ବା ମର୍ନିଂ ୱାକ୍ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ କମ୍ ନଥିଲା। ସମସ୍ତଙ୍କ ମୁହଁରୁ ଗୋଟିଏ କଥା ଶୁଣିବାକୁ ମିଳୁଥିଲା ଯେ, ଜଣେ ଓଡ଼ିଆ ଏଥର ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ସକାଳ ପ୍ରାୟ ୭ଟା ସମୟରେ ବହୁ ବରିଷ୍ଠ ଭାଜପା ନେତା ଗେଷ୍ଟ ହାଉସଠାରେ ଆସି ପହଞ୍ଚିଯାଇଥିଲେ। ଏହାପରେ ସାଧାରଣ ଲୋକ, ବିଭିନ୍ନ ବର୍ଗର ନେତାଙ୍କ ସମେତ ଦ୍ରୌପଦୀଙ୍କ ସାଙ୍ଗସାଥୀ ଏବଂ ଜିଲାବାସୀଙ୍କ ଭିଡ଼ ଜମିବାରେ ଲାଗିଥିଲା। ପ୍ରାୟ ଲୋକଙ୍କୁ ଦ୍ରୌପଦୀଙ୍କ ସହ ସାକ୍ଷାତ କରିବାର ସୁଯୋଗ ମିଳିଥିଲା। ପରବର୍ତ୍ତୀ ସମୟରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି, ମନମୋହନ ସାମଲ ପ୍ରମୁଖ ପହଞ୍ଚିଥିଲେ। ବ୍ରହ୍ମାକୁମାରୀମାନେ ମଧ୍ୟ ତାଙ୍କୁ ଭେଟି ଛେନାପୋଡ଼ ଓ ଅନ୍ୟାନ୍ୟ ଜଳଖିଆ ଦେଇ ଖୁସି ଅନୁଭବ କରିଥିଲେ। ଦ୍ରୌପଦୀଙ୍କୁ ତାଙ୍କ ପିଲାବେଳର କେତେଜଣ ସାଙ୍ଗ ମଧ୍ୟ ଭେଟିଥିଲେ। ୮ଟା ୩୦ ମିନିଟ୍‌ରେ ସେ ଦିଲ୍ଲୀ ଗସ୍ତ ଲାଗି ବିମାନବନ୍ଦରରେ ପହଞ୍ଚିଥିଲେ। ଦିଲ୍ଲୀ ଗସ୍ତ ସମୟରେ ବିମାନବନ୍ଦରଠାରେ ପ୍ରାୟ ୩୦୦ ଲୋକ ସମ୍ବର୍ଦ୍ଧନା ଦେବାକୁ ଅପେକ୍ଷା କରି ରହିଥିଲେ। ସେଠାରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଦିବାସୀ ପାରମ୍ପରିକ ନୃତ୍ୟ, ଗୀତ ମାଧ୍ୟମରେ ଦ୍ରୌପଦୀଙ୍କୁ ସ୍ୱାଗତ କରାଯାଇଥିଲା। ତେବେ ବିମାନ ଭିତରେ ପଶିବା ସମୟରେ ଉକ୍ତ ବିମାନରେ ଯାତ୍ରା କରୁଥିବା ଯାତ୍ରୀମାନେ ନିଜ ସ୍ଥାନରେ ଠିଆହୋଇ ତାଳି ମାରି ତାଙ୍କୁ ସ୍ୱାଗତ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ସୂଚନା ମୁତାବକ, ଦ୍ରୌପଦୀ ଶୁକ୍ରବାର ତାଙ୍କର ନାମାଙ୍କନପତ୍ର ଦାଖଲ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନାମାଙ୍କନ ସମୟରେ ୨ ଜଣ ମନ୍ତ୍ରୀ ଟୁକୁନି ସାହୁ ଏବଂ ଜଗନ୍ନାଥ ସାରକା ଉପସ୍ଥିତ ରହିବେ। ତେଣୁ ସେମାନେ ମଧ୍ୟ ଗସ୍ତ କରିଛନ୍ତି। ଅନ୍ୟପଟେ ଭାଜପାର ୯ ଜଣ ବିଧାୟକ ଗୁରୁବାର ରାତି ସୁଦ୍ଧା ଦିଲ୍ଲୀରେ ପହଞ୍ଚି ସାରିଛନ୍ତି। କଂଗ୍ରେସ କିନ୍ତୁ ଏନ୍‌ଡିଏ ସମର୍ଥିତ ପ୍ରାର୍ଥୀ ଏବଂ ବିଚାରଧାରା ଭିନ୍ନ କଥା କହି ଦ୍ରୌପଦୀଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଦେବ ନାହିଁ ବୋଲି ଘୋଷଣା କରିଛି।


ଦ୍ରୌପଦୀ ମୁର୍ମୁ


କଡ଼ା ସୁରକ୍ଷା ମଧ୍ୟରେ ଭୁବନେଶ୍ୱର ବିମାନ ବନ୍ଦରରେ ଶୁଭେଚ୍ଛୁଙ୍କ ଠାରୁ ବିଦାୟ ନେଇ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଛନ୍ତି ଦ୍ରୌପଦୀ ମୁର୍ମୁ।


ଭୁବନେଶ୍ୱର ବିମାନ ବନ୍ଦରରେ ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଆଦିବାସୀ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରାଯାଉଛି।

**ସୋନିଆଙ୍କୁ ଇଡିର ସାନି ସମନ**

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ଜେରାର ସମ୍ମୁଖୀନ ହେବା ଲାଗି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସାନି ସମନ ଜାରି କରିଛି। ତାଙ୍କୁ ଜୁଲାଇ ମଧ୍ୟଭାଗରେ ତଦନ୍ତରେ ସାମିଲ ହେବାକୁ କୁହାଯାଇଛି। ବୁଧବାର ସୋନିଆ ଇଡିକୁ ପତ୍ର ଲେଖି ନିଜର ଅସୁସ୍ଥତା ସମ୍ପର୍କରେ ଅବଗତ କରାଇବା ସହ ଜେରା ପାଇଁ କିଛିଦିନ ସମୟ ମାଗିଥିଲେ। ତଦନ୍ତକାରୀ ସଂସ୍ଥା ଏହାକୁ ଗ୍ରହଣ କରିଛି। ସୋନିଆ ଜୁନ୍ ୨ରେ କୋଭିଡ୍ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ନାକରୁ ରକ୍ତ ପଡ଼ିବାରୁ ଗତ ୧୨ ତାରିଖରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



# ମୋ ଘର ଭାଙ୍ଗିଛ, ତୁମ ଅହଂକାର ଭାଙ୍ଗିବ

**ମୁମ୍ବାଇ, ୨୩।୬:** ମହାରାଷ୍ଟ୍ରରେ ଶିବସେନା ବିଦ୍ରୋହଙ୍କ ଆଚରଣ ଉଦ୍ଧବ ଠାକ୍ରେ ସରକାରଙ୍କୁ ପତନ ଆଡ଼କୁ ଟାଣି ନେଉଥିବାବେଳେ ଏହି ରାଜନୈତିକ ଘଟଣାକ୍ରମ ଉପରେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍‌ଙ୍କ ଏକ ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବାରେ ଲାଗିଛି। କଙ୍ଗନା ଉଦ୍ଧବଙ୍କ ଉଦ୍ଦେଶ୍ୟରେ ଉକ୍ତ ଭିଡିଓ କ୍ଲିପ୍‌ରେ କହିଥିଲେ, ଇତିହାସକୁ ଖୋଲି ଦେଖନ୍ତୁ। ଯିଏ ବି ମହିଳାଙ୍କୁ ଅପମାନିତ କରିଛନ୍ତି ତାଙ୍କର ପତନ ଘଟିଛି। ରାବଣ ସୀତାଙ୍କୁ ଓ କୌରବମାନେ ଦ୍ରୌପଦୀଙ୍କୁ ଅପମାନିତ କରିଥିଲେ। ମୁଁ ସେହି ଦେବୀମାନଙ୍କ ସହ ପାଦଧୂଳି ତୁଲ୍ୟ ନୁହେଁ। କିନ୍ତୁ ମୁଁ ବି ଜଣେ ନାରୀ ହୋଇଥିବାରୁ ଆପଣଙ୍କ ବିନାଶକୁ କେହି ଏଡ଼ାଇ ପାରିବେ ନାହିଁ। ମୋ ଘର ଭାଙ୍ଗିଛି, ଆପଣଙ୍କ ଅହଂକାର ଚୂର୍ମାର ହୋଇଯିବ ବୋଲି କଙ୍ଗନା ୨୦୨୦ ନଭେମ୍ବରରେ ବ୍ରିହାନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ତାଙ୍କ ବଙ୍ଗଳା ଉଚ୍ଛେଦ ପରେ ଟୁଇଟ୍ କରିଥିଲେ। ଶିବସେନା ଅଧ୍ୟକ୍ଷଙ୍କ ବର୍ତ୍ତମାନର ଅସହାୟତାକୁ ଦେଖି ନେଟିଜେନ୍ କହୁଛନ୍ତି, କଙ୍ଗନାଙ୍କ ଅଭିଶାପ ଫଳିଲା।



ଜଳବାୟୁ ପରିବର୍ତ୍ତନର ପ୍ରଭାବ ସାରା ବିଶ୍ୱରେ ଦେଖିବାକୁ ମିଳୁଛି। କେଉଁଠି ଜଳତାଣ୍ଡବ ତ ପୁଣି କେଉଁଠି ନଈପାଣି ଶୁଖିଯାଉଛି। ଇଟାଲୀ ୭୦ ବର୍ଷରେ ସବୁଠୁ ବଡ଼ ମରୁଡ଼ିକୁ ସାମ୍ନା କରୁଛି। ୪୦୫ ମାଇଲ ବିଶିଷ୍ଟ ଦେଶର ଦୀର୍ଘତମ ନଦୀ ପୋ' ଶୁଖି ମରୁଭୂମିର ଭ୍ରମ ସୃଷ୍ଟି କରିଛି।

## ସଂକ୍ଷେପରେ

### ଅଞ୍ଜଳି ଚତୁର୍ବେଦୀଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଲେ ବାଇଡେନ

**ଓ୍ୱାଶିଂଟନ, ୨୩।୬:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଖ୍ୟାତନାମା ଭାରତୀୟ



ବଂଶୋଦ୍ଭବ ଆଇନ ବିଶେଷଜ୍ଞ ଅଞ୍ଜଳି ଚତୁର୍ବେଦୀଙ୍କୁ ବରିଷ୍ଠ ବ୍ୟାପାର ବିଭାଗର ଜେନେରାଲ କାଉନ୍‌ସଲ୍ ଭାବେ ମନୋନୀତ କରିଛନ୍ତି। ବରିଷ୍ଠ ନାଗରିକମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଓ ସେବା ଯୋଗାଇବା ଏହି ବିଭାଗର ମୁଖ୍ୟ ଉଦ୍ଦେଶ୍ୟ। ଆମେରିକା ଆଇନ ବିଭାଗରେ ସେ ଡେପୁଟି ଆସିଷ୍ଟାଣ୍ଟ ଆଟର୍ନି ଜେନେରାଲ ଥିଲେ। ସେ ସରକାରର ୩ ବିଭାଗରେ କାର୍ଯ୍ୟ କରିଛନ୍ତି। ଏହା ପୂର୍ବରୁ ସେ ନର୍ଥ୍ରୋପ ଗ୍ରୁମାନ କର୍ପୋରେଶନର ଆସିଷ୍ଟାଣ୍ଟ କାଉନସଲ ଏବଂ ଡାଇରେକ୍ଟର ଅଫ୍ ଇନ୍‌ଭେଷ୍ଟିଗେଶନ ଥିଲେ। ଏହା ପୂର୍ବରୁ ସେ ବ୍ରିଟିଶ ପେଟ୍ରୋଲିୟମର ଆସିଷ୍ଟାଣ୍ଟ ଜେନେରାଲ କାଉନସଲ ରହିଥିଲେ।

### ଦିନକର ଗୁପ୍ତା ଏନ୍‌ଆଇଏ ମୁଖ୍ୟ

**ନୂଆଦିଲ୍ଲୀ, ୨୩।୬:** ବରିଷ୍ଠ ଆଇପିଏସ୍ ଅଫିସର ଦିନକର ଗୁପ୍ତାଙ୍କୁ ଗୁରୁବାର ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ)ର



ମହାନିର୍ଦ୍ଦେଶକ ନିଯୁକ୍ତ କରାଯାଇଥିବା କାର୍ମିକ ବିଭାଗ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମାରେ କୁହାଯାଇଛି। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ତାଙ୍କ ନିଯୁକ୍ତି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ୧୯୮୭ ବ୍ୟାଚ୍ ପଞ୍ଜାବ କ୍ୟାଡର ଆଇପିଏସ୍ ଗୁପ୍ତା ଏନ୍‌ଆଇଏ ମୁଖ୍ୟ ଭାବେ ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହିବେ। ଏହା ବ୍ୟତୀତ ସ୍ୱାଗତ ଦାସ୍‌ଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ (ଆଭ୍ୟନ୍ତରୀଣ ସୁରକ୍ଷା) ନିଯୁକ୍ତ କରାଯାଇଛି। ୧୯୮୭ ବ୍ୟାଚ୍‌ର ଛତିଶଗଡ଼ କ୍ୟାଡର ଆଇପିଏସ୍ ଅଫିସର ସ୍ୱାଗତ ଏବେ ଇଣ୍ଟେଲିଜେନ୍ସ ବ୍ୟୁରୋରେ ସ୍ୱତନ୍ତ୍ର ନିର୍ଦ୍ଦେଶକ ଅଛନ୍ତି।

### ଦୁର୍ଘଟଣାରେ ୧୦ ମୃତ

**ଲକ୍ଷ୍ନୌ, ୨୩।୬:** ଉତ୍ତରପ୍ରଦେଶର ପିଲିଭିଟ୍ ଅନ୍ତର୍ଗତ ଜାତୀୟ ରାଜପଥରେ ଗୁରୁବାର ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ତୀର୍ଥଯାତ୍ରୀମାନେ ହରିଦ୍ୱାର ଦର୍ଶନ ସାରି ଏକ ଟ୍ରକ୍ ଯୋଗେ ଲଖିମପୁର ଫେରୁଥିବାବେଳେ ଏହା ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିଲା।

# ଆସାମରେ ଜଳ ପ୍ରଳୟ

## ଶତାଧିକ ଜୀବନ ଗଲାଣି

- ୪,୯୪୧ ଗ୍ରାମର ୫୪.୫ ଲକ୍ଷ ଲୋକ ପ୍ରଭାବିତ
- ପାଣିରେ ବୁଡ଼ିଛି ୯୯,୦୨୬ ହେକ୍ଟର ଚାଷଜମି

**ଗୁଆହାଟୀ, ୨୩।୬**

ମେ' ମାସରୁ ଆସାମରେ ଜାରି ରହିଥିବା ଜଳପ୍ରଳୟ ଗୁରୁବାର ଆହୁରି ଭୟଙ୍କର ହୋଇଛି। ବୁଧବାର ଆଉ ୧୨ ମୃତ୍ୟୁକୁ ମିଶାଇ ଏ ପର୍ଯ୍ୟନ୍ତ ବନ୍ୟା ଓ ଏଥିଜନିତ ଭୂସ୍ଖଳନ ଯୋଗୁ ଆସାମର ୧୦୮ ଜଣଙ୍କ ଜୀବନ ଗଲାଣି। ୩୨ ଜିଲା ୪,୯୪୧ ଗ୍ରାମର ୫୪ ଲକ୍ଷ ୫୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଲଗାଣ ବର୍ଷାଯୋଗୁ ବ୍ରହ୍ମପୁତ୍ର ଏବଂ ବରାକ୍ ନଦୀ ସହ ଏହାର ଶାଖା ନଈଗୁଡ଼ିକ ଉଚ୍ଛୁଳିବା ଯୋଗୁ ରାଜ୍ୟର ୩୬ ଜିଲାରୁ ୩୨ ଜିଲାରେ ଅନେକ ଜମି ଜଳମଗ୍ନ ହୋଇ ରହିଛି। ଉଦ୍ଧାରକାରୀ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ଅନ୍ୟ ଏଜେନ୍ସିଗୁଡ଼ିକ ପ୍ରାୟ ୨୭୬ଟି ବନ୍ୟା ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଭାରତୀୟ ସେନା ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଆସାମର ୧୨ ଜିଲାର ବିଭିନ୍ନ ସ୍ଥାନରେ ଫସି ରହିଥିବା ୧୪,୫୦୦ ଲୋକଙ୍କୁ ଏନ୍‌ଡିଆରଏଫ୍ ଟିମ୍ ଉଦ୍ଧାର କରିଥିବା ସରକାରୀ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏନ୍‌ଡିଆରଏଫ୍‌ର ପ୍ରଥମ ବାଟାଲିୟନ ବିପର୍ଯ୍ୟୟ ପରିଚାଳନା ଫୋର୍ସର ୪୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ୭୦ରୁ ଅଧିକ ବୋଟ୍ ମୁତୟନ ହୋଇଥିବା ଏହାର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସନ୍ତୋଷ କୁମାର ସିଂ କହିଛନ୍ତି। ମଙ୍ଗଳବାରଠାରୁ ୨୦୭ କର୍ମଚାରୀଙ୍କୁ ନେଇ ଆଉ ୮ ଟିମ୍ ସିଲଚର୍‌ରେ ଏୟାରଲିଫ୍ଟ ମାଧ୍ୟମରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।



ସେଣ୍ଟ୍ରାଲ ଓ୍ୱାଟର କମିଶନ (ସିଡବ୍ଲ୍ୟୁସି) ମୁତାବକ, ନଗାଓଁର କାମପୁର ଦେଇ ବହିଯାଇଥିବା କୋପିଲି ନଦୀ ଜଳ ବିପଦସଙ୍କୁଳ ସ୍ତର ଉପରେ ରହିଛି। ସେହିପରି ଶିବାସାଗରରେ ଦିସାଙ୍ଗ ନଦୀ, ତେଜପୁର, ଗୋଲପରା ଏବଂ ଧୁବ୍ରୀର ନିମାତିଘାଟରେ ବ୍ରହ୍ମପୁତ୍ର, ଚାଚର ଏବଂ ହୈଲାଖଣ୍ଡିର କରିମଗଞ୍ଜ ଦେଇ ବହିଥିବା ବରାକ୍ ନଦୀ ଏବଂ କରିମଗଞ୍ଜଠାରେ ଥିବା କୁଶିଆରା ନଦୀ ଜଳ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବାରପେଟା ଜିଲା ବନ୍ୟା ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ୧୧,୨୯,୩୯୦ ଲୋକ ପ୍ରଭାବିତ ହୋଇଥିବାବେଳେ କାମ୍‌ରୂପ୍ ଜିଲାରେ ୭,୮୯,୪୯୬, ଧୁବ୍ରୀରେ ୫,୯୭,୧୫୩ ଏବଂ ନଗାଓଁରେ ୫,୦୩,୪୫୦ ଲୋକ ବନ୍ୟା ଦୁର୍ଦ୍ଦଶା ଭୋଗୁଛନ୍ତି। ଜିଲା ପ୍ରଶାସନଗୁଡ଼ିକ ପକ୍ଷରୁ ୧୦୨୫ ରିଲିଫ୍ ବଣ୍ଟା କେନ୍ଦ୍ର ଏବଂ ୮୪୫ ଆଶ୍ରୟ ସ୍ଥଳୀ ଖୋଲାଯାଇଛି। ଏଠାରେ ପ୍ରାୟ ୩ ଲକ୍ଷ ଲୋକ ଆଶ୍ରୟ ନେଇଛନ୍ତି। ବନ୍ୟା ଯୋଗୁ ୨୧୮ ରାସ୍ତା, ୨୦ ପୋଲ ନଷ୍ଟ ହୋଇଛି। ୯୯,୦୨୬ ହେକ୍ଟର ଚାଷଜମି ପାଣିରେ ବୁଡ଼ି ରହିଛି। ୩୩,୧୭,୦୮୬ ପ୍ରାଣୀ ପ୍ରଭାବିତ ହୋଇଛନ୍ତି।

ବାକ୍‌ସା, ବିଶ୍ୱନାଥ, ବୋଙ୍ଗାଇଗାଓଁ, ଚିରାଙ୍ଗ, ଧୁବ୍ରୀ, କୋକ୍ରାଝର, ଲଖିମପୁର, ମଜୁଲି, ମୋରିଗାଓଏ ନାଲବରି, ଉଦାଲଗୁରି ଆଦି ସ୍ଥାନରେ ଭୂସ୍ଖଳନ ହୋଇଛି। ଚିରାଙ୍ଗ ଜିଲାରେ ବୁଧବାର ସ୍ଥିତି ଭୟଙ୍କର ହେବାରୁ ଅଗ୍ନିଶମ ବାହିନୀ ଏବଂ ଜରୁରିକାଳୀନ ସେବା ପ୍ରଦାନକାରୀ କର୍ମଚାରୀମାନେ ମଧ୍ୟ ଉଦ୍ଧାରକାରୀ ଟିମ୍‌ରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଚପରମୁଖ ରେଳଷ୍ଟେଶନ, ନେଲି ଜାତୀୟ ରାଜପଥ ପାର୍ଶ୍ୱ ରିଲିଫ୍ କ୍ୟାମ୍ପ୍‌ରେ ଆଶ୍ରୟ ନେଇଥିବା ପ୍ରଭାବିତ ପରିବାରକୁ ଭେଟିଛନ୍ତି। କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ ନଗାଓଁ ଜିଲାର ଫୁଲାଗୁରୀ ରିଲିଫ୍ କେନ୍ଦ୍ର ପରିଦର୍ଶନ କରି ବନ୍ୟା ପ୍ରଭାବିତଙ୍କୁ ଭେଟିଛନ୍ତି।

# ବନ୍ୟାରେ ଉବୁଟୁବୁ ବାଂଲାଦେଶ

- ୧୨୨ ବର୍ଷରେ ସବୁଠୁ ଭୟଙ୍କର
- ୯୦ ଲକ୍ଷ ବିସ୍ଥାପିତ, ୩୨ ମୃତ

**ଢାକା, ୨୩।୬**

ବାଂଲାଦେଶରେ ଚଳିତ ବର୍ଷ ଭୟଙ୍କର ବନ୍ୟାବିପତ୍ତି ୯୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିସ୍ଥାପିତ କରିବା ସହ ୩୨ ଜଣଙ୍କ ଜୀବନ ନେଲାଣି। ୧୨୨ ବର୍ଷରେ ଏହା ଦେଶର ସବୁଠୁ ବଡ଼ଧରଣର ଜଳପ୍ରଳୟ ବୋଲି କୁହାଯାଉଛି। ସିଲହେଟ୍, ସୁନାମଗଞ୍ଜ ଏବଂ ବ୍ରାହମନବାରିଆ ସମେତ ଦେଶର ଉତ୍ତର ଭାଗ ବନ୍ୟା ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଥିବା ରିଲିଫ୍ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଏନାମୁର ରେହମାନ କହିଛନ୍ତି। ସୀମାନ୍ତ ଆସାମରେ ଥିବା ବରାକ୍ ନଦୀ ଜଳ ବିପଦସଙ୍କୁଳ ସ୍ତର ଟପିଛି। ଏହି ନଦୀ ବାଂଲାଦେଶ ଦେଇ ମଧ୍ୟ ପ୍ରବାହିତ ହୋଇଛି। ଲଗାଣ ବର୍ଷା ଯୋଗୁ ନଦୀଜଳ ଉଚ୍ଛୁଳି ଆସାମ ସମେତ ବାଂଲାଦେଶରେ ମଧ୍ୟ ବନ୍ୟା ସ୍ଥିତି ସୃଷ୍ଟି କରିଛି। ବିଶେଷକରି ବଜ୍ରପାତରେ ଅଧିକାଂଶଙ୍କ ମୃତ୍ୟୁ ଘଟିଛି।



ବାଂଲାଦେଶର ସିଲହେଟ୍‌ଠାରେ ବନ୍ୟା ପ୍ରପୀଡ଼ିତ ଡଙ୍ଗା ଯୋଗେ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି।

# ବନ୍ଧୁକ ରଖିବା ଆମେରିକୀୟଙ୍କ ଅଧିକାର: ସୁପ୍ରିମକୋର୍ଟ

**ଓ୍ୱାଶିଂଟନ, ୨୩।୬**

ବନ୍ଧୁକ ରଖିବା ଆମେରିକୀୟଙ୍କ ମୌଳିକ ଅଧିକାର ବୋଲି ଗୁରୁବାର ସେଠାର ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆମେରିକାରେ ବାରମ୍ବାର ଗୁଳିକାଣ୍ଡ ଘଟି ଲୋକଙ୍କ ଜୀବନ ଯାଉଥିବାରୁ ବନ୍ଧୁକ ନିୟନ୍ତ୍ରଣ ପାଇଁ ବିଭିନ୍ନ ରାଜ୍ୟ ଚାହୁଁଥିବାବେଳେ ଅଦାଲତଙ୍କ ରାୟ ଏଥିରେ ଅନ୍ତରାୟ ସୃଷ୍ଟି କରିଛି। ସୁପ୍ରିମକୋର୍ଟରେ ୬-୩ରେ ଉକ୍ତ ରାୟ ଗୃହୀତ ହୋଇଛି, ଅର୍ଥାତ ୬ଜଣ ବିଚାରପତି ବନ୍ଧୁକ ରଖିବା ସପକ୍ଷରେ ଏବଂ ୩ ଜଣ ବିରୋଧରେ ମତ ରଖିଥିଲେ। ଫଳରେ ବନ୍ଧୁକ ଅନୁମତି ପାଇବା ପାଇଁ ବୈଧ ଆତ୍ମରକ୍ଷା ଆବଶ୍ୟକତାର ପ୍ରମାଣ ଦେବା ଲାଗି ନ୍ୟୁୟର୍କ ଆଇନରେ ଥିବା ବ୍ୟବସ୍ଥାକୁ ଉକ୍ତ ରାୟ ହଟାଇଦେଇଛି। ଆମେରିକା ସମ୍ବିଧାନର ଦ୍ୱିତୀୟ ଓ ଚତୁର୍ଦ୍ଦଶ ସଂଶୋଧନ ଅନୁଯାୟୀ ଜଣେ ବ୍ୟକ୍ତି ଘର ବାହାରେ ନିଜର ଆତ୍ମରକ୍ଷା ଲାଗି ସାଙ୍ଗରେ ବନ୍ଧୁକ ରଖିପାରିବେ ବୋଲି ଜଷ୍ଟିସ୍ କ୍ଲାରେନ୍ସ ଥୋମାସ ରାୟରେ ଲେଖିଛନ୍ତି।

ଆମେରିକାରେ ଏକାଧିକ ଗଣଗୁଳିକାଣ୍ଡ ପରେ ବନ୍ଧୁକ ଆଇନରେ ପରିବର୍ତ୍ତନ ଆଣିବା ଦାବି ଜୋର୍ ଧରିଛି। ମାସକ ମଧ୍ୟରେ ନ୍ୟୁୟର୍କର ବୁଫାଲୋରେ ବର୍ଣ୍ଣବୈଷମ୍ୟ ଆକ୍ରମଣରେ ୧୦ ଜଣଙ୍କ ମୃତ୍ୟୁ ଏବଂ ଟେକ୍ସାସର ଉଭାଲ୍‌ଡେ ଗୁଳିକାଣ୍ଡରେ ୧୯ ସ୍କୁଲ୍ ପିଲା ଓ ୨ ଶିକ୍ଷକଙ୍କ ଜୀବନ ଯିବା ପରେ ଦେଶର ବନ୍ଧୁକ ସଂସ୍କୃତି ବିରୋଧରେ ସ୍ୱର ଉଠିଥିଲା। ଓ୍ୱାଶିଂଟନ, ନ୍ୟୁୟର୍କ ସମେତ ବିଭିନ୍ନ ସହରରେ ହଜାର ହଜାର ଲୋକ ବନ୍ଧୁକ ସଂସ୍କାର ରାଲିରେ ସାମିଲ ହୋଇଥିଲେ। ଏହା ପୂର୍ବରୁ ୨୦୧୮ରେ ଫ୍ଲୋରିଡାର ପାର୍କଲ୍ୟାଣ୍ଡସ୍ଥିତ ମାର୍ଜୋରି ଷ୍ଟୋନମ୍ୟାନ୍ ଡୁଗ୍‌ଲାସ ହାଇସ୍କୁଲ ଗୁଳିକାଣ୍ଡରେ ୧୪ ଛାତ୍ର ଓ ୩ ବୟସ୍କଙ୍କ ମୃତ୍ୟୁ ପରେ 'ମାର୍ଚ୍ଚ ଫର୍ ଆଓ୍ୱାର ଲିଭ୍ସ' ନାମକ ସଂଗଠନ ଗଠନ ହୋଇଥିଲା। ଏଥିରେ ଲକ୍ଷ ଲକ୍ଷ ଲୋକ ସାମିଲ ହୋଇ ବନ୍ଧୁକ ସଂସ୍କୃତିର ବିରୋଧ କରିଥିଲେ। ବନ୍ଧୁକ କିଣିବା ଲାଗି ବୟସସୀମା ୧୮ରୁ ୨୧ ବର୍ଷକୁ ବଢ଼ାଇବା ସହ ଅନ୍ୟ ପ୍ରତିବନ୍ଧକ ରଖିବା ଉପରେ ଏହି ସଂଗଠନ ରିପବ୍ଲିକାନ ସଦସ୍ୟମାନଙ୍କ ଉପରେ ଚାପ ପକାଇଥିଲା। ଗତ ୧୧ରେ ମାର୍ଚ୍ଚ ଫର୍ ଆଓ୍ୱାର ଲିଭ୍ସ ପକ୍ଷରୁ ବନ୍ଧୁକ କଟକଣା ଦାବି କରି ବିଭିନ୍ନ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



# ଜେଲ ନିଃସଙ୍ଗ ପ୍ରକୋଷ୍ଠକୁ ସୁ୍ୟ ଚୀ ସ୍ଥାନାନ୍ତର

**ବ୍ୟାଙ୍କକ୍, ୨୩।୬:** ମ୍ୟାନ୍‌ମାରର ସାମରିକ ସରକାର ଗୁରୁବାର ଦେଶର ବହିଷ୍କୃତ ନେତ୍ରୀ ଅଙ୍ଗ୍ ସାନ୍ ସୁ୍ୟ ଚୀଙ୍କୁ ଜେଲର ଏକ ନିଃସଙ୍ଗ ପ୍ରକୋଷ୍ଠକୁ ପଠାଇଦେଇଛନ୍ତି। ୨୦୨୧ ଫେବୃୟାରୀ ୧ରେ ସେନା ବିଦ୍ରୋହ କରି ଶାସନ କ୍ଷମତା ଅକ୍ତିଆର କରିବା ପରେ ସୁ୍ୟ ଚୀଙ୍କୁ ନିଜ ବାସଭବନରେ ଗୃହବନ୍ଦୀ ରଖିଥିଲା। ପରେ ତାଙ୍କୁ ରାଜଧାନୀର ଏକ ଅଜ୍ଞାତ ସ୍ଥାନରେ ରଖାଯାଇଥିଲା, ଯାହା ସାମରିକ ଘାଟି ବୋଲି ବିଶ୍ୱାସ କରାଯାଏ। ଏବେ ତାଙ୍କୁ ପାଟିଟାଉର ମୁଖ୍ୟ ଜେଲକୁ ସ୍ଥାନାନ୍ତର କରାଯାଇଥିବା ଶାସକ ସାମରିକ ପରିଷଦର ମୁଖପାତ୍ର ମେଜର ଜେନେରାଲ ଜ ମିନ୍ ଟୁନ୍ କହିଛନ୍ତି। ସେଠାରେ ସେ ଅନ୍ୟମାନଙ୍କଠାରୁ ଅଲଗା ଭାବେ ରହିବେ। ତାଙ୍କୁ ବିଭିନ୍ନ ଅଭିଯୋଗରେ ଦୋଷୀସାବ୍ୟସ୍ତ କରାଯାଇଥିବାରୁ ଆଇନ ଅନୁଯାୟୀ ଜେଲକୁ ସ୍ଥାନାନ୍ତର କରାଯାଇଥିବା ମୁଖପାତ୍ର କହିଛନ୍ତି।



# ୟୁକ୍ରେନ୍‌ର ୧୫୨ ସାଂସ୍କୃତିକ ସ୍ଥଳ ଧ୍ୱଂସ କରିଛି ରୁଷିଆ

**ପ୍ୟାରିସ, ୨୩।୬:** ରୁଷିଆ ଆକ୍ରମଣ ଯୋଗୁ ୟୁକ୍ରେନ୍‌ର ୧୫୨ଟି ସାଂସ୍କୃତିକ ଓ ଐତିହାସିକ ଐତିହ୍ୟ ସ୍ଥଳ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଧ୍ୱଂସ ହୋଇଥିବା ଜାତିସଂଘ ବିଶେଷଜ୍ଞମାନେ ସ୍ପଷ୍ଟ କରିଛନ୍ତି। ସେଥିରେ ମ୍ୟୁଜିୟମ, ସ୍ମାରକୀ ସ୍ଥଳ, ଚର୍ଚ୍ଚ ଓ ଅନ୍ୟାନ୍ୟ ଧର୍ମୀୟ ଶୌଧ ରହିଛି। ଏହି ସମସ୍ତ ଧ୍ୱଂସାବଶେଷର ଆକଳନରେ ୟୁକ୍ରେନ୍ କର୍ତ୍ତୃପକ୍ଷଙ୍କୁ ୟୁନେସ୍କୋ ସହାୟତା କରୁଛି। ସାଂସ୍କୃତିକ ଐତିହ୍ୟ ଉପରେ ଆକ୍ରମଣ ବନ୍ଦ ହେବା ଦରକାର। କୌଣସି ପରିସ୍ଥିତିରେ ମଧ୍ୟ ଏଗୁଡ଼ିକୁ ଟାର୍ଗେଟ କରାଯିବା ଉଚିତ ନୁହେଁ ବୋଲି ୟୁନେସ୍କୋ ମହାନିର୍ଦ୍ଦେଶକ ଔଡ୍ରେ ଅଜୌଲେ କହିଛନ୍ତି। ଫେବୃୟାରୀ ୨୪ରୁ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଛି। ଖର୍କିଭ ଏବଂ ଡୋନେକ୍ସ ପୂର୍ବାଞ୍ଚଳର ତିନି ଚତୁର୍ଥାଂଶ ଅଞ୍ଚଳ ଓ ରାଜଧାନୀ କିଭ୍ ନିକଟବର୍ତ୍ତୀ ଅଞ୍ଚଳ ରୁଷିଆ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି। ତେବେ ଯୁଦ୍ଧରେ ସେଣ୍ଟ ସୋଫିଆ କାଥେଡ୍ରାଲ ଏବଂ ପେଚେର୍ସ୍କ ଲାଭ୍ରା ସମେତ ୟୁକ୍ରେନ୍‌ର ୭ଟି ବିଶ୍ୱ ଐତିହ୍ୟ ସ୍ଥଳ ପ୍ରଭାବିତ ହୋଇନାହିଁ।

# ମୋଦିଙ୍କୁ ଭେଟିଲେ ଦ୍ରୌପଦୀ ମୁର୍ମୁ

**ନୂଆଦିଲ୍ଲୀ, ୨୩।୬**

ନାମାଙ୍କନପତ୍ର ଦାଖଲ ଲାଗି ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଥିବା ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ (୬୪) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖଙ୍କୁ ସାକ୍ଷାତ କରିଛନ୍ତି। ମୁର୍ମୁଙ୍କ ରାଷ୍ଟ୍ରପତି ପ୍ରାର୍ଥିତ୍ୱକୁ ସାରା ଦେଶରୁ ସମାଜର ସବୁ ବର୍ଗର ଲୋକ ପ୍ରଶଂସା କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଉପରାଷ୍ଟ୍ରପତି ନାଇଡୁଙ୍କ ସହ ମୁର୍ମୁ ପ୍ରାୟ ୩୦ ମିନିଟ ଆଲୋଚନା କରିଥିଲେ। ତାଙ୍କୁ ନାଇଡୁଙ୍କ ସ୍ତ୍ରୀ ଉପରାଷ୍ଟ୍ରପତି ନିବାସ ପୋର୍ଟିକୋରେ ସ୍ୱାଗତ କରିଥିଲେ। ମୁର୍ମୁ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିବା ଆଶା କରାଯାଉଛି।

ମୁର୍ମୁ ଗୁରୁବାର ଭୁବନେଶ୍ୱରରୁ ଯାଇ ନୂଆଦିଲ୍ଲୀରେ ପହଞ୍ଚିଥିଲେ। ତାଙ୍କର



ନାମାଙ୍କନ ପତ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ବାସଭବନରେ ପ୍ରସ୍ତୁତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ପ୍ରଥମ ପ୍ରସ୍ତାବକ ରହିବେ। ଏହା ବ୍ୟତୀତ ବରିଷ୍ଠ ମନ୍ତ୍ରୀ ରାଜନାଥ ସିଂ, ଅମିତ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟ ମନ୍ତ୍ରୀ ଏବଂ ଭାଜପା ନେତାଙ୍କ ସମେତ ବିଜେଡିରୁ ୨ ଜଣ ମନ୍ତ୍ରୀ ମୁର୍ମୁଙ୍କ ପ୍ରସ୍ତାବକ ରହିବେ ବୋଲି ଜଣାପଡ଼ିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ସାକ୍ଷାତ ବେଳେ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଥିଲେ। ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଥିବାରୁ ଆଦିବାସୀ ସମାଜ ଗର୍ବ ଅନୁଭବ କରୁଥିବା ଶାହା କହିଥିଲେ। ମୁର୍ମୁଙ୍କ ଜୀବନ ସମାଜର ଦୁର୍ବଳ ଶ୍ରେଣୀ ବର୍ଗଙ୍କ ସଶକ୍ତୀକରଣ ପାଇଁ ସମର୍ପିତ ରହିଆସିଛି। ଦେଶ ତଥା ସମାଜକୁ ଆହୁରି ମଜଭୁତ କରିବାରେ ସେ ପ୍ରଭାବୀ ଭୂମିକା ନିଭାଇବେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

ଆଦିବାସୀ ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ଲାଗି ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ଦ୍ରୌପଦୀଙ୍କୁ ସର୍ବସମ୍ମତିକ୍ରମେ ରାଷ୍ଟ୍ରପତି ନିର୍ବାଚିତ କରିବା ଲାଗି ଅଖିଳ ଭାରତୀୟ ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ଗୁରୁବାର ସବୁ ଦଳକୁ ଅନୁରୋଧ କରାଯାଇଛି। ଭାରତୀୟ ପରମ୍ପରା ଓ ସଂସ୍କୃତିର ଅବିଚ୍ଛିନ୍ନ ଅଙ୍ଗ ସତ୍ତ୍ୱେ ଆଦିବାସୀମାନେ ଦୀର୍ଘ ବର୍ଷ ହେଲା ଅବହେଳିତ ହୋଇ ରହିଆସିଥିବା ଆର୍‌ଏସ୍‌ଏସ୍‌ର ଏହି ସଂଗଠନ କହିଛି।

# ଆଦିବାସୀଙ୍କ ପାଇଁ ଦ୍ରୌପଦୀ କ'ଣ କରିଛନ୍ତି

## ରାଷ୍ଟ୍ରପତି ନିର୍ବାଚନ

### ଯଶଓ୍ୱନ୍ତ ସିହ୍ନାଙ୍କ ପ୍ରଶ୍ନ

**ନୂଆଦିଲ୍ଲୀ, ୨୩।୬**

ଆଦିବାସୀଙ୍କ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ତୁଳନାରେ ମୋ ଅବଦାନ ଅଧିକ। କେନ୍ଦ୍ରମନ୍ତ୍ରୀ ଥିବାବେଳେ ମୁଁ ଆଦିବାସୀଙ୍କ ମଙ୍ଗଳ ପାଇଁ ଅନେକ କାର୍ଯ୍ୟ କରିଛି ବୋଲି ଗୁରୁବାର ବିରୋଧୀ ଦଳର ମିଳିତ ରାଷ୍ଟ୍ରପତି ପ୍ରାର୍ଥୀ ଯଶଓ୍ୱନ୍ତ ସିହ୍ନା ପ୍ରକାଶ କରିଛନ୍ତି।

ଜୁଲାଇ ୧୮ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପାଇଁ ବିରୋଧୀଙ୍କ ପକ୍ଷରୁ ପ୍ରାର୍ଥୀ ହୋଇଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଯଶଓ୍ୱନ୍ତ ସିହ୍ନା କହିଛନ୍ତି, ସେ ଏନ୍‌ଡିଏ ପ୍ରତିଦ୍ୱନ୍ଦ୍ୱୀ ଦ୍ରୌପଦୀଙ୍କ ଅପେକ୍ଷା ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ଅନ୍ୟ ବଞ୍ଚିତ ବର୍ଗଙ୍କ ପାଇଁ ଅଧିକ କାର୍ଯ୍ୟ କରିଛନ୍ତି। ଦ୍ରୌପଦୀ ଝାଡ଼ଖଣ୍ଡର ରାଜ୍ୟପାଳ ସମେତ ବିଭିନ୍ନ ପଦପଦବୀରେ ଥିବାବେଳେ ଆଦିବାସୀଙ୍କ ପାଇଁ କ'ଣ ସବୁ କରିଛନ୍ତି ତା'ର ହିସାବ ଦିଅନ୍ତୁ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ କ୍ୟାବିନେଟ ସଦସ୍ୟ ହୋଇଥିବାରୁ ମୁଁ ନିଜକୁ ଗର୍ବିତ ଅନୁଭବ କରୁଛି। ବର୍ତ୍ତମାନର ଭାଜପା ବାଜପେୟୀଙ୍କ ଅବଦାନକୁ ଭୁଲିଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଅମଳରେ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ବିପଦ ସୃଷ୍ଟି ହୋଇଛି। ଚଳିତ ରାଷ୍ଟ୍ରପତି ନିର୍ବାଚନ ପରିଚୟକୁ ନେଇ ନୁହେଁ, ବରଂ ବିଚାରଧାରା ଆଧାରିତ। କିଏ ମୁର୍ମୁ ଓ କିଏ ସିହ୍ନା ତାହା ବଡ଼ କଥା ନୁହେଁ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମୁର୍ମୁ କେଉଁ ବିଚାରଧାରାର ପ୍ରତିନିଧିତ୍ୱ କରୁଛନ୍ତି। ଏକ ନିର୍ଦ୍ଦିଷ୍ଟ ସମୁଦାୟରେ ଜନ୍ମ ନେବାର ତାତ୍ପର୍ଯ୍ୟ ନୁହେଁ ଯେ, ଆପଣ ସ୍ୱତଃ ସେହି ସମୁଦାୟର ସର୍ବୋତ୍କୃଷ୍ଟ ବିବେଚିତ ହେବେ।



# ବ୍ରାଜିଲ ସୁନ୍ଦରୀଙ୍କ ଜୀବନ ନେଲା ଟନ୍‌ସିଲ ସର୍ଜରି



**ବ୍ରାସିଲିଆ, ୨୩।୬:** ଟନ୍‌ସିଲ ଅସ୍ତ୍ରୋପଚାର ପରେ ପୂର୍ବତନ ମିସ୍ ବ୍ରାଜିଲ ଗ୍ଲେସି କୋରେଇଆଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ୨୭ ବର୍ଷ ହୋଇଥିଲା। ୨୦୧୮ରେ ସେ ମିସ୍ ୟୁନାଇଟେଡ୍ କଣ୍ଟିନେଣ୍ଟସ୍ ବ୍ରାଜିଲ ମୁକୁଟ ବିଜୟିନୀ ହୋଇଥିଲେ। ଟନ୍‌ସିଲ ଅସ୍ତ୍ରୋପଚାର ଜନିତ ସମସ୍ୟା ଯୋଗୁ ଦୁଇମାସ ହେଲା କୋମାରେ ଥିବା ଗ୍ଲେସିଙ୍କର ସୋମବାର ଏକ ଘରୋଇ କ୍ଲିନିକ୍‌ରେ ମୃତ୍ୟୁ ଘଟିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୪ ଜୁନ୍, ୨୦୨୨



## ସଂକ୍ଷେପରେ

### କାଠ, ଯନ୍ତ୍ରାଂଶ ସହ ଟ୍ରାକ୍ଟର ଜବତ

ବାଲିପାଟଣା,୨୩।୬(ଡି.ଏନ୍.ଏ.): ବାଲିପାଟଣା ବନ ବିଭାଗ କର୍ମଚାରୀ ଓ ପୋଲିସ ମିଳିତ ଭାବେ ଗୁରୁବାର ସରିପୁର ଓ ଡେଙ୍ଗଠାରେ ଚାଲିଥିବା ଦୁଇଟି ବେଆଇନ କରତ କଳ ଉପରେ ଚଢ଼ାଉ କରି କାଠ, ଯନ୍ତ୍ରାଂଶ ସହ ଟ୍ରାକ୍ଟରକୁ ଜବତ କରିଛନ୍ତି। ଡେପୁଟି ରେଞ୍ଜର ମାନସ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିବା ବେଳେ ଜବତ ସାମଗ୍ରୀର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ରେଞ୍ଜ ଅଫିସଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ଦୀର୍ଘଦିନ ଧରି ଏଠାରେ ବେଆଇନ ଭାବେ କରତ କଳ ଚାଲିଥିବା ନେଇ ଅଭିଯୋଗ ହେଉଥିଲା।

### ଗୌରବ ପତ୍ରିକାର ରଥଯାତ୍ରା ସଂଖ୍ୟା ଉନ୍ମୋଚିତ

ଭୁବନେଶ୍ୱର,୨୩।୬ (ବ୍ୟୁରୋ): ଭୁବନେଶ୍ୱରସ୍ଥିତ ବ୍ଲାକ୍ ଇଗଲ ବୁକ୍ସର ଇଣ୍ଟଲେକ୍ସ ସେଣ୍ଟରରେ ଗୌରବ ପତ୍ରିକାର ରଥଯାତ୍ରା ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ଗୌରବ ପତ୍ରିକାର ସମ୍ପାଦକ ଶଙ୍କର୍ଷଣ ଦାସ, ବ୍ଲାକ୍ ଇଗଲ ବୁକ୍ସର ଭାରତ ମୁଖ୍ୟ ଅଶୋକ ପରିଡାଙ୍କ ସଂଯୋଜନାରେ ଓ କେନ୍ଦ୍ରାପଡା ସାହିତ୍ୟ ପରିଷଦର ସରୋଜ ମହାନ୍ତିଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଶାରଳା ପୁରସ୍କାର ପ୍ରାପ୍ତ କବି ଡ. ଶତ୍ରୁଘ୍ନ ପାଣ୍ଡବ, ବିଶିଷ୍ଟ କବି କ୍ଷୀରୋଦ ପରିଡା, କଥାକାର ପରେଶ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, ଆଳିରୁ ପ୍ରକାଶିତ ସାହିତ୍ୟ ପତ୍ରିକା ଗୌରବ, ପତ୍ରିକା ଜଗତରେ ଏକ ଭଲ ସ୍ଥାନ ସୃଷ୍ଟି କରିପାରିଛି। ଶେଷରେ କବି ପ୍ରମୋଦ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ସଭାପତି ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ

ବାଲିଅନ୍ତା,୨୩।୬(ଡି.ଏନ୍.ଏ.): ପାହାଳ ସେବା ସମବାୟ ସମିତିର ପରିଚାଳନା ପରିଷଦ ସଭାପତି ପଦ ପାଇଁ ଗୁରୁବାର ଜଣେ ମାତ୍ର ପ୍ରାର୍ଥୀ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ହେଲେ ପ୍ରଶାନ୍ତ କୁମାର ଦାସ। ସେ ଏକମାତ୍ର ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସ୍ପଷ୍ଟ ହୋଇଛି। କିନ୍ତୁ ପ୍ରାର୍ଥିପତ୍ର ଯାଞ୍ଚ ପରେ ୧୮ ତାରିଖରେ ସରକାରୀ ଭାବେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ କୈଳାସ ଚନ୍ଦ୍ର ରାଉତ କହିଛନ୍ତି। ପ୍ରାର୍ଥୀ ପତ୍ର ଦାଖଲ ସମୟରେ ସମିତିର ସଂଯୋଜକ ସରୋଜ କୁମାର ରଥ ଓ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ମା' ଖଣ୍ଡେଶ୍ୱରୀ ହାଟର ବାର୍ଷିକ ଉତ୍ସବ

ବାଲିଅନ୍ତା,୨୩।୬(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୧୮ନଂ. ୱାର୍ଡ ଅଧୀନ ପଳାଶୁଣୀସ୍ଥିତ ମା' ଖଣ୍ଡେଶ୍ୱରୀ ହାଟର ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା' ଖଣ୍ଡେଶ୍ୱରୀ ହାଟ ବ୍ୟବସାୟ ସଂଘ ପକ୍ଷରୁ ଆୟୋଜିତ ଉତ୍ସବରେ ବିଜ୍ଞାନ, କାରିଗରି ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଏବଂ ମେୟର ସୁଲୋଚନା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ହାଟର ସ୍ଥାୟୀ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସ୍ମାର୍ଟ ସିଟି ଭୁବନେଶ୍ୱରର ଏହି ହାଟ ଏକ ସ୍ମାର୍ଟ ହାଟ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ହାଟ ବ୍ୟବସାୟ ସଂଘର ସଭାପତି ରମେଶ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ କର୍ପୋରେଟର ବିପ୍ଳବ ବେହେରା, ପୂର୍ବତନ କର୍ପୋରେଟର ସଞ୍ଜୟ ବଳିୟାରସିଂ, ସାମାଜିକ କର୍ମୀ ଚିତ୍ତରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୂଜାରାଣୀ ଜେନା ଧନ୍ୟବାଦ ଦେଇଥିଲେ।

# ୩ ଜୋନ୍‌ରୁ ଡ୍ରାଏ ଡେ' ଆରମ୍ଭ

ଭୁବନେଶ୍ୱର, ୨୩।୬ (ବ୍ୟୁରୋ)






ପଦଯାତ୍ରାରେ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ। କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ମଶା ଲାର୍ଭା ଉତ୍ସକୁ ନଷ୍ଟ କରାଯାଉଛି।

ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଅଣ୍ଟା ଭିଡିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଗୁରୁବାରଠାରୁ ମହାନଗର ନିଗମର ୩ଟି ଜୋନ୍‌ରେ ଡ୍ରାଏ ଡେ' ପାଳନ ଆରମ୍ଭ ହୋଇଛି। ଦକ୍ଷିଣ-ପୂର୍ବ ଜୋନ୍‌ର ନୟାପଲ୍ଲୀଠାରେ ଡେଙ୍ଗୁ ଏବଂ ପରିମଳ ସଚେତନତା ପଦଯାତ୍ରା ସହ ଘରକୁ ଘର ପରିକ୍ରମା କାର୍ଯ୍ୟକ୍ରମକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଛନ୍ତି। ବେହେରାସାହି ଛକ ନିକଟ ଶ୍ରୀକୃଷ୍ଣ କ୍ଲବ୍ ସମ୍ମୁଖରୁ ପଦଯାତ୍ରା ବାହାରି ବେହେରାସାହି, ଗଡ଼ସାହି, ମମତାଜ ଅଲ୍ଲୀ ଉଚ୍ଚ ବିଦ୍ୟାଳୟ ପ୍ରମୁଖ ଅଞ୍ଚଳ ପରିକ୍ରମା କରି ସଚେତନତା ସୃଷ୍ଟି କରାଯାଇଥିଲା। ସେହିପରି ନର୍ଥ ଜୋନ୍ ଅନ୍ତର୍ଗତ ୮ ନମ୍ବର ୱାର୍ଡ଼ର ଚନ୍ଦ୍ରଶେଖରପୁର ପେଟ୍ରୋଲ୍ ପମ୍ପ୍ ନିକଟରୁ ଆରମ୍ଭ ହୋଇଥିବା ପଦଯାତ୍ରାକୁ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଥିଲେ। ଏହି ପଦଯାତ୍ରା ଡିଷ୍ଟ୍ରିକ୍ଟ ସେଣ୍ଟରରୁ ହାଉସିଂବୋର୍ଡ଼ କଲୋନୀ ପର୍ଯ୍ୟନ୍ତ ଯାଇ ରାଧାକୃଷ୍ଣ ବସ୍ତି ପରିକ୍ରମା କରିଥିଲା। ସମାନ ଭାବେ ଦକ୍ଷିଣ-ପୂର୍ବ ଜୋନ୍‌ରେ ମଙ୍ଗଳା ବସ୍ତି ଏବଂ ଆଖପାଖ ଅଞ୍ଚଳରେ ଡ୍ରାଏ ଡ଼େ' ପଦଯାତ୍ରା କରାଯାଇଥିଲା। ଡେଙ୍ଗୁ ସଂକ୍ରମଣ ଭଳି ସମସ୍ୟାକୁ ଭୟ ନ କରି ନିଜ ହାତରେ ଏହାର ସମାଧାନ କରିବାକୁ ଆଗେଇ ଆସିବା ଆବଶ୍ୟକ ବୋଲି କମିଶନର ଆହ୍ୱାନ ଦେଇଥିଲେ। ଏଥିସହ ପ୍ରତ୍ୟେକ ସଚେତନ ନାଗରିକ ନିଜ ପରିବାରରେ ଏବଂ ନିଜ ଅଞ୍ଚଳରେ ସପ୍ତାହକୁ ୨ଦିନ ଗୁରୁବାର ଓ ରବିବାର ଡ୍ରାଏ ଡେ' ପାଳନ କରିବାକୁ କହିଥିଲେ। ପ୍ରତି ୱାର୍ଡ଼ ଯାଇ ଲୋକଙ୍କୁ ସଚେତନ କରିବା ଅଭ୍ୟାସ ପାଳନ କରିବା ସହ ନାଗରିକଙ୍କ ଅଂଶଗ୍ରହଣକୁ ଦୃଢ଼ କରାଯିବ। ଭୁବନେଶ୍ୱରରୁ ଡେଙ୍ଗୁ ତଡ଼ି ଦିଆଯିବ ବୋଲି କମିଶନର କହିଛନ୍ତି। ପଦଯାତ୍ରାରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଘରକୁ ଘର ବୁଲି ପାଣି ଜମିଥିବା ସ୍ଥାନ ଓ ପାତ୍ରଗୁଡ଼ିକୁ ନିରୀକ୍ଷଣ କରାଯାଇଥିଲା। ଏହାବ୍ୟତୀତ ବିଭିନ୍ନ ଅଞ୍ଚଳରେ ଥିବା ବ୍ୟବସାୟ ପ୍ରତିଷ୍ଠାନରେ ମଧ୍ୟ ଡେଙ୍ଗୁ ପ୍ରତିଷେଧକ ବାର୍ତ୍ତା ପ୍ରଦାନ କରାଯାଇଥିଲା। ପଦଯାତ୍ରାରେ ୩ଟି ଜୋନ୍‌ରେ ପ୍ରାୟ ୨ହଜାର ପରିବାର ନିକଟରେ ଡ୍ରାଏ ଡ଼େ' ବାର୍ତ୍ତା ପହଞ୍ଚାଇବା ସହିତ ୬୦ରୁ ଉର୍ଦ୍ଧ୍ୱ ମଶା ଲାର୍ଭା ଉତ୍ସ ନଷ୍ଟ କରାଯାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ କୁମାର ସାହୁ, ଜୋନାଲ୍ ଡେପୁଟି କମିଶନର ରବି ନାରାୟଣ ଜେଠୀ ଏବଂ ଜୋନାଲ୍ ଡେପୁଟି କମିଶନର ପୁରନ୍ଦର ନନ୍ଦ, ସିଟି ହେଲ୍‌ଥ ଅଫିସର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର ଉପସ୍ଥିତ ଥିଲେ।

# ମୁହଁ ଖୋଲିଲେ ପ୍ରେମିକ ଟୁଙ୍ଗୁରୁ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

**ଶଙ୍ଖା, ସିନ୍ଦୂର ଧରି ପ୍ରେମିକା ଥାନାରେ ବସିବା ଘଟଣା**

ମୁଁ ବାହା ହେବି ତ କେବଳ ଟୁଙ୍ଗୁରୁ ଭୋଳଙ୍କୁ, ଯିଏ ମୋତେ ଯେଉଁଠି ଦେଖିଲେ ଫୁଲ ଦିଏ, ଆଉ ଆଇ ଲଭ ୟୁ କହେ। ସେ ମୋର ସବୁ କିଛି। ତାକୁ ବାହା ହେବା ଲାଗି ମୋର ୨ ପିଲା ଛୁଆ ଓ ସ୍ୱାମୀଙ୍କୁ ମଧ୍ୟ ଛାଡିବାକୁ ପ୍ରସ୍ତୁତ। ଏମିତି କହି ପ୍ରେମିକ ଟୁଙ୍ଗୁରୁଙ୍କ ପାଇବାକୁ ଭରତପୁର ଥାନାରେ ଶଙ୍ଖା, ସିନ୍ଦୂର, ଗୋଲାପ ଫୁଲ ଓ ବରଣମାଳା ଧରି ଜିଦ୍‌ରେ ବସିଥିବା ଜଣେ ମହିଳା ନିକଟରେ ଚର୍ଚ୍ଚାକୁ ଆସିଥିଲେ। ଏହାପରେ ଘଟଣାକୁ ନେଇ ସୋସିଆଲ ମିଡିଆରେ ନାନା ଚର୍ଚ୍ଚା ଚାଲିଥିଲା। ଏବେ ଟୁଙ୍ଗୁରୁ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ମୁଁ କେବେ ତାଙ୍କୁ ଭଲ ପାଇ ନ ଥିଲି। ବରଂ ସେ ମୋ ସହ ସେଲ୍ଫି ଉଠାଇ ପରବର୍ତ୍ତୀ ସମୟରେ ଏକତରଫା ପ୍ରେମ କରିଥିଲେ। ମୋତେ ଗୋଟିଏ ମୋବାଇଲ ଫୋନ୍ ଉପହାର ଦେଇଥିଲେ। ଜୋର ଜବରଦସ୍ତ ବିବାହ କରିବାକୁ ଜିଦ୍ ଧରିଥିଲେ। ଥାନାରେ ଦୀର୍ଘ ସମୟ ପରେ ଦୁଇ ପରିବାରଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିଲା। ସେ କୌଣସି ପ୍ରକାର ହଇରାଣ କରିବେ ନାହିଁ। ତା'ର ମୋର ସମ୍ପର୍କ କିଛି ରହିବ ନାହିଁ। ସାହିରେ କେଉଁଠି ଦେଖା ହେବ ନାହିଁ ବୋଲି ଟୁଙ୍ଗୁରୁ ଗଣମାଧ୍ୟମ ସାମ୍ନାରେ କହିଛନ୍ତି। ସୂଚନାଯୋଗ୍ୟ, ଟୁଙ୍ଗୁରୁ ଅଟୋ ଚଳାନ୍ତି। ଭରତପୁର ଅଞ୍ଚଳର ମହିଳା ବିବାହିତ ହୋଇଥିବାବେଳେ ତାଙ୍କର ସ୍ୱାମୀ ଓ ଦୁଇ ପିଲା ଅଛନ୍ତି। ଅଢ଼େଇ ବର୍ଷ ପୂର୍ବେ ଦେହ ଖରାପ ହେବାରୁ ସେ ଆଲୋକ ଭୋଳ ଓରଫ ଟୁଙ୍ଗୁରଙ୍କ ଅଟୋରେ ମେଡିକାଲ ଯାଇଥିଲେ। ଏହି ସମୟରେ ପରିଚୟ ହେବା ସହ ଫୋନ ନମ୍ବର ଦିଆନିଆରୁ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହାପରେ ଟୁଙ୍ଗୁରୁ ଉକ୍ତ ମହିଳାଙ୍କ ଘରକୁ ଯିବା ଆସିବା କରିବା ସହ ସମ୍ପର୍କ ଆଗକୁ ବଢ଼ିଥିଲା। କିନ୍ତୁ ତାଙ୍କ ପରିବାର ଲୋକ ଅନ୍ୟ ଜଣେ ଝିଅ ସହ ବିବାହ କରିବାକୁ ଠିକ୍ କରିବାରୁ ପ୍ରେମ କରୁଥିବା ମହିଳା ଜଣକ ଭରତପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଟୁଙ୍ଗୁରୁଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲା। ଏହାପରେ ଦୁଇ ପରିବାରଙ୍କୁ ଥାନାକୁ ଡାକି ଆପୋସ ସମାଧାନ କରିଥିଲା।

# ଓଡ଼ିଆ ସାଂସ୍କୃତିକ ଜଗତକୁ ଋଦ୍ଧିମନ୍ତ କରିଛି 'ମୂର୍ଚ୍ଛନା'




ଭୁବନେଶ୍ୱର,୨୩।୬(ବ୍ୟୁରୋ)

ସାଂସ୍କୃତିକ ଅନୁଷ୍ଠାନ 'ମୂର୍ଚ୍ଛନା'ର ୧୭ଶ ସଙ୍ଗୀତ ଓ ବାର୍ଷିକୋତ୍ସବ ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘ ଲିମିଟେଡ୍ ଏବଂ ଓଡ଼ିଶା ସମବାୟ କତାଶିଳ୍ପ ନିଗମ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଚିଦାନନ୍ଦ ମିଶ୍ର, ମୁଖ୍ୟ ବକ୍ତା ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ପ୍ରଦୀପ ବିଶ୍ୱାଳ, ଖବରଦାତା ତଥା ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରଦୋଷ ପଟ୍ଟନାୟକ, ଅନୁଷ୍ଠାନର ସଭାପତି ବୈଷ୍ଣବ ପ୍ରସାଦ ମହାନ୍ତି ଓ ସମ୍ପାଦକ ଅଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ପଟ୍ଟନାୟକ 'ମୂର୍ଚ୍ଛନା' ଏହି ତିନୋଟି ଅକ୍ଷର ଓଡ଼ିଆ ସାଂସ୍କୃତିକ ଜଗତକୁ ଋଦ୍ଧିମନ୍ତ କରିଛି ବୋଲି କହିଛନ୍ତି। ମୁଖ୍ୟ ଅତିଥି କହିଛନ୍ତି, ସାହିତ୍ୟ, କଳା ଓ ସଙ୍ଗୀତ ସଂସ୍କୃତିର ପରିଚୟ। ଏହି ଅନୁଷ୍ଠାନକୁ ଗଢ଼ି ତୋଳିଥିବା ସ୍ୱନାମଧନ୍ୟ ଗାୟକ ଅକ୍ଷୟ ମହାନ୍ତିଙ୍କ ଚିନ୍ତାଧାରାରେ ଅନୁଷ୍ଠାନ ଦୀର୍ଘ ୧୭ବର୍ଷ ଧରି ତା'ର କାର୍ଯ୍ୟ କରି ଆସୁଥିବାରୁ ସେ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ପାଦକ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସଭାପତି ମହାନ୍ତି ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଶ୍ରୀକାନ୍ତ ଦାସ, ଜୟଶ୍ରୀ ସାହୁ, ଅଜୟ ମହାନ୍ତି, ଚିତ୍ରଭାନୁ ମହାନ୍ତି, ମହେନ୍ଦ୍ର ଆଚାର୍ଯ୍ୟ, ଶତରୂପା, ଆର୍ଯ୍ୟ ଆଚାର୍ଯ୍ୟ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଦେବ ପ୍ରସାଦ ଦାଶ ସଂଯୋଜନା କରିଥିଲେ। ହେମନ୍ତ ପରମଗୁରୁ, ପ୍ରଣୟ ଜେଠୀ, ରବୀନ୍ଦ୍ର ମହାନ୍ତି, ତୁଷାରକାନ୍ତି ଚୌଧୁରୀ, ପୁଷ୍ପମିତ୍ରା ମହାନ୍ତି ପ୍ରମୁଖ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଅନୁଷ୍ଠାନର ଉପ ସଭାପତି ଗୋଲକ ଚରଣ ମାର୍ଥା ଧନ୍ୟବାଦ ଦେଇଥିଲେ।

# ପ୍ରେମରେ ବିଫଳ ହେବାରୁ ଯୁବତୀଙ୍କୁ ଆକ୍ରମଣ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

**ଯୁବକ ଗିରଫ**

ଇନ୍‌ଫୋସିଟି ଥାନା ଅଧୀନ ଶିଖରଚଣ୍ଡି ଅଞ୍ଚଳରେ ଜଣେ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରି ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହେବାରୁ ଶେଷରେ ତାଙ୍କୁ ଏକ ଲୁହାରଡ୍‌ରେ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି ଉକ୍ତ ଯୁବକ। ଏ ନେଇ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଶିଖରଚଣ୍ଡି ନଗରର ଡି.ରାମରାଓ (୨୭)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ପୋଲିସ ଏକ ମାମଲା (ନଂ. ୧୩୫/୨୨) ରୁଜୁ କରି ତଦନ୍ତ ଚଳାଇଛି।

# ବଟି ମାଗି ଗାଡ଼ି ଭାଙ୍ଗିବା ଅଭିଯୋଗ, ଜଣେ ଗିରଫ

ବାରଙ୍ଗ,୨୩।୬(ଡି.ଏନ.ଏ.)

ଜଣେ ଠିକାଦାରଙ୍କୁ ବଟି ମାଗିବା ଓ ଗାଡି ଭାଙ୍ଗିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଗୁରୁବାର ରଘୁନାଥପୁର ଗ୍ରାମର ଅଜୟ ରାଉତଙ୍କୁ ଗିରଫ କରିଛି। ଏୟାରଟେଲ କମ୍ପାନୀ ପକ୍ଷରୁ ଅଣ୍ଡରଗ୍ରାଉଣ୍ଡିଂ କେବୁଲ କାମ କରୁଥିବା ହରିୟାଣାର ବିପନ ଶର୍ମା ଠିକାଦାରଙ୍କୁ କିଛିଦିନ ହେବ ଅଜୟ ଓ ତାଙ୍କ ପୁଅ ମିଶି ଚାନ୍ଦା ମାଗିଥିଲେ। ସେ ଦେବାକୁ ମନା କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜୀବନରେ ମାରି ଦେବାକୁ ଧମକ ଦେଇ ମାରଧର କରିଥିଲେ। ଏହାସହ ତାଙ୍କ ବାଇକକୁ କାଠଫାଳିଆରେ ବାଡେଇ ଭାଙ୍ଗିବା ସହ ସହ ଟ୍ରକର ଆଗ କାଚକୁ ଭାଙ୍ଗିଦେଇଥିବା ବିପନ ଥାନାରେ ବୁଧବାର ଅଭିଯୋଗ କରିଥିଲେ।

# କୈବର୍ତ୍ତ୍ୟ ଭକ୍ତିରେ ଅଭିଭୂତ ହେଲେ ପ୍ରଭୁ ରାମଚନ୍ଦ୍ର



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ନୃତ୍ୟଶିଳ୍ପୀ।

ଭୁବନେଶ୍ୱର,୨୩।୬(ବ୍ୟୁରୋ)

**ମାର୍ଗି ଉତ୍ସବ ଉଦ୍‌ଯାପିତ**

ଭକ୍ତ କୈବର୍ତ୍ତ୍ୟଙ୍କ ପ୍ରେମ ଭକ୍ତିରେ ପ୍ରଭୁ ରାମଚନ୍ଦ୍ର ହେଲେ ଅଭିଭୂତ। ପ୍ରଭୁଙ୍କ ପାଦ ଧୋଇ ଦେଇ ଡଙ୍ଗାରେ ବସାଇବାର ଇଚ୍ଛା ଓ ପ୍ରଭୁଙ୍କ ପାଇଁ ଭକ୍ତର ବ୍ୟାକୁଳତା ଅଭିନୟକୁ କରିଥିଲା ଅତ୍ୟନ୍ତ ଜୀବନ୍ତ, ଯାହା ମଞ୍ଚରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହିଭଳି ଏକ ନୃତ୍ୟାଭିନୟ ମାର୍ଗି ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଦେଖିବାକୁ ମିଳିଥିଲା। ଉତ୍ସବର ପ୍ରଥମ ନୃତ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଆଲୋକ କାନୁନ୍‌ଗୋଙ୍କ ନୃତ୍ୟରୁ ଆରମ୍ଭ ହୋଇଥିଲା। ସେ ନୃତ୍ୟରେ ଦଶ ମହାବିଦ୍ୟା ପରିବେଷଣ କରିଥିଲେ। ପରେ ଗୁରୁ ଅଶୋକ କୁମାର ଘୋଷାଲ କୈବର୍ତ୍ତ୍ୟ ପ୍ରସଙ୍ଗ ଉପରେ ନୃତ୍ୟ ଉପସ୍ଥାପନ କରିଥିଲେ। ପଦ୍ମଶ୍ରୀ ରଘୁନାଥ ପାଣିଗ୍ରାହୀଙ୍କ ସଙ୍ଗୀତ ସଂଯୋଜନାରେ ଏହି ନୃତ୍ୟାଭିନୟ ମନୋମୁଗ୍ଧକର ଥିଲା। ନୃତ୍ୟଶିଳ୍ପୀ ମଧୁସ୍ମିତା ମହାନ୍ତି ବରବଧୂ ବିଷୟରେ ନେଇଆସିଥିଲେ ଏକକ ନୃତ୍ୟାଭିନୟ। ଶିଳ୍ପୀ ସୁଶାନ୍ତ ଦାଶ ପୁରାତନ ରଚନାର 'ଦୀନବନ୍ଧୁ ଏଇ ଅଳି..' ଗୀତରେ ଅଭିନୟ କରିଥିଲେ। ଶେଷରେ ନୃତ୍ୟଶାଳା ନୃତ୍ୟାନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ନୃତ୍ୟନାଟିକା 'ଶ୍ରୀଜୟଦେବ' ପରିବେଷିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ରୂପେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ବିଜୟ ଜେନା, ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଗୁରୁ ନିରଞ୍ଜନ ରାଉତ, ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ନୃତ୍ୟଶାଳା ଓ ମାର୍ଗି ଉତ୍ସବର ମୁଖ୍ୟ ଗୁରୁ ଅଶୋକ କୁମାର ଘୋଷାଲ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ। ନୃତ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ଡ. ଶ୍ରୀନିବାସ ଘଟୁଆରୀ ଉପସ୍ଥାପନା କରିଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟରେ ନିଆଁ ଲଗାଇ କର୍ମଚାରୀ ଗିରଫ

ଟିଗିରିଆ,୨୩।୬ (ଡି. ଏନ୍.ଏ.)

ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣାସ୍ଥିତ ଟାଟା ପାୱାର କାର୍ଯ୍ୟାଳୟରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ବହୁ କାଗଜପତ୍ର ପୋଡିଯାଇଥିଲା। ଏହି ଘଟଣାରେ ଗୁରୁବାର ଅଭିଯୁକ୍ତ ରୁଦ୍ରନାରାୟଣ କୁଣ୍ଡୁଙ୍କୁ ଟିଗିରିଆ ପୋଲିସ ଗିରଫ କରିଛି। ସୂଚନାଯୋଗ୍ୟ, ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ ଆଦାୟ ହେଉଥିବା ବିଦ୍ୟୁତ୍ ବିଲ୍ ବହୁ ସମୟରେ ଅଫିସ ଷ୍ଟ୍ରଙ୍ଗ୍ ରୁମ୍‌ରେ ରହୁଥିଲା। ଏହାର ଚାବି କୁଣ୍ଡୁଙ୍କ ପାଖରେ ରୁହେ। ଗତ ସୋମବାର କାଗଜପତ୍ର ଯାଞ୍ଚ ବେଳେ ୪୦ ହଜାର ଟଙ୍କା କମ୍ ଥିବା ଜଣାପଡ଼ିଥିଲା। ଏହାପରେ କୁଣ୍ଡୁ ଉକ୍ତ ଟଙ୍କା ନିଜ ହାତରୁ ଜମା ଦେଇଥିଲେ। ତେବେ ତଦନ୍ତ ହେଲେ ଧରାପଡ଼ିଯିବା ଭୟରେ ମଙ୍ଗଳବାର ବିଳମ୍ବିତ ରାତିରେ ସେ ଅଫିସରେ ପଶି ଲକ୍‌ର ଖୋଲି ୩ ଲକ୍ଷ ଟଙ୍କା ନେବା ସହ ପ୍ରମାଣ ନଷ୍ଟ ପାଇଁ ନିଆଁ ଲଗେଇ ଦେଇଥିବା କନିଷ୍ଠ ଯନ୍ତ୍ରୀ ମହମ୍ମଦ ଖାଲିଦ ଥାନାରେ ଅଭିଯୋଗ କରିଥିଲେ।

# ଖାଲି ଶିକ୍ଷକ ପଦବୀ ପୂରଣ ଦାବି

ବାଲିଅନ୍ତା,୨୩।୬(ଡି.ଏନ୍.ଏ.)

ବାଲିଅନ୍ତା ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ବୈଠକ ବୁଧବାର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ବାସନ୍ତୀ ଖଟୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ନବ ନିର୍ବାଚିତ ଜିଲା ପରିଷଦ ସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହିଥିଲେ। ବୈଠକରେ ଉନ୍ନୟନମୂଳକ କାର୍ଯ୍ୟକୁ ପ୍ରାଧାନ୍ୟ ଦେଇ ବ୍ଲକକୁ ଜିଲାରେ ୧ନଂ. କରିବା ପାଇଁ ନିର୍ବାଚିତ ଲୋକପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ପଞ୍ଚାୟତ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା। ପାଣିକଟା, ସିଙ୍ଗିରି, ଅରିଙ୍ଗଳ, ଦୁଦୁରାବସ୍ତ ଆଦି ଗ୍ରାମକୁ ପାଇପ ଜଳ ଯାଉ ନାହିଁ। ଗ୍ରାମରେ ନଳକୂପ ଅଚଳ ଥିବାରୁ ଲୋକେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ବାଲିଅନ୍ତା ବଜାରସ୍ଥିତ ଜଳ ଯୋଗାଣ କେନ୍ଦ୍ରରେ ବସାଯାଇଥିବା ଆଇରନ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କାମ କରୁ ନ ଥିବା ସଭ୍ୟମାନେ ଅଭିଯୋଗ କରିଥିଲେ। ବିଭିନ୍ନ ହାଇସ୍କୁଲରେ ଦୀର୍ଘ ୧୦ରୁ ୧୫ ବର୍ଷ ଧରି କାର୍ଯ୍ୟ କରୁଥିବା ଶିକ୍ଷକଙ୍କ ବଦଳି କରାଯାଉ ବୋଲି ବେଣ୍ଟପୁର ସରପଞ୍ଚ ହୃଷୀକେଶ ପାତ୍ର ଦାବି କରିଥିଲେ। ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ବୈଠକରେ ଦାବି ହୋଇଥିଲା। ବ୍ଲକ ଅଞ୍ଚଳରେ ପ୍ରସ୍ତାବିତ ମେଗା ପାନୀୟ ଜଳ ପ୍ରକଳ୍ପ ହେଲେ ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି ମନ୍ତ୍ରୀ ରଞ୍ଜନ କୁମାର ଘଡେଇ ବୈଠକରେ ସୂଚନା ଦେଇଥିଲେ। ଏଥିସହ କୃଷି, ସ୍ୱାସ୍ଥ୍ୟ, ଉଦ୍ୟାନ କୃଷି, ମତ୍ସ୍ୟ, ପଶୁପାଳନ, ଜଳସେଚନ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ତହସିଲଦାର ସରୋଜ ପଣ୍ଡା, ଜିଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ମଙ୍ଗରାଜ ବେହେରା, ସଭ୍ୟ କୁନମୁନ ଲେଙ୍କା, କାକରୁଦ୍ରପୁର ସରପଞ୍ଚ ସସ୍ମିତା ମଲ୍ଲିକ, ବିଡିଓ ନାରାୟଣ ଚନ୍ଦ୍ର ନାୟକ, ଜୟଦେବ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଘରେ ପଶି ସୁନାଗହଣା ଚୋରି

ବୋଲଗଡ଼,୨୩।୬(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ତଥା ବେଗୁନିଆ ଥାନା ଅଧୀନ ପିଟୁକୁଳି ଗ୍ରାମ ପାଟଣାସାହିର କୃପାସିନ୍ଧୁ ପଟ୍ଟନାୟକଙ୍କ ଘରେ ପଶି ଦୁର୍ବୃତ୍ତମାନେ ସୁନାଗହଣା ଚୋରି କରି ନେଇ ଅଭିଯୋଗ ହୋଇଛି। କୃପାସିନ୍ଧୁ ବୁଧବାର ରାତିରେ ଘରେ ନ ଥିବା ବେଳେ ପରିବାର ଲୋକେ ଖାଇବା ପରେ ଶୋଇ ପଡ଼ିଥିଲେ। ଦୁର୍ବୃତ୍ତମାନେ ରୁମ ବାହାରପଟୁ ବନ୍ଦ କରିଦେବା ସହ କୃପାସିନ୍ଧୁଙ୍କ ରୁମରେ ପଶି ଆଲମାରିରେ ଥିବା ସୁନା ରୁପା ଗହଣାଗୁଡ଼ିକୁ ନେଇ ପଳାଇଥିଲେ। ପୋଲିସ ତଦନ୍ତ ଚଳାଇଛି।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଗୁରୁବାର ଅନୁଷ୍ଠିତ ଷଷ୍ଠ ନୃତ୍ୟ ନୈବେଦ୍ୟ ଓଡ଼ିଶୀ ଉତ୍ସବରେ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ ଅତିଥିମାନେ 'ନୃତ୍ୟ ନୈବେଦ୍ୟ ସମ୍ମାନ-୨୦୨୨' ପ୍ରଦାନ କରୁଛନ୍ତି।

# ଶିକ୍ଷା ବିଭାଗ- ବ୍ଲକ ପ୍ରଶାସନ କଥାରେ ରହୁନି ତାଳମେଳ

କଟକ ସଦର,୨୩।୬(ଡି.ଏନ୍.ଏ.)

**ବିପଦସଙ୍କୁଳ ସ୍କୁଲଗୃହ ଭାଙ୍ଗିବା ପ୍ରସଙ୍ଗ**

**■ ପୁରୁଣା ସାମଗ୍ରୀ ବାହାରେ ବିକ୍ରି ହେଉଛି**

ବିପଦସଙ୍କୁଳ ଅବସ୍ଥାରେ ଥିବା ସ୍କୁଲ ଗୃହଗୁଡ଼ିକୁ ଭାଙ୍ଗିବା ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ନିୟମ ପ୍ରଣୟନ କରିଛନ୍ତି। ଗ୍ରାମାଞ୍ଚଳର କୌଣସି ପୁରୁଣା ସ୍କୁଲ ଗୃହକୁ ବିପଦସଙ୍କୁଳ ବୋଲି ଘୋଷଣା କରିବା କ୍ଷମତା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀ ଓ ସହରାଞ୍ଚଳ କ୍ଷେତ୍ରରେ ପୂର୍ତ୍ତ ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ମାତ୍ର କଟକ ସଦର ବ୍ଲକ ଅଞ୍ଚଳରେ ଏହି ନିୟମକୁ ଉଲ୍ଲଂଘନ କରାଯାଉଥିବା ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ବ୍ଲକ ଅଞ୍ଚଳର ଅନେକ ସ୍ଥାନରେ ନୂଆ ସ୍କୁଲ ଘର ନିର୍ମାଣ ଆଳରେ ପୁରୁଣା ଘରକୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଭାଙ୍ଗି ଦେଇଥିବା ଜଣାପଡ଼ିଛି। ପରେ ଏହାର ଇଟା, କାଠ, ଲୁହା ସାମଗ୍ରୀ, ଆଜବେଷ୍ଟସକୁ ନେଇ ବାହାରେ ବିକ୍ରି କରିଦିଆଯାଇଛି। ଫଳରେ ସରକାର ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଯାହାର ଉଦାହରଣ ହେଉଛି ଏହି ବ୍ଲକ ଅନ୍ତର୍ଗତ ପରମହଂସସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ। କରୋନା ମହାମାରୀ ଯୋଗୁ ସ୍କୁଲ ଛୁଟି ସମୟରେ ଆଜବେଷ୍ଟସ ଘରର ବିଭିନ୍ନ ସାମଗ୍ରୀ ପ୍ରଭାବଶାଳୀ ବ୍ୟକ୍ତିମାନେ ନେଇଯାଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଚାଲିଛି। ଏହିଭଳି ବ୍ଲକର ଅନେକ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟାଳୟର ବିଭିନ୍ନ ସାମଗ୍ରୀ ବାହାରେ ବିକ୍ରି କରୁଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି।

ବିବରଣୀରୁ ପ୍ରକାଶ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପତ୍ର ସଂଖ୍ୟା ୧୦୧୭୩/୨୪।୧୧।୨୦୧୪ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ପ୍ରତିବର୍ଷ ଘର ମରାମତି ପାଇଁ ଆସୁଥିବା ଅନୁଦାନରୁ ବିପଦସଙ୍କୁଳ ସ୍କୁଲ ଘର ଭାଙ୍ଗିବା ଖର୍ଚ୍ଚ ବହନ କରାଯିବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ମାତ୍ର ୨୦୨୦ ପରଠାରୁ ଏହି ନିର୍ଦ୍ଦେଶନାମାକୁ ଆଉ ଅନୁସରଣ କରାଯାଉନାହିଁ। ହେଲେ ଏହି ନିୟମ ଅଦ୍ୟାବଧି ବଳବତ୍ତର ରହିଛି ବୋଲି ପ୍ରାଧିକରଣ କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ(ସିଭିଲ୍) ସୁରେଖା ତରାଇ ପତ୍ରସଂଖ୍ୟା ୬୬୪୬/୪।୬।୨୨ରେ ସୂଚନା ଦେଇଛନ୍ତି। ୨୦୨୦-୨୦୨୬ ମସିହା ମଧ୍ୟରେ ସ୍କୁଲ ଭିତ୍ତିଭୂମିର ବିକାଶ ସରକାର ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସକୁ ଗ୍ରହଣ କରିନେଇଛନ୍ତି। ଏଥିପାଇଁ ଅର୍ଥ ବ୍ଲକ ଜରିଆରେ ପ୍ରଦାନ କରାଯିବ ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପତ୍ରସଂଖ୍ୟା ୧୨୧୭୩/୩୦।୭।୨୦୨୦ ଓ ୧୪୩୪୭/୧୪।୯।୨୦୨୦ରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତଦନୁଯାୟୀ ପ୍ରାଥମିକ ସ୍କୁଲର ମରାମତି ସହ ନୂତନ ନିର୍ମାଣ କାର୍ଯ୍ୟ ପଞ୍ଚାୟତ, ହାଇସ୍କୁଲର ବ୍ଲକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜିଲା ପରିଷଦ କରିବ। ମାତ୍ର ପୁରୁଣା ଘରକୁ ବିପଦସଙ୍କୁଳ ବୋଲି ଘୋଷଣା କରିବା କ୍ଷମତା ବିଡିଓଙ୍କୁ ଦିଆଯାଇଥିବା ଉକ୍ତ ଦୁଇଟି ଯାକ ଚିଠିରେ ଉଲ୍ଲେଖ ନାହିଁ। ହେଲେ ବିଡିଓ ଘର ଭାଙ୍ଗିବାକୁ ଅନୁମତି ଦେଇପାରିବେ ବୋଲି କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା କହିଛନ୍ତି। ତେଣୁ ସରକାରୀ ବିଭାଗର ମତରେ ତାଳମେଳ ରହୁନଥିବାରୁ ରାଜ୍ୟ ସରକାର ଏହା ଉପରେ ସ୍ପଷ୍ଟୀକରଣ ଦେବାର ଆବଶ୍ୟକ ରହିଛି।

**କ୍ରିପ୍ଟୋରେ ଲାଗିପାରେ ଟ୍ୟାକ୍ସ**

ନୂଆଦିଲ୍ଲୀ: ଆସନ୍ତା ସପ୍ତାହରେ ହେବାକୁ ଥିବା ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ କ୍ରିପ୍ଟୋ କରେନ୍ସି ଉପରେ ଗୁଡ୍ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ (ଜିଏସ୍‌ଟି) ଲଗାଇବା ଉପରେ ବିଚାର କରାଯାଇପାରେ। ବିଭିନ୍ନ ଗଣମାଧମ ତଥ୍ୟ ମୁତାବକ, ବୈଠକରେ କ୍ରିପ୍ଟୋ କରେନ୍ସିକୁ ୨୮% ବିଶିଷ୍ଟ ସର୍ବୋଚ୍ଚ ସ୍ତରର ଟ୍ୟାକ୍ସ ସ୍ଲାବ୍‌ରେ ରଖାଯିବା ସମ୍ଭାବନା ରହିଛି। ଏହାପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗତ ଫେବୃୟାରୀରେ ଅନୁଷ୍ଠିତ ବଜେଟ ଅଧିବେଶନରେ କ୍ରିପ୍ଟୋ କରେନ୍ସିରୁ ହେଉଥିବା ଉପାର୍ଜନ ଉପରେ ୩୦% ଟ୍ୟାକ୍ସ ଏବଂ ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ଉପରେ ୧% ଟିଡିଏସ୍ ଲଗାଇବା ପାଇଁ ଘୋଷଣା କରିଥିଲେ। ୩୦% ଟ୍ୟାକ୍ସ ଲାଗୁ ହେଇସାରିଥିବା ବେଳେ ୧% ଟିଡିଏସ୍ ନିୟମ ଜୁଲାଇ ୧ରୁ ଲାଗୁ ହେବ।

# ବୃଦ୍ଧି ହୋଇପାରେ ଗ୍ରାମୀଣ ଅର୍ଥନୀତି

**ଉତ୍ତମ କୃଷି ଉତ୍ପାଦନ, ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ଅଭିବୃଦ୍ଧିର ପ୍ରଭାବ**

**ନୂଆଦିଲ୍ଲୀ,୨୩।୬**




ସାରା ବିଶ୍ୱ ବିଭିନ୍ନ ଅର୍ଥନୈତିକ ଚ୍ୟାଲେଞ୍ଜ ମଧ ଦେଇ ଗତି କରୁଥିଲେ ମଧ ଭାରତୀୟ ଅର୍ଥବ୍ୟବସ୍ଥାରେ ବୃଦ୍ଧି ଘଟିବ। ଚଳିତ ଆର୍ଥିକ ବର୍ଷରେ ଉତ୍ତମ କୃଷି ଉତ୍ପାଦନ କାରଣରୁ ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ବୃଦ୍ଧି ପରିଲକ୍ଷିତ ହେବ। ଏହାଦ୍ୱାରା ଦେଶର ଆର୍ଥିକ ଅଭିବୃଦ୍ଧି ହାର ୭-୭.୮% ରହିବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ପିଟିଆଇର ଗୁରୁବାର ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ବୈଶ୍ୱିକ ଅର୍ଥବ୍ୟବସ୍ଥା ସାଂଘାତିକ ଭାବରେ ପ୍ରଭାବିତ ହୋଇଥିବା ସହିତ ସାରା ବିଶ୍ୱରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ପିଟିଆଇ ତଥ୍ୟ ଅନୁସାରେ ଦେଶର ବିଶିଷ୍ଟ ଅର୍ଥନୀତିଜ୍ଞ ଏବଂ ବି.ଆର୍. ଆମ୍ବେଡ୍‌କର ସ୍କୁଲ ଅଫ୍ ଇକୋନୋମିକ୍ସର କୁଳପତି ଏନ୍.ଆର୍. ଭାନୁମୂର୍ତ୍ତି କହିଛନ୍ତି, ବର୍ତ୍ତମାନ ସମୟରେ ଭାରତୀୟ ଅର୍ଥବ୍ୟବସ୍ଥା ବୈଶ୍ୱିକ ଭୂ-ରାଜନୈତିକ ପରିସ୍ଥିତି କାରଣରୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରୁଛି। ବୈଶ୍ୱିକ ମୁଦ୍ରାସ୍ଫୀତି ଚାପ ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ଅର୍ଥବ୍ୟବସ୍ଥା ଅଭିବୃଦ୍ଧିରେ ଅନେକ ସମସ୍ୟା ଦେଖାଦେଇଛି। ତେବେ ଘରୋଇ ସ୍ତରରେ ବୃହତ୍ ଆର୍ଥିକ ଭିତ୍ତିଭୂମି ଦୃଢ଼ କହିଛି। ଭାନୁମୂର୍ତ୍ତିଙ୍କ କହିବା ଅନୁସାରେ, ଉତ୍ତମ କୃଷି ଉତ୍ପାଦନ ଏବଂ ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ଅଭିବୃଦ୍ଧି ଦ୍ୱାରା ଚଳିତ ଆର୍ଥିକ ବର୍ଷରେ ଅନେକ ବୈଶ୍ୱିକ ବାଧା ସତ୍ତ୍ୱେ ଭାରତୀୟ ଇକୋନୋମି ୭% ଅଭିବୃଦ୍ଧି ହାସଲ କରିବ। ଔଦ୍ୟୋଗିକ ବିକାଶ ସଂସ୍ଥାନ (ଆଇଏସ୍ଆଇଡି) ନିର୍ଦ୍ଦେଶକ ନାଗେଶ କୁମାର ଏ ସମ୍ପର୍କରେ କହିଛନ୍ତି ଜିଏସ୍‌ଟି ସଂଗ୍ରହ, ରପ୍ତାନି ଏବଂ ପିଏମ୍ଆଇ ଆଦି ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଅନୁସାରେ ଆର୍ଥିକ ବର୍ଷ ୨୦୨୨-୨୩ର ସମଗ୍ର ଘରୋଇ ଉତ୍ପାଦ (ଜିଡିପି)ରେ ଅଭିବୃଦ୍ଧି ୭-୭.୮%ର ମଜଭୁତ ସ୍ତରରେ ରହିବ। ଫ୍ରାନ୍ସ ଅର୍ଥଶାସ୍ତ୍ରୀ ଗାୟ ମୋର୍ଗାନଙ୍କ କହିବା ଅନୁସାରେ, ଅଧିକ ଉତ୍ପାଦନ ଖର୍ଚ୍ଚ କାରଣରୁ ଭାରତର ଶକ୍ତି ଏବଂ ସାର ଆମଦାନୀ ଗମ୍ଭୀର ଭାବେ ପ୍ରଭାବିତ ହୋଇପାରେ। ଏହାଛଡ଼ା ଭାରତର ଅର୍ଥବ୍ୟବସ୍ଥା ଏବେ ମଧ ବିଶେଷ ଭାବରେ କୃଷି ଉପରେ ନିର୍ଭରଶୀଳ। ବର୍ତ୍ତମାନର ପରିସ୍ଥିତି ଶ୍ରମିକଙ୍କୁ ନିଜ ଗାଁକୁ ଫେରିଯିବାକୁ ବାଧ କରୁଛି। ଏହାଦ୍ୱାରା ଗ୍ରାମୀଣ କୃଷି ଏବଂ ଖାଦ୍ୟ ଉତ୍ପାଦନ ବୃଦ୍ଧି ଘଟିବା ସହିତ ଏହାର ପ୍ରଭାବ ଅର୍ଥନୀତି ଉପରେ ପରିଲକ୍ଷିତ ହେବ ବୋଲି ମୋର୍ଗାନ କହିଛନ୍ତି।

## ତୈଳ ଆମଦାନୀ ବୃଦ୍ଧି

**ନୂଆଦିଲ୍ଲୀ, ୨୩।୬**

ରୁଷିଆଠାରୁ ଭାରତର ଅଶୋଧିତ ତୈଳ ଆମଦାନୀ ଏପ୍ରିଲ ତୁଳନାରେ ୫୦ଗୁଣା ବୃଦ୍ଧି ପାଇଛି। ଭାରତ ବିଦେଶରୁ ଆମଦାନୀ କରିଥିବା ମୋଟ୍ ଅଶୋଧିତ ତୈଳ ପରିମାଣର ଏହା ୧୦% । ସରକାରୀ ଅଧିକାରୀଙ୍କ ସୂଚନା ଅନୁସାରେ ୟୁକ୍ରେନ୍ ସହିତ ଯୁଦ୍ଧ ପୂର୍ବରୁ ଭାରତ ରୁଷିଆଠାରୁ କେବଳ ୦.୨% ଅଶୋଧିତ ତୈଳ ଆମଦାନୀ କରୁଥିଲା। ବର୍ତ୍ତମାନ ଏହା ବିଶ୍ୱର ଶୀର୍ଷ ୧୦ଟି ଅଶୋଧିତ ତୈଳ ଯୋଗାଣକାରୀଙ୍କ ମଧ୍ୟରୁ ଅନ୍ୟତମ। ମୋଟ୍ ଆମଦାନୀ ହୋଇଥିବା ରୁଷୀୟ ଅଶୋଧିତ ତୈଳର ୪୦% ଘରୋଇ ରିଫାଇନେରି କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ରୋସନେଫ୍ଟ ସମର୍ଥିତ ନାଏରା ଏନର୍ଜି ଦ୍ୱାରା କ୍ରୟ କରାଯାଇଛି। ଗତ ମାସରେ ରୁଷିଆ ଇରାକ ପରେ ଭାରତକୁ ୨ୟ ସର୍ବାଧିକ ତୈଳ ରପ୍ତାନି କରିଥିଲା। ଏହି ତାଲିକାରେ ୩ୟ ସ୍ଥାନରେ ସାଉଦି ଆରବ ରହିଛି। ଭାରତୀୟ ରିଫାଇନେରିଗୁଡ଼ିକ ମେ' ମାସରେ ପ୍ରାୟ ୨.୫ କୋଟି ବ୍ୟାରେଲ ରୁଷୀୟ ତୈଳ କ୍ରୟ କରିଛନ୍ତି। ସୂଚନାଯୋଗ୍ୟ, ଭାରତ ବିଶ୍ୱର ୩ୟ ସର୍ବାଧିକ ତୈଳ ଆମଦାନୀକାରୀ ଦେଶ ।

## ଭୁବନେଶ୍ୱର ରେଳ ଷ୍ଟେଶନରେ ଓର୍‌ମାସ ଷ୍ଟଲ୍




**ଭୁବନେଶ୍ୱର,୨୩।୬:** ଭାରତ ସରକାର ବଜେଟରେ ଘୋଷଣା କରିଥିଲେ ଯେ, ସ୍ଥାନୀୟ କାରିଗର, କୁମ୍ଭକାର, ବୁଣାକାର(ହ୍ୟାଣ୍ଡଲୁମ୍ ବୁଣାକାର), ଆଦିବାସୀମାନଙ୍କର ଜୀବିକା ବୃଦ୍ଧି ତଥା କଲ୍ୟାଣ ନିମନ୍ତେ 'ଗୋଟିଏ ଷ୍ଟେଶନ ଗୋଟିଏ ଉତ୍ପାଦ'ଯୋଜନାର ପରିକଳ୍ପନା କରାଯାଇଛି। ଫଳରେ ଉକ୍ତ ଯୋଜନା ଅଧୀନରେ ପ୍ରମୁଖ ରେଳ ଷ୍ଟେଶନରେ ସ୍ଥାନୀୟ କାରିଗରମାନଙ୍କୁ ସମ୍ପୃକ୍ତ ଅଞ୍ଚଳର ପ୍ରସିଦ୍ଧ ଉତ୍ପାଦଗୁଡ଼ିକର ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ଷ୍ଟେଶନରେ ଷ୍ଟଲ୍ ଯୋଗାଇ ଦିଆଯାଉଛି। ଏହାର ଲକ୍ଷ୍ୟ ହେଉଛି ରେଳ ଷ୍ଟେଶନକୁ ଏକ ପ୍ରମୋସନାଲ ହବ୍ ସହ ସ୍ଥାନୀୟ ଉତ୍ପାଦଗୁଡ଼ିକ ପାଇଁ ଏକ ପ୍ରଦର୍ଶନ ଗନ୍ତବ୍ୟସ୍ଥଳ କରିବା । ଏହାଦ୍ୱାରା ସ୍ଥାନୀୟ ଶିଳ୍ପଗୁଡିକ ଏକ ପ୍ରମୁଖ ଉତ୍ସ ହୋଇପାରିବ। ଏହି ଯୋଜନା ଅଧୀନରେ ଖୋର୍ଦ୍ଧାରୋଡ୍ ମଣ୍ଡଳ ଦ୍ୱାରା ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓର୍‌ମାସ)ର ସମନ୍ୱୟରେ ଭୁବନେଶ୍ୱର ରେଳ ଷ୍ଟେଶନରେ ଏଭଳି ଏକ ଷ୍ଟଲ୍ ଉନ୍ମୋଚିତ ହୋଇଯାଇଛି। ବର୍ତ୍ତମାନ ଯାତ୍ରୀମାନେ ଭୁବନେଶ୍ୱର ରେଳ ଷ୍ଟେଶନରେ ଖୋର୍ଦ୍ଧା ଜିଲାର ପ୍ରସିଦ୍ଧ ବେଲ୍ ମେଟାଲ୍‌ର ବିଭିନ୍ନ ଉତ୍ପାଦ ପାଇପାରିବେ। ସେହିଭଳି ଯାତ୍ରୀମାନେ କୌଣସି ମଧ୍ୟସ୍ଥଙ୍କୁ ଜଡ଼ିତ ନ କରି ସିଧାସଳଖ କାରିଗରମାନଙ୍କଠାରୁ ଆବଶ୍ୟକ ଉତ୍ପାଦ ମଧ କ୍ରୟ କରିପାରିବେ। ଏହା ପୂର୍ବରୁ ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ପୁରୀ ରେଳ ଷ୍ଟେଶନରେ ଓଡ଼ିଶାର ପ୍ରସିଦ୍ଧ ହସ୍ତତନ୍ତ ପଟ୍ଟଚିତ୍ର ଏବଂ ପିପିଲି ଚାନ୍ଦୁଆକୁ ଉକ୍ତ ଯୋଜନା ଅଧୀନରେ ପ୍ରୋତ୍ସାହିତ କରାଯାଇଥିଲା। ସେହିପରି ଖୋର୍ଦ୍ଧା ରୋଡ୍ ମଣ୍ଡଳର ୭୮ରେଳ ଷ୍ଟେଶନରେ ଏକ ଷ୍ଟେଶନ ଏକ ପ୍ରଡକ୍ଟ ଷ୍ଟଲ୍ ପାଇଁ ଆବେଦନ ନିମନ୍ତ୍ରଣ ଲାଗି ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପକ୍ଷରୁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ବିଜ୍ଞପ୍ତି ଜାରି କରାଯାଇଛି। ଅପରପକ୍ଷରେ ଖୋର୍ଦ୍ଧା ରୋଡ୍‌ର ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟ ମଧ ଯାତ୍ରୀମାନଙ୍କୁ ଷ୍ଟଲ୍‌ଗୁଡ଼ିକର ସୁବିଧା ନେବା ସହ ରେଳ ଷ୍ଟେଶନରେ ସ୍ଥାନୀୟ ଉତ୍ପାଦର ସାମଗ୍ରୀଗୁଡ଼ିକ ଦେଖିବାକୁ ଅନୁରୋଧ କରିଛନ୍ତି। ରାୟ ସ୍ଥାନୀୟ କାରିଗର, କୁମ୍ଭକାର, ବୁଣାକାର, ଆଦିବାସୀମାନଙ୍କୁ ଷ୍ଟେଶନଗୁଡ଼ିକରେ ନିଜର ଷ୍ଟଲ୍ ଖୋଲିବା ପାଇଁ ଆବେଦନ କରିବାକୁ ଅନୁରୋଧ କରିଛନ୍ତି।

## ଜୁଲାଇ ପହିଲାରୁ ଦର ବଢ଼ାଇବ ହିରୋ

**ନୂଆଦିଲ୍ଲୀ,୨୩।୬**

ଚଳିତ ବର୍ଷ ଜୁଲାଇ ପହିଲାରୁ ବାଇକ ଓ ସ୍କୁଟର ଦର ୩୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବ ହିରୋ ମୋଟୋକର୍ପ। ଏ ନେଇ କମ୍ପାନୀ ପକ୍ଷରୁ ଗୁରୁବାର ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଏପରିକି ଗାଡ଼ି ପାଇଁ ଆବଶ୍ୟକ ବିଭିନ୍ନ କଞ୍ଚାମାଲର ଦରବୃଦ୍ଧି ଓ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଛି। ଏହି ଦରବୃଦ୍ଧି ସମ୍ପର୍କରେ କମ୍ପାନୀ ପକ୍ଷରୁ ମଧ ଷ୍ଟକ୍ ବଜାରକୁ ସୂଚିତ କରାଯାଇଛି। ୩ ହଜାର ଟଙ୍କା ପର୍ଯ୍ୟନ୍ତ ଏହି ଦରବୃଦ୍ଧି କରାଯିବ, କିନ୍ତୁ ମଡେଲ ଭିତ୍ତିରେ ଦରବୃଦ୍ଧିର ପରିମାଣ ଭିନ୍ନ ଭିନ୍ନ ରହିବ। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ଦରଦାମ ବୃଦ୍ଧି ଏବଂ କଞ୍ଚାମାଲ ମହଙ୍ଗା ହେବା ଯୋଗୁ ଗାଡି ଦର ବଢାଇବା ଛଡା ଅନ୍ୟ ଉପାୟ ନ ଥିଲା ବୋଲି ହିରୋ ମୋଟୋକର୍ପ ପକ୍ଷରୁ କୁହାଯାଇଛି।

## ୭୫,୦୦୦ ନିଯୁକ୍ତି ଦେବ ସାଡୋଫାକ୍ସ

**ନୂଆଦିଲ୍ଲୀ,୨୩।୬**

ଭାରତର ବୃହତ୍ତମ ହାଇପରଲୋକାଲ କ୍ରାଉଡ୍ ସୋର୍ସେସ ଲଜିଷ୍ଟିକ ପ୍ଲାଟ୍‌ଫର୍ମ 'ସାଡୋଫାକ୍ସ' ନିକଟରେ ତାମିଲନାଡୁରେ ୫୦୦୦ ଡେଲିଭରି ପାର୍ଟନେର ନିଯୁକ୍ତି ସୃଷ୍ଟି ସମ୍ପର୍କରେ ଘୋଷଣା କରିବାର କିଛି ସମୟ ପରେ ଆଉ ଏକ ବଡ ଘୋଷଣା କରିଥିଲା। ଏପରିକି କମ୍ପାନୀ ସାରା ଦେଶରେ ୨୦୨୨ ଶେଷ ସୁଦ୍ଧା ୭୫,୦୦୦ ଡେଲିଭରି ପାର୍ଟନେର ନିଯୁକ୍ତ କରିବ ବୋଲି ଘୋଷଣା କରିଛି। ବିଗ୍ ଇକୋନୋମି ବୁମ୍ ସାଡୋଫାକ୍ସ ଏହାର ବିତରଣ ନେଟ୍‌ୱାର୍କ ବିସ୍ତାର କରୁଥିବାବେଳେ ଅଧିକ ଚାକିରି ସୁଯୋଗ ସୃଷ୍ଟି କରାଉଛି। ବିଗ୍ ୱାର୍କଫୋର୍ସର ଏକ ଗଭୀର ବୁଝାମଣା ସହ ଉକ୍ତ ପ୍ଲାଟ୍‌ଫର୍ମ ଏକ ଆରୋହୀ ପାର୍ଟନେରଙ୍କ ପାଇଁ ଦୃଢ ସୁଯୋଗ ସୃଷ୍ଟି କରିଛି। ଆରୋହୀମାନେ ପ୍ରତିମାସରେ ୩୫,୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ ଓ ଏକ ଦୁର୍ଘଟଣାଜନିତ ମାଗଣା ଚିକିତ୍ସା ସହ ୭.୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ମଧ ପାଇପାରିବେ। ଏକ ସରଳ ଅନ୍‌ବୋର୍ଡିଂ ପ୍ରକ୍ରିୟା ସହିତ ଆରୋହୀମାନେ ନିଜ ବାଇକ କିମ୍ବା ଗାଡ଼ିରେ ବିତରଣ ସମ୍ପୂର୍ଣ୍ଣ କରିପାରିବେ। ଯେଉଁମାନଙ୍କର ଗାଡ଼ି ନାହିଁ ସେମାନଙ୍କ ପାଇଁ କମ୍ପାନୀ ପକ୍ଷରୁ ଇଲେକ୍‌ଟ୍ରୋନିକ ଗାଡ଼ି ବ୍ୟବସ୍ଥା କରାଯାଉଛି। ଆଗ୍ରହୀ ପ୍ରାର୍ଥୀମାନେ ନିଜ ସହର ଚୟନ କରି ସାଡୋଫାକ୍ସ ଆପ୍ ଡାଉନ୍‌ଲୋଡ୍ କରି ଏଥିରୁ ବିବରଣୀ ଯାଞ୍ଚ କରନ୍ତୁ ଓ ଏଥିରେ ପାନ୍ ଓ ଆଧାର ଅପ୍‌ଲୋଡ୍ କରି ନିକଟସ୍ଥ କେନ୍ଦ୍ର ପରିଦର୍ଶନ କରନ୍ତୁ। ଥରେ ଆନୁଷଙ୍ଗିକ ଯୋଗ୍ୟତା ପୂରଣ ହୋଇଗଲା ପରେ ଆରୋହୀମାନେ ଯାତ୍ରା ଆରମ୍ଭ କରିପାରିବେ।

ସାଡୋଫାକ୍ସର ମୁଖପାତ୍ର କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ଭାରତରେ ବିଗ୍ ଇକୋନୋମି ଦ୍ରୁତ ଭାବରେ ଦେଶର ଯୁବକମାନଙ୍କ ପାଇଁ ସବୁଠାରୁ ପସନ୍ଦଯୋଗ୍ୟ ବିକଳ୍ପ ହୋଇପାରିଛି।

## କାର୍ ବିକ୍ରି ୨୫% ବଢ଼ିପାରେ

**ନୂଆଦିଲ୍ଲୀ,୨୩।୬:** ଜୁନ୍ ମାସରେ ଭାରତୀୟ ବଜାରରେ ଯାତ୍ରୀବାହୀ ଯାନ ବିକ୍ରିରେ ଆଖିଦୃଶିଆ ବୃଦ୍ଧି ଘଟିପାରେ। ଇଣ୍ଡଷ୍ଟ୍ରି ଇନ୍‌ସାଇଡର୍ସମାନଙ୍କର ଆଶା ମୁତାବକ, କାରଖାନାଗୁଡ଼ିକରୁ ଡିଲରଶିପ ପର୍ଯ୍ୟନ୍ତ ୩,୨୧,୦୦୦-୩,୨୫,୦୦୦ ଯାତ୍ରୀବାହୀ ଯାନ ବିକ୍ରି ହେବ। ପୂର୍ବବର୍ଷ ଅର୍ଥାତ୍ ୨୦୨୧ର ଜୁନ୍ ଅବଧି ମଧରେ ବିକ୍ରି ହୋଇଥିବା ୨,୫୫,୭୪୩ ୟୁନିଟ୍ ଯାତ୍ରୀବାହୀ ଯାନ ତୁଳନାରେ ଚଳିତ ବର୍ଷ ବିକ୍ରିରେ ୨୫% ବୃଦ୍ଧି ଘଟିବ। ଏହା ପୂର୍ବରୁ ୨୦୨୦ ଅକ୍ଟୋବରରେ ଯାତ୍ରୀବାହୀ କାର୍, ସେଡାନ୍, ୟୁଟିଲିଟି ଭେହିକିଲ୍ ବିକ୍ରି ୩,୩୪,୩୧୧ ୟୁନିଟ୍ ହୋଇଥିଲା। ଏହା ପରେ ଚଳିତ ବର୍ଷ ମାର୍ଚ୍ଚରେ ୨ୟ ସର୍ବାଧିକ ପରିମାଣର ୩,୨୧,୭୯୪ ୟୁନିଟ୍ ବିକ୍ରି ହୋଇଥିଲା।

## ବିଓଆଇର ବାର୍ଷିକ ମିଆଦୀ ଜମା ଯୋଜନା

**ଭୁବନେଶ୍ୱର,୨୩।୬**

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ପକ୍ଷରୁ ଜୁନ୍ ୨୩ରେ ଆକର୍ଷଣୀୟ ୫.୫୦% ବାର୍ଷିକ ସୁଧ ହାରରେ ୪୪୪ ଦିନିଆ ମିଆଦୀ ଜମା ଯୋଜନା ଆରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସ୍ୱତନ୍ତ୍ର ମିଆଦୀ ଜମା ଯୋଜନା ୭ସେପ୍ଟେମ୍ବର ୨୦୨୨ରେ ପାଳନ କରାଯିବାକୁ ଥିବା ବ୍ୟାଙ୍କର ୧୧୭ତମ ପ୍ରତିଷ୍ଠା ଦିବସ ଅବସରରେ ଆରମ୍ଭ କରାଯିବା ସହ ଏହାର ଗ୍ରାହକ ତଥା ସର୍ବସାଧାରଣଙ୍କ ପ୍ରତି ନୀତି ହାରରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧତାକୁ ପୁନଃ ନିଶ୍ଚିତ କରିବ ବୋଲି ବ୍ୟାଙ୍କ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ସେହିଭଳି ଗ୍ରାହକମାନଙ୍କ ମୂଲ୍ୟକୁ କେନ୍ଦ୍ରରେ ରଖି ସମାଜର ସମସ୍ତ ବିଭାଗ ଯେପରି ବେତନ ପ୍ରାପ୍ତ, ଉଦ୍ୟୋଗୀ, ସ୍ୱୟଂ ନିଯୁକ୍ତି ଏବଂ କୃଷକ ଇତ୍ୟାଦିକୁ ସେବା ଯୋଗାଇବା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅଫର କେବଳ ସୀମିତ ଅବଧି ପାଇଁ ବୈଧ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆର ସମସ୍ତ ଶାଖା ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଯଥା: ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍-ବିଓଆଇ ମୋବାଇଲ ଆପ୍ ଆଦିରେ ଉପଲବ୍ଧ। ଏହି ବିଶେଷ ମିଆଦୀ ଜମା ଉପରେ ବରିଷ୍ଠ ନାଗରିକ ମଧ ବାର୍ଷିକ ୦.୫୦% ହାରରେ ଅତିରିକ୍ତ ସୁଧ ପାଇବେ। ବିଭିନ୍ନ ପରିପକ୍ୱତା ଅବଧିର ମିଆଦୀ ଜମା ଉପରେ ବ୍ୟାଙ୍କ ସୁଧ ହାରକୁ ୪୦ବିପିଏସ୍ ପର୍ଯ୍ୟନ୍ତ ବୃଦ୍ଧି କରିଛି।

## 'ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ଋଣ ପରିମାଣ ବୃଦ୍ଧି କର'




୧୬୭ତମ ଏସ୍ଏଲ୍‌ବିସି ବୈଠକରେ ଉପସ୍ଥିତ ମନ୍ତ୍ରୀ, ସଚିବ ଏବଂ ବ୍ୟାଙ୍କ ଅଧିକାରୀ।

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ଅର୍ଥ ଯୋଗାଣ ଏବଂ ବ୍ୟାଙ୍କ ଋଣ ପ୍ରଦାନ କ୍ଷେତ୍ରରେ ସରକାରୀ ଓ ବେସରକାରୀ ପୁଞ୍ଜିନିବେଶର ମିଳିତ ସହାୟତା ମାଧ୍ୟମରେ ଅର୍ଥନୀତିର ନିରନ୍ତର ବିକାଶ ଘଟିଥାଏ। ପୁଞ୍ଜିନିବେଶ ଉଦ୍ଦେଶ୍ୟରେ ଅନୁକୂଳ ପରିବେଶ ନିର୍ମାଣ ସହିତ ଋଣ ପାଇଁ ଚାହିଦା ସୃଷ୍ଟି ନିମନ୍ତେ ରାଜ୍ୟ ସରକାର ସର୍ବଦା ଉଦ୍ୟମ କରୁଛନ୍ତି। ବ୍ୟାଙ୍କଗୁଡ଼ିକ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଋଣ ପ୍ରଦାନ ପରିମାଣ ବୃଦ୍ଧି କରନ୍ତୁ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି।

ଗୁରୁବାର ୧୬୭ ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଯୋଗଦେଇ ନିରଞ୍ଜନ କହିଛନ୍ତି, ଗତ କେତେବର୍ଷ ମଧ୍ୟରେ ଓଡ଼ିଶା ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଦିଗକୁ ଅଗ୍ରସର ହୋଇଛି। ସମଗ୍ର ଦେଶରେ ଓଡ଼ିଶା ବିତ୍ତୀୟ ପରିଚାଳନା ଓ ଉତ୍ତମ ଶାସନ ପାଇଁ ନିଜର ପରିଚୟ ସୃଷ୍ଟି କରିପାରିଛି। ବାର୍ଷିକ ଋଣ ଯୋଜନା କ୍ଷେତ୍ରରେ ଶିକ୍ଷା ଏବଂ ଗୃହନିର୍ମାଣକୁ ଅଗ୍ରାଧିକାର ଦେଇ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ କରିବାର ଆବଶ୍ୟକତା ରହିଛି। ଓଡ଼ିଶାରେ ଜୀବିକା ନିର୍ବାହ ପାଇଁ କୃଷିକୁ ଅଗ୍ରାଧିକାର କ୍ଷେତ୍ର ଭାବେ ଗଣାଯାଉଛି। କୃଷି କ୍ଷେତ୍ରରେ ବାର୍ଷିକ ଋଣ ଯୋଜନାରେ ୪୬.୫୮୬ କୋଟି ଟଙ୍କା ଧାର୍ଯ୍ୟ ଲକ୍ଷ୍ୟ ଥିବାବେଳେ ୪୪.୨୫୩ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇ ଶତକଡ଼ା ୯୫ ଭାଗ ଲକ୍ଷ୍ୟ ହାସଲ ହୋଇପାରିଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟରେ ୬୭୩୮ ଗ୍ରାମ ପଞ୍ଚାୟତରେ ୫୬୦୭ ସ୍ଥାୟୀ ବ୍ୟାଙ୍କ ରହିଛି। ଏହା ସମୁଦାୟ ଗ୍ରାମ ପଞ୍ଚାୟତର ୪୦ ପ୍ରତିଶତ ହୋଇଥିବା ବେଳେ ଅବଶିଷ୍ଟ ୬୦ ପ୍ରତିଶତ ଗ୍ରାମ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ଶାଖା ପାଇଁ ବ୍ୟାଙ୍କଗୁଡିକ ପଦକ୍ଷେପ ନେବା ଆବଶ୍ୟକ। ୨୦୨୨-୨୩ ଆର୍ଥିକ ବର୍ଷରେ ଅଗ୍ରାଧିକାର କ୍ଷେତ୍ରଗୁଡ଼ିକ ପାଇଁ ରାଜ୍ୟ ସରକାର ୧.୩୪ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ରଖିଛନ୍ତି। ବ୍ୟାଙ୍କଗୁଡ଼ିକ ଜିଲା ପ୍ରଶାସନ ମାଧ୍ୟମରେ ଲକ୍ଷ୍ୟ ହାସଲ ପାଇଁ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ନିରଞ୍ଜନ କହିଛନ୍ତି।

## ୨୪୫ ମିଲିୟନ ଡଲାର ଋଣ ମଞ୍ଜୁରୀ ଦେଲା ୱାର୍ଲ୍ଡ ବ୍ୟାଙ୍କ

**ରେଳ ପରିବହନ ଏବଂ ଲଜିଷ୍ଟିକ୍ସ ଭିତ୍ତିଭୂମିର ଆଧୁନିକୀକରଣ ହେବ**




**ନୂଆଦିଲ୍ଲୀ, ୨୩।୬**

ୱାର୍ଲଡ ବ୍ୟାଙ୍କ ପକ୍ଷରୁ ରେଳ ପରିବହନ ଏବଂ ଲଜିଷ୍ଟିକ୍ସ ଭିତ୍ତିଭୂମିର ଆଧୁନିକୀକରଣ ପାଇଁ ଭାରତ ପ୍ରୟାସକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ୨୪୫ ମିଲିୟନ ଡଲାର (୧୯୧୭.୧୨ କୋଟି ଟଙ୍କା)ର ଋଣ ପାଇଁ ମଞ୍ଜୁରୀ ପ୍ରଦାନ କରିଛି। ରେଳ ଲଜିଷ୍ଟିକ୍ସ ପ୍ରକଳ୍ପ ଦ୍ୱାରା ରେଳ ଯାତାୟାତରେ ଆହୁରି ବୃଦ୍ଧି ହେବ। ଏହି ପରିଯୋଜନା ରେଳ କ୍ଷେତ୍ରରେ ଅଧିକ ଘରୋଇ ନିବେଶକୁ ମଧ ପ୍ରୋତ୍ସାହନ ଦେବ। ଭାରତୀୟ ରେଳପଥ ୨୦୧୯-୨୦ ଆର୍ଥିକ ବର୍ଷରେ ୧.୨ ବିଲିୟନ୍ ଟନ୍ ମାଲ୍ ପରିବହନ କରିଛି। ତେବେ ଭାରତର ମୋଟ୍ ମାଲ୍ ପରିବହନର ୭୧% ସଡ଼କପଥ ଦ୍ୱାରା କରାଯାଉଥିବା ବେଳେ ମାତ୍ର ୧୭% ରେଳପଥ ଦ୍ୱାରା ହୋଇଥାଏ। ସେହିପରି ଗ୍ରୀନ୍ ହାଉସ୍ ଗ୍ୟାସ୍ (ଜିଏଚ୍‌ଜି) ନିର୍ଗମନ ଦିଗରେ ସଡ଼କ ପରିବହନ ବିଶେଷ ମାତ୍ରାରେ ଦାୟୀ। ସଡ଼କ ପଥରେ ମାଲ୍ ପରିବହନ ଦ୍ୱାରା ପ୍ରାୟ ୯୫% ଜିଏଚ୍‌ଜି ନିର୍ଗମନ ହୋଇଥାଏ। ୱାର୍ଲ୍ଡ ବ୍ୟାଙ୍କରେ ଭାରତର ଅପରେଶନ ମ୍ୟାନେଜର ଏବଂ ଆକ୍ଟିଂ କଣ୍ଟ୍ରି ଡାଇରେକ୍ଟର ହିଦେକୀ ମୋରୀ କହିଛନ୍ତି, ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ କମ୍ କରିବା ପାଇଁ ଆରମ୍ଭ ହେଉଥିବା ଏହି ନୂଆ ପରିଯୋଜନାରେ ଲକ୍ଷ ଲକ୍ଷ ରେଳଯାତ୍ରୀ ଲାଭବାନ ହେବେ। ବ୍ୟାପକ ଲଜିଷ୍ଟିକ୍ସ ଇକୋସିଷ୍ଟମ୍ ସହିତ ରେଳପଥକୁ ଏକୀକୃତ କରିବା ଭାରତର ଉଚ୍ଚ ଲଜିଷ୍ଟିକ୍ ଖର୍ଚ୍ଚକୁ କମ୍ କରିବା ପାଇଁ ମହତ୍ତ୍ୱପୂର୍ଣ୍ଣ । ଏହା ବିକଶିତ ଦେଶ ତୁଳନାରେ ଯଥେଷ୍ଟ ଅଧିକ । ଏହା ଭାରତୀୟ ଫାର୍ମଗୁଡ଼ିକୁ ଅଧିକ ପ୍ରତିଯୋଗୀ କରିଦେବ।

## ନାଲ୍‌କୋ ପକ୍ଷରୁ ରାଜଭାଷା ସମ୍ପର୍କିତ ପ୍ରତିଯୋଗିତା



**ଭୁବନେଶ୍ୱର,୨୩।୬**

ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ନିର୍ଦ୍ଦେଶାନୁସାରେ ଗଠିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ଭୁବନେଶ୍ୱର ଦ୍ୱାରା ରାଜଭାଷା ହିନ୍ଦୀର ପ୍ରଚାର ଏବଂ ପ୍ରସାର ପାଇଁ ଏକ ସ୍ୱତନ୍ତ୍ର ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କେନ୍ଦ୍ରୀୟ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ଆଜାଦୀ କା ଅମୃତ ମହୋତ୍ସବ ଅନ୍ତର୍ଗତ ଏଭଳି ଏକ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିଲା। ବିଶେଷକରି ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ଅଧ୍ୟକ୍ଷ କାର୍ଯ୍ୟାଳୟ ହିସାବରେ ନାଲ୍‌କୋ ସର୍ବଦା ରାଜଭାଷାର କାର୍ଯ୍ୟକାରିତା ପାଇଁ ଅଭିନବ ପଦକ୍ଷେପ ଗ୍ରହଣ କରି ଆସିଛି। ଏପରିକି ନାଲ୍‌କୋର ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଭୁବନେଶ୍ୱରରେ ଅବସ୍ଥିତ କେନ୍ଦ୍ରୀୟ ଲୋକ ଉଦ୍ୟମର ସଦସ୍ୟ କାର୍ଯ୍ୟାଳୟକୁ ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀର ବ୍ୟବହାର ବୃଦ୍ଧି କରିବାକୁ ଉତ୍ସାହିତ କରିଆସିଛି।

ଅପରପକ୍ଷରେ ଉକ୍ତ ପ୍ରତିଯୋଗିତାର ଆଇଓସିଏଲ୍, ବିପିସିଏଲ୍, ଏଫ୍‌ସିଆଇ, ଏଏଆଇ, ନାଲ୍‌କୋ, ବିଏସ୍‌ଏନ୍‌ଏଲ୍ ଓ ଆଇଟିଡିସି ସମେତ ୧୫ଟି କେନ୍ଦ୍ରୀୟ ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ନରାକାସ୍ ଭୁବନେଶ୍ୱରର ଅଧ୍ୟକ୍ଷ ତଥା ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର କହିଛନ୍ତି, ଭାଷା ଆମର ସାଂସ୍କୃତିକ ଐତିହ୍ୟର ପରିଚାୟକ। ଆମେ ଆମର ଦୈନନ୍ଦିନ କାର୍ଯ୍ୟରୁ ସମୟ ବାହାର କରି ରାଜଭାଷାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା। ରାଜଭାଷାର ପ୍ରୟୋଗ ବୃଦ୍ଧି ପାଇଁ ସବୁ ସ୍ତରରେ ପ୍ରୟାସ କରିବା ଆମ ସମସ୍ତଙ୍କର ନୈତିକ ଏବଂ ସାମ୍ବିଧାନିକ କର୍ତ୍ତବ୍ୟ। ପରିଶେଷରେ ପ୍ରତିଯୋଗିତାର ବିଜେତାମାନଙ୍କୁ ପାତ୍ର ପୁରସ୍କାର ପ୍ରଦାନ କରିଥିଲେ। ଏଫ୍‌ସିଆଇ (ଆଞ୍ଚଳିକ କାର୍ଯ୍ୟାଳୟ) ୧ମ, ନାଲ୍‌କୋ ୨ୟ ଏବଂ ଏଫ୍‌ସିଆଇ (ଡିଭିଜନାଲ ଅଫିସ୍) ୩ୟ ପୁରସ୍କାର ଲାଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନରାକାସ ଉପାଧ୍ୟକ୍ଷ ତଥା ନାଲ୍‌କୋର ନିର୍ଦ୍ଦେଶକ (ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନାଲ୍‌କୋର ମହାପ୍ରବନ୍ଧକ ଆଶୁତୋଷ ରଥ ସଂଯୋଜନା କରିଥିବା ବେଳେ ନରାକାସ ସଦସ୍ୟ ସଚିବ ରୋଶନ ପାଣ୍ଡେ କୁଇଜ୍ ମାଷ୍ଟର ଭାବେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପ୍ରଗତି ପଥରେ ୟୁକୋ ବ୍ୟାଙ୍କ

**ଏମ୍‌ଡିଙ୍କ ଦିନିକିଆ ଭୁବନେଶ୍ୱର ଗସ୍ତ**

**ଭୁବନେଶ୍ୱର,୨୩।୬**

ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସୋମା ଶଙ୍କର ପ୍ରସାଦ ଦିନିକିଆ ଭୁବନେଶ୍ୱର ଗସ୍ତରେ ଆସିଥିଲେ। ଏହି ପରିପ୍ରେକ୍ଷୀରେ ସେ ୧୬୭ତମ ଏସ୍ଏଲ୍‌ବିସି ବୈଠକରେ ମଧ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଅତିରିକ୍ତ ଶାସନ ସଚିବ ତଥା ଡେଭେଲପମେଣ୍ଟ କମିଶନରଙ୍କ ସମେତ ଅନ୍ୟାନ୍ୟ ସଚିବ ଓ ବ୍ୟାଙ୍କର ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ଗତ ଆର୍ଥିକ ବର୍ଷର ବାର୍ଷିକ କ୍ରେଡିଟ୍ ଯୋଜନା ଲକ୍ଷ୍ୟର ୯୩.୦୬% ହାସଲ ଉପରେ ଓଡ଼ିଶାର ସମସ୍ତ ବ୍ୟାଙ୍କର ପ୍ରଦର୍ଶନକୁ ବୈଠକରେ ପ୍ରଶଂସା କରାଯାଇଥିଲା। ଚଳିତ ଆର୍ଥିକ ବର୍ଷର ଲକ୍ଷ୍ୟ ହାସଲ କରିବା ଉପରେ ମଧ ବୈଠକରେ ପ୍ରାଧାନ୍ୟ ଦିଆଯାଇଥିଲା। ଏପରିକି ରାଜ୍ୟର ସିଡି ଅନୁପାତରେ ୭୨.୨୨% ଅଭିବୃଦ୍ଧିକୁ ନେଇ ସେ ପ୍ରଶଂସା କରିଥିଲେ। ଅପରପକ୍ଷରେ ଗୁରୁବାର ଅପରାହ୍ନରେ ସ୍ଥାନୀୟ ଅଶୋକ ନଗରସ୍ଥିତ ୟୁକୋ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଯୋଗଦେଇ ଗସ୍ତ ଓ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଦେଶରେ ସମସ୍ତ ବ୍ୟାଙ୍କ ଦ୍ୱାରା ଖୋଲାଯାଉଥିବା ୭୫ଟି ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ ମଧ୍ୟରୁ ୟୁକୋ ବ୍ୟାଙ୍କ ଓଡ଼ିଶାର ପୁରୀ ଓ ସାଲେପୁରଠାରେ ୨ଟି ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ ଖୋଲିବ ବୋଲି ସେ ସୂଚନା ପ୍ରଦାନ କରିଥିଲେ।




ସୋମା ଶଙ୍କର ପ୍ରସାଦ

ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ୧୫ଟି ନୂତନ ଶାଖା ଖୋଲାଯିବା ସହ ରାଜ୍ୟରେ ସମୁଦାୟ ନୂତନ ଶାଖା ସଂଖ୍ୟା ୨୬୬ଟି ହେବ। ସେ ବ୍ୟାଙ୍କ ପକ୍ଷରୁ ଖୁଚୁରା, କୃଷି ଓ ଏମ୍ଏସ୍ଏମ୍‌ଇ ବିଭାଗଗୁଡିକ ଉପରେ ଗୁରୁତ୍ୱ ଦିଆଯିବ ବୋଲି ସୂଚନା ଦେଇଛନ୍ତି। ସେ ଆଞ୍ଚଳିକ କାର୍ଯ୍ୟାଳୟ, ଆସେଟ୍ ମ୍ୟାନେଜମେଣ୍ଟ ଶାଖାର କର୍ମଚାରୀ, ଫିଲ୍ଡ ଇନ୍‌ସ୍ପେକ୍ଟୋରେଟ୍ ସହ ଭୁବନେଶ୍ୱର ସହରାଞ୍ଚଳ ଶାଖାର ଶାଖା ମୁଖ୍ୟମାନଙ୍କୁ ସମ୍ବୋଧନ କରିଥିଲେ। ଏହି ଅବସରରେ ସେ ଉତ୍ତମ ଗ୍ରାହକ ସେବା, ଋଣ ଆବେଦନପତ୍ରର ତ୍ୱରିତ ମଞ୍ଜୁରୀ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତଙ୍କୁ ବର୍ଷର ଶେଷ ସମୟ ପରିବର୍ତ୍ତେ ବର୍ଷର ଆରମ୍ଭରେ ଋଣ ପ୍ରସ୍ତାବଗୁଡିକୁ ମଞ୍ଜୁର କରିବାକୁ ପରାମର୍ଶ ଦେଇଥିଲେ।

# ରଣଜୀ ଫାଇନାଲ: ମଧ୍ୟପ୍ରଦେଶର ଦୃଢ଼ ବ୍ୟାଟିଂ

ବେଙ୍ଗାଲୁରୁ,୨୩।୬

ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି ସିଜନର ଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୩୭୪ ରନ୍‌ରେ ଅଲଆଉଟ୍ ହେବା ପରେ ଦୃଢ଼ ବ୍ୟାଟିଂ କରିଛି ମଧ୍ୟପ୍ରଦେଶ। ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରିଥିବା ମଧ୍ୟପ୍ରଦେଶ ୧ ଉଇକେଟ ହରାଇ ୧୨୩ ରନ୍ କରି ଦୃଢ଼ ଜବାବ ଦେଇଛି। ଦଳକୁ ଇନିଂସ ଅଗ୍ରଣୀ ପାଇଁ ୯ ଉଇକେଟରେ ୨୫୧ ରନ୍ ଦରକାର ଅଛି।

ମୁମ୍ବାଇ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୮/୫ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନ ଅପରାଜିତ ଥିବା ସାମ୍ସ ମୁଲାନି (୨୪) ପ୍ରଥମ ଓଭରରେ ହିଁ ଆଉଟ୍ ହୋଇଥିଲେ। ଫୁଲ ଫର୍ମରେ ଥିବା ସର୍ଫରାଜ ଖାଁ ନିମ୍ନକ୍ରମର ବ୍ୟାଟରଙ୍କ ସହିତ ମିଶି ଦଳୀୟ ସ୍କୋରକୁ ୩୭୪ ରନ୍‌ରେ ପହଞ୍ଚାଇଥିଲେ। ୨୪୩ ବଲର ସମ୍ମୁଖୀନ ହୋଇ ୧୩୪ (୧୩ ଚୌକା ଓ ୨ ଛକା)ରନ୍ କରିଥିବା ସର୍ଫରାଜ ଅନ୍ତିମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଗତ ୪ ମ୍ୟାଚ୍‌ରେ ଏହା ତାଙ୍କର ଚତୁର୍ଥ ଶତକ। ଏଥିସହିତ ଚଳିତ ରଣଜୀ ସିଜନରେ ସେ ୯୦୦ରୁ ଊର୍ଦ୍ଧ୍ୱ ରନ୍ ସ୍କୋର କରିଛନ୍ତି। ଗୌରବ ଯାଦବ ୪, ଅନୁଭବ ଅଗ୍ରୱାଲ ୩ ଓ ସାରାଂଶ ଜୈନ ୨ ଉଇକେଟ ନେଇଥିଲେ। ଜବାବରେ ଯଶ ଦୁବେ ଓ ହିମାଂଶୁ ମଧ୍ୟପ୍ରଦେଶକୁ ୪୭ ରନ୍‌ର ଆରମ୍ଭ ଦେଇଥିଲେ। ହିମାଂଶୁ ୩୧ ରନ୍ କରି ପ୍ୟାଭିଲିଅନ ଫେରିବା ପରେ ଯଶଙ୍କ ସହ ପିଚ୍‌ରେ ଯୋଗ ଦେଇଥିଲେ ଶୁଭମ ଏସ୍ ଶର୍ମା। ଦୁହେଁ ପ୍ରାୟ ୨୫ ଓଭର ଧରି ବ୍ୟାଟିଂ କରିଥିଲେ ମଧ ମୁମ୍ବାଇ ବୋଲରଙ୍କୁ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଫଳରେ ଷ୍ଟମ୍ପ ଅପସାରଣ ବେଳକୁ ମଧ୍ୟପ୍ରଦେଶ ଏକ ଉଇକେଟ ହରାଇ ୧୨୩ ରନ୍ କରିଛି। ଦଳକୁ ଇନିଂସ ଅଗ୍ରଣୀ ପାଇଁ ୨୫୧ ରନ୍ ଦରକାର ଥିବା ବେଳେ ହାତରେ ଆହୁରି ୯ ଉଇକେଟ ବାକି ଅଛି। ଯଶ ୪୪ ଏବଂ ଶୁଭମ ୪୧ ରନ୍ କରି ଅପରାଜିତ ଅଛନ୍ତି। ମୁମ୍ବାଇ ପକ୍ଷରୁ ତୁଷାର ଦେଶପାଣ୍ଡେ ଏକମାତ୍ର ସଫଳତା ହାତେଇଛନ୍ତି।



ଶତକ ହାସଲ ପରେ ସର୍ଫରାଜ ଖାଁ।

**ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୩**

## ଭାରତୀୟ ମହିଳା ଦଳ ଫାଇନାଲରେ

**ପ୍ୟାରିସ୍, ୨୩।୬ (ପି.ଟି.):** ଭାରତୀୟ ମହିଳା ରିକର୍ଭ ଦଳ ଦୃଢ ପ୍ରତ୍ୟାବର୍ତ୍ତନ ସହ ଏଠାରେ ଚାଲିଥିବା ଆର୍ଚେରୀ ୱାର୍ଲ୍ଡ କପ୍ ଷ୍ଟେଜ୍-୩ରେ ଫାଇନାଲକୁ ଉନ୍ନୀତ ହୋଇଛି। ଏଥିସହିତ ଦଳ ପ୍ରଥମ ପଦକ ପକ୍କା କରିଛି। ଦୀପିକା କୁମାରୀ, ଅଙ୍କିତା ଭକତ ଓ ସିମରନଜିତ୍ କୌରଙ୍କୁ ନେଇ ଭାରତୀୟ ଦଳ ୟୁକ୍ରେନ, ବ୍ରିଟେନ ଓ ତୁର୍କୀକୁ ପରାସ୍ତ କରି ଟାଇଟଲ ମୁକାବିଲା ପାଇଁ ଯୋଗ୍ୟତା ଅର୍ଜନ କରିଛି। ରବିବାର ଫାଇନାଲରେ ସେମାନେ ଚାଇନିଜ୍ ତାଇପେକୁ ଭେଟିବେ। ଅନ୍ୟପକ୍ଷରେ ତରୁଣଦୀପ ରୟ, ଜୟନ୍ତ ତାଲୁକ୍‌ଦାର ଓ ପ୍ରବୀଣ ଯାଦବଙ୍କୁ ନେଇ ୮ମ ସିଡ୍ ଭାରତୀୟ ପୁରୁଷ ରିକର୍ଭ ଦଳ ପ୍ରଥମ ରାଉଣ୍ଡରେ ସୁଇଜରଲାଣ୍ଡଠାରୁ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛି।

## ଫିଫା ର୍‍ୟାଙ୍କିଙ୍ଗରେ ଭାରତର ଉନ୍ନତି

**ନୂଆଦିଲ୍ଲୀ, ୨୩।୬ (ପି.ଟି.):** ଏସିଆନ୍ କପ୍ କ୍ୱାଲିଫିକେଶନ ରାଉଣ୍ଡରେ ଉଲ୍ଲେଖନୀୟ ପ୍ରଦର୍ଶନ ପରେ ଫିଫା ବିଶ୍ୱ ର୍‍ୟାଙ୍କିଙ୍ଗରେ ଭାରତ ଉପରକୁ ଉଠିଛି। ପୂର୍ବରୁ ୧୦୬ତମ ସ୍ଥାନରେ ଥିବା ଭାରତ ଦୁଇଟି ସ୍ଥାନ ଉପରକୁ ଉଠିଥିବା ଫିଫା ପକ୍ଷରୁ ଗୁରୁବାର ପ୍ରକାଶ କରାଯାଇଥିବା ର୍‍ୟାଙ୍କିଙ୍ଗ୍‌ରେ ଦର୍ଶାଯାଇଛି। ଫିଫା ର୍‍ୟାଙ୍କିଙ୍ଗରେ ଏଭଳି ପରିବର୍ତ୍ତନ ସତ୍ତ୍ୱେ ଏସିଆନ୍ ଫୁଟବଲ କନ୍‌ଫେଡେରେଶନ ସଦସ୍ୟଙ୍କ ମଧ୍ୟରେ ଭାରତୀୟ ଦଳ ୧୯ତମ ସ୍ଥାନରେ ରହିଛି। ଏଏଫ୍‌ସି ଦେଶମାନଙ୍କ ମଧ୍ୟରେ ଇରାନ(୨୩ତମ) ଶୀର୍ଷରେ ଅଛି।

ଫିଫା ର୍‍ୟାଙ୍କିଙ୍ଗ ଟପ୍-୩ରେ ପରିବର୍ତ୍ତନ ହୋଇଛି। ବ୍ରାଜିଲ ପୂର୍ବଭଳି ଶୀର୍ଷରେ ଥିବା ବେଳେ ବେଲଜିୟମ ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। କିନ୍ତୁ ଆର୍ଜେଣ୍ଟିନା ଫ୍ରାନ୍ସ (ଚତୁର୍ଥ)କୁ ପଛରେ ପକାଇ ତୃତୀୟ ସ୍ଥାନକୁ ଉନ୍ନୀତ ହେଇଛି। ଇଂଲଣ୍ଡ, ସ୍ପେନ, ଇଟାଲି, ନେଦରଲାଣ୍ଡ୍ସ, ପର୍ତ୍ତୁଗାଲ ଓ ଡେନମାର୍କ ଟପ୍-୧୦ରେ ରହିଛନ୍ତି।

## ଦଳ ସହ ଯୋଗ ଦେଲେ ଅଶ୍ୱିନ

**ନୂଆଦିଲ୍ଲୀ, ୨୩।୬ (ପି.ଟି.):** ଇଂଲଣ୍ଡ ବିପକ୍ଷରେ ବାକି ଥିବା ୫ମ ଟେଷ୍ଟ ମ୍ୟାଚ ଖେଳିବା ଲାଗି ଭାରତର ସିନିୟର ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଲିସେଷ୍ଟରଠାରେ ଭାରତୀୟ କ୍ରିକେଟ ଦଳ ସହ ଯୋଗ ଦେଇଛନ୍ତି। ଅଶ୍ୱିନ କୋଭିଡ ପଜିଟିଭ ଜଣାପଡ଼ିବା ପରେ କ୍ୱାରାଣ୍ଟାଇନ୍‌ରେ ଥିଲେ। ଫଳରେ ଜୁନ୍ ୧୬ରେ ସେ ତାଙ୍କ ସାଥୀ ଖେଳାଳିମାନଙ୍କ ସହ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ଯାଇପାରି ନ ଥିଲେ। ଲିସେଷ୍ଟରରେ ଭାରତ ବର୍ତ୍ତମାନ ଏକ ୱାର୍ମଅପ୍ ମ୍ୟାଚ ଖେଳୁଛି।

# ରାଷ୍ଟ୍ରୀୟ କର୍ମଶାଳାରେ ଯୋଗଦେବେ କ୍ରୀଡ଼ା ମନ୍ତ୍ରୀ

ଭୁବନେଶ୍ୱର,୨୩।୬
(ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଦୁଇଦିନିଆ ଗୁଜରାଟ ଗସ୍ତରେ ଯାଇ କେଭେଡ଼ିଆରେ ପହଞ୍ଚିଛନ୍ତି। ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ରାଷ୍ଟ୍ରୀୟ କର୍ମଶାଳାରେ ସେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏଥିରେ ସେ ଖେଲୋ ଇଣ୍ଡିଆ ଯୋଜନାକୁ ଓଡ଼ିଶା କିପରି ଭାବେ ଆଗେଇ ନେଇଛି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା କ୍ରୀଡ଼ାକୁ ପ୍ରାଧାନ୍ୟ ଦେଇ କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛି ସେ ସମ୍ପର୍କରେ କହିବେ। ଉନ୍ନତ କ୍ରୀଡା ଭିତ୍ତିଭୂମିଠାରୁ ଆରମ୍ଭ କରି ତୃଣମୂଳ ସ୍ତରରୁ ପ୍ରତିଭା ଚୟନ, ଉନ୍ନତ ତାଲିମ, ଖେଳାଳିମାନଙ୍କ କ୍ରୀଡ଼ା ଦକ୍ଷତା ବୃଦ୍ଧି ପାଇଁ ଆଧୁନିକ ଜ୍ଞାନକୌଶଳର ଉପଯୋଗ ଆଦି ବିଭିନ୍ନ ବିଷୟରେ ଓଡ଼ିଶା କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛି ସେ ଉପରେ ନିଜର ମତ ରଖିବେ। ଏହି କର୍ମଶାଳା ଦ୍ୱାରା ବିଭିନ୍ନ ରାଜ୍ୟ ମଧ୍ୟରେ ଭାବ ବିନିମୟ ହେବା ସହିତ ଆଞ୍ଚଳିକ ସ୍ତରରେ କ୍ରୀଡ଼ାକୁ ଅଧିକ ସମୃଦ୍ଧ କରିବାନେଇ ପଥ ଦେଖାଇବ ବୋଲି ମନ୍ତ୍ରୀ ବେହେରା ଗସ୍ତ ଅବସରରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ସ୍ପୋର୍ଟ୍ସ ଫର ୟୁଥ ଏବଂ ୟୁଥ୍ ଫର୍ ଫ୍ୟୁଚର' ନେଇ ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ସାରା ଦେଶରେ ପ୍ରଚାର କରିବା ସହ ଓଡ଼ିଶାକୁ ଆଗାମୀ ଦିନରେ ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡ଼ା ହବ୍‌ରେ ପରିଣତ କରିବା ନେଇ ସମସ୍ତ ପ୍ରକାର କାର୍ଯ୍ୟପନ୍ଥା ହାତକୁ ନିଆଯିବ ବୋଲି ମନ୍ତ୍ରୀ ଏହି ଅବସରରେ ସୂଚନା ଦେଇଛନ୍ତି। ଏହି ଦୁଇଦିନିଆ କର୍ମଶାଳାରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀଙ୍କ ବ୍ୟତୀତ ସମସ୍ତ ରାଜ୍ୟର କ୍ରୀଡ଼ାମନ୍ତ୍ରୀ ଏବଂ ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



ମନ୍ତ୍ରୀ ତୁଷାରକାନ୍ତି ବେହେରା।

## ଏଆଇଏଫ୍ଏଫ୍ ପାଇଁ ସମୟସୀମା ଧାର୍ଯ୍ୟ କଲା ଫିଫା

**ନୂଆଦିଲ୍ଲୀ, ୨୩।୬ (ପି.ଟି.):** ଭ୍ରମଣକାରୀ ଫିଫା (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ) ଓ ଏଏଫ୍‌ସି (ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ) ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ପାଇଁ ଜୁଲାଇ ୩୧ ସମୟ ସୀମା ଧାର୍ଯ୍ୟ କରିଛି। ଏହି ସମୟ ମଧ୍ୟରେ ଜାତୀୟ କ୍ରୀଡ଼ା ଆଚରଣ ବିଧିକୁ ଭିତ୍ତି କରି ସମ୍ବିଧାନ ପ୍ରସ୍ତୁତ କରିବା ଲାଗି କୁହାଯାଇଛି। ପୁନଶ୍ଚ ସେପ୍ଟେମ୍ବର ୧୫ ସୁଦ୍ଧା କର୍ମକର୍ତ୍ତା ନିର୍ବାଚନ କରାଇବା ଲାଗି ମଧ କୁହାଯାଇଛି। ଏହାକୁ କାର୍ଯ୍ୟକାରୀ କରା ନ ଗଲେ ବିଶ୍ୱ ଫୁଟ୍‌ବଲ ପରିଚାଳନା ପରିଷଦ ଭାରତକୁ ବାସନ୍ଦ କରିପାରେ ବୋଲି ଚେତାବନୀ ଦିଆଯାଇଛି। ଏସିଆନ ଫୁଟ୍‌ବଲ କନଫେଡେରେଶନ ସାଧାରଣ ସମ୍ପାଦକ ୱିଣ୍ଡସର ଜନ୍‌ଙ୍କ ନେତୃତ୍ୱରେ ଆସିଥିବା ଦଳର ୩ ଦିନିଆ ଗସ୍ତକ୍ରମ ଶେଷ ହୋଇଛି। ସମୟସୀମାକୁ କଡ଼ାକଡି ଭାବେ କାର୍ଯ୍ୟକାରୀ କରାଯିବ ବୋଲି ଜନ୍ କହିଛନ୍ତି। ଫିଫା ଯଦି ବାସନ୍ଦ କରେ ତେବେ ଦେଶରେ ଅକ୍ଟୋବରରେ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌କୁ ପ୍ରତ୍ୟାହାର କରି ନିଆଯାଇପାରେ।

# ଲେଡେକିଙ୍କ ପଦକ ରେକର୍ଡ ୨୧କୁ ବୃଦ୍ଧି

ବୁଦାପେଷ୍ଟ,୨୩।୬ (ଏପି)

ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍‌ରେ ସର୍ବାଧିକ ପଦକ ଜିତିବାରେ ରେକର୍ଡ ଆମେରିକାର କେଟି ଲେଡେକିଙ୍କ ନାମରେ ରହିଛି। ଏଥର ସେ ୩ଟି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଫଳରେ ଏହି ଚାମ୍ପିୟନଶିପ୍‌ରେ ତାଙ୍କର ମୋଟ ପଦକ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି। ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ)ର ମହିଳା ୪x୨୦୦ ମିଟର ଫ୍ରିଷ୍ଟାଇଲ ରିଲେ ଫାଇନାଲ ଜିତିବା ଦ୍ୱାରା ୨୫ ବର୍ଷୀୟା ଲେଡେକି ବୁଧବାର ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କ ୧୮ତମ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିରେ ସେ ୧:୫୩.୬୭ ଟାଇମିଂରେ ରେସ୍ ଶେଷ କରିଥିଲେ। ଆମେରିକା ଦଳ ଚାମ୍ପିୟନଶିପ୍ ରେକର୍ଡ ୭:୪୧.୪୫ ଟାଇମିଂରେ ଏହି ସଫଳତା ଅର୍ଜନ କରିଥିଲା। କ୍ଲେୟାର ୱିନଷ୍ଟନ, ଲିଆ ସ୍ମିଥ୍, ଲେଡେକି ଓ ବିଲା ସିମ୍ସଙ୍କୁ ନେଇ ଗଠିତ ୟୁଏସ୍ଏ ମହିଳା ଦଳ ଅଷ୍ଟ୍ରେଲିଆନ ମହିଳା ଟିମ୍‌ଠାରୁ ୨.୪୧ ସେକେଣ୍ଡ ଏବଂ କାନାଡିଆନମାନଙ୍କଠାରୁ ୩.୩୧ ଆଗରେ ରହି ପ୍ରଥମ ହୋଇଥିଲା। ଲେଡେକି ପୂର୍ବରୁ ସୋମବାର ୧୫୦୦ ମିଟର ଫ୍ରିଷ୍ଟାଇଲ ଏବଂ ଶନିବାର ୪୦୦ ମିଟର ଫ୍ରିଷ୍ଟାଇଲ୍‌ରେ ସ୍ୱର୍ଣ୍ଣ ଜିତି ସାରିଥିଲେ। ବୁଦାପେଷ୍ଟ ପ୍ରତିଯୋଗିତାକୁ ଆସିବା ପୂର୍ବରୁ ତାଙ୍କ ସ୍ୱର୍ଣ୍ଣ ସଂଖ୍ୟା ୧୫ ରହିଥିଲା। ବିଶ୍ୱ ଚାମ୍ପିୟନଶିପ୍‌ରେ ସବୁଠାରୁ ଅଧିକ ପଦକ ଜିତିବା ତାଲିକାରେ ଲେଡେକିଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ତାଙ୍କ ଦେଶର ନାଟାଲି କଫ୍‌ଲିନ୍ (୭ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୫ ବ୍ରୋଞ୍ଜ)। କଫଲିନ୍ ଏହି ପଦକଗୁଡ଼ିକ ୨୦୦୧-୧୩ ମଧ୍ୟରେ ଜିତିଥିଲେ।



କେଟି ଲେଡେକି

**ଫୁରସତ୍**

# ବିବାଦରେ 'ରକ୍ଷାବନ୍ଧନ'



ଅକ୍ଷୟ କୁମାର

**ମୁମ୍ବାଇ:** ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଚଳଚ୍ଚିତ୍ର 'ରକ୍ଷାବନ୍ଧନ'ର ଟ୍ରେଲର ରିଲିଜ୍ ହୋଇସାରିଛି। ଏହି ଟ୍ରେଲରକୁ ଦେଖିବା ପରେ ତାଙ୍କ ଫ୍ୟାନ୍‌ମାନେ ଅକ୍ଷୟଙ୍କୁ ବହୁ ପ୍ରଶଂସା କରିବାରେ ଲାଗିଛନ୍ତି। ଏହି ଫିଲ୍ମଟି ଭଉଣୀଭାଇ ମଧ୍ୟରେ ଥିବା ଅନାବିଳ ସ୍ନେହ ଉପରେ ଆଧାରିତ। ସିନେମାରେ ଅକ୍ଷୟ ତାଙ୍କ ଭଉଣୀମାନଙ୍କୁ ଖୁବ୍ ଭଲପାଉଥିବା ଦେଖିବାକୁ ମିଳିଛି। ଏପରିକି ଭଉଣୀଙ୍କୁ ମାତ୍ରାଧିକ ଗୁରୁତ୍ୱ ଦେଉଥିବା କାରଣରୁ ତାହାର ପ୍ରଭାବ ତାଙ୍କ ଲଭ୍ ଲାଇଫ୍ ଉପରେ ପଡୁଛି। ଫଳରେ ସେ ବିବାହ କରିପାରୁନାହାନ୍ତି। ଅକ୍ଷୟଙ୍କ ଏହି କାହାଣୀଟି ଅନେକ ଭାରତୀୟଙ୍କ ପସନ୍ଦ ଆସିଥିଲେ ମଧ ଏହାକୁ ନେଇ ଏକ ଅଭିଯୋଗ ଆସିଛି। ଅକ୍ଷୟଙ୍କ ଅଭିନୀତ ଏହି ଚଳଚ୍ଚିତ୍ରଟି ମୌଳିକ ନୁହେଁ। ବରଂ ଏହା ପାକିସ୍ତାନୀ ଚଳଚ୍ଚିତ୍ର 'ଲୋଡ୍ ୱେଡିଂ'ର ନକଲ ବୋଲି ସୋସିଆଲ ମିଡିଆରେ ୟୁଜର୍ସମାନେ କମେଣ୍ଟ କରିଛନ୍ତି। ଏପରିକି କେତେଜଣ 'ଲୋଡ୍ ୱେଡିଂ' ଓ 'ରକ୍ଷାବନ୍ଧନ' ଚଳଚ୍ଚିତ୍ରର ଟ୍ରେଲର୍ ଓ ପୋଷ୍ଟର ସହ ତୁଳନା କରି ପୋଷ୍ଟ କରିଛନ୍ତି। ଅକ୍ଷୟଙ୍କ ଏହି ଫିଲ୍ମଟି ଏକ ନକଲ ଚଳଚ୍ଚିତ୍ର ବୋଲି ଅଭିଯୋଗ ଆଣିଛନ୍ତି। ଏ ନେଇ କିଛି ପାକିସ୍ତାନୀ ମଧ ସେମାନଙ୍କ କ୍ଷୋଭ ପ୍ରକାଶ କରିଛନ୍ତି। 'ରକ୍ଷାବନ୍ଧନ' ମୁଭିରେ ଭୂମି ପେଡେନ୍‌କର୍, ସାଦିଆ ଖତିଜା, ଦୀପିକା ଖାନ୍ନା, ସ୍ମୃତି ଶ୍ରୀକାନ୍ତ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିରେ ଆନନ୍ଦ ଏଲ୍ ରାୟ ନିର୍ଦ୍ଦେଶନା ଦେଇଛନ୍ତି। ଚଳିତବର୍ଷ ଅଗଷ୍ଟ ୧୧ରେ ଏହି ଚଳଚ୍ଚିତ୍ରଟି ରିଲିଜ୍ ହେବାକୁ ସ୍ଥିର ହୋଇଛି।

# ପୁରୁଷତ୍ୱ ପ୍ରମାଣ ପାଇଁ ପିମ୍ପୁଡ଼ି କାମୁଡ଼ା

**ବ୍ରାସିଲିଆ:** ଦୁନିଆର ବିଭିନ୍ନ ଦେଶରେ ଭିନ୍ନ ପ୍ରକାରର ପରମ୍ପରା ରହିଛି। ସେଥିମଧ୍ୟରୁ କିଛି ପରମ୍ପରା ଏପରି ଯାହା ଶୁଣିଲେ ଅନେକେ ଆଶ୍ଚର୍ଯ୍ୟ ହୋଇଥାନ୍ତି। ସେଥିମଧ୍ୟରୁ ଗୋଟିଏ ହେଲା ବ୍ରାଜିଲରେ ବାସ କରୁଥିବା ଏକ ପ୍ରକାର ଜନଜାତିଙ୍କ ପିମ୍ପୁଡ଼ି କାମୁଡ଼ା ପ୍ରଥା। ଆମାଜନ୍ ଫରେଷ୍ଟରେ ବାସ କରୁଥିବା ସଟେରେ-ମାୱେ ଜନଜାତିର ଯୁବକମାନେ ନିଜ ପୁରୁଷପଣିଆ ତଥା ବାହାଦୁରୀ ସାବ୍ୟସ୍ତ ପାଇଁ ଏକ ପ୍ରକାର ପିମ୍ପୁଡ଼ିର କାମୁଡ଼ା ସହିଥାନ୍ତି। ଏହାକୁ ବୁଲେଟ୍ ପିମ୍ପୁଡ଼ି କୁହାଯାଏ। ପ୍ରଥମେ ଶହ ଶହ ପିମ୍ପୁଡ଼ିକୁ ଏକ ପାତ୍ରରେ ବନ୍ଦ କରି ରଖାଯାଏ। ପରୀକ୍ଷା ଦେବାକୁ କେହି ଯୁବକ ପ୍ରସ୍ତୁତ ହେବା ପରେ ସେହି ପାତ୍ରଟିକୁ ଖୋଲି ଦିଆଯାଏ। ଯୁବକ ସେଥିରେ ନିଜ ହାତ ଭର୍ତ୍ତି କରି ପିମ୍ପୁଡ଼ି କାମୁଡ଼ା ସହିଥାନ୍ତି। ଜଣଙ୍କୁ ୨୦ ଥର ସେଭଳି ପାତ୍ରରେ ହାତ ରଖିବାକୁ ପଡ଼ିଥାଏ। ପ୍ରତ୍ୟେକ ଥରରେ ୧୦ ମିନିଟ୍ ପର୍ଯ୍ୟନ୍ତ ପିମ୍ପୁଡ଼ି କାମୁଡ଼ା ସହିବାକୁ ପଡ଼େ। ଏହା ବେଶ୍ ଯନ୍ତ୍ରଣାଦାୟକ ହେଲେ ମଧ ନିଜ ସମ୍ପ୍ରଦାୟର ଲୋକଙ୍କ ସମ୍ମୁଖରେ ସେମାନଙ୍କୁ ଏପରି କରିବାକୁ ପଡ଼ିଥାଏ। ୧୨ ବର୍ଷ ହୋଇଯିବା ପରେ ସମସ୍ତ ଯୁବକଙ୍କୁ ଏହି ପରୀକ୍ଷା ଦେବାକୁ ପଡ଼ିଥାଏ। ଏଥିରେ ବିଫଳ ହେଉଥିବା ଯୁବକଙ୍କୁ କେହି ବିବାହ କରି ନ ଥାନ୍ତି। ଏଥିଯୋଗୁ ଦୀର୍ଘଦିନ ପର୍ଯ୍ୟନ୍ତ ସେମାନଙ୍କ ଶରୀରରେ ଯନ୍ତ୍ରଣା ହୋଇଥାଏ। ଦୁନିଆରେ କୌଣସି କାର୍ଯ୍ୟ ବିନା କଷ୍ଟରେ ହୋଇ ନ ଥାଏ ବୋଲି ବାର୍ତ୍ତା ଦେବା ଏହି ପ୍ରଥାର ଉଦ୍ଦେଶ୍ୟ ବୋଲି ସେମାନେ କହିଥାନ୍ତି।



## 'ଯବାନ'ରେ ଶାହରୁଖ୍-ଦୀପିକା

**ମୁମ୍ବାଇ:** ପୁଣିଥରେ ଏକାଠି ନଜର ଆସିବେ ବଲିଉଡ୍‌ର ନାମକରା ଯୋଡି ଶାହରୁଖ୍ ଖାନ୍ ଏବଂ ଦୀପିକା ପାଦୁକୋନ୍। ଶାହରୁଖ୍‌ଙ୍କ ଆଗାମୀ ଫିଲ୍ମ 'ଯବାନ'ରେ ତାଙ୍କ ଭିନ୍ନ ଲୁକ୍‌କୁ ନେଇ ଚର୍ଚ୍ଚା ଜୋର ଧରିଛି। ତାମିଲ ନିର୍ଦ୍ଦେଶକ ଏଟଲୀ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ତେବେ ମିଡିଆ ରିପୋର୍ଟ ଅନୁସାରେ, ଶାହରୁଖ୍‌ଙ୍କ ସିନେମାରେ ଦକ୍ଷିଣୀ ଅଭିନେତା ଥାଲାପତି ବିଜୟ ନଜରକୁ ଆସିବେ। ମୁଭିର ମୁଖ୍ୟ ଚରିତ୍ରରେ ଶାହରୁଖ୍‌ଙ୍କ ସହ ନୟନତାରା ତାଙ୍କ ଝଲକ ଦେଖାଇବେ। ହେଲେ ସେ ପୂର୍ବରୁ ଏହି ଚଳଚ୍ଚିତ୍ରକୁ ମନା କରିଦେଇଥିଲେ। କିନ୍ତୁ ପରେ ଏଥିପାଇଁ ରାଜି ହୋଇଥିଲେ। ଦୀପିକା ପାଦୁକୋନ୍‌ଙ୍କୁ ଫିଲ୍ମରେ ଏକ ଛୋଟ, କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ସିନେମା 'ଓମ୍ ଶାନ୍ତି ଓମ୍' ଜରିଆରେ ୨୦୦୭ରେ ଶାହରୁଖ୍‌ଙ୍କ ସହ ପ୍ରଥମ ଡେବ୍ୟୁ କରିଥିଲେ ଦୀପିକା। ଅନ୍ୟପକ୍ଷରେ ଆଗକୁ ରିଲିଜ୍ ହେବାକୁ ଥିବା 'ଫାଇଟର୍'ରେ ହ୍ରିତିକ୍‌ଙ୍କ ସହ ଏବଂ 'ପଠାନ'ରେ ଶାହରୁଖ୍‌ଙ୍କ ସହ ଦୀପିକା ନଜର ଆସିବେ।



## ମଡେଲଙ୍କ ନାଁରେ ଗୁଜବ ପ୍ରଚାର କରି ହଟହଟା

**ୱେଲିଂଟନ୍:** ନିକଟରେ ଜଣେ ଯୁବକଙ୍କୁ ନ୍ୟୁଜିଲାଣ୍ଡର ମଡେଲ୍‌ଙ୍କ ନାମରେ ଗୁଜବ ପ୍ରଘଟ କରିବା ମହଙ୍ଗା ପଡିଛି। ଯୁବକ ଜଣଙ୍କ ଏକ ଆର୍ଟିକିଲ ଲେଖି ମଡେଲ ଲିସା ଲେୱିସ୍‌ଙ୍କୁ ଏଡ୍ସ ହୋଇଥିବା କହିଥିଲେ। ପରେ ଲିସା ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛନ୍ତି। ମଡେଲଙ୍କ ଅଭିଯୋଗ ଅନୁଯାୟୀ, ଏହି ମିଥ୍ୟା ଖବର ତାଙ୍କ ଜୀବନକୁ ପ୍ରଭାବିତ କରିଛି। ଏହି ମାମଲାରେ ସମ୍ପୃକ୍ତ ଯୁବକ କୋର୍ଟରେ ହାଜର ହୋଇଥିଲେ। ସେ ମଡେଲଙ୍କ ସହ ଥଟ୍ଟା କରିବାକୁ ଯାଇ ଏପରି ପ୍ରଚାର କରିଥିବା ତାଙ୍କ ଓକିଲ କହିଥିଲେ। ଏହି ମାମଲା ନ୍ୟୁଜିଲାଣ୍ଡର ଏକ ଜିଲା ଅଦାଲତରେ ବିଚାର କରାଯାଇଛି। ମଡେଲଙ୍କୁ ଦୁର୍ବ୍ୟବହାର ସହ ତାଙ୍କ ନାଁରେ ଗୁଜବ ପ୍ରଚାର କରିଥିବା ସମ୍ପୃକ୍ତ ଯୁବକଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉକ୍ତ ଘଟଣାରେ ଲିସା କହିଛନ୍ତି, ଯୁବକ ଜଣଙ୍କ ଯାହା କହିଛନ୍ତି ତାହା ତାଙ୍କୁ ବଦନାମ କରିବା ପରି କଥା ଓ ଏହା ଖୁବ୍ ନିନ୍ଦନୀୟ। ତାଙ୍କୁ ଲାଗୁଛି କି ଯୁବକ ଜଣଙ୍କ ତାଙ୍କ କ୍ୟାରିୟର ନଷ୍ଟ କରିବାକୁ ଚାହୁଁଥିଲେ।



# ନମ୍ବର ୱାନ୍ ଆହ୍ୱାନ



**ଓଡ଼ିଶା ଏବେ ଟେନିସରେ ଆଗକୁ ବଢୁଛି। ରାଜ୍ୟ ଖେଳାଳିମାନେ ଜୁନିୟର ବର୍ଗର ଜାତୀୟ ଦୃଶ୍ୟପଟରେ ଚମକ ଦେଖାଇ ଏହା ପ୍ରମାଣିତ କରିଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲେ ଆହାନ। କେବଳ ସେତିକି ନୁହେଁ ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଦେଶର ନମ୍ବର ୱାନ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି ଏହି ଟେନିସ ପ୍ରତିଭା।**

ପ୍ରସ୍ତୁତି: ତପନ କୁମାର ସ୍ୱାଇଁ

ଓଡ଼ିଶା ଏବେ ଟେନିସରେ ଆଗକୁ ବଢୁଛି। ରାଜ୍ୟ ଖେଳାଳିମାନେ ଜୁନିୟର ବର୍ଗର ଜାତୀୟ ଦୃଶ୍ୟପଟରେ ଚମକ ଦେଖାଇ ଏହା ପ୍ରମାଣିତ କରିଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲେ ଆହାନ। ୨୦୧୦ ଏପ୍ରିଲ ୨୪ରେ ଜନ୍ମିତ ଏହି ଟେନିସ ପ୍ରତିଭା ଜାତୀୟ ପ୍ରତିଯୋଗିତାରେ ଚମକପ୍ରଦ ପ୍ରଦର୍ଶନ କରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। କେବଳ ସେତିକି ନୁହେଁ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କ ପ୍ରଶିକ୍ଷଣରେ ସେ ନିଜ ପ୍ରଦର୍ଶନକୁ ମାର୍ଜିତ କରି ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଦେଶର ନମ୍ବର ୱାନ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି।

ନିକଟରେ ଆହାନ ଏକ ବିରଳ ସଫଳତାର ଅଧିକାରିଣୀ ହୋଇଥିଲେ। ସାଉଥ୍ ଏସିଆ ରିଜିଓନାଲ କ୍ୱାଲିଫାଇଙ୍ଗ ଇଭେଣ୍ଟ ପାଇଁ ନେପାଳର କାଠମାଣ୍ଡୁଠାରେ ଅନୁଷ୍ଠିତ ଆଇଟିଏଫ୍ ଏସିଆ ୧୨ ବର୍ଷରୁ କମ୍ ଟେନିସ ପ୍ରତିଯୋଗିତାରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟାଇଟଲ ହାସଲ କରିବା ପଥରେ ଭାରତ ରାଉଣ୍ଡ ରବିନ ପର୍ଯ୍ୟାୟରେ ନେପାଳ, ମାଳଦ୍ୱୀପ ଓ ଭୁଟାନକୁ ୩-୦ରେ ହରାଇଥିବାବେଳେ ସେମିଫାଇନାଲରେ ବାଂଲାଦେଶକୁ ୩-୦ ଏବଂ ଫାଇନାଲରେ ଶ୍ରୀଲଙ୍କାକୁ ୨-୧ରେ ଧରାଶାୟୀ କରିଥିଲା। ଏହି ଅଭିଯାନରେ ଆହାନଙ୍କ ସହ ଭାରତୀୟ ଦଳରେ ସାମିଲ ଥିଲେ ଆନନ୍ଦିତା ଉପାଧ୍ୟାୟ ଓ ପ୍ରାଚୀ ମଲିକ। କାଠମାଣ୍ଡୁରେ ଅନୁଷ୍ଠିତ ସମ୍ମାନଜନକ ପ୍ରତିଯୋଗିତାରେ ଆହାନ ନିଜର ପ୍ରଥମ ମ୍ୟାଚରେ ଭୁଟାନର ଟଣ୍ଡିନ ଶେୟାଙ୍ଗ୍ ୱାଙ୍ଗମୋଙ୍କୁ ୬-୦, ୬-୦ ସେଟ୍‌ରେ ହରାଇଥିଲେ। ପରବର୍ତ୍ତୀ ମ୍ୟାଚରେ ମାଳଦ୍ୱୀପର ନାବା ନିଶାନଙ୍କୁ ୬-୦, ୬-୧ ଓ ନେପାଳର ଶିଭାଲି ଗୁରୁଙ୍ଗଙ୍କୁ ୬-୦, ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ବାଂଲାଦେଶ ବିପକ୍ଷ ମ୍ୟାଚରେ ସେ ପ୍ରାଚୀ ମଲିକଙ୍କ ସହ ସାଥୀହୋଇ ଡବଲ୍ସ ଖେଳିଥିଲେ। ଆହାନ-ପ୍ରାଚୀ ଯୋଡ଼ି ବାଂଲାଦେଶର ସାରା ଅଲ୍ ଜସିମ ଓ ହୁମାୟୁରା ହାଇଦର ଜାରା ଯୋଡ଼ିଙ୍କୁ ସିଧାସଳଖ ୬-୦, ୬-୦ ସେଟ୍‌ରେ ହରାଇ ଦେଇଥିଲେ। ଶ୍ରୀଲଙ୍କା ବିପକ୍ଷରେ ସେ ୨ଟି ମ୍ୟାଚ ଖେଳିଥିଲେ। ଡବଲ୍ସରେ ଆନନ୍ଦିତା ଉପାଧ୍ୟାୟଙ୍କୁ ସାଥୀକରି ସେ ଆକିଶା ସିଲ୍‌ଭା ଓ ଅର୍ଚ୍ଚି ସାନ୍ଧିଥି ଉସ୍‌ଗୋଦା ଯୋଡ଼ିଙ୍କଠାରୁ ୪-୬, ୧-୬ ସେଟ୍‌ରେ ହାରିଥିଲେ ହେଁ ସିଙ୍ଗଲ୍ସରେ ଉସ୍‌ଗୋଦାଙ୍କୁ ୬-୦, ୬-୦ ସେଟ୍‌ରେ ହରାଇ ଭାରତକୁ ପ୍ରଥମ ସ୍ଥାନରେ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ତାଙ୍କ ପ୍ରଦର୍ଶନ ବଳରେ ଭାରତ ଟୁର୍ନାମେଣ୍ଟରେ ୫ ମ୍ୟାଚରୁ ୫ ବିଜୟ ସହ ୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲା। ଶ୍ରୀଲଙ୍କା (୪ ପଏଣ୍ଟ), ମାଳଦ୍ୱୀପ(୩), ନେପାଳ(୨), ବାଂଲାଦେଶ(୧) ଓ ଭୁଟାନ(୦) ପରବର୍ତ୍ତୀ ୫ ସ୍ଥାନରେ ରହିଥିଲେ। ଫଳରେ ବାଳିକା ବିଭାଗରେ ଭାରତ ଓ ଶ୍ରୀଲଙ୍କା କାଜାଖସ୍ତାନରେ ହେବାକୁ ଥିବା ସାଉଥ୍ ଏସିଆ ରିଜିଓନାଲ କ୍ୱାଲିଫାଇଙ୍ଗ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

ଅନ୍ତର୍ଜାତୀୟ ସ୍ତରରେ ଆହାନଙ୍କର ଆଉ ଏକ ସଫଳତା ହେଲା ଛତିଶଗଡ଼ର ଭିଲାଇଠାରେ ଜୁନ୍ ୩ରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ସେ ଡବଲ୍ସରେ ରନର୍ସଅପ୍ ହୋଇଥିଲେ। ତେଣୁ ୨୦୨୨ ତାଙ୍କ ପାଇଁ ଶୁଭ ସାବ୍ୟସ୍ତ ହୋଇଛି। ସର୍ବଭାରତୀୟ ସ୍ତରରେ ତାଙ୍କ ସଫଳତା ଫର୍ଦ୍ଦ ବେଶ୍ ଲମ୍ବା। ୨୦୧୯ ନଭେମ୍ବରରେ ଜଳନ୍ଧରରେ ଅନୁଷ୍ଠିତ ଏଆଇଟିଏ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟରେ ସେ ଉଭୟ ୧୨ ଓ ୧୪ ବର୍ଷରୁ କମ୍ ବର୍ଗର ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ୨୦୨୦ ଜାନୁୟାରୀରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏଆଇଟିଏ-ଉତ୍କଳ ଓପନ ଚାମ୍ପିୟନଶିପ୍ ସିରିଜ ଟୁର୍ନାମେଣ୍ଟରେ ସେ ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ରନର୍ସଅପ୍ ହୋଇଥିଲେ। ୨୦୨୧ ଡିସେମ୍ବରରେ ଅହମଦାବାଦରେ ଆୟୋଜିତ ଏଆଇଟିଏ ସୁପର ସିରିଜ ଟୁର୍ନାମେଣ୍ଟ (୧୪ ବର୍ଷରୁ କମ୍)ରେ ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଥିଲେ। ୨୦୨୨ ଜାନୁୟାରୀରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଉତ୍କଳ ଓପନ ଟେନିସର ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ହରିୟାଣାର କର୍ନାଲସ୍ଥିତ ଚାମୁଣ୍ଡା ଟେନିସ ଏକାଡେମୀରେ ଆୟୋଜିତ ଏଆଇଟିଏ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟରେ ସେ ୧୨ ବର୍ଷରୁ କମ୍ ସିଙ୍ଗଲ୍ସ, ଡବଲ୍ସ, ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଏବଂ ୧୬ ବର୍ଷରୁ କମ୍ ସିଙ୍ଗଲ୍ସରେ ଚାମ୍ପିୟନ ହୋଇଥିଲେ। ଫେବୃୟାରୀରେ ମୁମ୍ବାଇରେ ଆୟୋଜିତ ଜାତୀୟ ସିରିଜର ୧୨ ବର୍ଷରୁ କମ୍ ବିଭାଗରେ ସେ ଟାଇଟଲ ବିଜୟୀ ହୋଇଥିଲେ। ଏହା ବ୍ୟତୀତ ଗତ ଏପ୍ରିଲରେ କୋଲକାତାର ସାଉଥ୍ କ୍ଲବରେ ଅନୁଷ୍ଠିତ ଏଆଇଟିଏ ୧୪ ବର୍ଷରୁ କମ୍ ଚାମ୍ପିୟନଶିପ୍ ସିରିଜ ଟୁର୍ନାମେଣ୍ଟରେ ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଥିଲେ। ସେହିପରି କଟକରେ ଅନୁଷ୍ଠିତ ଚାମ୍ପିୟନଶିପ୍ ସିରିଜ ୧୪ ବର୍ଷରୁ କମ୍ ସିଙ୍ଗଲ୍ସରେ ମଧ୍ୟ ସେ ଚାମ୍ପିୟନ ହୋଇଥିଲେ।

## ଆର୍ଥିକ ପ୍ରୋତ୍ସାହନ ଆବଶ୍ୟକ

**ଆ**ହାନ ଜଣେ ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ଖେଳାଳି। ୧୨ ବର୍ଷ ବର୍ଗରେ ନମ୍ବର ୱାନ ହୋଇ ଏହାର ପ୍ରମାଣ ସେ ଦେଇ ସାରିଛନ୍ତି। ଆଗକୁ ବଢ଼ିବା ପାଇଁ ତାଙ୍କୁ ଆର୍ଥିକ ପ୍ରୋତ୍ସାହନର ଆବଶ୍ୟକ ହେଉଛି। ଉପଯୁକ୍ତ ସହାୟତା ମିଳିପାରିଲେ ସେ ବହୁ ଉପରକୁ ଯାଇ ପାରିବେ ବୋଲି ତାଙ୍କ କୋଚ୍ ଅଜୟ ନିଶଙ୍କ ଅନୁଭବ କରୁଛନ୍ତି। ତାଙ୍କ ମା' କିରଣ ନାୟକ ବହୁ କଷ୍ଟ ସ୍ୱିକାର କରି ତାଙ୍କୁ ଖେଳାଉଛନ୍ତି। ଟେନିସ ଏକ ବ୍ୟୟ ବହୁଳ କ୍ରୀଡ଼ା। ଏହାର ପ୍ରତିଟି ସରଞ୍ଜାମ ଦାମୀ। ଏହା ବ୍ୟତୀତ କୌଣସି ଟୁର୍‌ରେ ଖେଳିବାପାଇଁ ବାହାରକୁ ଗଲେ ତାହା ମଧ୍ୟ ବ୍ୟୟ ବହୁଳ ହୋଇଥାଏ। ରାଜ୍ୟରେ ଏପରି ପ୍ରତିଭା ସମ୍ପନ୍ନ ଖେଳାଳି ଖୁବ୍ କମ୍ ଅଛନ୍ତି। ରାଜ୍ୟ ସରକାର ଖେଳ ଓ ଖେଳାଳିଙ୍କୁ ଅନେକ ପ୍ରୋତ୍ସାହନ ଦେଉଛନ୍ତି। ତେଣୁ ସରକାରୀ କିମ୍ବା ବେସରକାରୀ କିମ୍ବା ଆସୋସିଏଶନ ପକ୍ଷରୁ ଆହାନଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିଲେ ସେ ନିଶ୍ଚିତ ରାଜ୍ୟ ଓ ଦେଶକୁ ଅଧିକ ଗର୍ବିତ କରିପାରିବେ ବୋଲି ଅଜୟ ପ୍ରକାଶ କରିଛନ୍ତି।

କୋଚ୍ ଅଜୟ ନିଶଙ୍କଙ୍କ ସହ ଆହାନ

### ସର୍ଭିସ ଶଟ୍ ଉପରେ ଧ୍ୟାନ ଦେବାକୁ ହେବ

ଆହାନ ସାଢ଼େ ୩ ବର୍ଷର ହୋଇଥିବାବେଳେ ମୋ ନିକଟକୁ ଆସିଥିଲେ। ଛୋଟ ବେଳରୁ ମୁଁ ତାଙ୍କ ପ୍ରତିଭା ଚିହ୍ନି ପାରିଥିଲି। ପ୍ରଥମେ ସେ ବିଗ୍ନରଙ୍କ ସହିତ ଖେଳିଥିଲେ। ମାତ୍ର ପ୍ରଦର୍ଶନ ଦେବା ଆରମ୍ଭ କରିବାରୁ ମୁଁ ଆଗ୍ରହୀ ହୋଇଥିଲି ଏବଂ ସ୍ୱତନ୍ତ୍ର ଧ୍ୟାନ ଦେଇଥିଲି। ତାଙ୍କର ବ୍ୟାକ୍‌ହ୍ୟାଣ୍ଡ, ଫୋର୍‌ହ୍ୟାଣ୍ଡ ଶଟ୍ ଭଳି ଆଦି ବହୁତ ଭଲ। ସର୍ଭିସ ଶଟ୍ ଖେଳିବାରେ ଟିକେ ଦୁର୍ବଳତା ଅଛି। ତା' ଉପରେ ମୋତେ କାମ କରିବାକୁ ପଡ଼ିବ। ଏହା ବ୍ୟତୀତ ତାଙ୍କ ଶକ୍ତି ବଢ଼ାଇବା ଉପରେ ମଧ୍ୟ ଧ୍ୟାନ ଦେବାକୁ ହେବ ବୋଲି କହିଛନ୍ତି ଏହି ଦୂରଦ୍ରଷ୍ଟା କୋଚ୍।

### ଆଇଟିଏଫ୍‌ରେ ଖେଳିବେ

୧୨ ବର୍ଷରୁ କମ୍ ବର୍ଗରେ ଆହାନ ଚଳିତ ବର୍ଷ ଶେଷଥର ପାଇଁ ଖେଳିବେ। ୧୩ ବର୍ଷର ହୋଇଗଲେ ନିୟମ ଅନୁସାରେ ଆଇଟିଏଫ୍ ଟୁର୍ନାମେଣ୍ଟଗୁଡ଼ିକରେ ଭାଗନେବେ। ଟେନିସପ୍ରତି ତାଙ୍କର ଉତ୍ସର୍ଗୀକୃତ ମନୋଭାବ ରହିଛି। ସବୁଠାରୁ ବଡ଼କଥା ହେଲା ଜିତିବା ପାଇଁ ମନରେ ପ୍ରବଳ ଭୋକ ରହିଛି। ଏହା ତାଙ୍କୁ ବହୁ ଆଗକୁ ନେଇପାରିବ। ଯାହା ପରାମର୍ଶ ଦେଲେ ଧ୍ୟାନଦେଇ ଶୁଣନ୍ତି ଏବଂ ଶୀଘ୍ର ତାହାକୁ ଗ୍ରହଣ କରିପାରନ୍ତି। ଏହା ଆହାନଙ୍କର ଏକ ଭଲ ଗୁଣ। ତାଙ୍କ ଭବିଷ୍ୟତ ନିଶ୍ଚିତ ଉଜ୍ଜ୍ୱଳ ବୋଲି ଅଜୟ ପ୍ରକାଶ କରିଛନ୍ତି।

### ସଂକ୍ଷେପରେ ...

**ନାମ:** ଆହାନ
**ଜନ୍ମ:** ୨୪ ଏପ୍ରିଲ ୨୦୧୦ (ସର୍ବ ଭାରତୀୟ ଟେନିସ ଆସୋସିଏଶନ ଅନୁସାରେ)
**ଜନ୍ମସ୍ଥାନ:** ଭୁବନେଶ୍ୱର, ଓଡ଼ିଶା
ଶିକ୍ଷାଗତ ଯୋଗ୍ୟତା: ୭ମ ଷ୍ଟାଣ୍ଡାର୍ଡ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, କେଦାରଗୌରୀ, ପୁରୁଣା ଭୁବନେଶ୍ୱର
**ପସନ୍ଦ:** ଟେନିସ ଗେମ୍ ଦେଖିବା ଏବଂ ପରିବାର ସହ ସମୟ କଟାଇବା
ଘରୋଇ ଏକାଡେମୀ/କ୍ଲବ: ଏସ୍ ବେସ୍ ଟେନିସ ଏକାଡେମୀ, ନହରକଣ୍ଟା, ଭୁବନେଶ୍ୱର
**କୋଚ୍:** ଅଜୟ କୁମାର ନିଶଙ୍କ
ଏଆଇଟିଏ ରେଜିଷ୍ଟ୍ରେଶନ ନମ୍ବର: ୪୩୨୪୭୯
ଏଆଇଟିଏ ର୍ୟାଙ୍କିଙ୍ଗ୍: ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ନମ୍ବର-୧ (୨୦୨୨ ମାର୍ଚ୍ଚ ୨୮)

# ଖଲିଙ୍କ ପାଇଁ ବରଦାନ

ସ୍ୱାଗତ ସମ୍ପଦ



**ବେ**ଳେବେଳେ ରୋଗ ବି ବରଦାନ୍ ସଦୃଶ ହୋଇଥାଏ। ଏହି ପ୍ରସଙ୍ଗରେ ଜଣେ ବାସ୍ତବ ଉଦାହରଣ ହେଲେ ଦି ଗ୍ରେଟ୍ ଖଲି ଓରଫ ଦଲିପ ସିଂ ରାଣା। ଜଟିଳ ରୋଗଟିଏ ତାଙ୍କୁ ଆଜି ଯେଉଁ ସୋପାନକୁ ନେଇଯାଇଛି ତାହା କେବେ ସେ ସ୍ୱପ୍ନରେ ବି ଭାବି ନ ଥିବେ। ଦଲିପ ଜନ୍ମରୁ ହରମନ୍ କ୍ଷରଣଜନିତ 'ଆକ୍ରୋମେଗାଲୀ' ନାମକ ଏକ ରୋଗରେ ପୀଡ଼ିତ ଥିଲେ। ଫଳରେ ତାଙ୍କ ଶରୀରର କାୟା ଅସ୍ୱାଭାବିକ ଭାବେ ବୃଦ୍ଧି ଘଟିଥିଲା। ଏହା କିନ୍ତୁ ତାଙ୍କ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଥିଲା। ଆଜି ସେ ବିଶ୍ୱ କୁସ୍ତି ମହାସଂଘ(ଡବ୍ଲ୍ୟୁଡବ୍ଲ୍ୟୁଏଫ୍)ର ବିଶ୍ୱ ହେଭିୱେଟ୍ ଚାମ୍ପିୟନ୍, ବିଶ୍ୱ କୁସ୍ତି ମନୋରଞ୍ଜନ କମ୍ପାନୀ (ଡବ୍ଲ୍ୟୁଡବ୍ଲ୍ୟୁଇ)ର ବିଶ୍ୱ ହେଭିୱେଟ୍ ଟାଇଟଲଧାରୀ ସହ ଜଣେ ଧନଶାଳୀ ବ୍ୟକ୍ତି ହୋଇପାରିଛନ୍ତି।

ଦଲିପଙ୍କ ଜୀବନ ଯାତ୍ରା ନିହାତି ଘଟଣା ବହୁଳ, ଯାହା ଲୋକଙ୍କ ଦୃଷ୍ଟି ଆକର୍ଷଣ କରେ। ମଣିଷ ଦେହରେ ନିର୍ଦ୍ଦିଷ୍ଟ ଏକ ହରମନ୍ କ୍ଷରଣ ବୃଦ୍ଧି ଘଟିଲେ 'ଆକ୍ରୋମେଗାଲୀ' ନାମକ ରୋଗ ସୃଷ୍ଟି ହୁଏ। ରୋଗଟି ଜନ୍ମରୁ ଶିଶୁ ଦେହରେ ଥାଇପାରେ ଅଥବା ଶିଶୁ ବଡ଼ ହେଲା ପରେ ଆକ୍ରାନ୍ତ ହୋଇପାରେ। ଏହି ରୋଗ ରୋଗୀର ଅସ୍ଥି କଙ୍କାଳକୁ ସଂପ୍ରସାରଣ କରେ ଏବଂ ସେହି ଅନୁପାତ୍‌ରେ ମାଂସ ପେଶୀ ବୃଦ୍ଧି ହୋଇଚାଲେ। ଏହା ଏକ ଅସ୍ୱାଭାବିକ ରୋଗ, ଏଣୁ କାଁ ଭାଁ ଲୋକଙ୍କ କ୍ଷେତ୍ରରେ ଦେଖାଯାଏ। ହିମାଚଳପ୍ରଦେଶର ଧିରେନା ସହରର ବାସିନ୍ଦା ହେଲେ ଜ୍ୱାଲାରାମ ରାଣା ଓ ତାଙ୍କ ପତ୍ନୀ ତାଣ୍ଡିଦେବୀ। ଦମ୍ପତିଙ୍କର ୬ ପୁଅ, ଜଣେ ଝିଅ। ପୁଅମାନଙ୍କ ମଧ୍ୟରେ ଦଲିପ ସିଂ ଅନ୍ୟତମ। ୧୯୭୨, ଅଗଷ୍ଟ ୭ରେ ଦଲିପ ଜନ୍ମ ଗ୍ରହଣ କରିଥିଲେ। ଶିଶୁଟି ଆକ୍ରୋମେଗାଲୀରେ ପୀଡ଼ିତ ଥିବାରୁ ତା'ଶରୀର ଅସ୍ୱାଭାବିକ ଭାବେ ବଢ଼ିଥିଲା। ଜ୍ୱାଲାରାମଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିଲା। ପରିବାରର ସମସ୍ତଙ୍କ ତୁଳନାରେ ଦଲିପର ଖାଦ୍ୟ ପରିମାଣ ସର୍ବାଧିକ ଥିଲା। ସେ ସମସ୍ତଙ୍କଠାରୁ ଲମ୍ବା ଏବଂ ବଳିଷ୍ଠ ହେଉଥିଲେ। ଦୈନିକ ଖୋରାକ୍ ଯୋଗାଡ଼ କରିବା ପାଇଁ ଦଲିପ ନିଜ ଶକ୍ତି ସାମର୍ଥ୍ୟକୁ ପୁଞ୍ଜି କରି ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଲାଗିଲେ। ଧିରେନାଁ ସହରର ସଡ଼କ ନିର୍ମାଣ କାମରେ ଲାଗି ପଥର ଭାଙ୍ଗିଲେ। ସେଥିରୁ ଯାହା ଆୟ କଲେ ସବୁତକ ଖାଦ୍ୟ ପଛରେ ଖର୍ଚ୍ଚ କଲେ। ରୋଗ ନିୟନ୍ତ୍ରଣ ପାଇଁ ଔଷଧ ବି କିଣି ସେବନ କରୁଥିଲେ। ଦିନ ଗଡ଼ି ଚାଲିବା ସହ ବଢ଼ିଚାଲିଥିଲା ତାଙ୍କ ଶରୀର। ଉତ୍ତର ଭାରତରେ କୁସ୍ତି ଏକ ଜନାଦୃତ କ୍ରୀଡ଼ା। ତେଣୁ ଦଲିପ ଫ୍ରିଷ୍ଟାଇଲ କୁସ୍ତିରେ ମନ ଦେଇଥିଲେ। ଏଥିରେ ସଫଳତା ଲାଭ କଲେ। ସେ ହିମାଚଳ ପ୍ରଦେଶ ଛାଡ଼ି ପଞ୍ଜାବରେ ଆସି ରହିଲେ। ଉତ୍ତର ଭାରତର ବଡ଼ ବଡ଼ ସହରକୁ ଯାଇ ସୁପର ବଜାର, ଜିମ୍ନାଜିୟମ, କଲେଜ ଓ ସ୍କୁଲରେ କୁସ୍ତି ପ୍ରଦର୍ଶନ କରି ଲୋକଙ୍କୁ ମନୋରଞ୍ଜନ ଯୋଗାଇଲେ। ୧୯୯୬ରେ ଜଳନ୍ଧର ସହରକୁ କାମ ଅନ୍ୱେଷଣରେ ଆସିଥିଲାବେଳେ ଦଲିପର ବିଶାଳ ଶରୀର ଦେଖି ତାଙ୍କୁ ଜଣେ ପୋଲିସ ଅଫିସର ଚଣ୍ଡିଗଡ଼ ନେଇଗଲେ। ଦଲିପ ପୋଲିସ ବାହିନୀରେ ଏଏସଆଇ ନିଯୁକ୍ତି ପାଇଲେ।

ସେ ସମୟରେ ତାଙ୍କ ଉଚ୍ଚତା ୭ଫୁଟ୍ ୧ ଇଞ୍ଚ, ଓଜନ ୧୫୦ କେଜିରୁ ଅଧିକ ଏବଂ ଜୋତାର ସାଇଜ୍ ୨୦ ନମ୍ବର ହୋଇସାରିଥିଲା। ଏତେ ବଡ଼ ଶରୀର ପାଇଁ ପ୍ରଚୁର ଖାଦ୍ୟ ଦରକାର ପଡୁଥିଲା। କେବଳ ଦରମାରେ ଖାଦ୍ୟ କ୍ରୟ ସମ୍ଭବ ନ ହେବାରୁ ଚାକିରି ଛାଡ଼ିଦେଲେ। କୁସ୍ତି ତାଙ୍କ ପାଇଁ ଅଧିକ ଆୟକାରୀ ହେବ ଜାଣି ସେଥିରେ ଧ୍ୟାନ ଦେଲେ। ପଞ୍ଜାବ, ୟୁପି ଓ ମହାରାଷ୍ଟ୍ରର ପ୍ରମୁଖ ସହରକୁ ଯାଇ ଫ୍ରିଷ୍ଟାଇଲ କୁସ୍ତି ପ୍ରଦର୍ଶନ କରିବାକୁ ଲାଗିଲେ। ସଫଳତାରେ ଉତ୍ସାହିତ ହୋଇ ସେ ବିଭିନ୍ନ ଦେଶକୁ ଗଲେ ଏବଂ ପେସାଦାର କୁସ୍ତି ମଞ୍ଚରେ ଚାଲେଞ୍ଜିଂ ବାଉଟ୍ ଲଢିଲେ।

୧୯୯୮ରେ ଦଲିପଙ୍କର ଈପ୍‌ସିତ ଆମେରିକା ଯାତ୍ରା ହୋଇଥିଲା। ଲକ୍ଷ୍ୟ ଥିଲା ବିଶ୍ୱ କୁସ୍ତି ମହାସଂଘ ପକ୍ଷରୁ ଚାମ୍ପିୟନଶିପ୍ ମ୍ୟାଚ୍ ଖେଳିବା। ଦଲିପ ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଦ୍ୱାରା ଆୟୋଜିତ ମ୍ୟାଚରେ ଭାଗ ନେଲେ ଏବଂ ସଫଳ ବି ହେଲେ। ଏହି ପର୍ଯ୍ୟାୟରେ ସେ ହେଭିୱେଟ୍ ଚାମ୍ପିୟନ୍ ଆଖ୍ୟା ଅର୍ଜନ କଲେ। ଆମେରିକାରେ ପ୍ରଥମ ପେସାଦାର ଲଢେଇରେ ସେ ଜଣେ ଅଣ୍ଡରଟେକର୍‌କୁ ମାତ୍ ଦେଇଥିଲେ। ବିଶ୍ୱରେ ସାମରିକ କ୍ରୀଡ଼ାର ପେଣ୍ଠସ୍ଥଳୀ ହେଉଛି ଆମେରିକା। ଲସ୍ ଭେଗାସ ନଗରୀରେ ଦୁନିଆ ଯାକର ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଏଠାରେ ବିଶ୍ୱ କୁସ୍ତି ମନୋରଞ୍ଜନ କମ୍ପାନୀ (ଡବ୍ଲ୍ୟୁଡବ୍ଲ୍ୟୁଇ) ପ୍ରତିଷ୍ଠିତ। ବିଶ୍ୱର ବଡ଼ ବଡ଼ ପେସାଦାର କୁସ୍ତିଯୋଦ୍ଧାଙ୍କ ପାଇଁ ଏଠାରେ ରେସଲ୍ ମାନିଆ ଓ ସ୍ମେକ୍ ଡାଉନ୍ ନାମକ ଦୁଇଟି ମଞ୍ଚ ସକ୍ରିୟ ରହିଛି। କମ୍ପାନୀର କାର୍ଯ୍ୟକ୍ରମ ସାରା ବିଶ୍ୱରେ ପ୍ରସାରିତ। ଦଲିପଙ୍କର ପ୍ରାରମ୍ଭିକ ସମସ୍ୟା ଥିଲା କଥିତ ଭାଷା। ଏଣୁ ତାଙ୍କ ପାଇଁ ମଧ୍ୟସ୍ଥମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିଲେ। କ୍ରମେ ଦଲିପ କୃତିତ୍ୱ ହାସଲ କରି ଆମେରିକାରେ ନିଜ ପରିଚୟ ପ୍ରତିଷ୍ଠା କଲେ। ଆମେରିକାରେ ନିଜ ଉପସ୍ଥିତି ବଢାଇବା ସହ ଡବ୍ଲ୍ୟୁଡବ୍ଲ୍ୟୁଇ କମ୍ପାନୀରେ ଯୋଡ଼ି ହେବାକୁ ଲକ୍ଷ୍ୟ ରଖିଲେ। ଡବ୍ଲ୍ୟୁଡବ୍ଲ୍ୟୁଇ ପ୍ରାୟୋଜିତ କୁସ୍ତି ମ୍ୟାଚଗୁଡ଼ିକ ବୈଧ ନୁହେଁ। ଏହା କେବଳ ଏକ ମନୋରଞ୍ଜନ ଧର୍ମୀ ସଂଘର୍ଷ। ତେବେ ଏହି ମ୍ୟାଚଗୁଡ଼ିକରେ ଏପରି ଦାଓପେଞ୍ଚ୍ ରହିଛି, ଯାହାକୁ ଯୋଦ୍ଧା ପ୍ରୟୋଗ ନ କଲେ ଗୁରୁତର ଆହତ ହେବା କିମ୍ବା ମୃତ୍ୟୁ ଘଟିବା ଆଶଙ୍କା ଥାଏ। ଡବ୍ଲ୍ୟୁଡବ୍ଲ୍ୟୁଇର କଣ୍ଟିନେଣ୍ଟାଲ ରେସଲିଂ ଏଣ୍ଟରଟେନ୍‌ମେଣ୍ଟ ନାମକ ଏକ ଶାଖା କମ୍ପାନୀ ରହିଛି। ଦଲିପ ଏହି କମ୍ପାନୀର କୁସ୍ତି ମଞ୍ଚରେ ଫାଇଟ୍ ଲଢି ନିଜକୁ ପ୍ରସ୍ତୁତ ରଖିଲେ। ଦଲିପଙ୍କ ବିଶାଳ ଶରୀରକୁ ହଲିଉଡ୍ ଫିଲ୍ମ ନିର୍ମାତାମାନେ ଉପଯୋଗ କରିଥିଲେ। ଏଭଳି ଧାରା ଚାଲିଲା ୨୦୦୬ ଯାଏ। ଏହି ବର୍ଷ ଡବ୍ଲ୍ୟୁଡବ୍ଲ୍ୟୁଇ କମ୍ପାନୀର ଦ୍ୱାର ଦଲିପଙ୍କ ପାଇଁ ଖୋଲିଯାଇଥିଲା। ସେ ଜଣେ ଚାଲେଞ୍ଜର ଭାବେ କମ୍ପାନୀରେ ନିଯୁକ୍ତି ପାଇଲେ। ଏହାପୂର୍ବରୁ ଏସିଆ ମହାଦେଶର କୌଣସି ରେସଲର୍ ଏଥିରେ ନିଯୁକ୍ତି ପାଇ ନ ଥିଲେ। ଦଲିପଙ୍କ ଅପରାଜେୟ କୁସ୍ତି ଲଢେଇ ଯୋଗୁ ତାଙ୍କ ଷ୍ଟେଜ୍ ନାମ 'ଦି ଗ୍ରେଟ୍ ଖଲି'କୁ ବଦଳିଯାଇଥିଲା। ସେହି ସମୟର ଚାମ୍ପିୟନ୍ ରେସଲର ସନ୍ ମିଚେଲ୍ସ, ଜନସେନା, ବତିସ୍ତା ପ୍ରମୁଖ ଖଲିଙ୍କ ହାତରେ ପଦାନତ ହୋଇଥିଲେ। ଖଲି ଡବ୍ଲ୍ୟୁଡବ୍ଲ୍ୟୁଇ କମ୍ପାନୀରେ ୯ ବର୍ଷ କଟାଇଥିଲେ। ୨୦୧୪ରେ ତାଙ୍କ ଚୁକ୍ତି ମିଆଦ ସରିଯାଇଥିଲା। ଏହି ସମୟରେ ଖଲି କମ୍ପାନୀରୁ ଦରମା ବାବଦକୁ ୯୭୪, ୦୦୦ୟୁଏସ୍ ଡଲାର ଏବଂ ବର୍ଷକୁ ୬ ନିୟୁତ ଡଲାର ଲେଖା ଆୟ କରୁଥିଲେ। ବର୍ଷକୁ ବୋନସ ବାବଦରେ ୩ଲକ୍ଷ ଡଲାର ପାଉଥିଲେ।

ଖଲିଙ୍କର ହାର୍ ଜିତ୍ ସଂଖ୍ୟା ଦେଖିଲେ ସେ ଅର୍ଜନ କରିଥିବା ଦି ଗ୍ରେଟ୍ ଆଖ୍ୟାର ଯଥାର୍ଥତା ପ୍ରମାଣିତ ହୋଇଥାଏ। ଡବ୍ଲ୍ୟୁଡବ୍ଲ୍ୟୁଇରେ ସେ ରେକର୍ଡ ୭୦୫ଟି ମ୍ୟାଚ ଖେଳିଥିଲେ। ସେଥିରୁ ୪୫୬ଟି ମ୍ୟାଚରେ ବିଜୟୀ ହୋଇଥିଲେ ଓ ୨୪୯ଟିରେ ପରାଜୟ ଭୋଗିଥିଲେ। ଡବ୍ଲ୍ୟୁଡବ୍ଲ୍ୟୁଇ ପକ୍ଷରୁ ୨୦୨୧ମସିହାରେ ତାଙ୍କୁ ହେଭିୱେଟ୍ ଟାଇଟଲ୍ ପ୍ରଦାନ କରାଯାଇଥିଲା। ଏସିଆରେ ଏହି ମର୍ଯ୍ୟାଦା ହାସଲରେ ଖଲି ପ୍ରଥମ। ଡବ୍ଲ୍ୟୁଡବ୍ଲ୍ୟୁଇ ହଲ୍ ଅଫ୍ ଫେମ୍‌ରେ ତାଙ୍କୁ ସାମିଲ କରାଯାଇଛି। ୨୦୧୭, ଜୁଲାଇ ୩୧ରେ ଡବ୍ଲ୍ୟୁଡବ୍ଲ୍ୟୁଇ ପକ୍ଷରୁ ଇଣ୍ଟର କଣ୍ଟିନେଣ୍ଟାଲ ବେଟଲ ରୟାଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଲି ଭାଗ ନେଇଥିଲେ। ସେହିପରି ଅକ୍ଟୋବରରେ ସ୍ମେକ୍ ଡାଉନ୍ ମଞ୍ଚରେ ଆୟୋଜିତ ଏକ ବାଉଟ୍‌ରେ ସେ ଲଢ଼ିଥିଲେ। ଖଲିଙ୍କର ଏହା ଥିଲା ଡବ୍ଲ୍ୟୁଡବ୍ଲ୍ୟୁଇ ମଞ୍ଚରେ ଶେଷ ଲଢ଼େଇ। ୨୦୧୭, ନଭେମ୍ବରରେ ଡବ୍ଲ୍ୟୁଡବ୍ଲ୍ୟୁଇ ସହିତ ଖଲିଙ୍କର ଚୁକ୍ତି ମିଆଦ ସରିଯାଇଥିଲା। ଉକ୍ତ ବର୍ଷ ଖଲି ଭାରତ ଫେରିଆସି ସାମାଜିକ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ। ଜଳନ୍ଧର ନିକଟବର୍ତ୍ତୀ କଙ୍ଗ୍‌ନିୱାଲ ଗାଁରେ ପେସାଦାର କୁସ୍ତି ତାଲିମ କେନ୍ଦ୍ର ପ୍ରତିଷ୍ଠା ସହ ଉତ୍ସାହୀ କୁସ୍ତିଖେଳାଳିମାନଙ୍କୁ ତାଲିମ ଦେବା ଆରମ୍ଭ କଲେ। ୫୦ବର୍ଷୀୟ ଖଲିଙ୍କର ଏବେ ଓଜନ ୧୫୭କେଜିରୁ ଅଧିକ। ହରମିନ୍ଦର କୌର ନାମ୍ନୀ ଜଣେ ମହିଳାଙ୍କୁ ସେ ବିବାହ କରିଥିଲେ।



ସ୍ତ୍ରୀ ହରମିନ୍ଦର କୌରଙ୍କ ସହ ଖଲି।

## ହିରୋ ଜିରୋ

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଟାଇଟଲ
ଅଧୁରା ରହିଲା ଆଶା
ଶୁଟ୍ ଆଉଟ୍‌ରେ ମୀମାଂସା ମ୍ୟାଚ୍‌ରେ
ଦେଶ ହେଲା ଲୋକହସା
ଉଭୟଙ୍କୁ ସମଦଶା
ଇଣ୍ଡିଆନ ଲେଡି ଜେଣ୍ଟ୍ସ ହକି ଦଳ
ତୃତୀୟ ସ୍ଥାନରେ ଧୂସା।

ଏକ କି.ମି. ଟାଇମ୍ ଟ୍ରାଏଲ୍ ସ୍ପ୍ରିଣ୍ଟ
ଇଭେଣ୍ଟରେ ମାରି ତୀର
ଏସିଆନ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ
ସାଇକ୍ଲିଷ୍ଟ ରୋନାଲ୍ଡୋ ହିରୋ
ରୁପା ଏଠି ସୁନା ଦର
ଫାଷ୍ଟ ଇଣ୍ଡିଆନ ଭାବେ ପ୍ରଥମ ଏ
ଦେଶ ପାଇଁ ଉପହାର।

କାନାଡ଼ିଆନ ଗ୍ରାଁ ପ୍ରି ମୋଟର ରେସ୍‌ଜିତି
ହିରୋ ଭର୍ଷ୍ଟାପେନ ନାଲି
ଆମ ଏଠି ଲୋକ ପେଟ୍ରୋଲ ପୋଡ଼ନ୍ତି
ହାତେ ନ ପାରନ୍ତି ଚାଲି
ମୋବାଇଲ, ମଦ ପାଲି
ଯୁବ ସମାଜକୁ ଜିରୋ କରିଅଛି
ଫ୍ୟୁଚର ଖାଏ ଚୁଲି।

-ସୁବାସ ଚନ୍ଦ୍ର ପ୍ରଧାନ

# ମାନିଲା ବୈଠକରେ ଯୋଗଦେଲେ ଅଚ୍ୟୁତ



ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଅନ୍ୟ କର୍ମକର୍ତ୍ତାଙ୍କ ସହ ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୨୩।୬ (କ୍ରୀଡ଼ା ପ୍ରତିନିଧି):** ଫେଡେରେଶନ ଇଣ୍ଟରନ୍ୟାଶନାଲ ଭଲିବଲ (ଏଫ୍‌ଆଇଭିବି)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଫିଲିପାଇନ୍ସର ମାନିଲାଠାରେ ଗୁରୁବାର ଆରମ୍ଭ ହୋଇଛି। ଏଫ୍‌ଆଇଭିବିର ଆମନ୍ତ୍ରଣ କ୍ରମେ ଭାରତୀୟ ଭଲିବଲ ସଂଘ (ଭିଏଫ୍‌ଆଇ)ର ସଭାପତି ଅଚ୍ୟୁତ ସାମନ୍ତ ଏହି ବୈଠକରେ ଯୋଗ ଦେଇଛନ୍ତି। ପ୍ରଥମଥର ଲାଗି ଭାରତୀୟ ଭଲିବଲ ସଂଘର ସଭାପତି ଭାବେ ଅଚ୍ୟୁତ ଏଥିରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

**ଭାରତରେ ଭଲିବଲ୍‌ର ବିକାଶ ପାଇଁ ପ୍ରୟାସ**

୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏଫଆଇଭିବିର ବାର୍ଷିକ ସାଧାରଣ ପରିଷଦ ବୈଠକରେ ୨୨୨ ଦେଶର ଭଲିବଲ ସଂଘ ସଭାପତି ଯୋଗ ଦେଇଛନ୍ତି। ଏହି ବୈଠକରେ ଯୋଗଦେବା ଅବସରରେ ଅଚ୍ୟୁତ ଏଫ୍‌ଆଇଭିବିର ସଭାପତି ଆରି ଗ୍ରାକା ଓ ମହାନିର୍ଦ୍ଦେଶକ ଫାବିଓ ଆଜେଭେଦୋଙ୍କୁ ବ୍ୟକ୍ତିଗତ ଭାବେ ଭେଟିଥିଲେ। ଭାରତରେ ଭଲିବଲକୁ ଲୋକପ୍ରିୟ କରାଇବା ସହ ଏହାର ବିକାଶ ଓ ପ୍ରସାର ନେଇ ଆରି ଗ୍ରାକା ଓ ଫାବିଓଙ୍କ ସହ ସେ ଆଲୋଚନା କରିଥିଲେ। ଭାରତରେ ଭଲିବଲର ବିକାଶ ଦିଗରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଆର ଗ୍ରାକା ଓ ଫାବିଓ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ଯୋଗ ଦେଇଥିବା ଭଲିବଲ ସଂଘର ସଭାପତିଙ୍କ ସହ ମଧ୍ୟ ଅଚ୍ୟୁତ ସାକ୍ଷାତ ଆଲୋଚନା କରିଥିଲେ। ଅଚ୍ୟୁତଙ୍କ ସହ ଭାରତୀୟ ଭଲିବଲ ସଂଘର ସହ-ସମ୍ପାଦକ ତଥା ଓଡ଼ିଶା ଭଲିବଲ ଆସୋସିଏସନ ସମ୍ପାଦକ ଗଗନେନ୍ଦୁ ଦାଶ ମଧ୍ୟ ମାନିଲା ଯାତ୍ରା କରିଛନ୍ତି।

# ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ଓଡ଼ିଶାର ପ୍ରବେଶ

**ଭୁବନେଶ୍ୱର, ୨୩।୬ (ସ୍ପୋର୍ଟ୍ସ ବ୍ୟୁରୋ)**

ଖୋ ଖୋକୁ କ୍ୟାରିୟର କରୁଥିବା ଓଡ଼ିଶା ଖେଳାଳିଙ୍କ ପାଇଁ ଭଲ ଖବର। ନିକଟରେ ହେବାକୁଥିବା ଅଲ୍‌ଟିମେଟ୍ ଖୋ ଖୋ ଲିଗ୍ (ୟୁକେକେ)କୁ ପ୍ରୋତ୍ସାହିତ କରିବା ଲାଗି ଓଡ଼ିଶା ସରକାର ଆଗ୍ରହ ଦେଖାଇଛନ୍ତି। ଫଳସ୍ୱରୂପ ଏହି ପ୍ରଫେଶନାଲ ଲିଗ୍‌ରେ ଏକ ଟିମ୍‌ର ମାଲିକାନା ଗ୍ରହଣ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ସ୍ପୋର୍ଟ୍ସ ଡେଭଲେପମେଣ୍ଟ ଆଣ୍ଡ୍ ପ୍ରମୋଶନ କମ୍ପାନୀ (ଓଏସ୍‌ଡିପିସି) ମାଲିକାନାରେ ଏହି ଦଳ ଆଗାମୀ ଲିଗ୍‌ରେ ୫ମ ଦଳ ଭାବେ ଯୋଗ ଦେବ। ନିକଟରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ରାଜ୍ୟ ବାଳିକା ଓ ବାଳକ ଦଳ ରୌପ୍ୟ ଜିତିବା ପରେ ଆଗାମୀ ଦିନରେ ଟୁର୍ନାମେଣ୍ଟରେ ଓଡ଼ିଶାର ନିଜସ୍ୱ ଏକ ଦଳ ଭାଗ ନେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଖୋଖୋ ଏକ ପାରମ୍ପରିକ ଖେଳ। ଓଡ଼ିଶାର ବହୁ ଅଞ୍ଚଳରେ ଏହା ଖୁବ୍ ଲୋକପ୍ରିୟତା ଅର୍ଜନ କରିଛି। ଏହି ଖେଳରେ ଆମ ରାଜ୍ୟର ଉଭୟ ବାଳିକା ଓ ବାଳକ ଦଳ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରୁଛି। ରାଜ୍ୟରେ ଏହି ଖେଳର ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି। ଏହି ଦୃଷ୍ଟିରୁ ଆମେ ଖୋ ଖୋ ଲିଗ୍‌ରେ ଅଂଶଗ୍ରହଣ ଲାଗି ନିଷ୍ପତ୍ତି ନେଇଛୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ପୋର୍ଟ୍ସ ଇନ୍ ଓଡ଼ିଶାର ଏହା ଏକ ଅଂଶବିଶେଷ ବୋଲି ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଏକ ଇସ୍ତାହାରରେ ପ୍ରକାଶ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ସରକାର ବିଗତ କିଛି ବର୍ଷ ଧରି କେବଳ ଦେଶର ପ୍ରମୁଖ କ୍ରୀଡ଼ା ଇଭେଣ୍ଟଗୁଡ଼ିକର ଆୟୋଜନ କରିନାହାନ୍ତି ବରଂ ବିଶ୍ୱଶ୍ରେଣୀୟ ବହୁବିଧ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିଛନ୍ତି। ଅଗ୍ରଣୀ ଷ୍ଟିଲ ନିର୍ମାତା କମ୍ପାନୀ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଲିମିଟେଡ୍ ସହ ସହବନ୍ଧିତ ହୋଇ ଓଏସ୍‌ଡିପିସି ଅଲ୍‌ଟିମେଟ ଖୋ ଖୋରେ କାର୍ଯ୍ୟ କରିବ। ଏହି ପରିପ୍ରେକ୍ଷୀରେ ଅଲ୍‌ଟିମେଟ ଖୋ ଖୋର ସିଇଓ ତେନ୍‌ଜିଂ ନିଓଗି କହିଛନ୍ତି, ଭାରତରେ କ୍ରୀଡ଼ା ବିବର୍ତ୍ତନକୁ ମଜଭୁତ କରିବାରେ ସ୍ପୋର୍ଟ୍ସ ଓଡ଼ିଶା ମୁଖ୍ୟ ଭୂମିକା ଗ୍ରହଣ କରିଛି। ଅଲ୍‌ଟିମେଟ ଖୋ ଖୋ ପୂର୍ବରୁ ୪ଟି ଫ୍ରାଞ୍ଚାଇଜ୍ ଘୋଷଣା କରିସାରିଛି। କର୍ପୋରେଟ ଜାଏଣ୍ଟ ଆଦାନୀ ଗ୍ରୁପ୍ ଓ ଜିଏମ୍‌ଆର ଗ୍ରୁପ୍ ଗୁଜରାଟ ଓ ତେଲଙ୍ଗାନା ଫ୍ରାଞ୍ଚାଇଜ୍ ନେଇଥିବା ବେଳେ କ୍ୟାପ୍ରି ଗ୍ଲୋବାଲ ଓ କେଏଲ୍‌ଓ ସ୍ପୋର୍ଟ୍ସ ରାଜସ୍ଥାନ ଏବଂ ଚେନ୍ନାଇ ଟିମ୍‌ର ମାଲିକ ଅଟନ୍ତି। ପ୍ରକାଶଯୋଗ୍ୟ ଯେ, ଏହା ପୂର୍ବରୁ ୨୦୧୩ରୁ ଓଡ଼ିଶା ମାଲିକାନାରେ ଏକ ଦଳ କଳିଙ୍ଗ ଲାନ୍ସର୍ସ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ପ୍ରତିନିଧିତ୍ୱ କରି ଆସୁଛି। ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ରେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଖେଳୁଛି।

**ଏକ ଫ୍ରାଞ୍ଚାଇଜ୍ ଟିମ୍‌ର ମାଲିକ ହେବ**

# ଟି୨୦: ମହିଳା କ୍ରିକେଟ ଦଳର ବିଜୟ

**ଡାମ୍ବୁଲା, ୨୩।୬:** ଏଠାରେ ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୩୪ ରନ୍‌ରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଏହି ବିଜୟ ସହ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୩୮ ରନ୍ କରିଥିବା ବେଳେ ଘରୋଇ ଶ୍ରୀଲଙ୍କା ୫ ଉଇକେଟ ହରାଇ ୧୦୪ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଟସ୍ ଜିତି ବ୍ୟାଟିଂ କରିଥିବା ଭାରତୀୟ ଦଳକୁ ଆରମ୍ଭରୁ ଡବଲ ଝଟକା ଲାଗିଥିଲା। ଚତୁର୍ଥ ଓଭରରେ କ୍ରମାଗତ ବଲରେ ସ୍ମୃତି ମନ୍ଧାନା (୧) ଓ ସାବିନେନି ମେଘନା (୦) ଆଉଟ୍ ହୋଇଥିଲେ। ତାଙ୍କ ପରେ ପ୍ୟାଭିଲିଅନ ଫେରିଥିଲେ ୩୧ ବଲରେ ୩୧(୪ ଚୌକା) ରନ୍ କରିଥିବା ଶେଫାଳୀ ବର୍ମା। ଅଧିନାୟକ ହରମନ(୨୨ ରନ, ୩ ଚୌକା) ମଧ୍ୟ କିଛି ଖାସ କରିପାରି ନ ଥିଲେ। ଭାରତୀୟ ଦଳ ୧୭ ଓଭରରେ ୧୦୬ ରନ୍‌ରେ ପ୍ରମୁଖ ୬ ବ୍ୟାଟରଙ୍କ ଉଇକେଟ ହରାଇ ସଙ୍କଟରେ ଥିଲା। ଅନ୍ତିମ ୩ ଓଭରରେ ଦଳକୁ ଭଲ ଫିନିଶିଂ ପ୍ରଦାନ କରିଥିଲେ ଜେମିମା ରୋଡ୍ରିଗୁଏଜ ଓ ଦୀପ୍ତି ଶର୍ମା। ରୋଡ୍ରିଗୁଏଜ ୨୭ ବଲରେ ୩୬ (୩ ଚୌକା ଓ ୧ ଛକା) ଓ ଦୀପ୍ତି ୮ ବଲରେ ୧୭ (୩ ଚୌକା) ରନ୍ କରି ଅପରାଜିତ ଥିଲେ। ଯାହା ଫଳରେ ଭାରତ ୨୦ ଓଭରରେ ୬ ଉଇକେଟରେ ୧୩୮ ରନ୍ କରିପାରିଥିଲା। ଘରୋଇ ଦଳ ପାଇଁ ରାଣାୱିରା ୩ ଏବଂ ରାଣାସିଂଘେ ୨ ଉଇକେଟ ନେଇଥିଲେ। ଜବାବରେ ପ୍ରାରମ୍ଭିକ ବିପର୍ଯ୍ୟୟ ଏବଂ ଭାରତୀୟ ବୋଲରଙ୍କ ମାପଚୁପ୍ ବୋଲିଂ ଯୋଗୁ ଶ୍ରୀଲଙ୍କା କଦାପି ଆବଶ୍ୟକ ରନ୍ ହାର ପାଖାପାଖି ପହଞ୍ଚି ପାରି ନ ଥିଲା। ଘରୋଇ ଦଳ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୫ ଉଇକେଟ ହରାଇ ୧୦୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଶ୍ରୀଲଙ୍କା ପକ୍ଷରୁ କାବିଶା ଦିଲହାରୀ ୪୭ ରନ୍ କରି ନଟଆଉଟ୍ ଥିଲେ। ବିଜୟୀ ଦଳ ପାଇଁ ରାଧା ଯାଦବ ଦୁଇ ଉଇକେଟ ନେଇଥିବା ବେଳେ ଦୀପ୍ତି, ପୂଜା ଏବଂ ଶେଫାଳୀ ଗୋଟିଏ ଲେଖାଏ ସଫଳତା ଅର୍ଜନ କରିଥିଲେ।



ଜେମିମା ରୋଡ୍ରିଗୁଏଜ

## ୱାର୍ମଅପ୍: ସମ୍ମାନ ରଖିଲେ ଭରତ

**ଲିସେଷ୍ଟର, ୨୩।୬:** ସ୍ଥାନୀୟ ଗ୍ରେସ୍ ରୋଡଠାରେ ଭାରତ ଓ ଲିସେଷ୍ଟର ମଧ୍ୟରେ ଗୁରୁବାରଠାରୁ ୪ ଦିନିଆ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୪୮ ରନ୍‌ରେ ୭ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଅଧିନାୟକ ରୋହିତ ଶର୍ମା (୨୫), ଶୁବମନ ଗିଲ (୨୧), ହନୁମା ବିହାରୀ (୩), ଶ୍ରେୟାସ ଆୟାର (୦), ରବୀନ୍ଦ୍ର ଜାଡେଜା (୧୩), ପୂର୍ବତନ ଅଧିନାୟକ ବିରାଟ କୋହଲି (୩୩ ରନ୍, ୪ ଚୌକା ଓ ୧ ଛକା), ଶାର୍ଦ୍ଦୂଳ ଠାକୁର (୬) ବିଫଳ ହୋଇଥିଲେ। ଏଭଳି ପରିସ୍ଥିତିରେ ଯୁବ ଉଇକେଟକିପର ଶ୍ରୀକର ଭରତ ଓ ଉମେଶ ଯାଦବ(୨୩) ୮ମ ଉଇକେଟରେ ୬୬ ରନ୍ ଯୋଡ଼ି ଦଳୀୟ ସ୍କୋରକୁ ୨୦୦ ପାର କରାଇ ସମ୍ମାନ ରକ୍ଷା କରିଥିଲେ। ବର୍ଷା ବାଧକ ସାଜିବାରୁ ପ୍ରାୟ ୩୦ ଓଭର ପୂର୍ବରୁ ଖେଳ ସମାପ୍ତ କରାଯାଇଥିଲା। ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୮ ଉଇକେଟ ହରାଇ ୨୪୬ ରନ୍ କରିଥିଲା। ଭରତ ୭୦ (୮ ଚୌକା ଓ ୧ ଛକା) ଓ ମହମ୍ମଦ ଶାମି ୧୮ (୮ ଚୌକା ଓ ୧ ଛକା) ରନ୍ କରି ଅପରାଜିତ ଅଛନ୍ତି। ଘରୋଇ ଲିସେଷ୍ଟର ପକ୍ଷରୁ ରୋମାନ ୱାକର ୫ ଉଇକେଟ ନେଇଥିବା ବେଳେ ପ୍ରସିଦ୍ଧା କ୍ରିଷ୍ଣା ଗୋଟିଏ ଉଇକେଟ ହାତେଇଛନ୍ତି।

# ଓଡ଼ିଶା ଦଳରେ କିସ୍‌ର କାହ୍ନୁ, ଟିକେଶ୍ୱର



କାହ୍ନୁ ସୋରେନ ଓ ଟିକେଶ୍ୱର ମାଝି।

**ଜାତୀୟ ସବ୍‌ଜୁନିୟର ସନ୍ତରଣ**

**ଭୁବନେଶ୍ୱର, ୨୩।୬ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟର ରାଜକୋଟଠାରେ ଶୁକ୍ରବାରଠାରୁ ୨୬ ତାରିଖ ପର୍ଯ୍ୟନ୍ତ ୩୮ତମ ଜାତୀୟ ସବ୍ ଜୁନିୟର ଆକ୍ୱାଟିକ୍/ସନ୍ତରଣ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ କିସ୍‌ର ୨ ସନ୍ତରଣକାରୀ କାହ୍ନୁ ସୋରେନ ଓ ଟିକେଶ୍ୱର ମାଝି ଓଡ଼ିଶା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବେ। କାହ୍ନୁ ୫୦ ମିଟର ବଟରଫ୍ଲାଏ, ବ୍ରେଷ୍ଟଷ୍ଟ୍ରୋକ୍, ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍, ୨୦୦ ମିଟର ମିଡ୍‌ଲେ, ୪୦୦ ମିଟର ଫ୍ରିଷ୍ଟାଇଲ ଏବଂ ୪X୫୦ ମିଟର ଫ୍ରିଷ୍ଟାଇଲ୍ ରିଲେରେ ଅଂଶଗ୍ରହଣ କରିବେ। ଟିକେଶ୍ୱର ୫୦ ମିଟର ଫ୍ରିଷ୍ଟାଇଲ, ୧୦୦ ମିଟର ଫ୍ରିଷ୍ଟାଇଲ, ୨୦୦ ମିଟର ଫ୍ରିଷ୍ଟାଇଲ ଏବଂ ୪X୫୦ ମିଟର ଫ୍ରିଷ୍ଟାଇଲ୍ ରିଲେରେ ଭାଗନେବେ। କଳିଙ୍ଗ ଷ୍ଟାଡିୟମରେ ଗତ ମେ’ରେ ଅନୁଷ୍ଠିତ ୬୨ତମ ଓଡ଼ିଶା ରାଜ୍ୟ ସୁଇମିଂ ଚାମ୍ପିୟନଶିପ୍‌ରେ ପ୍ରଦର୍ଶନ ଭିତ୍ତିରେ ଏ ଦୁଇ ସନ୍ତରଣକାରୀ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଆଗାମୀ ପ୍ରତିଯୋଗିତା ପାଇଁ ଦୀପଙ୍କର ଦାସ ଓଡ଼ିଶା ଦଳର ପ୍ରଶିକ୍ଷକ ମନୋନୀତ ହୋଇଛନ୍ତି। କିଟ୍ ଓ କିସ୍‌ର ପ୍ରତଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଉକ୍ତ ଖେଳାଳି ଓ କୋଚ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଇଟାଲୀଠାରୁ ହାରିଲା ଭାରତ

**ଉଡିନେ (ଇଟାଲୀ), ୨୩।୬ (ପି.ଟି.):** ସ୍ଥାନୀୟ ଗ୍ରାଣ୍ଡିସ୍କୋ ଡି’ଲ୍‌ସୋଞ୍ଜୋ ଷ୍ଟାଡିୟମରେ ଚାଲିଥିବା ୧୭ ବର୍ଷରୁ କମ୍ ମହିଳା ଚତୁଃରାଷ୍ଟ୍ରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତ ଏହାର ଓପନିଂ ମ୍ୟାଚରେ ଇଟାଲୀଠାରୁ ଶୋଚନୀୟ ୦-୭ ଗୋଲରେ ପରାସ୍ତ ହୋଇଛି। ଆସନ୍ତା ଅକ୍ଟୋବର-ନଭେମ୍ବରରେ ଭାରତରେ ହେବାକୁ ଥିବା ୧୭ବର୍ଷରୁ କମ୍ ମହିଳା ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଭାରତୀୟ ଦଳର ଦକ୍ଷତା ବୃଦ୍ଧି ପାଇଁ ବିଦେଶ ଟୁର୍‌ର ଆୟୋଜନ କରିଛି। ଏହି ଅବସରରେ ଦଳ ଦୁଇଟି ଟୁର୍ନାମେଣ୍ଟରେ ଭାଗ ନେବ।

# ଭାରତୀୟ ମହିଳା ହକି ଦଳ ଘୋଷିତ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

**ସବିତା ଅଧିନାୟିକା, ଦୀପ୍ ଗ୍ରେସ୍ ଏକ୍କା ଉପ-ଅଧିନାୟିକା**

**ନୂଆଦିଲ୍ଲୀ, ୨୩।୬ (ପି.ଟି.)**

ଆସନ୍ତା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଗୁରୁବାର ୧୮ ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷିତ ହୋଇଛି। ତାରକା ଷ୍ଟ୍ରାଇକର ରାଣୀ ରାମପାଲ ଆହତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ନ ଥିବାରୁ ଦଳରେ ସ୍ଥାନ ପାଇ ନାହାନ୍ତି। ଗୋଲକିପର ସବିତା ପୁନିଆ ଅଧିନାୟିକା ଓ ଓଡ଼ିଶା ଡିଫେଣ୍ଡର ଦୀପ୍ ଗ୍ରେସ୍ ଏକ୍କା ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। ଓଡ଼ିଶାର ଏକମାତ୍ର ଖେଳାଳିଭାବେ ଦୀପ୍ ଗ୍ରେସ୍ ସୁଯୋଗ ପାଇଛନ୍ତି। ବର୍ମିଂହାମଠାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜୁଲାଇ ୧ରୁ ୧୭ ପର୍ଯ୍ୟନ୍ତ ହେବାକୁଥିବା ହକି ବିଶ୍ୱକପ ପାଇଁ ମଧ୍ୟ ସବିତା ଓ ଦୀପ୍ ଗ୍ରେସ୍ ସମାନ ଦାୟିତ୍ୱରେ ଅଛନ୍ତି। ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କ ମଧ୍ୟରେ ୩ ପରିବର୍ତ୍ତନ କରାଯାଇଛି। ୨ ନମ୍ବର ଗୋଲକିପରଭାବେ ବିଚୁ ଦେବୀ ଖାରିବାମ୍‌ଙ୍କ ସ୍ଥାନରେ ରଜନୀ ଇଟିମାରପୁ ସ୍ଥାନ ପାଇଥିବାବେଳେ ସୋନିକାଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଦଳରୁ ବାଦ୍ ଦିଆଯାଇଛି। ବିଶ୍ୱକପ ପାଇଁ ରିପ୍ଲେସମେଣ୍ଟ ଖେଳାଳି ଦାୟିତ୍ୱରେ ଥିବା ସଙ୍ଗୀତା କୁମାରୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଘୋଷିତ ମୁଖ୍ୟ ଦଳରେ ସ୍ଥାନ ପାଇଛନ୍ତି। ଭାରତୀୟ ଦଳ ପୁଲ୍ ‘ଏ’ରେ ଇଂଲଣ୍ଡ, କାନାଡ଼ା, ୱେଲ୍ସ ଓ ଘାନା ସହିତ ସ୍ଥାନ ପାଇଛି। ଜୁଲାଇ ୨୯ରେ ଘାନା ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ‘‘ରାଜ୍ୟଗୋଷ୍ଠୀ କ୍ରୀଡ଼ାପାଇଁ ଏକ ଅଭିଜ୍ଞ ଦଳ ମନୋନୟକ କରାଯାଇଛି। ଏଥର ପଦକ ଜିତିବା ସମ୍ଭାବନା ଉଜ୍ଜ୍ୱଳ ରହିଥିବା ଖେଳାଳିମାନେ ବିଶ୍ୱାସ କରୁଛନ୍ତି’’ ବୋଲି ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ପ୍ରକାଶ କରିଛନ୍ତି।



ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ମନୋନୀତ ଭାରତୀୟ ମହିଳା ହକି ଦଳ।

**ଭାରତୀୟ ଦଳ**

**ଗୋଲକିପର:** ସବିତା (ଅଧିନାୟିକା), ରଜନୀ ଇଟିମାରପୁ। **ଡିଫେଣ୍ଡର:** ଦୀପ୍ ଗ୍ରେସ୍ ଏକ୍କା (ଉପ-ଅଧିନାୟିକା), ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା। **ମିଡ୍‌ଫିଲ୍ଡର:** ନିଶା, ସୁଶିଳା ଚାନୁ ପୁଖରାମବାମ, ମୋନିକା, ନେହା, ଜ୍ୟୋତି, ନବଜୋତ କୌର, ସାଲିମା ଟେଟେ। **ଫରୱାର୍ଡ:** ବନ୍ଦନା କାଟରିଆ, ଲାଲରେମସିଆମି, ନବନୀତ କୌର, ଶର୍ମିଳା ଦେବୀ, ସଙ୍ଗୀତା କୁମାରୀ।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ବେଲେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ଅସ୍ତରଙ୍ଗ,୨୩।୬(ଡି.ଏନ୍.ଏ.): ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଛୁରିଅନା ଗ୍ରାମପଞ୍ଚାୟତର ଶ୍ରୀବନ୍ତପୁର ଗ୍ରାମରେ ନୂତନ ନିର୍ମାଣ ହୋଇଥିବା ବେଲେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗୁରୁବାର ଆରମ୍ଭ ହୋଇଯାଇଛି। ପଣ୍ଡିତ ସନ୍ତୋଷ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ୪ ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ୭ଜଣ ବିଦ୍ୱାନ୍ ପଣ୍ଡିତଙ୍କ ମନ୍ତ୍ର ଧ୍ୱନୀ ପ୍ରକମ୍ପିତ ହେବ। ଉତ୍ସବରେ ପ୍ରଥମ ଦିବସରେ ଅଧିବାସ ଓ ଅଙ୍କୁରାରୋପଣ, ଦ୍ୱିତୀୟରେ କଳସଯାତ୍ରା ଓ ଅଗ୍ନି ସ୍ଥାପନା, ତୃତୀୟ ଦିନରେ ସୂର୍ଯ୍ୟପୂଜା ଓ ଶେଷ ଦିନରେ ପିଣ୍ଡିକା ରୋପଣ ସହ ପୂର୍ଣ୍ଣାହୁତି କରାଯିବ। ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗଦେଇ ଧୂପଦୀପ ପୂଜାର୍ଚ୍ଚନା କରିବା ସହ ପ୍ରସାଦସେବନ କରୁଛନ୍ତି। ଗୁରୁବାର ପ୍ରଥମ ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ଭୁବନେଶ୍ୱରସଥ ଏକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ଭଞ୍ଜ, ବିଚିତ୍ରା ନନ୍ଦ ବିଶ୍ୱାଳ, ଗଙ୍ଗାଧର ବିଶ୍ୱାଳ, ବାପି ବିଶ୍ୱାଳ, ବିଦେଶୀ ବିଶ୍ୱାଳ, କନକା ନାୟକ, ଲକ୍ଷ୍ମୀଧର ବିଶ୍ୱାଳ, ଲକ୍ଷ୍ମୀଧର ନାୟକ, ବାଦଲ ବିଶ୍ୱାଳ, ବିଭୂତି ନାୟକ ପ୍ରମୁଖ ଗ୍ରାମବାସୀ ପରିଚାଳନା କରିଥିଲେ।

### ବଟି ମାଗି ୨ ଗିରଫ

ପୁରୀ ଅଫିସ,୨୩।୬ -ବଟି ଆଦାୟ କରିବା ଅଭିଯୋଗରେ ବଳିଆ ପଣ୍ଡା ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ଫାଦର ସ୍କୁଲ ନିକଟ ଦାମୋଦର ରୋଡର ରଞ୍ଜିତ ସାହୁ (୨୪) ଏବଂ ସଦରଥାନା ଅଞ୍ଚଳର କୃଷ୍ଣଚନ୍ଦ୍ର ମହାନ୍ତି (୨୮)ଞ୍ଜ୍। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ମୋବାଇଲ, ଗୋଟିଏ ଛୁରି ଏବଂ ନଗଦ ୫୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ. ୮୦/୨୨ରେ ଏକ ମାମଲା ରୁଜୁ କରିଛି। ଦୁଇ ଅଭିଯୁକ୍ତ ଥାନା ଅଞ୍ଚଳରେ ଯାତ୍ରୀବାହୀ ଗାଡିଠାରୁ ବଟି ଆଦାୟ କରୁଥିଲେ। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତ ୨ଜଣଙ୍କୁ ଗିରଫ କରିଥିଲା।

### ଡାକମେଳାରେ ଶିଶୁଙ୍କ ନୂତନ ଆଧାର କାର୍ଡ ପ୍ରସ୍ତୁତ

ସାକ୍ଷୀଗୋପାଳ, ୨୩।୬(ଡି.ଏନ୍.ଏ.): ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୁରୀ ଡାକ ଡିଭିଜନ ପକ୍ଷରୁ ଏକ ମେଗା ଡାକମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଡାକ ଅଧୀକ୍ଷକ ବିପିନ ବିହାରୀ ମହାନ୍ତି ସାକ୍ଷୀଗୋପାଳଙ୍କୁ ଦର୍ଶନ ପରେ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଲୋକଙ୍କ ଆର୍ଥିକ ଅବସ୍ଥାକୁ ମଜଭୁତ କରି ଏକ ସୁସ୍ଥ ଜୀବନଶୈଳୀ ଗଢିବା ଏହି ମେଳାର ଉଦ୍ଦେଶ୍ୟ ବୋଲି ଅଧୀକ୍ଷକ ଅଭିଭାଷଣରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା ଯୋଗ ଦେଇଥିଲେ। ମେଳାରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଶିଶୁଙ୍କର ନୂତନ ଆଧାର କାର୍ଡ କରାଯିବା ସହ ଜନସାଧାରଣ ବହୁଳ ମାତ୍ରାରେ ଆରଡ଼ି, ସୁକନ୍ୟା ସମୃଦ୍ଧି, ଡାକ ଜୀବନ ବୀମା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଇତ୍ୟାଦିର ଲାଭ ଉଠାଇଥିଲେ। ସତ୍ୟବାଦୀ ସିଡିପିଓଙ୍କ ନିର୍ଦ୍ଦେଶରେ ବିଭିନ୍ନ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ମେଳା ପରିଚାଳନା କରିଥିଲେ। ଡାକ ବିଭାଗ ପକ୍ଷରୁ ମଧ ଗଙ୍ଗାଜଳ ବିକ୍ରୟ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ପେଣ୍ଠପଡା ସରପଞ୍ଚ ଚିନ୍ମୟ ରାଉତ, ଡାକ ନିରୀକ୍ଷକ ବିଜୟ ନାୟକ ମଞ୍ଚାସୀନ ହୋଇ ଡାକର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ।

### ସମ୍ବର୍ଦ୍ଧନା ସଭାରେ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ

ଡେଲାଙ୍ଗ,୨୩।୬(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବୋଲକଣା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ସହକାରୀ ଶିକ୍ଷକ ପ୍ରଫୁଲ୍ଲ ସାହୁ ଓ କାର୍ଯ୍ୟାଳୟ ସହାୟକ ପ୍ରଶାନ୍ତ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନିମାପଡ଼ା ବ୍ଲକ ବିଇଓ ଦ୍ୱିତିକାନ୍ତ ପ୍ରଧାନ, ଚନ୍ଦ୍ରଶେଖରଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୂତିଭୂଷଣ ହୋତା, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ଅଶୋକ ପ୍ରଧାନ, ଶିକ୍ଷକ ନିରଞ୍ଜନ ମହାରଣା, କେ.ପି.ପି ପ୍ରଧାନ ଶିକ୍ଷକ ହୃଷୀକେଶ ବଳିୟାରସିଂ, ନିରଞ୍ଜନ ସାହୁ, ମିଟୁ କିଶୋର ପ୍ରଧାନ, ଛାତ୍ର ସଂସଦ ସଭାପତି ଅକ୍ଷୟ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଯାମିନୀକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ସୁଧୀର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଓ ସହାୟକଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବଡ଼ଦାଣ୍ଡ ବୁଲି ସ୍ଥିତି ଦେଖିଲେ ଜିଲାପାଳ

**ରଥଯାତ୍ରା ପାଇଁ ଆଲୋକ, ପାନୀୟଜଳ ବ୍ୟବସ୍ଥାର ସମୀକ୍ଷା**

ପୁରୀ ଅଫିସ,୨୩।୬: ରଥଯାତ୍ରା ପୂର୍ବରୁ ବଡ଼ଦାଣ୍ଡ ଓ ସଂଲଗ୍ନ ଅଞ୍ଚଳରେ ହେବାକୁ ଥିବା ବ୍ୟବସ୍ଥାର ସ୍ଥିତି ସମୀକ୍ଷା କରିଛନ୍ତି ପୁରୀ ଜିଲାପାଳ ସମର୍ଥ ବର୍ମା। ଗୁରୁବାର ପୌରସଂସ୍ଥା ଅଧିକାରୀ ଓ ପାନୀୟଜଳ ଯୋଗାଣ ବିଭାଗର ଅଧିକାରୀମାନଙ୍କୁ ଜିଲାପାଳ ବର୍ମା ସାଙ୍ଗରେ ଧରି ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ଚାଲି ଚାଲି ସ୍ଥିତି ସମୀକ୍ଷା କରିଛନ୍ତି। ବିଶେଷ ଅସ୍ଥାୟୀ ଶୌଚାଳୟ ଓ ପରିସ୍ରାଗାର କେଉଁ କେଉଁ ସ୍ଥାନରେ କରାଯିବ ତାହା ଚିହ୍ନଟ କରାଯାଇଛି। ଏହାକୁ ବଡ଼ଦାଣ୍ଡ ଉପରେ ନ କରି ସଂଲଗ୍ନ ଗଳିର ମୁହଁରେ କରାଯିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ନାଳନର୍ଦ୍ଦମା ସଫା ପାଇଁ ପୌରପାଳିକାକୁ ପୂର୍ବରୁ କୁହାଯାଇଥିଲା। ତାହା କାର୍ଯ୍ୟକାରୀ ହୋଇଛି କି ନାହିଁ, ଜିଲାପାଳ ବୁଲି ଦେଖିଥିଲେ। ଅସ୍ଥାୟୀ ଶୌଚାଳୟ ସ୍ୱତନ୍ତ୍ର ଭାବେ କାର୍ଯ୍ୟକ୍ଷମ କରାଯିବା ନେଇ ପୌରପାଳିକା ଅଧିକାରୀମାନେ ଜିଲାପାଳଙ୍କୁ ଜଣାଇଥିଲେ। ସେହିଭଳି ପାର୍କିଂ ଷ୍ଟାଣ୍ଡ ସ୍ଥାନ ଚିହ୍ନଟ ହୋଇଛି। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଷ୍ଟଲ ବସିବ। ବିଭିନ୍ନ ଘରୋଇ ଓ ସରକାରୀ ସଂସ୍ଥା ନିଜର ଷ୍ଟଲ ଖୋଲିବେ। ଏଥିପାଇଁ ବ୍ୟାପକ ଷ୍ଟଲ ବ୍ୟବସ୍ଥା କରାଯାଉଛି। କେତେ ବାଟ ପର୍ଯ୍ୟନ୍ତ ଓ କେତେ ଦୂରତାରେ ଷ୍ଟଲ ହେବ ସେନେଇ ଆଲୋଚନା ହୋଇଛି। ଶେଷରେ ଜିଲାପାଳ ଶ୍ରୀମନ୍ଦିର ଚାରିପାଖ ବୁଲି ହାଇମାଷ୍ଟ ଲାଇଟ୍ ସଂଯୋଗ ଓ ପାନୀୟଜଳ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନାରେ ଷ୍ଟାଣ୍ଡପୋଷ୍ଟ ବସିଛି। ସବୁ ଟ୍ୟାପ କାର୍ଯ୍ୟକ୍ଷମ ରହିଛି ଏବଂ ଆଲୋକର ସୁବନ୍ଦୋବସ୍ତ ହୋଇଛି ବୋଲି ଜିଲାପାଳ ବର୍ମା ସୂଚନା ଦେଇଛନ୍ତି।



ଆସନ୍ତା ରଥଯାତ୍ରାରେ ସେବା ପ୍ରଦାନ ପାଇଁ ସେଣ୍ଟ ଜୋନ୍ ଆମ୍ବୁଲାନ୍ସ ପକ୍ଷରୁ ପ୍ରାଥମିକ ଚିକିତ୍ସା ସଂକ୍ରାନ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

### ସଞ୍ଜ ବଳିତାରୁ ନିଆଁ ଲାଗି ମହିଳା ଗୁରୁତର

ଗୋପ,୨୩।୬(ଡି.ଏନ୍.ଏ.): ସନ୍ଧ୍ୟାରେ ଜଣେ ମହିଳା ସଞ୍ଜ ଦେଉଥିବା ବେଳେ ବଳିତାରୁ ନିଆଁ ଲାଗି ଗୁରୁତର ହୋଇଛନ୍ତି । ତାଙ୍କ ଶରୀରର ୭୦ ଭାଗ ପୋଡ଼ିଯାଇଛି। ସେ ହେଲେ ଗଣେଶ୍ୱରପୁର ଗ୍ରାମର ବୁଲୁବୁଲୁ ମଲ୍ଲିକ (୩୩)। ସୂଚନା ମୁତାବକ, ସଞ୍ଜ ଦେଉଥିବାବେଳେ ଅସାବଧାନତା ଯୋଗୁ ବୁଲୁବୁଲୁଙ୍କ ଲୁଗାରେ ନିଆଁ ଲାଗିଯାଇଥିଲା। ସେହି ସମୟରେ ସେ ତାଙ୍କ ଶାଶୁଙ୍କୁ ଧରି ପକାଇବାରୁ ଶାଶୁ ମଧ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସରେ ନେଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ମହିଳାଙ୍କ ଦୁଇଟିଯାଆଁଳା କନ୍ୟା ସନ୍ତାନ ଥିବାବେଳେ ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସୁବିଧା ଯୋଗାଇ ଦେବାକୁ ଗଣେଶ୍ୱରପୁର ପଞ୍ଚାୟତର ସମିତି ସଭ୍ୟା ତଥା ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେଠାକୁ ପୋଲିସ ଆସି ଘଟଣାର ତଦନ୍ତ କରୁଛି।

### ସୁକନ୍ୟା ସମୃଦ୍ଧି ସଂକ୍ରାନ୍ତ କର୍ମଶାଳା

ଡେଲାଙ୍ଗ,୨୩।୬(ଡି.ଏନ୍.ଏ.) ଭାରତୀୟ ଷ୍ଟେଟ ବ୍ୟାଙ୍କ ଡେଲାଙ୍ଗ ଶାଖା ପକ୍ଷରୁ କେନ୍ଦ୍ର ସରକାରଙ୍କ ସୁକନ୍ୟା ସମୃଦ୍ଧି ଯୋଜନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ଷ୍ଟେଶନ ବଜାର ସନ୍ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଏହି କର୍ମଶାଳାରେ ଡେଲାଙ୍ଗ ଶାଖାର ପ୍ରବନ୍ଧକ ତୋଫାନ କୁମାର ନାୟକ, ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଭବନେଶ୍ୱର ମୁଖ୍ୟ ପ୍ରବନ୍ଧକ ହେମନ୍ତ କୁମାର ଶାହା, ବିଦ୍ୟାମନ୍ଦିର ସମ୍ପାଦକ କିଶୋର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ନବକିଶୋର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ୧୦ ବର୍ଷରୁ କମ୍ କନ୍ୟା ସନ୍ତାନଙ୍କ ପାଇଁ କେନ୍ଦ୍ର ସରକାର ଆଣିଥିବା ସୁକନ୍ୟା ସମୃଦ୍ଧି ଯୋଜନା ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। କନ୍ୟା ସନ୍ତାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ, ଉଚ୍ଚଶିକ୍ଷା ଯୋଜନାର ଲାଭ ସମ୍ପର୍କରେ ଅଭିଭାବକମାନଙ୍କୁ ବୁଝାଇଥିଲେ। ସମ୍ପାଦକ ପ୍ରଧାନ ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହି ଯୋଜନାରେ ସାମିଲ ହେବାକୁ ଅଭିଭାବକମାନଙ୍କୁ ନିବେଦନ କରିଥିଲେ ।

## ରଥଖଳାରୁ

# ତିନିରଥର ସିଂହାସନ ବେଦି ନିର୍ମାଣ ଆରମ୍ଭ


ଚିତ୍ରକର ସେବକମାନେ ରଥ ଦୁଆରବେଢାରେ ରାହୁମୁଣ୍ଡ ଚିତ୍ର ଅଙ୍କନ କରୁଛନ୍ତି ।

ପୁରୀ ଅଫିସ, ୨୩।୬: ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଗୁରୁବାର ରଥ ନିର୍ମାଣ କାର୍ଯ୍ୟକୁ ୫୦ଦିନ ପୂରିଥିବାବେଳେ ବେଦୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତିନିରଥର ସିଂହାସନ ବେଦି ପ୍ରସ୍ତୁତି ପାଇଁ ଆଗଆଣି ଓ ପଛଆଣି ଦୋୟ ଡ଼ମକ ଉପରେ ପାଞ୍ଚଟି ଜଗତପୃଷ୍ଠ ଶେଣି ପଡ଼ି ଏହା ଉପରେ ଉଭୟ ପାର୍ଶ୍ୱରେ ତିନୋଟି ଲେଖାଏଁ ବାହୁଟ ଫାଳିଆ ପକାଯାଇ ବେଦି ନିର୍ମାଣ ପାଇଁ ପଟା ପଡ଼ିବା କାର୍ଯ୍ୟ ଆରମ୍ଭ ହୋଇଛି। ନିର୍ମାଣ ସରିଥିବା ୧୨ଟି ଦୁଆରବେଢ଼ାରେ ଚିତ୍ରକର ସେବକମାନେ ରୂପ ଅଙ୍କନ କାର୍ଯ୍ୟ ଶେଷ କରିଛନ୍ତି। ତିନିରଥର ଘୋଡ଼ା ସେଟିଂ ପାଇଁ ଦୁଇଟି ଲେଖାଏଁ ଈଶ ନିର୍ମାଣ ସରିଛି। ତିନିରଥର ପ୍ରଭାଫ୍ରେମରେ ପଟା ବାଡ଼ିଆ ପରେ ବାଙ୍କ ପଡ଼ି ରୂପ ଖୋଦେଇ ପଟା ସେଟିଂ ସରିଛି। ରୂପକାର ସେବକମାନେ ମୋଟ ୨୪ଟି ନାଟଗୋଡ଼ରୁ ବାକି ଥିବା ୩ଟି ନାଟଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ଶେଷ କରି ଚିତ୍ରକାରଙ୍କୁ ଯୋଗାଇବା ପରେ ତିନିରଥର ପ୍ରଭାରେ ରୂପଚିତ୍ର ଅଙ୍କନ ସାରି ରୂପ ଖୋଦେଇ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ପ୍ରଭା ଉପର ଭାଗରେ ରାହୁ ବା କ୍ରୀତି ମୁଖ (ଦୁଇଟି ହାତରେ ଦୁଇଟି ଛୁରି ଧାରଣ କରିଥିବା) ରୂପ ଖୋଦେଇ ସହ ବାଙ୍କରେ ଡାଳି, ଲତା ଏବଂ ତଳ ଦୁଇପଟରେ ଗୋଟିଏ ଲେଖାଏ ମଗର ମୁଖ ଚିତ୍ର ଖୋଦେଇ ଆରମ୍ଭ କରିଛନ୍ତି। ଚିତ୍ରକରମାନେ ତିନିରଥର କୋଣଗୁଜ, ପଟାଗୁଜରେ ଖୋଦେଇ ରୂପଗୁଡ଼ିକରେ ଚିତ୍ର ଓ ଚକରେ ପ୍ରାଇମର ଦେବା ସହ ପାର୍ଶ୍ୱଦେବଦେବୀଙ୍କ ସମେତ ନାଟଗୋଡ଼, କନ୍ୟାପଟା, ହଂସପଟା, କଳସ ଆଦିରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦରଜି ସେବକମାନେ ପୋଲ ମୁଦ୍ରା (କଦଳୀ ଗଛ), ଦୁଆର ବେଢ଼ା, ଚନ୍ଦ୍ରଶାଳୀ, ଅଁଳାଶ୍ରୀ ପାଇଁ କନା କଟିଂ ପରେ ସେଥିରେ ଲେସ୍ ଫିଟିଂ ସହ ଫୁଲ ପକା କାର୍ଯ୍ୟ ଜାରି ରଖବଛନ୍ତି। ଦୋଳବେଦୀସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ବିଭିନ୍ନ କଣ୍ଟା ତିଆରି କରୁଛନ୍ତି।

# ସିଟି ଆଣ୍ଡ ଜିଏସ୍‌ଟି ପକ୍ଷରୁ ଶୋ'ରୁମ୍, ଗୋଦାମରେ ଚଢ଼ାଉ

ନିମାପଡ଼ା,୨୩।୬(ଡି.ଏନ୍.ଏ.): ନିମାପଡ଼ା ଷ୍ଟେଟ୍ ବ୍ୟାଙ୍କ ଛକଠାରେ ଥିବା ନିତ୍ୟାନନ୍ଦ ସାହୁଙ୍କ ନିଗମ ଟାଇଲ୍‌ସ ଶୋରୁମ୍ ଓ ଗୋଲେଇ ଛକ ନିକଟରେ ଥିବା ନିୟନ୍ତ୍ରିତ ବଜାର କମିଟିସ୍ଥିତ ଗୋଦାମ ଉପରେ ବାଣିଜ୍ୟ କର, ଦ୍ରବ୍ୟ ଓ ସେବାକର ବିଭାଗ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ସିଟି ଆଣ୍ଡ ଜିଏସ୍‌ଟି) ଗୁରୁବାର ଚଢ଼ାଉ କରିଛି। ଯୁଗ୍ମ କମିଶନର ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଡେପୁଟି କମିଶନର ଦାମୋଦର ପାତ୍ରଙ୍କ ନେତୃତ୍ୱରେ ୨ଟି ଟିମ୍ ଏହି ଚଢାଉ କରିଥିଲା। ସିଟି ଆଣ୍ଡ ଜିଏସ୍‌ଟି ବିଭାଗର ଅଧିକାରୀମାନେ ନିତ୍ୟାନନ୍ଦଙ୍କ ଶୋରୁମ୍ ଓ ଗୋଦାମରେ ମହଜୁଦ ଥିବା ବିଭିନ୍ନ ଦ୍ରବ୍ୟ ଓ ସାମଗ୍ରୀର ତନଖି, ଯାଞ୍ଚ, ମୂଲ୍ୟାଙ୍କନ କରିଥିବାବେଳେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଚଢ଼ାଉରେ ଭୁବନେଶ୍ୱର ସିଟି ଆଣ୍ଡ ଜିଏସ୍‌ଟି ଅଧିକାରୀ ପ୍ରସନ୍ନ ମହାନ୍ତି, ବିଭୂତେନ୍ଦୁ ଲେଙ୍କା, ପୁରୀର ସିଟି ଆଣ୍ଡ ଜିଏସ୍‌ଟି ଅଧିକାରୀ ବାଣୀ ପ୍ରସାଦ ପଣ୍ଡା, ରଣଜିତ୍ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ସୋରୁମ୍ ଓ ଗୋଦାମରେ ଥିବା ମହଜୁଦ୍ ଦ୍ରବ୍ୟ ଓ ସାମଗ୍ରୀର ରେଜିଷ୍ଟର୍ କାଗଜପତ୍ର ଠିକ୍ ଭାବେ ରକ୍ଷଣାବେକ୍ଷଣ କରିପାରି ନ ଥିବାରୁ ବିଭାଗୀୟ ଅଧିକାରୀ ଗୋଦାମ ଓ ଶୋରୁମ୍‌କୁ ସିଲ୍ କରିଦେଇଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ।

# ଏକକ ଚିତ୍ରକଳା ପ୍ରଦର୍ଶନୀ

ପୁରୀ ଅଫିସ, ୨୩।୬: ପୁରୀସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଅନ୍ତରଙ୍ଗ ଅନ୍ୱେଷଣଠାରେ ଗତ ୧୨ତାରିଖରୁ ଚାଲିଥିବା ଚିତ୍ରଶିଳ୍ପୀ ଡାକ୍ତର ଦୀନବନ୍ଧୁ ସାହୁଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କରୋନାକାଳୀନ ବିଶ୍ୱ ଓ ମଣିଷର ସଂଘର୍ଷ, ଅସହାୟତା ଓ ବଞ୍ଚିରହିବାର ସକାରାତ୍ମକ ପ୍ରୟାସକୁ ନେଇ ୭୦ରୁ ଊର୍ଦ୍ଧ୍ୱ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏସବୁ ଚିତ୍ରକଳାକୁ ଅନେକ ଦର୍ଶକ ଦେଖିଥିଲେ। ଚିତ୍ରଶିଳ୍ପୀ ସାହୁ ବୃତ୍ତିରେ ଡାକ୍ତର ହେଲେ ବି କବିତା ଓ ଚିତ୍ର ମାଧ୍ୟମରେ ନିଜ ଦକ୍ଷତା ପ୍ରଦର୍ଶନ କରିଆସୁଛନ୍ତି। ସେ ଭବାନୀପାଟଣାରୁ ଆସି ପୁରୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ପ୍ରଥମ ଥର ପାଇଁ ଚିତ୍ରକଳା ପ୍ରଦର୍ଶନ କରିଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କବି ଭଗବାନ ଜୟସିଂହ ସଭାପତିତ୍ୱ କରି ଡା. ସାହୁଙ୍କ ଚିତ୍ରକଳାର ଭୂୟସୀ ପ୍ରଶଂସା କରିଥିଲେ। ଡା. ସାହୁଙ୍କ ଚିତ୍ରକଳାର ବିଭିନ୍ନ ଦିଗ ସମ୍ପର୍କରେ କାର୍ଟୁନିଷ୍ଟ ପରେଶ ନାଥ ଏବଂ ଡ. ଦିଲୀପ ସ୍ୱାଇଁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଡା. ସୁଦର୍ଶନ ପୋଥାଳ, କବି ଅଜୟ ପ୍ରଧାନ, ଚିନ୍ମୟ ବିବେକ, ସନ୍ନ୍ୟାସୀ ନାୟକ, ସର୍ବାଣି ଦାସ, ପୁରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର ଏବଂ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଆର୍ଟ ଗ୍ୟାଲେରୀ ତତ୍ତ୍ୱାବଧାରକ ସତ୍ୟ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନୃତ୍ୟ ସଙ୍ଗୀତରେ ମନ ମୋହିଲେ କଳାକାର

**ଜାତୀୟ ଲୋକମେଳା ଓ କୃଷିମେଳାର ଚତୁର୍ଥ ସନ୍ଧ୍ୟା**


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ପୁରୀ ଅଫିସ, ୨୩।୬: ମୁକ୍ତାକାଶ ରଙ୍ଗମଞ୍ଚରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ବିଂଶତମ ଜାତୀୟ ଲୋକମେଳା ଓ ତ୍ରୟଦଶ ତମ କୃଷିମେଳାର ଗୁରୁବାର ଚତୁର୍ଥ ସନ୍ଧ୍ୟାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଡ. ଅମର ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସାର୍ଥକ ଷଡ଼ଙ୍ଗୀ, କଳିଙ୍ଗ ଟିଭି ପରିଚାଳନା ନିର୍ଦ୍ଦେଶକ ପ୍ରଫେସର ହିମାଂଶୁ ଶେଖର ଖଟୁଆ, ଇଷ୍ଟର୍ଣ୍ଣ ମିଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, କିଟ୍ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ଜେନରାଲ ପ୍ରଫେସର ସୋମେନ୍ଦ୍ର ଶେଖର ରୟ, ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ଜୟ ଶଙ୍କର ଯୋଶୀ ଏବଂ ହୋଟେଲ ହଲିଡେ ରିସର୍ଟର ପରିଚାଳନା ନିର୍ଦ୍ଦେଶକ ରାଜ କିଶୋର ପାତ୍ର ମଞ୍ଚାସୀନ ଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି, ଫେଷ୍ଟିଭାଲ କମିଟି ଅଧ୍ୟକ୍ଷ ବଦ୍ରି ମିଶ୍ର, ସାଂସ୍କୃତିକ କମିଟି ଅଧ୍ୟକ୍ଷ ପ୍ରଫୁଲ କୁମାର ସାମନ୍ତରାୟ, ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର, ଫେଷ୍ଟିଭାଲ କମିଟି ଉପାଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ଦାସ, କୋଷାଧ୍ୟକ୍ଷ ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ଏବଂ ବିଭିନ୍ନ ସାଂସ୍କୃତିକ ଦଳର ଦଳପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ। ବିଭିନ୍ନ ରାଜ୍ୟର କଳାକାରମାନେ ଚିତାକର୍ଷକ ନୃତ୍ୟ କଳା ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥିଲେ।

### ଲକ୍ଷାଧିକ ଟଙ୍କାର ମଦ ସହ ଅଟୋ ଜବତ, ୨ ଗିରଫ

ଗୋପ,୨୩।୬(ଡି.ଏନ୍.ଏ.): ଗୋପ ଥାନା ଅନ୍ତର୍ଗତ ଗୋପ-ବାଲିଘାଇ ରାସ୍ତାର ନାଗପୁର ନିକଟରୁ ଗୁରୁବାର ମଧ୍ୟାହ୍ନରେ ଗୋପ ପୋଲିସ ଗୋଟେ ଟେମ୍ପୋ ସହ ଲକ୍ଷାଧିକ ଟଙ୍କାର ବିଦେଶୀ ମଦ ଜବତ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ବ୍ଲକ ଅନ୍ତର୍ଗତ ବାବରଡା ଗ୍ରାମର ରଞ୍ଜନ ସ୍ୱାଇଁ (୩୬) ଓ ବାଲିଗୁହାଳି ଗ୍ରାମର ରଶ୍ମିକାନ୍ତ ବରାଳ (୩୪)। ସେମାନଙ୍କ ପାଖରୁ ୨୬ ପେଟି ମଦ ପୋଲିସ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୨୦୯/୨୨) ରୁଜୁ କରି ୨ଜଣଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦେଇଥିବା ଜଣାପଡିଛି।

ସୂଚନା ମୁତାବକ, ଛଇତନା ଅଞ୍ଚଳରୁ ବିଦେଶୀ ମଦ ଏକ ଅଟୋରେ ନାଗପୁର ଅଞ୍ଚଳକୁ ଆସୁଥିବାବେଳେ ଖବରପାଇ ପୋଲିସ ଏହାକୁ ଜବତ କରିଥିଲା। ସେହି ସମୟରେ କାରବାରର ମୁଖ୍ୟ ଅଭିଯୁକ୍ତ ମଦ ଅଟୋ ଜବତ ହେବା ଦେଖି ସେଠାରୁ ଫେରାର ହୋଇଯାଇଛନ୍ତି।

# ଜିଲାସ୍ତରୀୟ କରାଟେରେ ପିପିଲିର ୩୫

ପିପିଲି,୨୩।୬(ଡି.ଏନ୍.ଏ.) ଆସନ୍ତା ୨୫ ଓ ୨୬ ଦୁଇଦିନ ଧରି ଓଡ଼ିଶା ଟାଏକୋଣ୍ଡୋ ସଂଘ ପକ୍ଷରୁ ପୁରୀ ରେଳବାଇ ଇନ୍‌ଡୋର୍ ହଲଠାରେ ୧୫ତମ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ପିପିଲି ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ୩୫ଜଣ ବାଳକ ଓ ବାଳିକା ଅଂଶଗ୍ରହଣ କରିବା ପାଇଁ ଶୁକ୍ରବାର ପୁରୀ ଗସ୍ତ କରିବେ। ଏହି ପ୍ରତିଯୋଗିତା ପ୍ରତିବର୍ଷ ରାଜ୍ୟର ବିଭିନ୍ନ ଜିଲାରେ ଅନୁଷ୍ଠିତ ହେଉଥିବାବେଳେ ଚଳିତ ବର୍ଷ ପୁରୀ ଜିଲାରେ ଅନୁଷ୍ଠିତ ହେଉଥିବା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଟିମ୍‌ରେ ବାଳିକା ବିଭାଗ ପକ୍ଷରୁ ମ୍ୟାନେଜର୍ ମିଲି ମହାନ୍ତି ଏବଂ ବାଳକ ବିଭାଗର ମୁଖ୍ୟ ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ ଗସ୍ତ କରିବେ। ଉକ୍ତ ପ୍ରତିଯୋଗିତାରେ ଯେଉଁ ପ୍ରତିଯୋଗୀ କୃତକାର୍ଯ୍ୟ ହେବେ ସେମାନେ ସେପ୍ଟେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ପିପିଲି ଟାଏକୋଣ୍ଡୋ ଏକାଡେମୀର ମୁଖ୍ୟ ନୃସିଂହ ସିଙ୍ଘ ପ୍ରକାଶ କରିଛନ୍ତି। ପିପିଲିରୁ ଏହି ପ୍ରତିଯୋଗୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଥିବାରୁ ସେମାନଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯିବା ସହିତ ସଫଳତା କାମନା କରିଛନ୍ତି।


ପିପିଲିରୁ ଚୟନ ହୋଇଥିବା ଖେଳାଳିମାନେ ।

# ରାଜ୍ୟ ବାଳିକା, ବାଳକ ବକ୍ସିଂ ଦଳ ଚୟନ

- ସୁନ୍ଦରଗଡ଼ ଟିମ୍ ଚୟନ ହୋଇ ନ ଥିବା ଅଭିଯୋଗ
- ଅଭିଯୋଗ ଭିତ୍ତିହୀନ: ରାଜ୍ୟ ସଂଘ ସମ୍ପାଦକ


ଅତିଥିଙ୍କ ଗହଣରେ ଦୁଇ ପ୍ରତିଯୋଗୀ ଏବଂ ଅନ୍ୟମାନେ ।

ପୁରୀ ଅଫିସ, ୨୩।୬: ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନ ପକ୍ଷରୁ ପୁରୀ ଜିଲା କ୍ରୀଡ଼ା ସଂସଦ ସହଯୋଗରେ ସ୍ଥାନୀୟ ରେଲୱେ କଲ୍ୟାଣ ମଣ୍ଡପରେ ଗୁରୁବାର ଜିଲାସ୍ତରୀୟ ବାଳିକା ଓ ବାଳକ ବକ୍ସିଂ ରାଜ୍ୟ ଦଳ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ୬୦ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ଖେଳାଳୀମାନେ ଆସନ୍ତା ଜୁଲାଇ ୫ରେ ତାମିଲନାଡୁରେ ହେବାକୁ ଥିବା ୫ମ ବାଳକ ଓ ବାଳିକା ଜାତୀୟ ପ୍ରତିଯୋଗିତାରେ ଭାଗନେବେ। ଏହି ଶିବିରରେ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଯୁବନେତା ଶୁଭାଶିଷ ଖୁଣ୍ଟିଆ, ଅନ୍ତର୍ଜାତୀୟ ବଡି ବିଲ୍ଡର ଅନୀଲ ଗୋଛିକାର, ପୁରୀ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ରାଜ୍ୟ ବକ୍ସିଂ ସଂଘର ସମ୍ପାଦକ ଅନୀଲ କୁମାର ବହିଦାର ଏବଂ ଉପସଭାପତି ସୁଦର୍ଶନ ସାହୁ ଯୋଗଦେଇଥିଲେ। ଶିବିରକୁ ଅନୀଲ ବହିଦାର, ଶିଶିର ପାଣିଗ୍ରାହୀ, ଅଞ୍ଜନ ଦାସ, ରାଜେଶ କୁମାର, ବିଜୟ ଦାସ, ରାଜେଶ ଟାର୍କି ପ୍ରମୁଖ ପରିଚାଳନା କରିଥିଲେ।

ତେବେ ଚୟନ ପ୍ରକ୍ରିୟାରେ ଅସନ୍ତୋଷ ପ୍ରକାଶ କରି ସୁନ୍ଦରଗଡ଼ ବକ୍ସିଂ ଦଳର କୋଚ୍ ସୁଶାନ୍ତ ଷଡ଼ଙ୍ଗୀ ଏହାକୁ ବିରୋଧ କରିଥିଲେ। ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି ଯେ, ସୁନ୍ଦରଗଡ଼ ଜିଲାସ୍ତରୀୟ ଚୟନ ପ୍ରକ୍ରିୟା କରାଯାଇନାହିଁ। ଫଳରେ ଯୋଗ୍ୟ ପିଲା ଉକ୍ତ ପ୍ରତିଯୋଗିତାରୁ ବଞ୍ଚିତ ହୋଇଛନ୍ତି। ଏନେଇ ବୁଧବାର ସୁନ୍ଦରଗଡ଼ ଜିଲାପାଳଙ୍କୁ ଅନୁରୋଧ କରାଯିବା ସହ ଖବରଦାତା ସମ୍ମିଳନୀ କରାଯାଇଥିଲା। ମାତ୍ର ପ୍ରଶାସନ ହସ୍ତକ୍ଷେପ ନ କରିବାରୁ ପୁରୀରେ ବିରୋଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଖେଳ ଆରମ୍ଭ ଆଗରୁ ସେ ବିରୋଧ ପାଇଁ ଯିବାବେଳେ ପୁରୀ ବକ୍ସିଂ ଏକାଡେମୀ ସଭାପତି ସୁଦର୍ଶନ ସାହୁ ଏବଂ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ ତାଙ୍କୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ। ସେମାନଙ୍କ କଥାକୁ ସମ୍ମାନ ଦେଇ ସେ ଫାଟକ ବାହାରକୁ ଚାଲିଯାଇଥିଲେ। ସୁନ୍ଦରଗଡ଼ରୁ ଦୁଇ ପ୍ରତିଯୋଗୀଙ୍କୁ ବେଆଇନ ଭାବେ ଶିବିରରେ ସାମିଲ କରାଯାଇଛି। ନ୍ୟାୟ ନ ମିଳିଲେ ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏଭଳି ଅଭିଯୋଗକୁ ଓଡ଼ିଶା ବକ୍ସିଂ ଆସୋସିଏଶନ୍ ସମ୍ପାଦକ ଅନୀଲ ବହିଦାର ଖଣ୍ଡନ କରି କହିଛନ୍ତି, ସେ ରାଜ୍ୟ ସମ୍ପାଦକ, ତେଣୁ ଜିଲା ସମ୍ପର୍କରେ ହସ୍ତକ୍ଷେପ କରନ୍ତି ନାହିଁ। ଖବରଦାତା ସମ୍ମିଳନୀ ସମ୍ପର୍କରେ ସେ କିଛି ଜାଣିନାହାନ୍ତି। ସୁନ୍ଦରଗଡ଼ରେ ଜିଲାସ୍ତରୀୟ ଚୟନ ପ୍ରକିୟା ହୋଇଛି। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ଭିତ୍ତିହୀନ। ଯେଉଁମାନେ ଏବେ ଅଭିଯୋଗ କରୁଛନ୍ତି ସେମାନେ କାହିଁକି ଚୟନ ପ୍ରକିୟାରେ ସାମିଲ ହୋଇଥିଲେ ବୋଲି ବହିଦାର ପାଲଟା ପ୍ରଶ୍ନ କରିଛନ୍ତି।

**ଯୋଗ ଦ୍ୱାରା ଶରୀର ସୁସ୍ଥ ରହେ**

**ବୋଲଗଡ଼ (ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅଧୀନ ପରମାନନ୍ଦ ମହାବିଦ୍ୟାଳୟର ଏନ୍‌ସିସି ୱିଙ୍ଗ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଏନ୍‌ସିସି ଅଧିକାରୀ ରଞ୍ଜନ ଦାଶଙ୍କ ନେତୃତ୍ୱରେ କ୍ୟାଡେଟ୍‌ମାନେ ଯୋଗର ବିଭିନ୍ନ ଆସନ ଓ ପ୍ରାଣାୟମ କରିଥିଲେ। ଅଧକ୍ଷ ରବୀନ୍ଦ୍ର ନାଥ ପାଣିଗ୍ରାହୀ କହିଥିଲେ, ନିୟମିତ ଯୋଗାଭ୍ୟାସ କଲେ ଶରୀର ସୁସ୍ଥ ରହିବା ସହ ଏକ ସମୃଦ୍ଧ ବିଶ୍ୱ ଗଠନ ହୋଇପାରିବ। ଭଞ୍ଜ କିଶୋର ଯତି ଯୋଗାସନ ପ୍ରଦର୍ଶନ ମାଧମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟରେ ଚିତ୍ତରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିଲା। ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ ଏବଂ କମଳିନୀ ବେହେରା ଯୋଗଦେଇଥିଲେ।

## ସଂକ୍ଷେପରେ

### ଘରେ ପଶି ସୁନାଗହଣା ଚୋରି

**ବୋଲଗଡ଼,୨୩।୬(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ତଥା ବେଗୁନିଆ ଥାନା ଅଧୀନ ପିତୁକୁଳି ଗ୍ରାମ ପାଟଣାସାହିର କୃପାସିନ୍ଧୁ ପଟ୍ଟନାୟକଙ୍କ ଘରେ ପଶି ଦୁର୍ବୃତ୍ତମାନେ ସୁନାଗହଣା ଚୋରି କରି ନେଇଛନ୍ତି। ଏନେଇ କୃପାସିନ୍ଧୁଙ୍କ ଅଭିଯୋଗକ୍ରମେ ବେଗୁନିଆ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, କୃପାସିନ୍ଧୁ ବୁଧବାର ରାତିରେ ଘରେ ନ ଥିବା ବେଳେ ପରିବାର ଲୋକେ ଖାଇବା ପରେ ଶୋଇ ପଡ଼ିଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ରୁମ ବାହାରପଟୁ ବନ୍ଦ କରିଦେବା ସହ କୃପାସିନ୍ଧୁଙ୍କ ରୁମରେ ପଶି ଆଲମାରିରେ ଥିବା ସୁନା ରୁପା ଗହଣାଗୁଡ଼ିକୁ ନେଇ ପଳାଇଥିଲେ। ପରିବାର ଲୋକେ ଉଠିଲାବେଳକୁ ବାହାରପଟୁ ସମସ୍ତଙ୍କର ରୁମ୍ କବାଟ ବନ୍ଦ ଥିବା ଫଳରେ ଚିତ୍କାର କରିଥିଲେ। ପଡୋଶୀଲୋକେ କବାଟ ଖୋଲିବା ପରେ ଘରୁ ସୁନାଗହଣା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

### ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

**ଜଟଣୀ,୨୩।୬(ଡି.ଏନ୍.ଏ.):** ଜଟଣୀ ନଗର ମଣ୍ଡଳ ପକ୍ଷରୁ ଗୁରୁବାର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ତିରୁପତି ଶତପଥୀଙ୍କ ନେତୃତ୍ୱରେ ଜଟଣୀ ନଗର ମଣ୍ଡଳ ପକ୍ଷରୁ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ଏକ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇ କୁଦିଆରୀସ୍ଥିତ ମହତାବ ନଗରରେ ନଳକୂପ ପରିଷ୍କାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସ୍ୱଚ୍ଛ ଭାରତ ଅଭିଯାନର ସହସଂଯୋଜକ ମହେଶ ମିଶ୍ର, ଭାଜପା ଯୁବମୋର୍ଚ୍ଚା ନଗର ମଣ୍ଡଳ ସଭାପତି ନାଗଭୂଷଣ ରାୟ, ବରିଷ୍ଠ ଭାଜପା ନେତା ପ୍ରଶାନ୍ତ ପ୍ରଧାନ, ଚିତ୍ତରଞ୍ଜନ ସୁନ୍ଦରାୟ, ରଞ୍ଜନ ପଟ୍ଟନାୟକ, ରଘୁନାଥ ନାୟକ, ଜିଲା ଗଣମାଧମ ସଂଯୋଜକ ପ୍ରଦୀପ ଜେନାଙ୍କ ସମେତ ଭାଜପା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

### ଆଶୁତୋଷ ହେଲେ ଜଟଣୀ ନଗର ବିଜେଡି ଆଇନ ପରାମର୍ଶଦାତା

**ଜଟଣୀ,୨୩।୬(ଡି.ଏନ୍.ଏ.):** ଜଟଣୀ ନଗର ବିଜେଡି ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ ଆଶୁତୋଷ ରାୟ ନିଯୁକ୍ତ ହୋଇଛନ୍ତି। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଏହି ନିଯୁକ୍ତି ଦେଇଛନ୍ତି। ଜଟଣୀ ପୌରପରିଷଦ ଅଧକ୍ଷ ଅନନ୍ତ ବେହେରା, ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ନଗର ବିଜେଡି ସଭାପତି ଆଶୁତୋଷ ପ୍ରତାପସିଂହ, ପୂର୍ବତନ କାଉନ୍‌ସିଲର ବିଜୟ କୁମାର ପଣ୍ଡା, ବିଜେଡି ନେତା ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଧାପକ ସୁଶାନ୍ତ ରାଉତ, ପ୍ରସନ୍ନ ସାହୁ, ବୁଲୁ ମହାନ୍ତିଙ୍କ ଉପସ୍ଥିତିରେ ରାୟଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଏନେଇ ଆଇନଜୀବୀ ରାୟ ଜିଲା ବିଜେଡି ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜଟଣୀ ନଗରର ସମସ୍ତ ଲୋକଙ୍କୁ ସେମାନଙ୍କ ଅସୁବିଧାରେ ସମସ୍ତ ଆଇନଗତ ସେବା ନିଃସ୍ୱାର୍ଥପର ମନୋଭାବରେ ନିଃଶୁଳ୍କ ସେବା ପ୍ରଦାନ କରିବେ ବୋଲି ରାୟ କହିଛନ୍ତି।



# ଚପିଯାଇଛି ତଦନ୍ତ ରିପୋର୍ଟ, କାର୍ଯ୍ୟାନୁଷ୍ଠାନ ହେଉନି

**ଅଙ୍ଗନୱାଡି ସାମଗ୍ରୀ କିଣାରେ ଅନିୟମିତତା ଘଟଣା**

- ଗ୍ଲୋବାଲ ଟେଣ୍ଡର ପରିବର୍ତ୍ତେ ୩ ସଂସ୍ଥାକୁ ମିଳିଥିଲା ଅନୁମତି
- ଉକ୍ତ ସଂସ୍ଥାକୁ ସମ୍ପୂର୍ଣ୍ଣ ଟଙ୍କା ପଇଠ କରାଯାଇଛି

**ଖୋର୍ଦ୍ଧା ଅଫିସ,୨୩।୬**

ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନେ ଚେୟାର ଟେବୁଲରେ ବସି ପାଠ ପଢ଼ିବା ସହ ସ୍ୱଚ୍ଛ ପାଣି ପିଇବେ। ଏଥିଲାଗି ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲାକୁ ୮୩ ଲକ୍ଷ ୪୭ ହଜାର ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ତେବେ ସରକାରଙ୍କ ଗାଇଡ୍‌ଲାଇନ ଉଲ୍ଲଂଘନ କରାଯାଇ ବିନା ଟେଣ୍ଡରରେ ସାମଗ୍ରୀ କିଣାଯିବା ସହ ଏଥିରେ ଅନିୟମିତତା ହୋଇଥିବା ନେଇ ୨୦୨୧ ଜୁଲାଇରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅଭିଯୋଗ ଆଣିଥିଲେ। ଏହି ଅନିୟମିତତା ସମ୍ପର୍କରେ ସେ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଶାସନ ସଚିବ ଏବଂ ମିଶନ ଶକ୍ତି ନିର୍ଦ୍ଦେଶକଙ୍କ ସମେତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତତ୍କାଳୀନ ଜିଲାପାଳ ସନତ୍ ମହାନ୍ତି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଏହାର ତଦନ୍ତ ରିପୋର୍ଟ ଏହି ସମୟରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ସାମଗ୍ରୀ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ରିପୋର୍ଟରେ ଉଲ୍ଲେଖ ରହିଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ବିଭାଗୀୟ ଅଧିକାରୀ ଅବସର ଗ୍ରହଣ କରିଥିଲେ। ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଜିଲାପାଳ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ। ତତ୍କାଳୀନ ଜିଲାପାଳ ମହାନ୍ତିଙ୍କ ବଦଳି ପରେ ସଂଗ୍ରାମ କେଶରୀ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଥିଲେ। ଏବେ ଜିଲାପାଳ ମହାପାତ୍ରଙ୍କ ମଧ୍ୟ ବଦଳି ହୋଇଯାଇଛି। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଗଲାନାହିଁ, ବରଂ ତଦନ୍ତ ରିପୋର୍ଟ ସରକାରୀ ଫାଇଲରେ ଚପିଯାଇଛି।

ବିଧାୟକ ରାଉତରାୟଙ୍କ ଅଭିଯୋଗ ମୁତାବକ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶନାମା ଅନୁସାରେ ସମଗ୍ର ରାଜ୍ୟରେ ଜିଲା ମଙ୍ଗଳ ଅଧିକାରୀଙ୍କ ଜରିଆରେ ଅଙ୍ଗନୱାଡି କେନ୍ଦ୍ରକୁ ଟେବୁଲ, ଚେୟାର, ୱାଟର ଫିଲ୍ଟର ସାମଗ୍ରୀ କିଣାଯାଇ ଯୋଗାଇ ଦିଆଯିବ। ଏହି ସାମଗ୍ରୀ କେବଳ ଜିଲା କ୍ରୟ କମିଟି ଇ-ପୋର୍ଟାଲ ଜରିଆରେ ଗ୍ଲୋବାଲ ଟେଣ୍ଡର କରିବାର ନିୟମ ରହିଛି। ଜିଲା ମଙ୍ଗଳ ଅଧିକାରୀ ଗ୍ଲୋବାଲ ଟେଣ୍ଡର ପରିବର୍ତ୍ତେ ୩ଟି ସଂସ୍ଥାକୁ ଅନୁକମ୍ପା ଦେଖାଇ ସାମଗ୍ରୀ କିଣିବାକୁ ଅନୁମତି ଦେଇଥିଲେ। ସମ୍ପୃକ୍ତ ସଂସ୍ଥା ଟାଙ୍ଗୀ ସିଡିପିଓ ଅଫିସକୁ ୨୫୩ ଅଙ୍ଗନୱାଡି କେନ୍ଦ୍ରରୁ ୪, ବୋଲଗଡ଼ ସିଡିପିଓଙ୍କୁ ୨୨୮ଟି କେନ୍ଦ୍ରରୁ ୮୦ଟି କେନ୍ଦ୍ରକୁ ସାମଗ୍ରୀ ଦିଆଯାଇଛି। ସିଡିପିଓ ବିଏମ୍‌ସି-୨ର ୧୦୨ଟି କେନ୍ଦ୍ରରୁ ମାତ୍ର ୨୦ଟି କେନ୍ଦ୍ରକୁ ସାମଗ୍ରୀ ଦେଇଛନ୍ତି। ତେବେ ସମ୍ପୂର୍ଣ୍ଣ ସାମଗ୍ରୀ ଯୋଗାଣ କରି ନ ଥିବା ବେଳେ କିପରି ଉକ୍ତ ସଂସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣ ଟଙ୍କା ପଇଠ କରାଯାଇଛି ବୋଲି ରାଉତରାୟ ପ୍ରଶ୍ନ କରିଛନ୍ତି। ଏହି ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସମ୍ପୃକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ଲାଗି ରାଉତରାୟ ଦାବି କରିଥିଲେ।

# ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ୯୨ ପ୍ରକଳ୍ପ



ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ଖୋର୍ଦ୍ଧା ଅଫିସ,୨୩।୬**

ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଏବଂ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୯୨ଟି ପ୍ରକଳ୍ପ ସ୍ଥାନ ପାଇଛି। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ବକ୍ତାଭାବେ ଓଡ଼ିଶା ବିଜ୍ଞାନ ଏକାଡେମୀ ସଭାପତି ବିଭୂତି ଭୂଷଣ ମିଶ୍ର ଯୋଗଦେଇ କହିଥିଲେ, ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଖୋଜିବାକୁ ଚେଷ୍ଟା କର। ଏକାଗ୍ରତା ଓ ନିରନ୍ତର ସାଧନା ସଫଳତାର ମାପକାଠି। ଗବେଷଣାତ୍ମକ ମନୋଭାବ ନେଇ ଆଗକୁ ବଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ବିଜ୍ଞାନ ଏବଂ ବାୟୋଟେକ୍ନୋଲୋଜି ବିଭାଗର ଉପ-ନିର୍ଦ୍ଦେଶକ ଇଂ. ଲକ୍ଷ୍ମୀନାରାୟଣ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ବିଜ୍ଞାନ ମେଳା ପରିଦର୍ଶନରେ ଆସି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ବ୍ଲକର ବିଇଓ ରଶ୍ମିବାଳା ପରିଡ଼ା, ହିମାଂଶୁ ଭୂଷଣ ଓଝା, ଶୈଳାଧିରାଜ ତନ୍ମୟା ଶତପଥୀ, ବିଜୟ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ ସିଂହ ଅତିଥି ପରିଚୟ, ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧାରାଣୀ ମିଶ୍ର ସ୍ୱାଗତ ଅଭିଭାଷଣ, ବିଇଓ ସନ୍ଧ୍ୟାରାଣୀ ରାଉତ ବିଜ୍ଞାନ ମେଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ୍ ଗହୋର ଅଲ୍ଲୀ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଶିବ ପ୍ରସାଦ ପାଲ ଓ ସୁଧୀର ସାହୁଙ୍କ ସଂଯୋଜନାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅମ୍ବିକା ପ୍ରସାଦ ପଟ୍ଟନାୟକ, ପ୍ରଦ୍ୟୁମ୍ନ ମିଶ୍ର, ସ୍ମୃତିବାଳା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଷ୍ଟା ସଙ୍ଗଠନର ରାଜ୍ୟ ଉପସଭାପତି ରଞ୍ଜନ ଦାଶ, ସୁଧାକର ମହାପାତ୍ର, ସତ୍ୟବାନ ଶ୍ରୀଚନ୍ଦନ, ସୁରେଶ ଚନ୍ଦ୍ର ବିଶ୍ୱାଳ, ଯୁଧିଷ୍ଠିର ସାହୁ, ଅମିୟ ପରିଡା, ଅଗାଧୁ ସେଠୀ, ଜିତ୍ ରଞ୍ଜନ ମହାପାତ୍ର, ରବି ନାରାୟଣ ପଣ୍ଡା, ପ୍ରସନ୍ନ ମହାପାତ୍ର, ନିରଞ୍ଜନ ସାହୁ, ଅଜୟ ବରାଡ଼, ଅଞ୍ଜନ ରାୟ, ବିଷ୍ଣୁ ପ୍ରସାଦ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟ ଫାଟକରେ ତାଲା ପକାଇଲେ ଗ୍ରାମବାସୀ



ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଛନ୍ତି।

**ନିରାକାରପୁର,୨୩।୬ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବଡ଼ପୋଖରିଆ ପଞ୍ଚାୟତସ୍ଥିତ ବୋଡ଼ଙ୍ଗରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ପରେ ନୂତନ ପ୍ରଧାନ ମଶିକ୍ଷୟିତ୍ରୀ ଯୋଗଦେଇଛନ୍ତି। ମାତ୍ର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଅଦ୍ୟାବଧି ଦାୟିତ୍ୱ ହସ୍ତାନ୍ତର କରି ନ ଥିବାରୁ ସ୍କୁଲର ବିକାଶ ସହ ପାଠପଢ଼ାରେ ଅସୁବିଧା ହେଉଛି। ଏହାର ପ୍ରତିବାଦରେ ଗୁରୁବାର ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ସୂଚନା ମୁତାବକ, ଏହି ସ୍କୁଲରେ ବର୍ତ୍ତମାନ ୧୦୮ଜଣ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ୨ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ହେଲେ ପୂର୍ବତନ ଓ ବର୍ତ୍ତମାନ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ହସ୍ତାନ୍ତର ବିବାଦ ତୁଟୁନାହିଁ। ଏପରିକି ୫ ଶ୍ରେଣୀକୁ ୨ଜଣ ଶିକ୍ଷକ ଥିଲେ ସୁଦ୍ଧା ଆଉ ଜଣେ ଶିକ୍ଷକ ନିଯୁକ୍ତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସତ୍ତ୍ୱେ ଏଥିପ୍ରତି କେହି ଶୁଣୁନାହାନ୍ତି। ଫଳରେ ସ୍କୁଲର ମୁଖ୍ୟ ଗେଟରେ ତାଲା ପକାଇ ଧାରଣା ଦେଇଥିଲେ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ଗୀତାଞ୍ଜଳି ପ୍ରଧାନ କହିଛନ୍ତି। ଖବରପାଇ ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚ ସାଗର ବଳିୟାରସିଂହ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ଆସନ୍ତା ସୋମବାର ସୁଦ୍ଧା ସ୍ଥାୟୀ ସମାଧାନ ନ ହେଲେ ପୁନର୍ବାର ଧାରଣା ଦିଆଯିବ ବୋଲି ଧାରଣାକାରୀମାନେ ଚେତାବନୀ ଦେଇଛନ୍ତି। ସୂଚନାଥାଉ କି, ଗତ ମେ' ୭ ତାରିଖରେ ମଧ୍ୟାହ୍ନଭୋଜନରେ ବାସି ମଟର ତରକାରି ଖାଇବାକୁ ଦିଆଯିବାରୁ ୧୨ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ଏଥିପାଇଁ ଦାୟିତ୍ୱରେ ଥିବା ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିଲା।

# ପ୍ରଫୁଲ୍ଲ ପ୍ରଧାନ ସଭାପତି ନିର୍ବାଚିତ

**ବୋଲଗଡ଼,୨୩।୬ (ଡି.ଏନ୍.ଏ.)**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବୋଲଗଡ଼ ବ୍ଲକ ବଡ଼କୁମାରୀ ସେବା ସମବାୟ ସମିତି ଲିଃ.ର ପରିଚାଳନା ପରିଷଦ ସଭାପତି ଭାବେ ପ୍ରଫୁଲ୍ଲ କୁମାର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏନେଇ ସମିତି କାର୍ଯ୍ୟାଳୟ ପକ୍ଷରୁ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ସମୀର କୁମାର ସାହୁ ସୂଚନା ଦେଇଛନ୍ତି। ଗୁରୁବାର ଉକ୍ତ ସମିତିର ପରିଚାଳନା ପରିଷଦ ସଭାପତି ପଦବୀ ପାଇଁ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏହି ପଦବୀ ପାଇଁ ନାମାଙ୍କନପତ୍ର ଦାଖଲର ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ସଭ୍ୟ ପ୍ରକାଶ ଚନ୍ଦ୍ର ମାର୍ଥା ଓ ସୁବାସ ଚନ୍ଦ୍ର ପଣ୍ଡାଙ୍କ ପ୍ରସ୍ତାବକ୍ରମେ ଏକମାତ୍ର ପ୍ରାର୍ଥୀ ଭାବେ ପ୍ରଫୁଲ୍ଲ କୁମାର ପ୍ରଧାନ ନାମାଙ୍କନପତ୍ର ଦାଖଲ କରିଥିଲେ। ସୂଚନାଥାଉ କି, ଗତ ସମବାୟ ନିର୍ବାଚନରେ ପ୍ରଫୁଲ୍ଲ ଏହି ସମିତିର ପରିଚାଳନା ପରିଷଦ ସଭାପତି ଭାବେ ନିର୍ବାଚିତ ହୋଇ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦର ଡାଇରେକ୍ଟର ରହିଥିଲେ।

# ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଆରମ୍ଭ

**ଜଟଣୀ,୨୩।୬ (ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳରେ ମହିଳାଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଷ୍ଟ୍ରଙ୍ଗ ଓମେନ୍ ଆସୋସିଏଶନ ଫର ରିଫର୍ମେଶନ ଟ୍ରଷ୍ଟ ପକ୍ଷରୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ସ୍ଥାନୀୟ ଜଗନ୍ନାଥ ବିହାରଠାରେ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରକୁ ଟ୍ରଷ୍ଟର ଜାତୀୟ ଯୁଗ୍ମ ସମ୍ପାଦକ ଚନ୍ଦନା ଦାସ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ସବିତା ରାୟ ଯୋଗ ଦେଇଥିଲେ। ଶିବିରରେ ମହିଳାମାନଙ୍କୁ ଇଟା, ଗହଣା ତିଆରି ସମେତ ଘରକରଣା ସାମଗ୍ରୀ ନିର୍ମାଣ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ଶିବିରରେ ବହୁ ମହିଳା ଯୋଗଦେଇଥିବା ବେଳେ ରିନା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଢ଼େଇ ମାସ ପରେ ବି ଛାତ୍ରୀଙ୍କ ଟେର୍ ପାଉନି ପୋଲିସ

**ବାଣପୁର,୨୩।୬ (ଡି.ଏନ୍.ଏ.)**

ବାଣପୁର ଥାନା ଅଧୀନ ବାହାଡ଼ାଖୋଲା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ କେତେଜଣ ବ୍ୟକ୍ତି ଅପହରଣ କରିନେଇଥିବା ଗତ ମାର୍ଚ୍ଚ ୩୦ରେ ଅଭିଯୋଗ ହୋଇଥିଲା। ତେବେ ଘଟଣାକୁ ଅଢ଼େଇ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ଛାତ୍ରୀଙ୍କ ଟେର ପାଉନାହିଁ। ଅନ୍ୟପକ୍ଷରେ ଏନେଇ ପରିବାର ଲୋକେ ଜିଲା ଆରକ୍ଷୀ ଅଧୀକ୍ଷକ, ଓଡ଼ିଶା ମାନବ ଅଧିକାର କମିଶନର ଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଧରିପାରୁ ନାହିଁ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅପହୃତ ଛାତ୍ରୀଙ୍କ ଜେଜେ କହିଛନ୍ତି। ଅଭିଯୋଗ ମୁତାବକ, ମାର୍ଚ୍ଚ ୩୦ରେ ଛାତ୍ରୀ ଜଣଙ୍କ ଜେଜେମା'ଙ୍କ ସହିତ ଘର ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ କେତେଜଣ ବ୍ୟକ୍ତି ସେଠାରେ ପହଞ୍ଚି ଛାତ୍ରୀ ଜଣଙ୍କୁ ଅପହରଣ କରିନେଇଥିଲେ। ଏନେଇ ପରିବାର ଲୋକେ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି କୌଣସି ପଦକ୍ଷେପ ନ ନେବାରୁ ଛାତ୍ରୀଙ୍କ ଜେଜେ ଏସ୍‌ପି, ଜିଲାପାଳ ଓ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ କେସ ନଂ.୬୫୪/୨୨ରେ ୨୮ଦିନ ମଧ୍ୟରେ ବୁଝିବା ପାଇଁ ଗତ ୨୦/୫/୨୨ରେ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏପର୍ଯ୍ୟନ୍ତ ପୋଲିସ ସମ୍ପୃକ୍ତ ଛାତ୍ରୀଙ୍କୁ ଉଦ୍ଧାର କରିପାରି ନାହିଁ। ଏ ନେଇ ବାଲୁଗାଁ ଏସ୍‌ଡିପିଓ କୁହନ୍ତି, ମାମଲାର ତଦନ୍ତ ଚାଲିଛି। ଖୁବ୍ ଶୀଘ୍ର ଛାତ୍ରୀଙ୍କୁ ଉଦ୍ଧାର କରାଯିବ।

# ବାଇକ୍ ଲୁଟ୍ ଘଟଣା, ୩ ଗିରଫ



ଗିରଫ ଅଭିଯୁକ୍ତଙ୍କ ସହ ଜବତ ବାଇକ୍, ମୋବାଇଲ୍ ଓ ମାରଣାସ୍ତ୍ର।

**ନିରାକାରପୁର,୨୩।୬ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ମଶାଣିଆ ଗ୍ରାମର ବିଭୁତି ବଳିୟାରସିଂହଙ୍କ ଘରେ ପଶି ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ବାଇକ୍ ଲୁଟ୍ ଘଟଣାରେ ଗୁରୁବାର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା କଣାସ ଥାନା ଅଧୀନ ଗଡ଼ବଳଭଦ୍ରପୁର ଗ୍ରାମର ପ୍ରକାଶ ପାଇକରାୟ, ଜ୍ୟୋତି ରଞ୍ଜନ ବଡଜେନା ଏବଂ ଗଡ଼ିଶାଗୋଡା ଥାନା ଅଧୀନ କଉଡିଖଣି ଗ୍ରାମର ସୁକାନ୍ତ ସାହୁ। ଏମାନଙ୍କ ନିକଟରୁ ୫ ମୋବାଇଲ ଫୋନ, କଟର, ଛୁରି, ଲଙ୍କାଗୁଣ୍ଡ ସହ ବାଇକ୍ ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ବିଭୁତିଙ୍କ ଘରେ ଦୁର୍ବୃତ୍ତମାନେ ପଶିବା ସହ ମାରଣାସ୍ତ୍ର ଦେଖାଇ ଏକ ବାଇକ୍ ନେଇ ଯାଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୨୯/୨୨) ରୁଜୁ କରି ତଦନ୍ତ ଚଳାଇଥିଲା।

# ରାଧାମାଧବ କଳା ପରିଷଦର ବାର୍ଷିକୋତ୍ସବ

**ଯାଁଳା,୨୩।୬ (ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଧୀନ ଯାଁଳା ଗ୍ରାମର ରାଧାମାଧବ କଳା ପରିଷଦର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ଝୁଲଣ ମଣ୍ଡପଠାରେ 'ସକାଳ ହୋଇନି ଆସିଲା ସଞ୍ଜ' ନାଟକ ମଞ୍ଚସ୍ଥ ହୋଇଯାଇଛି। ଏହି ଉତ୍ସବରେ ବିଜେଡିର ଖୋର୍ଦ୍ଧା ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଶଶୀ କୁମାର ସାହୁ, ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ଜିଲା ବିଜେଡି କୋଷାଧକ୍ଷ ରାଜକିଶୋର ସ୍ୱାଇଁ, ନିରଞ୍ଜନ ଓଝା, ସରୋଜ ନାୟକ, ଅଜିତ୍ ସାମନ୍ତରାୟ, ତ୍ରୈଲୋକ୍ୟ ପ୍ରସାଦ ଦାସ ପ୍ରମୁଖ ଯୋଗଦେଇଥିଲେ। ରାଧାମାଧବ କଳା ପରିଷଦ ସଭାପତି ଧୀରେନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ରାଜଶ୍ରୀ ସାହୁ, ଶ୍ରୀୟା ସାମନ୍ତସିଂହାର ଓ ଉର୍ବଶୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଓ ଗ୍ରାମର ବରିଷ୍ଠ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ନିର୍ଦ୍ଦେଶକ ଭାସ୍କର ସ୍ୱାଇଁ ଓ ସହନିର୍ଦ୍ଦେଶକ ହରେକୃଷ୍ଣ ସାମନ୍ତସିଂହାରଙ୍କ ନିର୍ଦ୍ଦେଶନାରେ ରାଧାମାଧବ କଳା ପରିଷଦର ସଦସ୍ୟ ସୁନୁ, ଦିଲୁ, ଲିକୁନ, ନିକି, ଗୁଟୁନ, ମିଲୁ, ମଧୁସୂଦନ, ଇଲୁ, ପୁପୁ,ଗୁଡୁ, ଦିପୁ, ସିପୁନ, ଧରମା, ଚନ୍ଦନ, ଗିରିଆ, ଟିକନ, ସୁବ୍ରତ, ଗୁଣ୍ଡ, ନଟିଆ, ପିପି, ବିରଞ୍ଚି, ଆଶୁ, ଆଦ୍ୟାଶା, ବିନୋଦିନୀ, ମଧୁସ୍ମିତା, ଚିକୁ, ସୋଫିଆ ପ୍ରମୁଖ ଅଭିନୟ କରିଥିଲେ। ଗ୍ରାମବାସୀ ଉତ୍ସବରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତି ଓ ଗଣମାଧମ ପ୍ରତିନିଧିମାନେ।

# ଜନଶୁଣାଣି, ସାମଗ୍ରିକ ବିକାଶକୁ ଗୁରୁତ୍ୱ

**ଦାୟିତ୍ୱ ଗ୍ରହଣ କଲେ ନୂତନ ଜିଲାପାଳ**

**ଖୋର୍ଦ୍ଧା ଅଫିସ,୨୩।୬**

ଖୋର୍ଦ୍ଧାର ନୂତନ ଜିଲାପାଳ ଭାବେ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୧୧ ବ୍ୟାଚର ଆଇଏଏସ୍ ଅଫିସର ଚକ୍ରବର୍ତ୍ତୀ ପୂର୍ବରୁ ମାଲକାନଗିରି, କୋରାପୁଟ ପରେ ବାଲେଶ୍ୱର ଜିଲାପାଳ ଭାବେ କାର୍ଯ୍ୟରତ ଥିଲେ। ଏଠାରେ ପୂର୍ବରୁ ଜିଲାପାଳ ଥିବା ସଂଗ୍ରାମ କେଶରୀ ମହାପାତ୍ରଙ୍କ ରାଜ୍ୟ ଆଦର୍ଶ ବିଦ୍ୟାଳୟ(ଓଏବି) ନିର୍ଦ୍ଦେଶକ ଭାବେ ବଦଳି ହୋଇଥିବା ବେଳେ ଗୁରୁବାର ସକାଳେ ଚକ୍ରବର୍ତ୍ତୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ମନୋଜ ପାଢ଼ୀଙ୍କଠାରୁ ବିଧିବଦ୍ଧ ଦାୟିତ୍ୱ ଗ୍ରହଣ କରିଥିଲେ। ଏହିସମୟରେ ଜିଲା ପରିଷଦ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲାପାଳ (ଭୁବନେଶ୍ୱର) ପ୍ରଫୁଲ୍ଲ ସ୍ୱାଇଁ, ଖୋର୍ଦ୍ଧା ଉପଜିଲାପାଳ ଆଇ. ଗୌରବ ଶିବାଜୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ।

ଦାୟିତ୍ୱ ଗ୍ରହଣ ପରେ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଭେଟି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଏହି ପରିପ୍ରେକ୍ଷୀରେ ଜିଲାପାଳ ଚକ୍ରବର୍ତ୍ତୀ ଜିଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଛନ୍ତି। ପରସ୍ପର ମଧ୍ୟରେ ସମନ୍ୱୟ ରହିଲେ, ସରକାରଙ୍କ ବିକାଶମୁଖୀ ଯୋଜନା ଲୋକାଭିମୁଖୀ ହୋଇପାରିବ। ଲୋକଙ୍କ ଅଭିଯୋଗକୁ ପ୍ରାଥମିକତା ଦିଅ। ସେମାନଙ୍କ ହୃଦୟ ଜିଣିପାରିଲେ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିପାରିବ ବୋଲି ଜିଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ଗଣମାଧମ ପ୍ରତିନିଧିଙ୍କୁ କହିଥିଲେ, କରୋନା ସଂକ୍ରମଣ ହ୍ରାସ ପରେ ସରକାର ଜନଶୁଣାଣି ଉପରେ ଗୁରୁତ୍ୱ ଦେଉଛନ୍ତି। ଲୋକଙ୍କ ପ୍ରତ୍ୟକ୍ଷ ଜନଶୁଣାଣି ପ୍ରାଥମିକତା ରହିବ। ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ଲୋକାଭିମୁଖୀ କରାଯିବ। ୫-ଟି ମୋ ସରକାର କାର୍ଯ୍ୟକୁ ତ୍ୱରାନ୍ୱିତ ସହ ଶିକ୍ଷାର ବିକାଶ ଲାଗି ଗୁରୁତ୍ୱ ଦିଆଯିବ। ଭାରତୀୟ ମୁକ୍ତି ସଂଗ୍ରାମରେ ପାଇକ ବିଦ୍ରୋହ ହେଉଛି ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ। ଖୋର୍ଦ୍ଧା ପାଇକଙ୍କ ବୀରତ୍ୱ, ବଳିଦାନ ଅତୁଳନୀୟ। ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ଯେପରି ତ୍ୱରାନ୍ୱିତ ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଏଥିସହ ଜିଲାର ସମସ୍ତ ଚିକିତ୍ସାଳୟରେ ଉତ୍ତମ ସେବା ପ୍ରଦାନ ପ୍ରାଥମିକତା ରହିବ ବୋଲି ସେ କହିଛନ୍ତି।

## ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତି ପରଖିଲେ



ଜିଲାପାଳ ଭାବେ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ସହ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ୱାର୍ଡ ବୁଲି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ମେଡିକାଲ ପରିସର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରସବ ପାଇଁ ଆସୁଥିବା ଗର୍ଭବତୀ ଓ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ଉପରେ ଗୁରୁତ୍ୱ ଦେଇଥିଲେ। ମେଡିକାଲରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଉତ୍ତମ ସ୍ୱାସ୍ଥ୍ୟସେବା, ରୋଗୀଙ୍କ ସହ ଉତ୍ତମ ବ୍ୟବହାର ଉପରେ ଡାକ୍ତର, କର୍ମଚାରୀ, ଷ୍ଟାଫନର୍ସଙ୍କୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୪ ଜୁନ୍, ୨୦୨୨

**ସୁକନ୍ୟା କାର୍ଯ୍ୟକ୍ରମ**

ବାଙ୍କୀ,(ସ୍ୱ.ପ୍ର): ଭାରତୀୟ ଷ୍ଟେଟ ବ୍ୟାଙ୍କର ବାଙ୍କୀ ଶାଖା ପକ୍ଷରୁ କେନ୍ଦ୍ର ସରକାରଙ୍କ ବାଳିକା ସମୃଦ୍ଧି କାର୍ଯ୍ୟକ୍ରମ ଚର୍ଚ୍ଚିକା ନୋଡାଲ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଳା ସାହୁ, ବାଙ୍କୀ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ଅଜୟ କୁମାର ବେହେରା ଯୋଗଦେଇ ସୁକନ୍ୟା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜନ୍ମରୁ ୧୦ବର୍ଷ ପର୍ଯ୍ୟନ୍ତ ବାଳିକା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ବୋଲି ବ୍ୟାଙ୍କ ମୁଖ୍ୟ ପରିଚାଳକ ବେହେରା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ବ୍ୟାଙ୍କ କର୍ମଚାରୀ ଓ ଖବରଦାତା ବିଭୁପ୍ରସାଦ ସାମଲ ଯୋଗଦେଇଥିଲେ। ଶିକ୍ଷକ ମାନସ କୁମାର ନନ୍ଦ ଓ ବ୍ୟାଙ୍କ କର୍ମଚାରୀ କାହ୍ନୁଚରଣ ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଜୁଲାଇ ୬ରେ କଟକ ସଦର ବ୍ଲକ ଅଧ୍ୟକ୍ଷ ନିର୍ବାଚନ

କଟକ ସଦର,୨୩।୬(ଡି.ଏନ୍.ଏ.): କଟକ ସଦର ବ୍ଲକ ଅଧ୍ୟକ୍ଷ ନିର୍ବାଚନ ଆସନ୍ତା ଜୁଲାଇ ୬ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା ୭୩୯୧/୨୧।୬।୨୦୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୮ ତାରିଖରେ ନିର୍ବାଚନ ସଂକ୍ରାନ୍ତୀୟ ବିଧିବଦ୍ଧ ବିଜ୍ଞପ୍ତି ବ୍ଲକ କାର୍ଯ୍ୟାଳୟରେ ପ୍ରକାଶ ପାଇବ। ଜୁଲାଇ ୬ ପୂର୍ବାହ୍ନ ୧୦ଟାରେ ନାମାଙ୍କନପତ୍ର ଦାଖଲ, ୧୧ଟାରୁ ସାଢେ ୧୧ଟା ମଧ୍ୟରେ ଯାଞ୍ଚ ଓ ମଧ୍ୟାହ୍ନ ୧୨ଟା ପୂର୍ବରୁ ପ୍ରତ୍ୟାହାର କରାଯାଇପାରିବ। ଆବଶ୍ୟକ ପଡିଲେ ମଧ୍ୟାହ୍ନ ୧୨ଟା ୩୦ରୁ ୨ଟା ମଧ୍ୟରେ ନିର୍ବାଚନ ହୋଇ ଫଳାଫଳ ଘୋଷଣା କରାଯିବ। ସୂଚନାଯୋଗ୍ୟ, ଏପ୍ରିଲ ୨୧ ତାରିଖରେ ନବନିର୍ବାଚିତ ବ୍ଲକ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ରାଉତଙ୍କ ଅକାଳ ବିୟୋଗ ଯୋଗୁ ଉକ୍ତ ପଦବୀ ଖାଲି ପଡିଥିଲା। ସେହି ଦିନଠାରୁ ଉପାଧ୍ୟକ୍ଷା ଅମ୍ବିକା ପାତ୍ର ଏହାର ଦାୟିତ୍ୱ ତୁଲାଇ ଆସୁଥିଲେ। ଏବେ ୨୨ ଜଣ ସମିତି ସଭ୍ୟାସଭ୍ୟଙ୍କୁ ନେଇ ଅଧ୍ୟକ୍ଷ ନିର୍ବାଚନ ହେବ। ନିର୍ବାଚନ ଅଧିକାରୀ ନିଯୁକ୍ତି କଟକ ଜିଲାପାଳ କରିବେ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

### ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

ଚୌଦ୍ୱାର,୨୩।୬(ଡି.ଏନ୍.ଏ.): ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ବଳିଦାନ ଦିବସ ପାଳିତ ହୋଇଯାଇଛି। ୧୭ ନମ୍ବର ୱାର୍ଡ଼ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳର ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବେହେରା ଯୋଗଦେଇ ଶିକ୍ଷାବିତ୍, ଜନସଂଘର ସଂସ୍ଥାପକ ଡ. ମୁଖାର୍ଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ଚନ୍ଦ୍ର ବଡ଼ଜେନା, ଅନ୍ନପୂର୍ଣ୍ଣା ପଣ୍ଡା, ହଂସ ଚରଣ ସାହୁ, କମଳ ମହାନ୍ତି, ଅଶ୍ୱିନୀ ମହାକୁଡ଼, କ୍ରିଷ୍ଣା ରାଓ, ଦୁଃଶାସନ ମୁଦୁଲି, ଗୌତମ ସାହୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଧୂପକାଠି, ଫିନାଇଲ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର

ତିଗିରିଆ,୨୩।୬(ଡି.ଏନ.ଏ.): ତିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତ କାର୍ଯ୍ୟାଳୟରେ ୧୦ ଦିନିଆ ଫିନାଇଲ ଓ ଧୂପକାଠି ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ତିଗିରିଆ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରୂପା ଦଳେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ଗୌରହରି ପରିଡା, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ତିଗିରିଆ ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ୍, ଅଚଳକୋଟ ସରପଞ୍ଚ ରୋଜାଲିନ ବଳିୟାରସିଂ, ସମିତି ସଭ୍ୟା ଝିପି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୨୯ଜଣ ମହିଳାଙ୍କୁ ୟୁକୋ ବ୍ୟାଙ୍କ ସହାୟତାରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ତିଗିରିଆ ବି.ପି.ଏମ୍. ପ୍ରଦୀପ କୁମାର ସିଂ କହିଛନ୍ତି। ଧର୍ମରାଜ ଜେନା ଓ ବିଶ୍ୱଜିତ୍ ସାହୁ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ରୋଭର୍ସ ଆଥ୍‌ଲେଟିକ କ୍ଲବ କାର୍ଯ୍ୟନିର୍ବାହୀ କମିଟି ବୈଠକ

କଟକ ଅଫିସ,୨୩।୬: କଟକର ସର୍ବପୁରାତନ ରୋଭର୍ସ ଆଥ୍‌ଲେଟିକ କ୍ଲବର କାର୍ଯ୍ୟନିର୍ବାହୀ କମିଟି ବୈଠକ ବାରବାଟୀ ଷ୍ଟାଡିୟମସ୍ଥିତ କ୍ଲବ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ଉପସଭାପତି ରବି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସଦାନନ୍ଦ ଦାସ ୨୦୨୦-୨୧, ୨୦୨୧-୨୨ରେ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ କ୍ଲବ ଫୁଟ୍‌ବଲ, ବାସ୍କେଟ୍‌ବଲ ଏବଂ ବିଭିନ୍ନ ପ୍ରତିଯୋଗିତାରେ ଯୋଗଦେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ୨୦୨୨-୨୩ ବର୍ଷ ପାଇଁ ୬ ଲକ୍ଷ ୪ ହଜାର ୮୫୦ ଟଙ୍କାର ବଜେଟ ଉପସ୍ଥାପନ କରାଯାଇ ତାହା କାର୍ଯ୍ୟନିର୍ବାହୀ କମିଟିରେ ଗୃହୀତ ହୋଇଛି। ଆସନ୍ତା ଜୁଲାଇ ତୃତୀୟ ସପ୍ତାହରେ କ୍ଲବର ସାଧାରଣ ପରିଷଦ ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମର ତଥ୍ୟ ଉପସ୍ଥାପନ କରାଯିବ। ବୈଠକରେ ଶ୍ରୀଧର ଦାସ, ସୁଘୋଷ ଦାସ କେତେକ ପ୍ରସ୍ତାବ ଆଗତ କରିଥିଲେ। ଯତୀନ ଦତ୍ତ ଧନ୍ୟବାଦ ଦେଇଥିଲେ।

# ଶିକ୍ଷା ବିଭାଗ- ବ୍ଲକ ପ୍ରଶାସନ କଥାରେ ରହୁନି ତାଳମେଳ

**ବିପଦସଙ୍କୁଳ ସ୍କୁଲଗୃହ ଭାଙ୍ଗିବା ପ୍ରସଙ୍ଗ**

■ **ପୁରୁଣା ସାମଗ୍ରୀ ବାହାରେ ବିକ୍ରି ହେଉଛି**

କଟକ ସଦର,୨୩।୬(ଡି.ଏନ୍.ଏ.)

ବିପଦସଙ୍କୁଳ ଅବସ୍ଥାରେ ଥିବା ସ୍କୁଲ ଗୃହଗୁଡ଼ିକୁ ଭାଙ୍ଗିବା ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ନିୟମ ପ୍ରଣୟନ କରିଛନ୍ତି। ଗ୍ରାମାଞ୍ଚଳର କୌଣସି ପୁରୁଣା ସ୍କୁଲ ଗୃହକୁ ବିପଦସଙ୍କୁଳ ବୋଲି ଘୋଷଣା କରିବା କ୍ଷମତା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀ ଓ ସହରାଞ୍ଚଳ କ୍ଷେତ୍ରରେ ପୂର୍ତ୍ତ ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ମାତ୍ର କଟକ ସଦର ବ୍ଲକ ଅଞ୍ଚଳରେ ଏହି ନିୟମକୁ ଉଲ୍ଲଂଘନ କରାଯାଉଥିବା ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ବ୍ଲକ ଅଞ୍ଚଳର ଅନେକ ସ୍ଥାନରେ ନୂଆ ସ୍କୁଲ ଘର ନିର୍ମାଣ ଆଳରେ ପୁରୁଣା ଘରକୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଭାଙ୍ଗି ଦେଇଥିବା ଜଣାପଡ଼ିଛି। ପରେ ଏହାର ଇଟା, କାଠ, ଲୁହା ସାମଗ୍ରୀ, ଆଜବେଷ୍ଟସକୁ ନେଇ ବାହାରେ ବିକ୍ରି କରିଦିଆଯାଇଛି। ଫଳରେ ସରକାର ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଯାହାର ଉଦାହରଣ ହେଉଛି ଏହି ବ୍ଲକ ଅନ୍ତର୍ଗତ ପରମହଂସସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ। କରୋନା ମହାମାରୀ ଯୋଗୁ ସ୍କୁଲ ଛୁଟି ସମୟରେ ଆଜବେଷ୍ଟସ ଘରର ବିଭିନ୍ନ ସାମଗ୍ରୀ ପ୍ରଭାବଶାଳୀ ବ୍ୟକ୍ତିମାନେ ନେଇଯାଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଚାଲିଛି। ଏହିଭଳି ବ୍ଲକର ଅନେକ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟାଳୟର ବିଭିନ୍ନ ସାମଗ୍ରୀ ବାହାରେ ବିକ୍ରି କରୁଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି।

ବିବରଣୀରୁ ପ୍ରକାଶ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପତ୍ର ସଂଖ୍ୟା ୧୦୧୭୩/୨୪।୧୧।୨୦୧୪ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ପ୍ରତିବର୍ଷ ଘର ମରାମତି ପାଇଁ ଆସୁଥିବା ଅନୁଦାନରୁ ବିପଦସଙ୍କୁଳ ସ୍କୁଲ ଘର ଭାଙ୍ଗିବା ଖର୍ଚ୍ଚ ବହନ କରାଯିବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ମାତ୍ର ୨୦୨୦ ପରଠାରୁ ଏହି ନିର୍ଦ୍ଦେଶନାମାକୁ ଆଉ ଅନୁସରଣ କରାଯାଉନାହିଁ। ହେଲେ ଏହି ନିୟମ ଅଦ୍ୟାବଧି ବଳବତ୍ତର ରହିଛି ବୋଲି ପ୍ରାଧିକରଣ କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ(ସିଭିଲ୍) ସୁରେଖା ତରାଇ ପତ୍ରସଂଖ୍ୟା ୬୬୪୬/୪।୬।୨୨ରେ ସୂଚନା ଦେଇଛନ୍ତି। ୨୦୨୦-୨୦୨୬ ମସିହା ମଧ୍ୟରେ ସ୍କୁଲ ଭିତ୍ତିଭୂମିର ବିକାଶ ସରକାର ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସକୁ ଗ୍ରହଣ କରିନେଇଛନ୍ତି। ଏଥିପାଇଁ ଅର୍ଥ ବ୍ଲକ ଜରିଆରେ ପ୍ରଦାନ କରାଯିବ ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପତ୍ରସଂଖ୍ୟା ୧୨୧୭୩/୩୦।୭।୨୦୨୦ ଓ ୧୪୩୪୭/୧୪।୯।୨୦୨୦ରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତଦନୁଯାୟୀ ପ୍ରାଥମିକ ସ୍କୁଲର ମରାମତି ସହ ନୂତନ ନିର୍ମାଣ କାର୍ଯ୍ୟ ପଞ୍ଚାୟତ, ହାଇସ୍କୁଲର ବ୍ଲକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜିଲା ପରିଷଦ କରିବ। ମାତ୍ର ପୁରୁଣା ଘରକୁ ବିପଦସଙ୍କୁଳ ବୋଲି ଘୋଷଣା କରିବା କ୍ଷମତା ବିଡିଓଙ୍କୁ ଦିଆଯାଇଥିବା ଉକ୍ତ ଦୁଇଟି ଯାକ ଚିଠିରେ ଉଲ୍ଲେଖ ନାହିଁ। ହେଲେ ବିଡିଓ ଘର ଭାଙ୍ଗିବାକୁ ଅନୁମତି ଦେଇପାରିବେ ବୋଲି କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା କହିଛନ୍ତି। ତେଣୁ ସରକାରୀ ବିଭାଗର ମତରେ ତାଳମେଳ ରହୁନଥିବାରୁ ରାଜ୍ୟ ସରକାର ଏହା ଉପରେ ସ୍ପଷ୍ଟୀକରଣ ଦେବାର ଆବଶ୍ୟକ ରହିଛି।

## ପଦ୍ମିନୀ କେୟାରରେ ବର୍ନ ୟୁନିଟ୍ ଉଦ୍‌ଘାଟିତ



ପଦ୍ମିନୀ କେୟାର ହସ୍ପିଟାଲର ବର୍ନ ୟୁନିଟ୍‌କୁ ଡା. ଜ୍ୟୋତି ପ୍ରକାଶ ପରିଜା ଉଦ୍‌ଘାଟନ କରୁଛନ୍ତି।

କଟକ ଅଫିସ, ୨୩।୬

ସ୍ଥାନୀୟ ପଦ୍ମିନୀ କେୟାର ହସ୍ପିଟାଲରେ ବର୍ନ ୟୁନିଟ୍ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା ଏହାକୁ ଉଦ୍‌ଘାଟନ କରି କହିଥିଲେ, ପୋଡାଜଳା ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ବିଶେଷ ଉପଯୋଗୀ ହେବ। ଏହି ୟୁନିଟ୍ ପରିଚାଳନା ଦାୟିତ୍ୱରେ ରହିଥିବା ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ମୁଖ୍ୟ ଡା. ଚନ୍ଦନ ମହାପାତ୍ର ଉପଲବ୍ଧ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡା. ସତ୍ୟଜିତ୍ ମହାନ୍ତି, ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସନ୍ଦୀପ ପ୍ରହରାଜ, କୌସ୍ତୁଭ ମୁଖାର୍ଜୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ନବଯୌବନ ଦର୍ଶନର ଅବ୍ୟବହିତ ପୂର୍ବରୁ କଟକ ଦରଘାବଜାର ଚିତ୍ରକର ସାହି ଅଞ୍ଚଳରେ ଶିଳ୍ପୀ ଗୌତମ ମହାରଣା ଶ୍ରୀଜୀଉଙ୍କ ପ୍ରତିମାକୁ ରଙ୍ଗତୂଳୀରେ ନୂତନ ରୂପରେଖ ଦେଉଛନ୍ତି।

## ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ ପରିଦର୍ଶନ କଲେ ଡ. ନିଶା ପେସିନ

କଟକ ଅଫିସ, ୨୩।୬

ନୂଆଦିଲ୍ଲୀସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଓ କଲେଜ ପରିଚାଳନା ସମିତିର ନିର୍ଦ୍ଦେଶିକା ଡ. ନିଶା ପେସିନ୍ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ବୁଧବାର କଟକ ଓଏମ୍‌ପିଠାରେ ନିର୍ମାଣାଧୀନ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ ପରିଦର୍ଶନ କରିଥିଲେ। ଏହାପରେ ଉକ୍ତ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଡିଏଭି ଜୋନ୍-୧ ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆର୍କିଟେକ୍ ସୌମେନ୍ଦ୍ର ପଟ୍ଟନାୟକ ନିର୍ମାଣ ଯୋଜନାର ସମସ୍ତ ପ୍ରଣାଳୀ ବିଷୟରେ କହିଥିଲେ। ନିର୍ମାଣ କାର୍ଯ୍ୟ କରୁଥିବା ନାଗାର୍ଜୁନ କନ୍‌ଷ୍ଟ୍ରକଶନ କମ୍ପାନୀର ଏଜିଏମ୍ ଓ ଯନ୍ତ୍ରୀମାନଙ୍କ ସହ ଡ. ପେସିନ୍ ଆଲୋଚନା କରିଥିଲେ। ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ ବୋଲି କମ୍ପାନୀର ଏଜିଏମ୍ ପ୍ରତିଶ୍ରୁତି ଦେଇଥିଲେ। ଡିଏଭି ଏସ୍‌ସିବିର ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଡ. ପେସିନ ବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁଠାରୁ ବୁଝିଥିଲେ। ଉକ୍ତ ବୈଠକରେ ଡିଏଭି ଜୋନ-୨ ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ, ଡିଏସ୍‌ବିଏମ୍ ଅଧ୍ୟକ୍ଷ ଡ. ଦ୍ୱାରିକାନାଥ ମିଶ୍ର, ଇପ୍‌ସିତା ଦାସ, ସିଡିଏ ଡିଏଭିର ଅଧ୍ୟକ୍ଷା ନମିତା ମହାନ୍ତି, ରାଜାବଗିଚା ଡିଏଭିର ଅଧ୍ୟକ୍ଷା ମୌସୁମୀ ଦାସ, ପଦ୍ମାବତୀ ଡିଏଭି ସ୍କୁଲର ଅଧ୍ୟକ୍ଷ ନୀହାର ରଞ୍ଜନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ କର୍ମୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ମାହାଙ୍ଗା, ୨୩।୬(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତର ସାମାଜିକ କର୍ମୀ ଶିବାଜୀ ରାଉତରାୟଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ସିପୁରାସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟମ ଶିବମ ସୁନ୍ଦରମ ପୁସ୍ତକର ସମ୍ପାଦକ ଇଂ. ଜିତେନ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ କବି ପ୍ରଶାନ୍ତ କର, କବି ଉମ୍ବରୁଧର ପରିଡା, ଶିକ୍ଷାବିତ୍ ଅଦ୍ୱୈତ୍ୟ ବଲ୍ଲଭ ରାଉତ, ରବି ଦାସ, ସାମାଜିକ କର୍ମୀ ପ୍ରଦୀପ୍ତ ରାଉତରାୟ, ଲବଙ୍ଗଲତା ରାଉତ, ଶୁଭେନ୍ଦୁ ସାମଲ, ସୁରେନ୍ଦ୍ର ସାହୁ, ବିଚିତ୍ରାନନ୍ଦ ରାଉତରାୟ, ଅନିଲ ରାଉତରାୟ, ବାଲିପଡିଆ ସରପଞ୍ଚ ଅନିରୁଦ୍ଧ ସାମଲ, ଜ୍ଞାନରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ‘ଦିବ୍ୟାଙ୍ଗ ଶିଶୁଙ୍କ ବିକାଶ ପ୍ରତି ଯତ୍ନବାନ ହୁଅନ୍ତୁ’

**ଜିଲାସ୍ତରୀୟ ତାଲିମ ଶିବିର**

କଟକ ଅଫିସ,୨୩।୬

କଟକ ଖାନ୍‌ନଗର ହାଇସ୍କୁଲରେ ଜିଲାସ୍ତରୀୟ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ଦିବ୍ୟାଙ୍ଗ ବ୍ଲକ ସାଧନକର୍ମୀମାନଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ଜିଲା ଶିକ୍ଷା ଅଧିକାରୀ(ଡିଇଓ) କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ କହିଥିଲେ, ଦିବ୍ୟାଙ୍ଗ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ବିଆର୍‌ସିସିମାନେ ଯତ୍ନବାନ ହେବା ଆବଶ୍ୟକ। ଏଥିସହ ସେ ୩୬ ଜଣ ସାଧନକର୍ମୀଙ୍କୁ ବିଭିନ୍ନ କର୍ତ୍ତବ୍ୟବୋଧ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଡିଇଓ ସନ୍ତୋଷ କୁମାର ରାଉତ, ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ଚିତ୍ତରଞ୍ଜନ ପଣ୍ଡା ଓ ଖାନ୍‌ନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀ ଯୋଗଦେଇଥିଲେ। ଲକ୍ଷ୍ମୀପ୍ରିୟା ରାଉତ, ସୁଶାନ୍ତ କୁମାର ରାଉଳ, ଦୀନବନ୍ଧୁ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଟକ ସତ୍‌ସଙ୍ଗ ବିହାରର ପ୍ରତିଷ୍ଠା ଦିବସ



କଟକ ଅଫିସ, ୨୩।୬

ବକ୍ସିବଜାରସ୍ଥିତ କଟକ ସତ୍‌ସଙ୍ଗ ବିହାରର ପ୍ରତିଷ୍ଠା ଦିବସରେ ଗୁରୁବାର ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୯୭୬ ଜୁନ ୨୩ ତାରିଖରେ ଶ୍ରୀ ଶ୍ରୀ ବଡ଼ଦା’ଙ୍କ କଟକ ଆଗମନରେ ସତ୍‌ସଙ୍ଗ ବିହାର ପ୍ରତିଷ୍ଠା ହୋଇଥିଲା। ଉକ୍ତ ଦିବସକୁ ୪୭ ବର୍ଷ ଧରି ଭକ୍ତ ଓ ଅନୁଗାମୀମାନେ ପାଳନ କରୁଛନ୍ତି। ଏହି ଉପଲକ୍ଷେ ଶ୍ରୀ ଶ୍ରୀ ବଡ଼ଦା’ଙ୍କ ପ୍ରତିକୃତି ସହ ଶୋଭାଯାତ୍ରାରେ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏହାପରେ ଅନୁଷ୍ଠିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଦେଓଘରର ପ୍ରତି ଋତ୍ୱିକ ଡ. ବିନାୟକ ମହାପାତ୍ର, ସହପ୍ରତି ଋତ୍ୱିକ ଶ୍ରୀଧର ସୁନ୍ଦର ମିଶ୍ର ଓ ପ୍ରମୋଦ କୁମାର ଦାସ ଯୋଗଦେଇ ଶ୍ରୀ ଶ୍ରୀ ଠାକୁରଙ୍କ ଆଦର୍ଶ ବିଷୟରେ କହିଥିଲେ। ଏଥିରେ କଣ୍ଠଶିଳ୍ପୀ ଭବାନୀ ଶଙ୍କର ଶତପଥୀ, ସ୍ମୃତିଧର ପତି, ଜୟନ୍ତୀ ବଶାକ, ନିତ୍ୟରଞ୍ଜନ ସାହୁ, ଉତ୍ତମ ଚରଣ ସାହୁ ଓ ଦୟାନିଧି ସାହୁ ଭଜନ ଓ କୀର୍ତ୍ତନ ପରିବେଷଣ କରିଥିଲେ। ଅମରନାଥ ବାନାର୍ଜୀ, ଉମ୍ବରୁଧର ଦାସ, ନିରଞ୍ଜନ ବେହେରା, ସୁରେନ୍ଦ୍ର ନାଥ ବେଉରା, କୃଷ୍ଣଚନ୍ଦ୍ର ଜେନା, ବିଭୂତି ଭୂଷଣ ପତି, ଜିତେନ୍ଦ୍ର ନାଥ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରକ୍ତଦାନ ଶିବିର

କଟକ ଅଫିସ,୨୩।୬

କଟକ ନଗର କଂଗ୍ରେସ କମିଟି ପକ୍ଷରୁ ଅମୃତ ଧାରା ୩ ଦିନିଆ ରକ୍ତଦାନ ଶିବିର ସ୍ଥାନୀୟ ସେଲ୍ଟର ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଇଂ. ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରର ପ୍ରଥମ ଦିନରେ ୧୧୦ ଜଣ ରକ୍ତଦାନ କରିଥିଲେ। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ କଂଗ୍ରେସ ନେତା ଅଶ୍ୱିନୀ ମହାରଣା, ତୃପ୍ତି ଦାସ, ଶୈଳବାଳା ଜେନା, ନିକୁଞ୍ଜ ପଶାୟତ, ସନ୍ତୋଷ ଭୋଳ, ସତ୍ୟାନନ୍ଦ ରାଉତ, ସୁବାଶିଷ ପଟ୍ଟନାୟକ ଓ କିଶୋର କର ପ୍ରମୁଖ ଉପସ୍ଥିତ ଥିଲେ।

## ‘୨୦୨୩ ସେପ୍ଟେମ୍ବର ସୁଦ୍ଧା ପାନୀୟ ଜଳ ପହଞ୍ଚାଅ’

**ଅଧିକାରୀଙ୍କୁ ବିଧାୟକଙ୍କ ନିର୍ଦ୍ଦେଶ**

ମାହାଙ୍ଗା ୨୩।୬(ସ୍ୱପ୍ର)

ମାହାଙ୍ଗା ବ୍ଲକ କୁଣ୍ଡି, ମଧୁପୁର ଓ ମାହାଙ୍ଗା ପଞ୍ଚାୟତ ମେଗା ପାନୀୟ ଜଳ ପ୍ରକଳ୍ପ, ଜରିଆଖିଲ୍ଲୀ ପୁନରୁଦ୍ଧାର କାମ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ବିଭାଗୀୟ ଅଧିକାରୀମାନଙ୍କ ସହ ଗୁରୁବାର ସମୀକ୍ଷା କରିଥିଲେ। ମାହାଙ୍ଗା ବ୍ଲକର ୩୭ ଓ ନିଶ୍ଚିନ୍ତକୋଇଲି ବ୍ଲକର ୭ ଟି ପଞ୍ଚାୟତର ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ୨୧୮କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପର ଜଳ ବିଶୋଧନାଗାର ଓ ଗଭୀର ନଳକୂପ ନିର୍ମାଣ ସ୍ଥଳରେ ବିଧାୟକ ଜେନା, ଅଧିକାରୀମାନଙ୍କ ସହ ପହଞ୍ଚି କାମର ତଦାରଖ କରିଥିଲେ। ଏଥିସହ ୨୦୨୩ ସେପ୍ଟେମ୍ବର ସୁଦ୍ଧା ୪୨ ପଞ୍ଚାୟତକୁ ଟ୍ୟାପ ଯୋଗେ ପାଣି ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମାହାଙ୍ଗାର ପ୍ରସିଦ୍ଧ ଐତିହାସିକସ୍ଥଳ ଜରିଆଖିଲ୍ଲୀ ନିକଟରେ ପହଞ୍ଚି ଜଳ ବିଭାଜିକା ଅଧିକାରୀମାନଙ୍କ ସହ ଏହାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିମନ୍ତେ ଆଲୋଚନା କରିବା ସହ ଏହାର ଉନ୍ନତିମୂଳକ କାମ ଆରମ୍ଭ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଜେନାଙ୍କ ଗସ୍ତ ସମୟରେ ବ୍ଲକ ଉପାଧ୍ୟକ୍ଷା ଦୀପା ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ପାନୀୟଜଳ ଓ ପରିମଳ ବିଭାଗ ଅଧିକାରୀ ସୁରେଶ ଚନ୍ଦ୍ର ରାଉତ, ଏସ୍‌ଡିଓ ଜ୍ୟୋତି ପ୍ରକାଶ ଦାସ, ମେଗା ପାନୀୟ ଜଳ ପ୍ରକଳ୍ପ କମ୍ପାନୀ ମ୍ୟାନେଜର ଏସ୍ ସୁରେଶ, ମୁଖ୍ୟଯନ୍ତ୍ରୀ ବାଲେଶ୍ୱରନାଥ ସାହୁ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜିଲା ପରିଷଦ ସଭ୍ୟ ମୁର୍ସିଦ ରିୟାଜୁଲ ଦୋଦା, ସରପଞ୍ଚ ରବୀନ୍ଦ୍ର ବାଗ, ପ୍ରୀତମ କାନୁନ୍‌ଗୋ, ଜୟନ୍ତ ବିଶ୍ୱାଳ, ଅଖିଳେଷପଦ ମହାନ୍ତି, ମମତାମୟୀ ସୂତାର, ସମିତିସଭ୍ୟ, ଦୁର୍ଗାପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ କାର୍ଯ୍ୟାଳୟରେ ନିଆଁ ଲଗାଇ କର୍ମଚାରୀ ଗିରଫ

ତିଗିରିଆ,୨୩।୬ (ଡି. ଏନ୍.ଏ.)

ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣାସ୍ଥିତ ଟାଟା ପାୱାର କାର୍ଯ୍ୟାଳୟରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ବହୁ କାଗଜପତ୍ର ପୋଡିଯାଇଥିଲା। ଏଠାରେ କାର୍ଯ୍ୟରତ ଜଣେ କର୍ମଚାରୀ ବିଦ୍ୟୁତ୍ ବିଲ୍ ଆଦାୟରେ ଠକିବା ପରେ ତଦନ୍ତରୁ ବର୍ଞ୍ଚିବା ପାଇଁ କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଗୁରୁବାର ଅଭିଯୁକ୍ତ ରୁଦ୍ରନାରାୟଣ କୁଣ୍ଟୁଙ୍କୁ ତିଗିରିଆ ପୋଲିସ ଗିରଫ କରିଛି।

ନୂଆପାଟଣା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ କୁଣ୍ଟୁ କାର୍ଯ୍ୟ କରନ୍ତି। ଏହି କାର୍ଯ୍ୟାଳୟ ପକ୍ଷରୁ ଆଦାୟ ହେଉଥିବା ବିଦ୍ୟୁତ୍ ବିଲ୍ ବହୁ ସମୟରେ ଅଫିସ ଷ୍ଟ୍ରଙ୍ଗ୍ ରୁମ୍‌ରେ ରହୁଥିଲା। ଏହାର ଚାବି କୁଣ୍ଟୁଙ୍କ ପାଖରେ ରୁହେ। ଗତ ସୋମବାର କାଗଜପତ୍ର ଯାଞ୍ଚ ବେଳେ ୪୦ ହଜାର ଟଙ୍କା କମ୍ ଥିବା ଜଣାପଡ଼ିଥିଲା। ଏହାପରେ କୁଣ୍ଟୁ ଉକ୍ତ ଟଙ୍କା ନିଜ ହାତରୁ ଜମା ଦେଇଥିଲେ। ତେବେ ତଦନ୍ତ ହେଲେ ଧରାପଡ଼ିଯିବା ଭୟରେ ମଙ୍ଗଳବାର ବିଳମ୍ବିତ ରାତିରେ ସେ ଅଫିସରେ ପଶି ଲକ୍‌ର ଖୋଲି ୩ ଲକ୍ଷ ଟଙ୍କା ନେବା ସହ ପ୍ରମାଣ ନଷ୍ଟ ପାଇଁ ନିଆଁ ଲଗେଇ ଦେଇଥିବା କନିଷ୍ଠ ଯନ୍ତ୍ରୀ ମହମ୍ମଦ ଖାଲିଦ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଥାନା ଆଇଆଇସି ସୁଚିତ୍ରା ଜେନା ମାମଲା (ନଂ. ୧୩୧/୨୨) ରୁଜୁ କରି କୁଣ୍ଟୁଙ୍କୁ ଗିରଫ କରିଛନ୍ତି।

## ଓର୍‌ମାସ ପକ୍ଷରୁ ଷ୍ଟଲ ଶୁଭାରମ୍ଭ



ଷ୍ଟଲ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ଅଫିସ,୨୩।୬

କଟକ ଜିଲାର ପ୍ରସିଦ୍ଧ ସିଲଭର ଫିଲିଗ୍ରି ହସ୍ତତନ୍ତ ଏବଂ ହ୍ୟାଣ୍ଡଲୁମ୍ ଉତ୍ପାଦ ସ୍ଥାନୀୟ ରେଳଷ୍ଟେଶନରେ ଉପଲବ୍ଧ ହେବ। ଓର୍‌ମାସ ପକ୍ଷରୁ ଗୋଟିଏ ଷ୍ଟେଶନ ଗୋଟିଏ ପ୍ରଡକ୍ଟ ଯୋଜନା ଅଧୀନରେ କଟକ ରେଳଷ୍ଟେଶନରେ ଗୁରୁବାର ଏକ ଷ୍ଟଲ୍ ଉନ୍ମୋଚିତ ହୋଇଛି। ରେଳଷ୍ଟେଶନକୁ ଏକ ପ୍ରମୋସନାଲ୍ ହବ୍‌ରେ ପରିଣତ କରିବା ସହ ସ୍ଥାନୀୟ ଉତ୍ପାଦର ପ୍ରଚାର ପ୍ରସାର ପାଇଁ ଏହାର ଶୁଭାରମ୍ଭ କରାଯାଇଛି। ଏହି ଯୋଜନା ଅଧୀନରେ ରେଳଷ୍ଟେଶନରେ ସ୍ଥାନୀୟ କାରିଗରମାନଙ୍କୁ ସମ୍ପୃକ୍ତ ଅଞ୍ଚଳର ସାମଗ୍ରୀ ବିକ୍ରି ପାଇଁ ଉକ୍ତ ଷ୍ଟଲ୍ ଯୋଗାଇ ଦିଆଯାଉଛି। ଏହାଦ୍ୱାରା ଯାତ୍ରୀମାନେ ସିଧାସଳଖ କାରିଗରମାନଙ୍କଠାରୁ ବିଭିନ୍ନ ସାମଗ୍ରୀ କ୍ରୟ କରିପାରିବେ। ଫଳରେ ଉଭୟ ଗ୍ରାହକ ଓ ବିକ୍ରେତା ସେମାନଙ୍କ ଆବଶ୍ୟକତା ପୂରଣ କରିପାରିବେ ବୋଲି ଓର୍‌ମାସ ପକ୍ଷରୁ କୁହାଯାଇଛି।

## ମିଳୁନି ଆବାସ: କୁଡ଼ିଆରେ ଦିନ କାଟୁଛନ୍ତି ଦମ୍ପତି

ଖୁଣ୍ଟୁଣୀ,୨୩।୬(ଡି.ଏନ୍.ଏ.)

ଗରିବ ଲୋକଙ୍କୁ ଘର ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ପକ୍କାଘର ଯୋଜନା କାର୍ଯ୍ୟକାରୀ କରାଯାଇଛି। ହେଲେ ଠିକ୍ ଭାବେ ଏହାର ତଦାରଖ କରାଯାଉ ନ ଥିବାରୁ ବାସ୍ତବ କ୍ଷେତ୍ରରେ ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। କୋଠାବାଡ଼ି ଥିବା ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଉଥିବାବେଳେ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଆଠଗଡ଼ ବ୍ଲକ ନୂତନ ଭୋଗରା ପଞ୍ଚାୟତର ଭୋଗରା ଗ୍ରାମରେ। ଉକ୍ତ ଗ୍ରାମର ବଂଶୀଧର ବାରିକ(୬୬) ଅତି ଗରିବ। ସ୍ତ୍ରୀ ଓ ସେ ଏକ ନୁଆଁଣିଆ କୁଡ଼ିଆ ଘରେ ରହୁଛନ୍ତି। ବଂଶୀଧର ବାର୍ଦ୍ଧକ୍ୟ ଭତ୍ତା ପାଉଥିବାବେଳେ କୌଣସି କାରଣରୁ ତାଙ୍କ ସ୍ତ୍ରୀଙ୍କୁ ମିଳୁନି। ରାଶନ କାର୍ଡରେ ୧୦ କେଜି ଚାଉଳ ମିଳୁଛି। ହେଲେ ଏହା ମାସକର ଗୁଜରାଣ ମେଣ୍ଟାଇ ପାରୁନାହିଁ। ତାଙ୍କୁ ସରକାରୀ ଯୋଜନାରେ ସାମିଲ କରି ଆବାସ ଖଣ୍ଡେ ଯୋଗାଇଦେବା ପାଇଁ ସେ ଅନେକଥର ସ୍ଥାନୀୟ ଲୋକପ୍ରତିନିଧି, ବିଡିଓ ଏବଂ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି। ହେଲେ ଏପର୍ଯ୍ୟନ୍ତ ତାଙ୍କୁ ଆବାସ ଖଣ୍ଡେ ମିଳିପାରିନାହିଁ। ଫଳରେ ଖରା, ବର୍ଷା, ଶୀତ କାକରରେ ଉକ୍ତ ଘରେ ଦମ୍ପତି ଦିନ କାଟୁଛନ୍ତି। ତୁରନ୍ତ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ସହ ଆବାସ ଯୋଗାଇଦେବା ପାଇଁ ବଂଶୀଧର କହିଛନ୍ତି। ଅପରପକ୍ଷେ ଆଠଗଡ଼ ବିଡିଓ ଅରୁଣ କୁମାର ଦାସ କହିଛନ୍ତି, ଦଳମତ ନିର୍ବିଶେଷରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦେଉଛୁ। ଗତବର୍ଷ ଘର ଘର ବୁଲି ସର୍ଭେ କରାଯାଇଛି। ବଂଶୀଧରଙ୍କ ଘର ମଧ୍ୟ ଯାଞ୍ଚ କରାଯାଇଛି। ଆଗାମୀ ଦିନରେ ତାଙ୍କୁ ସରକାରୀ ଯୋଜନାରେ ସାମିଲ କରି ଘର ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯିବ।



ଯୋଜନାରୁ ବଞ୍ଚିତ ହୋଇଥିବା ଦମ୍ପତି।